Laid in the Odisha Legislative Assembly on 26 March 2018

# ଭାରତର ମହାଲେଖା ନିୟନ୍ତ୍ରକ ତଥା
# ମହାସମୀକ୍ଷକଙ୍କ ପ୍ରତିବେଦନ
# ରାଜସ୍ୱ କ୍ଷେତ୍ର
# ମାର୍ଚ୍ଚ 2017 ରେ ସମାପ୍ତ ବର୍ଷ ପାଇଁ

**ଓଡ଼ିଶା ସରକାର**

***ପ୍ରତିବେଦନ ସଂଖ୍ୟା 4 ବର୍ଷ 2017***

# ଭାରତର ମହାଲେଖା ନିୟନ୍ତ୍ରକ ତଥା
# ମହାସମୀକ୍ଷକଙ୍କ ପ୍ରତିବେଦନ
# ରାଜସ୍ୱ କ୍ଷେତ୍ର

## ମାର୍ଚ୍ଚ 2017 ରେ ସମାପ୍ତ ବର୍ଷ ପାଇଁ

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 4 ବର୍ଷ 2017*

## ସୂଚୀପତ୍ର


| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | -- | v |
| ବିହଙ୍ଗାବଲୋକନ | -- | vii |
| **ଅଧ୍ୟାୟ I**<br>**ସାଧାରଣ** | | |
| ରାଜସ୍ୱ ପ୍ରାପ୍ତିର ଧାରା | 1.1 | 1 |
| ବକେୟା ରାଜସ୍ୱର ବିଶ୍ଳେଷଣ | 1.2 | 4 |
| ନିର୍ଦ୍ଧାରଣ ସମ୍ବନ୍ଧୀୟ ବକେୟା | 1.3 | 5 |
| କର ଫାଙ୍କି | 1.4 | 6 |
| ବାକି ଥିବା ଅର୍ଥ ଫେରସ୍ତ ମାମଲା | 1.5 | 6 |
| ଅଡିଟ୍ ପ୍ରତି ବିଭାଗ ତଥା ସରକାରଙ୍କ ଜବାବ | 1.6 | 7 |
| ନିରୀକ୍ଷଣ ପ୍ରତିବେଦନର ବିଭାଗ ଓ୍ୱାରୀ ବିଶଦ ବିବରଣୀ | 1.6.1 | 7 |
| ବିଭାଗୀୟ ସମୀକ୍ଷା କମିଟି (ଡିଏସି) ବୈଠକ | 1.6.2 | 8 |
| ଅଡିଟ୍‌କୁ ଯାଞ୍ଚ୍ ପାଇଁ ନଥିପତ୍ର ଦାଖଲ ନ କରିବା | 1.6.3 | 9 |
| ଚିଠା ସମୀକ୍ଷା ଅନୁଚ୍ଛେଦଗୁଡିକ ପ୍ରତି ବିଭାଗମାନଙ୍କ ଜବାବ | 1.6.4 | 9 |
| ପ୍ରତିବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ - ସଂକ୍ଷିପ୍ତ ସ୍ଥିତି | 1.6.5 | 10 |
| ଅଡିଟ୍ ଦ୍ୱାରା ଉତ୍ଥାପିତ ବିଷୟଗୁଡିକ ପରିଚାଳନା ପାଇଁ ଥିବା ସଂକ୍ରିୟାର ବିଶ୍ଳେଷଣ | 1.7 | 10 |
| ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକର ସ୍ଥିତି | 1.7.1 | 10 |
| ସ୍ୱୀକୃତ ମାମଲା ଗୁଡ଼ିକରେ ଅସୁଲି | 1.7.2 | 11 |
| ସମୀକ୍ଷା ଯୋଜନା | 1.8 | 12 |
| ସମୀକ୍ଷାର ଫଳାଫଳ | 1.9 | 12 |
| ଏହି ପ୍ରତିବେଦନର ବ୍ୟାପ୍ତି | 1.10 | 12 |
| **ଅଧ୍ୟାୟ II**<br>**ମୂଲ୍ୟଯୁକ୍ତ କର ଓ ପ୍ରବେଶ କର ଇତ୍ୟାଦି** | | |
| କର ପରିଚାଳନା | 2.1 | 13 |
| ଆଭ୍ୟନ୍ତରୀଣ ସମୀକ୍ଷା | 2.2 | 13 |
| ସମୀକ୍ଷାର ଫଳାଫଳ | 2.3 | 13 |
| ସମୀକ୍ଷା ମନ୍ତବ୍ୟ | 2.4 | 15 |
| ଅଧିନିୟମ/ ନିୟମାବଳୀର ବ୍ୟବସ୍ଥା ଗୁଡ଼ିକର ପାଳନ/ ଅନୁପାଳନ ନହେବା | 2.5 | 15 |
| ନିବେଶ କର ଜମାର ଅତ୍ୟଧିକ ଅନିୟମିତ ମଞ୍ଜୁରୀ ହେତୁ କର ଓ ଜୋରିମାନାର ସ୍ୱଳ୍ପାରୋପଣ | 2.5.1 | 16 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଶ୍ରମ ଓ ସେବା ଦେୟ ବାବଦରେ ଅଧିକ ବିୟୋଗ ହେତୁ କର ଏବଂ ଜୋରିମାନାର ସ୍ୱଳ୍ପାରୋପଣ | 2.5.2 | 16 |
| କର ଯୋଗ୍ୟ କାରବାରର ସ୍ୱଳ୍ପ ନିର୍ଦ୍ଧାରଣ ହେତୁ କର ଓ ଜୋରିମାନାର ସ୍ୱଳ୍ପାରୋପଣ | 2.5.3 | 18 |
| ପ୍ରମାଣିକ ବାର୍ଷିକ ସମୀକ୍ଷିତ ହିସାବ ଉପରେ ପ୍ରମାଣିତ ରିପୋର୍ଟ ଉପସ୍ଥାପନ ନ ହେବା ଯୋଗୁଁ ଜୋରିମାନାର ଅନାରୋପଣ | 2.5.4 | 19 |
| ଓଡ଼ିଶା ପ୍ରବେଶ କର ଅଧିନିୟମ/ ନିୟମାବଳୀ ବ୍ୟବସ୍ଥା ସହିତ ପଠିତ ସରକାରୀ ଅଧିସୂଚନାର ଅନୁପାଳନ ନ ହେବା | 2.6 | 21 |
| ପିଚୁ ଉପରେ ନିମ୍ନତର କର ହାର ପ୍ରୟୋଗ ଯୋଗୁଁ ପ୍ରବେଶ କର ର ସ୍ୱଳ୍ପାରୋପଣ | 2.6.1 | 21 |
| ନିମ୍ନତର କର ହାର ପ୍ରୟୋଗ ହେତୁ ପ୍ରବେଶ କରର ସ୍ୱଳ୍ପାରୋପଣ | 2.6.2 | 22 |
| ଲୌହ ମିଶ୍ର ଧାତୁ ଉପରେ ନିମ୍ନତର କର ହାର ପ୍ରୟୋଗ ହେତୁ ପ୍ରବେଶ କରର ସ୍ୱଳ୍ପାରୋପଣ | 2.6.3 | 22 |
| ଲଘୁ ଖଣିଜ ଦ୍ରବ୍ୟ ଉପରେ ପ୍ରବେଶ କରର ଅନାରୋପଣ | 2.6.4 | 23 |
| ପୁନଃ ନିର୍ଦ୍ଧାରଣରେ ରିହାତି କର ହାରର ଅନିୟମିତ ମଞ୍ଜୁର କରିବା ଯୋଗୁଁ ପ୍ରବେଶ କର ହାନି | 2.6.5 | 24 |
| **ଅଧ୍ୟାୟ III**<br>**ରାଜ୍ୟ ଅବକାରୀ** | | |
| କର ପରିଚାଳନା | 3.1 | 27 |
| ଆଭ୍ୟନ୍ତରୀଣ ସମୀକ୍ଷା | 3.2 | 27 |
| ସମୀକ୍ଷାର ଫଳାଫଳ | 3.3 | 27 |
| "ମାଦକ ଦ୍ରବ୍ୟ ଗୁଡ଼ିକର ବେଆଇନ୍ ଆମଦାନୀ, ରପ୍ତାନୀ, ପରିବହନ, ଉତ୍ପାଦନ, ଦଖଲ ଏବଂ ବିକ୍ରି ପାଇଁ ନିର୍ଦ୍ଧାରିତ ଅପରାଧ ଓ ଜୋରିମାନା"ର ସମୀକ୍ଷା | 3.4 | 29 |
| ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ | 3.5 | 37 |
| ଅଧିନିୟମ/ନିୟମାବଳୀ/ବାର୍ଷିକ ଅବକାରୀ ନୀତି ଏବଂ ସରକାରଙ୍କର ଅନୁଦେଶଗୁଡିକର ପାଳନ ନହେବା | 3.6 | 37 |
| ଅବସିତ ଆଇଏମ୍ଏଫ୍ଏଲ୍ ଉପରେ ଜୋରିମାନାର ଅନାରୋପଣ | 3.6.1 | 38 |
| ଆଇଏମ୍ଏଫ୍ଏଲ୍/ ବିଅରର ସ୍ୱଳ୍ପ ଉଠାଣ ଉପରେ ଅବକାରୀ ଶୁଳ୍କର ସ୍ୱଳ୍ପାରୋପଣ/ ଅନାରୋପଣ | 3.6.2 | 38 |
| ବିଅର ପାଇଁ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର ତ୍ରୁଟିପୂର୍ଣ୍ଣ ସଂପରିବର୍ତ୍ତନ ଯୋଗୁଁ ଅବକାରୀ ଶୁଳ୍କର ସ୍ୱଳ୍ପାଦାୟ | 3.6.3 | 39 |
| ପ୍ରତିଷ୍ଠାନ ଖର୍ଚ୍ଚର ଅନାଦାୟ | 3.6.4 | 40 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଅତିରିକ୍ତ ସମୟ ଚାଲୁରହିବା ଖର୍ଚ୍ଚର ଅନାଦାୟ | 3.6.5 | 40 |
| ଦେଶୀ ମଦର ସ୍ୱଳ୍ପ ଯୋଗାଣ ପାଇଁ ଜୋରିମାନାର ଅନାଦାୟ | 3.6.6 | 41 |
| **ଅଧ୍ୟାୟ IV**<br>**ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି** | | |
| କର ପରିଚାଳନା | 4.1 | 43 |
| ଆଭ୍ୟନ୍ତରୀଣ ସମୀକ୍ଷା | 4.2 | 43 |
| ସମୀକ୍ଷାର ଫଳାଫଳ | 4.3 | 43 |
| ସମୀକ୍ଷା ମନ୍ତବ୍ୟ | 4.4 | 44 |
| ଅଧିନିୟମ/ ନିୟମାବଳୀ ଏବଂ ସରକାରୀ ଅନୁଦେଶ ଗୁଡ଼ିକର ଅନନୁପାଳନ | 4.5 | 44 |
| ବିକ୍ରୟ ପତ୍ର ଉପରେ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ସ୍ୱଳ୍ପାଦାୟ | 4.5.1 | 45 |
| ଜମି ଓ କୋଠାଘରର ଅବମୂଲ୍ୟାୟନ ଯୋଗୁଁ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ସ୍ୱଳ୍ପାଦାୟ | 4.5.2 | 45 |
| **ଅଧ୍ୟାୟ V**<br>**ମୋଟର ଯାନ କର** | | |
| କର ପରିଚାଳନା | 5.1 | 47 |
| ଆଭ୍ୟନ୍ତରୀଣ ସମୀକ୍ଷା | 5.2 | 47 |
| ସମୀକ୍ଷାର ଫଳାଫଳ | 5.3 | 47 |
| ସମୀକ୍ଷା ମନ୍ତବ୍ୟ | 5.4 | 49 |
| ଅଧିନିୟମ/ ନିୟମାବଳୀ ଗୁଡ଼ିକର ବ୍ୟବସ୍ଥାର ପାଳନ ନହେବା | 5.5 | 49 |
| ମାଲବାହୀ ଯାନ, ଚୁକ୍ତିଭିତ୍ତିକ ଯାନ, ଏବଂ ଟ୍ରେଲର ସଂଲଗ୍ନ ଟ୍ରାକ୍ଟର ଉପରେ ମୋଟର ଯାନ କର ଏବଂ ଅତିରିକ୍ତ କର ଅନାଦାୟ | 5.5.1 | 50 |
| ଯାତ୍ରୀବାହୀ ଯାନ ଗୁଡ଼ିକ ଠାରୁ ମୋଟର ଯାନ କର ଏବଂ ଅତିରିକ୍ତ କର ଅନାଦାୟ/ ସ୍ୱଳ୍ପାଦାୟ | 5.5.2 | 51 |
| ଘରୋଇ ସେବା ଯାନଗୁଡ଼ିକ ଠାରୁ ମୋଟରଯାନ କର ଅନାଦାୟ/ସ୍ୱଳ୍ପାଦାୟ | 5.5.3 | 51 |
| **ଅଧ୍ୟାୟ VI**<br>**ଖଣିଜ ପ୍ରାପ୍ତି** | | |
| ଅଣକର ରାଜସ୍ୱ ପରିଚାଳନା | 6.1 | 53 |
| ଆଭ୍ୟନ୍ତରୀଣ ସମୀକ୍ଷା | 6.2 | 53 |
| ସମୀକ୍ଷାର ଫଳାଫଳ | 6.3 | 53 |
| "ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓଡିଶାଙ୍କ ଦ୍ୱାରା ଖଣିଜ ସଂପଦର ଅନ୍ୱେଷଣ ଓ ବିକାଶ" ର ସମୀକ୍ଷା | 6.4 | 54 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ | 6.5 | 65 |
| ଅଧିନିୟମ/ ନିୟମାବଳୀ/ ନୂତନ ମୂଲ୍ୟାୟନ ନୀତିର ବ୍ୟବସ୍ଥା ଗୁଡ଼ିକର ପାଳନ ନ ହେବା | 6.6 | 65 |
| ସାଇଜ୍ ହୋଇଥିବା କୋଇଲା ଉପରେ ରାଜଭାଗ ସ୍ୱଳ୍ପାରୋପଣ | 6.6.1 | 66 |
| ଅନୁମୋଦିତ ଖନନ ଯୋଜନାର ଅବମାନନା କରି ମାତ୍ରାଧିକ କୋଇଲା ଉତ୍ତୋଳନ | 6.6.2 | 66 |
| ଅନିବାର୍ଯ୍ୟ ଅଧିଶେଷ ଓ ଭୂପୃଷ୍ଠ ଅଧିଶେଷ ଅନାଦାୟ | 6.6.3 | 67 |
| **ଅଧ୍ୟାୟ VII**<br>**ବିବିଧ** | | |
| "ଓଡିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ସେବାଗୁଡିକ ଯୋଗାଣି"ର ସମୀକ୍ଷା | 7.1 | 69 |
| "ଇସ୍ପାତ୍ ଓ ଖଣି, ଅବକାରୀ ଏବଂ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗମାନଙ୍କର ବକେୟା ରାଜସ୍ୱ ଅସୁଲି"ର ସମୀକ୍ଷା | 7.2 | 78 |
| **ପରିଭାଷା** | | 93 |

# ମୁଖବନ୍ଧ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ଭାରତର ସମ୍ବିଧାନର ଧାରା 151 ଅନୁଯାୟୀ ଓଡିଶାର ରାଜ୍ୟପାଳଙ୍କୁ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ନିମନ୍ତେ 31 ମାର୍ଚ୍ଚ 2017 ସୁଦ୍ଧା ସମାପ୍ତ ବର୍ଷ ପାଇଁ ପ୍ରସ୍ତୁତ କରାଯାଇଅଛି ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ତଥା ସେବା ସର୍ତ୍ତାବଳୀ) ଅଧିନିୟମ 1971 ଅନୁଯାୟୀ ରାଜସ୍ୱ କ୍ଷେତ୍ରର ମୁଖ୍ୟ ଉପାର୍ଜନ ବିଭାଗମାନଙ୍କର ପ୍ରାପ୍ତି ଏବଂ ବ୍ୟୟ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଏହି ପ୍ରତିବେଦନରେ ଅନ୍ତର୍ଗତ ।

ଏହି ପ୍ରତିବେଦନରେ ସେହି ଘଟଣାଗୁଡ଼ିକ ଉଲ୍ଲେଖ ରହିଛି ଯାହା ଚଳିତ 2016-17 ବର୍ଷରେ ନମୁନା ଯାଞ୍ଚରୁ ଦୃଷ୍ଟିଗୋଚର ହୋଇଥିଲା ଏବଂ ପୂର୍ବ ବର୍ଷମାନଙ୍କରେ ନଥିପତ୍ରର ନମୁନା ଯାଞ୍ଚ ସମୟରେ ପରିଲକ୍ଷିତ ହୋଇଥିବା ଘଟଣାଗୁଡ଼ିକ ଯାହା ପୂର୍ବବର୍ଷ ପ୍ରତିବେଦନଗୁଡ଼ିକରେ ସ୍ଥାନିତ ହୋଇପାରି ନଥିଲା, ସେଗୁଡ଼ିକ ମଧ ଏଥିରେ ସ୍ଥାନିତ ହୋଇଛି । ଆବଶ୍ୟକ ସ୍ଥଳେ ମଧ 2016-17 ର ପରବର୍ତ୍ତୀ ଘଟଣାଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରି ହୋଇଥିବା ସମୀକ୍ଷାର ମାନଦଣ୍ଡ ସହିତ ଅନୁରୂପତାକୁ ଆଧାର କରି ସମୀକ୍ଷା କାର୍ଯ୍ୟ ସମ୍ପାଦନା କରାଯାଇଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ବିହଙ୍ଗାବଲୋକନ

ଏହି ପ୍ରତିବେଦନରେ ଚାରୋଟି ଅନୁପାଳନ ସମୀକ୍ଷା ସହିତ 27 ଟି ଅନୁଚ୍ଛେଦ ସ୍ଥାନିତ ହୋଇଅଛି । କେତେକ ମୁଖ୍ୟ ସିଦ୍ଧାନ୍ତ ନିମ୍ନରେ ଉଲ୍ଲେଖ କରାଯାଇଛି:

## I ସାଧାରଣ

ବିଗତ ବର୍ଷରେ ସରକାରଙ୍କ ସମୁଦାୟ ରାଜସ୍ୱ ପ୍ରାପ୍ତି 68,941.44 କୋଟି ଟଙ୍କା ହୋଇଥିବା ସ୍ଥଳେ 2016-17 ବର୍ଷରେ ଏହା 74,299.39 କୋଟି ଟଙ୍କା ହୋଇଥିଲା । ଏଥିମଧ୍ୟରୁ 41.58 ପ୍ରତିଶତ କର ରାଜସ୍ୱ (22,852.39 କୋଟି ଟଙ୍କା) ଓ ଅଣ କର ରାଜସ୍ୱ (8,043.10 କୋଟି ଟଙ୍କା) ବାବଦ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହିତ ହୋଇଥିଲା । ଅବଶିଷ୍ଟ 58.42 ପ୍ରତିଶତ ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ (28,321.50 କୋଟି ଟଙ୍କା) ଏବଂ ସହାୟକ ଅନୁଦାନ (15,082.40 କୋଟି ଟଙ୍କା) ବାବଦରେ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ହୋଇଥିଲା ।

**(ଅନୁଚ୍ଛେଦ 1.1.1)**

2016-17 ବର୍ଷ ମଧ୍ୟରେ ଅର୍ଥ ବିଭାଗ ଅନ୍ତର୍ଗତ ବାଣିଜ୍ୟ କର ଅଙ୍ଗର 1,654.66 କୋଟି ଟଙ୍କା ଜଡିତ 1,869 ଟି ନିର୍ଦ୍ଧାରଣ ନଥି, ରିଟର୍ଣ୍ଣ, ଅର୍ଥ ଫେରସ୍ତ ରେଜିଷ୍ଟର ଏବଂ ଅନ୍ୟ ପ୍ରାସଙ୍ଗିକ ଅଭିଲେଖ ଗୁଡ଼ିକ ଯାଞ୍ଚ ପାଇଁ ଅଡିଟକୁ ଉପଲବ୍ଧ କରାଯାଇନଥିଲା ।

**(ଅନୁଚ୍ଛେଦ 1.6.3)**

2016-17 ବର୍ଷରେ କର ଓ ଅଣ କର ରାଜସ୍ୱ ପ୍ରାପ୍ତି ସମ୍ବନ୍ଧୀୟ ନଥିପତ୍ର ଗୁଡ଼ିକର ନମୁନା ଯାଞ୍ଚ ବେଳେ 1,36,144 ଟି ମାମଲାରେ 2,087.44 କୋଟି ଟଙ୍କାର ଅବ ନିର୍ଦ୍ଧାରଣ/ ସ୍ୱଳ୍ପ କର ବସାଣ/ ରାଜସ୍ୱ ହାନି ଏବଂ ଅନ୍ୟାନ୍ୟ ମନ୍ତବ୍ୟ ଦର୍ଶାଯାଇଥିଲା ।

**(ଅନୁଚ୍ଛେଦ 1.9)**

## II ମୂଲ୍ୟଯୁକ୍ତ କର ଓ ପ୍ରବେଶ କର ଇତ୍ୟାଦି

ବ୍ୟବସାୟୀଙ୍କର ମୋଟ ପ୍ରାପ୍ତିରେ 26.60 କୋଟି ଟଙ୍କାର ଅଗ୍ରୀମ ପ୍ରାପ୍ତି ଅନ୍ତର୍ଭୁକ୍ତ କରାଯାଇନଥିଲା, ଯାହାଫଳରେ 4.56 କୋଟି ଟଙ୍କା କର ଓ ଜୋରିମାନା ବାବଦକୁ ସ୍ୱଳ୍ପାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 2.5.3)**

ପ୍ରମାଣିତ ବାର୍ଷିକ ସମୀକ୍ଷିତ ହିସାବ (ସିଏଏଏ) ଦାଖଲ କରି ନଥିବା ବ୍ୟବସାୟୀମାନଙ୍କ ଉପରେ 3.81 କୋଟି ଟଙ୍କାର ଜୋରିମାନା ଆରୋପଣ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇନଥିଲା ।

**(ଅନୁଚ୍ଛେଦ 2.5.4)**

ଲଘୁ ଖଣିଜ ଦ୍ରବ୍ୟ ଉପରେ ପ୍ରବେଶ କର ନିର୍ଦ୍ଧାରଣ କରାଯାଇ ନଥିବାରୁ 2.59 କୋଟି ଟଙ୍କାର କର ଓ ଜୋରିମାନା ଅନାରୋପଣ ହୋଇଥିଲା ।

**(ଅନୁଚ୍ଛେଦ 2.6.4)**

## III ରାଜ୍ୟ ଅବକାରୀ

**"ମାଦକ ଦ୍ରବ୍ୟର ବେଆଇନ୍ ଆମଦାନି, ରପ୍ତାନୀ, ପରିବହନ, ପ୍ରସ୍ତୁତି, ଗଚ୍ଛିତକରଣ ଏବଂ ବିକ୍ରି ଜନିତ ଅପରାଧ ଓ ଜୋରିମାନା" ସମ୍ବନ୍ଧୀୟ ସମୀକ୍ଷାରେ ନିମ୍ନଲିଖିତ ତ୍ରୁଟି ପରିଲକ୍ଷିତ ହୋଇଥିଲା:**

- ଅବକାରୀ ଅପରାଧ ମାମଲା ହାରରେ 2014-15 to 2016-17 ବର୍ଷ ମଧ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା ।

**(ଅନୁଚ୍ଛେଦ 3.4.4)**

- ଯାଞ୍ଚ୍ ଅଧିକାରୀମାନଙ୍କ ଦ୍ୱାରା ଜବତ ସାମଗ୍ରୀ, ଦସ୍ତାବିଜ୍ ଇତ୍ୟାଦି ଉପଲବ୍ଧ ନ ହେବାର ଦଣ୍ଡାଦେଶର ପ୍ରତିଶତ କମ୍ ଥିଲା ।

**(ଅନୁଚ୍ଛେଦ 3.4.5)**

- ଅଦାଲତଙ୍କ ଆଦେଶ ସତ୍ତ୍ୱେ, ବିଭାଗ ଦ୍ୱାରା ବାଜ୍ୟାପ୍ତ ସାମଗ୍ରୀ ଗୁଡ଼ିକର ଫଏସଲା ହୋଇନଥିଲା ।

**(ଅନୁଚ୍ଛେଦ 3.4.6)**

- ଦାବିହୀନ ମାମଲା ଗୁଡ଼ିକରେ ନିର୍ଦ୍ଧାରିତ ଅବଧି ପରେ ମଧ୍ୟ ଜବତ ହୋଇଥିବା ସାମଗ୍ରୀଗୁଡ଼ିକୁ ବିଭାଗ ନିକାଶ କରିପାରି ନଥିଲା ।

**(ଅନୁଚ୍ଛେଦ 3.4.7)**

- ଅପରାଧ ମାମଲା ଗୁଡ଼ିକର ଲମ୍ବା ବିଚାରକାଳ ଦୂର କରିବାକୁ ସତନ୍ତ୍ର ଅଦାଲତମାନ ସୃଷ୍ଟି କରାଯାଇ ନଥିଲା ।

**(ଅନୁଚ୍ଛେଦ 3.4.8)**

- ଆଠଟି ଜିଲ୍ଲାରେ ଅବୈଧ ଗଞ୍ଜେଇ ଚାଷ ରୋକା ଯାଇପାରିନଥିଲା ।

**(ଅନୁଚ୍ଛେଦ 3.4.9)**

- ଅର୍ଥର ଉପଲବ୍ଧି ସତ୍ତ୍ୱେ, ମଦ୍ୟପାନ ଜନିତ ଅନିଷ୍ଟ ବିଷୟରେ ଜନ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରାଯାଇ ନଥିଲା ।

**(ଅନୁଚ୍ଛେଦ 3.4.10)**

ଅବସିତ ଆଇଏମ୍ଏଫ୍ଏଲ୍ ମହଜୁଦ କରି ରଖିବା ପାଇଁ 4.45 କୋଟି ଟଙ୍କାର ଜୋରିମାନା ଆରୋପଣ କରାଯାଇ ନଥିଲା ।

**(ଅନୁଚ୍ଛେଦ 3.6.1)**

ସଂପୃକ୍ତ ଲାଇସେନ୍ସଧାରୀମାନଙ୍କ ଠାରୁ ଆଇଏମ୍ଏଫ୍ଏଲ୍ ଏବଂ ବିଅରର ସର୍ବନିମ୍ନ ପ୍ରତ୍ୟାଭୁତ ପରିମାଣର ଉଠାଣରେ କମ୍ତି ପାଇଁ 2 କୋଟି ଟଙ୍କାର ରାଜ୍ୟ ଅବକାରୀ ଶୁଳ୍କ ଆଦାୟ କରାଯାଇ ନଥିଲା ।

**(ଅନୁଚ୍ଛେଦ 3.6.2)**

ଆଇଏମ୍ଏଫ୍ଏଲ୍ ଏବଂ ବିଅର ପାଇଁ ବାର୍ଷିକ ଅବକାରୀ ନୀତି 2015-16 ଅନୁଯାୟୀ ନିର୍ଦ୍ଧାରିତ ଅବକାରୀ ଶୁଳ୍କ ହାର ଲାଗୁ ନ କରିବାରୁ 1.44 କୋଟି ଟଙ୍କା ସ୍ୱଳ୍ପାଦାୟ ହୋଇଥିଲା ।

**(ଅନୁଚ୍ଛେଦ 3.6.3)**

## IV ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି

ବିକ୍ରୟ ପତ୍ର ଗୁଡ଼ିକର ପଞ୍ଜୀକରଣ ଉପରେ 42.61 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି ଆଦାୟ କରାଯାଇ ନଥିଲା ।

**(ଅନୁଚ୍ଛେଦ 4.5.1)**

## V ମୋଟର ଯାନ କର

ବିଭିନ୍ନ ଶ୍ରେଣୀର 27,078 ଟି ଯାନ ଗୁଡ଼ିକ ଠାରୁ ଜୋରିମାନା ସହିତ 55.26 କୋଟି ଟଙ୍କାର ମୋଟର ଯାନ କର ଓ ଅତିରିକ୍ତ କର ଅନାଦାୟ/ ସ୍ୱଳ୍ପାଦାୟ ହୋଇଥିଲା ।

**(ଅନୁଚ୍ଛେଦ 5.5.1)**

## VI ଖଣିଜ ପ୍ରାପ୍ତି

**"ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଡ଼ିଶାଙ୍କ ଦ୍ୱାରା ଖଣିଜ ସମ୍ବଳର ଅନ୍ୱେଷଣ ଓ ବିକାଶ" ସମ୍ବନ୍ଧୀୟ ସମୀକ୍ଷାରେ ନିମ୍ନଲିଖିତ ଅଭାବ ପରିଲକ୍ଷିତ ହୋଇଥିଲା:**

- ଅନୁସନ୍ଧାନ/ ଅନ୍ୱେଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ରିପୋର୍ଟ ଉପସ୍ଥାପନ କରାଯାଇ ନଥିଲା କିମ୍ବା ବିଳମ୍ବରେ ଦାଖଲ କରାଯାଇଥିଲା ।

**(ଅନୁଚ୍ଛେଦ 6.4.4.1)**

- 77.53 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ 2012-16 ମଧ୍ୟରେ ଖଣିଜ ଭଣ୍ଡାରରେ ଆଖିଦୃଶିଆ ବୃଦ୍ଧି ଘଟି ନଥିଲା ।

**(ଅନୁଚ୍ଛେଦ 6.4.4.2)**

- ଅନ୍ୱେଷଣ ପରିଯୋଜନା ଗୁଡ଼ିକର ବିଭିନ୍ନ ସ୍ତର ପାଇଁ ନିର୍ଦ୍ଧାରିତ ଖନନ ଲକ୍ଷ୍ୟ 2014-15 ରୁ 2016-17 ମଧ୍ୟରେ ହାସଲ କରାଯାଇପାରି ନଥିଲା ।

**(ଅନୁଚ୍ଛେଦ 6.4.4.3)**

- କାର୍ଯ୍ୟାଗ୍ରତି ପାଇଁ ଅନୁମୋଦିତ ଧାର୍ଯ୍ୟ ଲକ୍ଷ୍ୟ ହାସଲ ବିନା ପରିଯୋଜନା ଗୁଡ଼ିକର ଅନ୍ୱେଷଣ କାର୍ଯ୍ୟ ବନ୍ଦ୍ କରି ଦିଆଯାଇଥିଲା ।

**(ଅନୁଚ୍ଛେଦ 6.4.4.4)**

- ଉଚ୍ଚ ସ୍ତରୀୟ କମିଟିର ନିଷ୍ପତ୍ତିକୁ ଉଲ୍ଲଙ୍ଘନ କରି ପରିଯୋଜନା ଗୁଡ଼ିକର ସମାପ୍ତିରେ ବିଳମ୍ବ କରାଯାଇଥିଲା ଏବଂ କାର୍ଯ୍ୟକ୍ରମ କରାଯାଇ ନଥିଲା ।

**(ଅନୁଚ୍ଛେଦ 6.4.4.6)**

- 19 ଟି ବୈଷୟିକ ପଦବୀରେ ମାନବ ସମ୍ବଳର ଶତ ପ୍ରତିଶତ ଅଭାବ ଖଣିଜ ଅନ୍ୱେଷଣ ପାଇଁ ଧାର୍ଯ୍ୟ ହାସଲରେ ବାଧା ସୃଷ୍ଟି କରିଥିଲା ।

**(ଅନୁଚ୍ଛେଦ 6.4.5.1)**

- ଅନ୍ୱେଷଣ ସମ୍ବନ୍ଧୀୟ ଯନ୍ତ୍ରପାତି ଏବଂ ଉପକରଣ କିଣିବାରେ ବିଳମ୍ବ ହେତୁ ଅନ୍ୱେଷଣ କାର୍ଯ୍ୟର ଗତି ପ୍ରଭାବିତ ହୋଇଥିଲା ।

**(ଅନୁଚ୍ଛେଦ 6.4.5.2)**

ପଟ୍ଟାଧାରୀ ମାନଙ୍କ ଦ୍ୱାରା କୋଇଲାର ଉପର ସାଇଜକୁ 100 ମିମିରେ ସୀମିତ ରଖିବା ପାଇଁ କ୍ରେତାମାନଙ୍କଠାରୁ ଆଦାୟ ହୋଇଥିବା ମୂଲ୍ୟକୁ ଶୁଳ୍କ ରାଜଭାଗ ନିର୍ଦ୍ଧାରଣ ସମୟରେ କୋଇଲାର ଆରଓଏମ୍ ମୂଲ୍ୟରେ ମିଶାଯାଇନଥିଲା। ଏଥିଯୋଗୁଁ 72.24 କୋଟି ଟଙ୍କାର ରାଜଭାଗ ସବ୍ଲାରୋପଣ ହୋଇଥିଲା।

**(ଅନୁଚ୍ଛେଦ 6.6.1)**

ଜଣେ ପଟ୍ଟାଧାରୀ ଅନୁମୋଦିତ ଖନନ ଯୋଜନା ଠାରୁ ଅଧିକ କୋଇଲା ବେଆଇନ୍ ଭାବେ ଉତ୍ତୋଳନ କରିଥିଲେ। କିନ୍ତୁ, ଅତିରିକ୍ତ କୋଇଲାର ମୂଲ୍ୟ 51.90 କୋଟି ଟଙ୍କା ଜୋରିମାନା ଆକାରରେ ଆରୋପ କରାଯାଇ ନଥିଲା।

**(ଅନୁଚ୍ଛେଦ 6.6.2)**

## VII ବିବିଧ

**"ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧିନରେ ସେବା ଯୋଗାଣର" ସମୀକ୍ଷାରେ ନିମ୍ନଲିଖିତ ତ୍ରୁଟି ପରିଲକ୍ଷିତ ହୋଇଥିଲା:**

- ବିଭାଗ ତଥା ନିଯୁକ୍ତି ପ୍ରାପ୍ତ ଅଧିକାରୀମାନେ ଲୋକସେବା ଅଧିକାର ସଂକ୍ରାନ୍ତିୟ ସୂଚନା ଓଡ଼ିଆ ଭାଷାରେ ନୋଟିସ୍ ବୋର୍ଡରେ କିମ୍ବା ସରକାରୀ ୱେବ୍ ସାଇଟରେ ପ୍ରଦର୍ଶିତ କରିନଥିଲେ। ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା କାଗଜ ପତ୍ରରେ ଥିବା ତ୍ରୁଟି ଗୁଡ଼ିକ ଦର୍ଶାଇ ପ୍ରାପ୍ତି ସ୍ୱୀକାର ପତ୍ର ମଧ୍ୟ ଜାରି କରନଥିଲେ।

**(ଅନୁଚ୍ଛେଦ 7.1.3)**

- ଓଆର୍‌ଟିପିଏସ୍ ଅଧିନିୟମ ଅନ୍ତର୍ଗତ ସେବା ଗୁଡ଼ିକ ପ୍ରଦତ୍ତ ସମୟ ସୀମା ମଧ୍ୟରେ ପ୍ରଦାନ କରାଯାଇନଥିଲା। ସେବା ପ୍ରଦାନ କରିବାରେ ବିଳମ୍ବର କାରଣ, ବିଳମ୍ବ ବିରୋଧରେ ଅପିଲ୍ ପାଇଁ ସମୟ ସୀମା ଇତ୍ୟାଦି ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଇ ନଥିଲା।

**(ଅନୁଚ୍ଛେଦ 7.1.4)**

- ବିଭାଗଗୁଡ଼ିକ ଓଆର୍‌ଟିପିଏସ୍ ଅଧିନିୟମ ଅନ୍ତର୍ଗତ ସେବା ପ୍ରଦାନ ପାଇଁ ସିଏମ୍‌ଏସ୍ ୱେବ୍ ପୋର୍ଟାଲ୍ ବ୍ୟବହାର କରିନଥିଲେ।

**(ଅନୁଚ୍ଛେଦ 7.1.6)**

**<u>ବକେୟା ରାଜସ୍ୱ ଆଦାୟର ସମୀକ୍ଷା</u>**

**"ଇସ୍ପାତ୍ ଓ ଖଣି, ଅବକାରୀ ଏବଂ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ ଗୁଡ଼ିକର ବକେୟା ରାଜସ୍ୱ ଆଦାୟ" ସମ୍ବନ୍ଧୀୟ ସମୀକ୍ଷାରେ ନିମ୍ନଲିଖିତ ଅଭାବ ପରିଲକ୍ଷିତ ହୋଇଥିଲା:**

❖ **<u>ଇସ୍ପାତ୍ ଓ ଖଣି</u>**

- ଓପିଡିଆର୍ ଅଧିନିୟମ, 1962 ରେ ପରିଭାଷିତ ସାର୍ଟିଫିକେଟ ଅଧିକାରୀଙ୍କ ପାଖରେ ସାର୍ଟିଫିକେଟ (ସାର୍ବଜନିକ ଦାବୀ ଅସୁଲ ପାଇଁ ନିର୍ଦ୍ଧାରିତ ଫର୍ମରେ ସାର୍ଟିଫିକେଟ ଅଧିକାରୀଙ୍କୁ ପଠାଯାଇଥିବା ଏକ ଲିଖିତ ଦାବିପତ୍ର) ଦାଖଲ କରାଯାଇ ନଥିଲା। ଏହାଫଳରେ, 7.16 କୋଟି ଟଙ୍କାର ଖଣି ରାଜସ୍ୱ ବକେୟା ଅନାଦାୟ ରହିଥିଲା।

**(ଅନୁଚ୍ଛେଦ 7.2.4.1)**

- ବିଭାଗ ପୁନଃନିରୀକ୍ଷଣ କର୍ତ୍ତୃପକ୍ଷଙ୍କ ପାଖରେ ପଡ଼ିରହିଥିବା 112.02 କୋଟି ଟଙ୍କା ବକେୟା ଜଡ଼ିତ ମାମଲା ସମ୍ବନ୍ଧୀୟ ସୂଚନା ଦାଖଲ କରିନଥିଲା। 5,103.43 କୋଟି ଟଙ୍କା ଜଡ଼ିତ ମାମଲା ଗୁଡ଼ିକର ବିଭାଗୀୟ ଟିପ୍ପଣୀ ଦାଖଲ କରିବାରେ ମଧ୍ୟ ବିଳମ୍ବ ହୋଇଥିଲା।

**(ଅନୁଚ୍ଛେଦ 7.2.4.2)**

- ଦାବି କରାଯାଇଥିବା ଧନରାଶି ଡିମାଣ୍ଡ କଲେକ୍ସନ ବାଲାନ୍ସ(ଡିସିବି) ରେଜିଷ୍ଟରରେ ଚଢ଼ାଯାଇନଥିଲା, ଯଦ୍ୱାରା ବକେୟା ରାଶି କମ୍ ଦର୍ଶାଯାଇଥିଲା ।

**(ଅନୁଚ୍ଛେଦ 7.2.4.3)**

❖ <u>ଅବକାରୀ</u>

- ରାଜସ୍ୱ ବକେୟା ରାଶି ହିସାବ ପାଇଁ ଡିସିବି ରେଜିଷ୍ଟର ଅନୁରକ୍ଷଣ କରାଯାଇ ନଥିଲା ।

**(ଅନୁଚ୍ଛେଦ 7.2.5.1)**

- 26 ଟି ମାମଲାରେ ଅନୁସରଣାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଫଳରେ 3.27 କୋଟି ଟଙ୍କା ଅନାଦାୟ ରହିଥିଲା । ଅନ୍ୟ ଏକ ମାମଲାରେ ଅଦାଲତ ଦ୍ୱାରା ସ୍ଥଗିତ ନଥିବା 5.59 କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇନଥିଲା ।

**(ଅନୁଚ୍ଛେଦ 7.2.5.2)**

- ଅଦାଲତ ଗୁଡ଼ିକର ସ୍ଥଗିତାଦେଶ ଗୁଡ଼ିକୁ ବାତିଲ୍ ପାଇଁ ମାମଲାଗୁଡ଼ିକର ଅନୁସରଣ ନହେବା ଯୋଗୁଁ 9.39 କୋଟି ଟଙ୍କାର ବକେୟା ଅବକାରୀ ରାଜସ୍ୱ ଅନାଦାୟ ରହିଥିଲା ଏବଂ 1997-98 ରୁ 2003-04 ମଧ୍ୟରେ ଆରମ୍ଭ ହୋଇଥିବା 1.11 କୋଟି ଟଙ୍କା ଜଡ଼ିତ 25 ଟି ସାର୍ଟିଫିକେଟ୍ ମାମଲାର ଫଏସଲା ବାକି ରହିଥିଲା ।

**(ଅନୁଚ୍ଛେଦ 7.2.5.3)**

❖ <u>ପରିବହନ</u>

- ମୋଟର ଯାନ ଉପରୁ ରାଜସ୍ୱ ଆଦାୟ କରିବାର ପ୍ରୟାସରେ କମ୍ତି ଯୋଗୁଁ ବକେୟା ରାଜସ୍ୱ ଆଦାୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇନଥିଲା ।

**(ଅନୁଚ୍ଛେଦ 7.2.6.1)**

- ରାଜ୍ୟ ପରିବହନ ପ୍ରାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ବକେୟା ଧନରାଶିର ଅଙ୍କ ଏବଂ ବାହନ ଡାଟାବେସ୍‌ରେ ହିସାବ କରାଯାଉଥିବା ଅଙ୍କରେ ତାରତମ୍ୟ ଦେଖାଯାଇଥିଲା ।

**(ଅନୁଚ୍ଛେଦ 7.2.6.2)**

- ନମୁନା ଯାଞ୍ଚ୍ ହୋଇଥିବା କୌଣସିଟି ୟୁନିଟ୍‌ରେ ଡିସିବି ରେଜିଷ୍ଟର ଅନୁରକ୍ଷଣ କରାଯାଇନଥିଲା କିମ୍ବା ଡାଟାବେସ୍‌ରେ ତଥ୍ୟ ନଥିଲା, ଯାହାଦ୍ୱାରା ବକେୟା ରିପୋର୍ଟ ଭୁଲ୍ ଦର୍ଶାଯାଇଥିଲା ।

**(ଅନୁଚ୍ଛେଦ 7.2.6.3)**

- ବକେୟା ରାଜସ୍ୱ ପରିଚାଳନାର ଯାଞ୍ଚ୍ ପାଇଁ ବାହନ ଡାଟାବେସ୍ ବିଫଳ ହୋଇଥିଲା ।

**(ଅନୁଚ୍ଛେଦ 7.2.6.4)**

- ଯାନ ମାଲିକ ମାନଙ୍କ ଠିକଣା ନବୀକରଣ ନ ହୋଇଥିବା ଯୋଗୁଁ ବାହନ ଡାଟାବେସ୍‌ର ତଥ୍ୟକୁ ପ୍ରମାଣିତ ଓ ନିର୍ଭୁଲ ବୋଲି ନିଶ୍ଚିତ କରାଯାଇନଥିଲା ।

**(ଅନୁଚ୍ଛେଦ 7.2.6.5)**

- ଉପଯୁକ୍ତ ପଦକ୍ଷେପ ନ ନେବା ଯୋଗୁଁ 8,713 ଟି କର ଅସୁଲି (ଟିଆର୍) ମାମଲାରେ 55.52 କୋଟି ଟଙ୍କା ଆଦାୟ ହୋଇପାରି ନଥିଲା ।

**(ଅନୁଚ୍ଛେଦ 7.2.6.7)**

# ଅଧ୍ୟାୟ I

# ସାଧାରଣ

# ଅଧ୍ୟାୟ I

## ସାଧାରଣ

## 1.1 ରାଜସ୍ୱ ପ୍ରାପ୍ତିର ଧାରା

**1.1.1** 2016-17 ବର୍ଷ ପାଇଁ ରାଜ୍ୟ ରାଜସ୍ୱ ପ୍ରାପ୍ତିରେ ଅନ୍ତର୍ଭୁକ୍ତ ଥିଲା:-

- ଓଡ଼ିଶା ସରକାରଙ୍କ ଦ୍ୱାରା ସଂଗୃହୀତ କର ଏବଂ ଅଣକର ରାଜସ୍ୱ
- ବିଭାଜ୍ୟ କେନ୍ଦ୍ରୀୟ କରର ନିଟ୍ ଆୟରୁ ରାଜ୍ୟର ଅଂଶ
- ରାଜ୍ୟ ଅଧିନରେ ଥିବା ଶୁଳ୍କ
- ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ସହାୟକ ଅନୁଦାନ ।

ଏହାର ବିଶଦ୍ ବିବରଣୀ ସହିତ ବିଗତ ଚାରି ବର୍ଷର ସଂପୂର୍ଣ୍ଣ ଅନୁରୂପ ଚିତ୍ର **ସାରଣୀ 1.1.1** ରେ ପ୍ରଦାନ କରାଗଲା ।

**ସାରଣୀ -1.1.1**

**ରାଜସ୍ୱ ପ୍ରାପ୍ତିର ଧାରା**

**(ଟଙ୍କା କୋଟି ଆକାରରେ)**

| କ୍ର. ସଂ. | ସବିଶେଷ ବିବରଣ | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|---|
| 1. | **ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ** | | | | | |
| | • କର ରାଜସ୍ୱ | 15,034.13 | 16,891.59 | 19,828.29 | 22,526.96 | 22,852.39 |
| | • ଅଣକର ରାଜସ୍ୱ | 8,078.04 | 8,378.60 | 8,070.87 | 8,711.24 | 8,043.10 |
| | **ମୋଟ** | **23,112.17** | **25,270.19** | **27,899.16** | **31,238.20** | **30,895.49** |
| 2. | **ଭାରତ ସରକାରଙ୍କ ଠାରୁ ପ୍ରାପ୍ତ** | | | | | |
| | • ବିଭାଜ୍ୟ କେନ୍ଦ୍ରୀୟ କର ଓ ଶୁଳ୍କରୁ ରାଜ୍ୟର ନିଟ୍ ପ୍ରାପ୍ୟ | 13,965.01 | 15,247.24 | 16,181.22 | 23,573.78 | 28,321.50[1] |
| | • ସହାୟକ ଅନୁଦାନ | 6,859.73 | 8,429.42 | 12,917.50 | 14,129.46 | 15,082.40 |
| | **ମୋଟ** | **20,824.74** | **23,676.66** | **29,098.72** | **37,703.24** | **43,403.90** |
| 3. | ରାଜ୍ୟ ସରକାରଙ୍କର ମୋଟ ରାଜସ୍ୱ ପ୍ରାପ୍ତି (1 ଏବଂ 2) | 43,936.91 | 48,946.85 | 56,997.88 | 68,941.44 | 74,299.39 |
| 4. | **1 ରୁ 3 ସହିତ ଶତକଡ଼ା ହାର** | **52.60** | **51.63** | **48.95** | **45.31** | **41.58** |

**ଉତ୍ସ : ଓଡିଶା ସରକାରଙ୍କ 2016-17 ବର୍ଷ ପାଇଁ ଆର୍ଥିକ ହିସାବପତ୍ର ।**

2016-17 ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ (30,895.49 କୋଟି ଟଙ୍କା) ମୋଟ ସଂଗୃହୀତ ରାଜସ୍ୱର 41.58 ପ୍ରତିଶତ ଥିଲା । ଅବଶିଷ୍ଟ (43,403.90 କୋଟି ଟଙ୍କା) 58.42 ପ୍ରତିଶତ ରାଜସ୍ୱ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ହୋଇଥିଲା ।

---

[1] ବିଶଦ ବିବରଣୀ ପାଇଁ ବିବରଣ ସଂଖ୍ୟା 14 ଓଡ଼ିଶା ସରକାରଙ୍କ 2016-17 ବର୍ଷର ଆର୍ଥିକ ହିସାବ ପୁସ୍ତିକାଭୁକ୍ତ ରାଜସ୍ୱର ଲଘୁ ଶୀର୍ଷ ମୁତାବକ ପୁଙ୍ଖାନୁପୁଙ୍ଖ ହିସାବ ଦ୍ରଷ୍ଟବ୍ୟ । ଉକ୍ତ ସାରଣୀରେ ରାଜ୍ୟ ସରକାରଙ୍କ ଅର୍ଥ ହିସାବ ପୁସ୍ତିକାରେ ଦର୍ଶାଯାଇଥିବା କ- କର ରାଜସ୍ୱ ଅନ୍ତର୍ଗତ ମୁଖ୍ୟ ଶୀର୍ଷ 0020 ନିଗମ କର, 0020- ନିଗମ କର, 0021-ନିଗମ କର ବ୍ୟତୀତ ଆୟ କର, 0028- ଆୟ ଏବଂ ବ୍ୟୟ ଉପରେ ଅନ୍ୟାନ୍ୟ କର, 0032- ସମ୍ପଦ କର, 0037-ସୀମା ଶୁଳ୍କ, 0038- କେନ୍ଦ୍ରୀୟ ଅବକାରୀ ଶୁଳ୍କ, 0044- ସେବା କର ଏବଂ 0045- ପଣ୍ୟ ଦ୍ରବ୍ୟ ଓ ସେବା ଜନିତ ଅନ୍ୟାନ୍ୟ କର ଓ ଶୁଳ୍କ, ଅଧିନସ୍ଥ ଲଘୁ ଶୀର୍ଷ, 901- ରାଜ୍ୟ ମାନଙ୍କୁ ଅର୍ପିତ ନିଟ୍ ଅଗ୍ରୀମର ଅଂଶ ଗୁଡ଼ିକୁ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ ମଧ୍ୟରୁ ବାଦ୍ ଦିଆଯାଇ ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ ସ୍ୱରୂପ ଦର୍ଶାଯାଇଛି ।

**1.1.2** ସଂଗୃହିତ କର ରାଜସ୍ୱର ବିଶଦ ବିବରଣୀ 2012-13 ଠାରୁ 2016-17 ବର୍ଷ ପର୍ଯ୍ୟନ୍ତ **ସାରଣୀ 1.1.2** ରେ ପ୍ରଦାନ କାରଗଲା।

**ସାରଣୀ-1.1.2**

**ସଂଗୃହୀତ କର ରାଜସ୍ୱର ବିଶଦ ବିବରଣୀ**

**(ଟଙ୍କା କୋଟି ଆକାରରେ)**

| କ୍ରମିକ ସଂଖ୍ୟା | ରାଜସ୍ୱ ଶୀର୍ଷ | 2012-13 | | 2013-14 | | 2014-15 | | 2015-16 | | 2016-17 | | 2015-16 ତୁଳନାରେ 2016-17 ରେ ଶତକଡ଼ା ବୃଦ୍ଧି(+)/ହ୍ରାସ (-) |
|---|---|---|---|---|---|---|---|---|---|---|---|---|
| | | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | |
| 1. | ଓଡିଶା ବିକ୍ରୟ କର (ଓଏସ୍‌ଟି) ଅନ୍ତର୍ଭୁକ୍ତ ଥାଇ ଓଡିଶା ମୂଲ୍ୟଯୁକ୍ତ କର (ଓଭାଟ୍) | 9,016.20 | 8,929.61 | 10,195.00 | 9,882.03 | 11,505.69 | 10,892.11 | 11,651.41 | 12,211.26 | 12642.90 | 12428.70 | (+) 1.78 |
| | କେନ୍ଦ୍ରୀୟ ବିକ୍ରୟ କର (ସିଏସଟି) | 783.80 | 755.07 | 900.00 | 846.52 | 929.59 | 924.62 | 953.59 | 885.73 | 973.10 | 973.65 | (+) 9.93 |
| 2. | ବିଦ୍ୟୁତ କର ଓ ଶୁଳ୍କ | 580.00 | 590.48 | 640.00 | 670.11 | 768.00 | 1,722.60 | 950.00 | 1,212.21 | 1,610.00 | 1,637.14 | (+) 35.05 |
| 3. | ଭୂ-ରାଜସ୍ୱ | 480.00 | 420.21 | 400.00 | 431.26 | 440.00 | 645.64 | 470.00 | 588.81 | 590.00 | 460.00 | (-) 21.88 |
| 4. | ମୋଟର ଯାନ କର | 850.00 | 746.19 | 900.00 | 859.67 | 972.00 | 910.31 | 1,068.00 | 1,043.73 | 1,230.00 | 1,216.08 | (+) 16.51 |
| 5. | ମାଲ ଓ ଯାତ୍ରୀ କର | 1,350.00 | 1,342.54 | 1,500.00 | 1,613.46 | 1,740.00 | 1,710.87 | 1,750.00 | 1,662.99 | 1,870.00 | 1,760.51 | (+) 5.86 |
| 6. | ରାଜ୍ୟ ଅବକାରୀ | 1,500.00 | 1,498.64 | 1,725.00 | 1,780.13 | 2,100.00 | 2,035.24 | 2,390.00 | 2,546.94 | 3,000.00 | 2,786.02 | (+) 9.39 |
| 7. | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି | 550.00 | 544.88 | 620.00 | 605.48 | 802.32 | 800.23 | 2,267.00 | 2,157.07 | 1,065.00 | 1,363.72 | (-) 36.78 |
| 8. | ପଣ୍ୟଦ୍ରବ୍ୟ ଓ ସେବା ଜନିତ ଅନ୍ୟାନ୍ୟ କର ଓ ଶୁଳ୍କ | 60.28 | 70.52 | 65.00 | 53.23 | 40.06 | 17.70 | 30.00 | 42.65 | 32.01 | 46.40 | (+) 8.79 |
| 9. | ଆୟ ଓ ବ୍ୟୟ ଉପରେ ଅନ୍ୟାନ୍ୟ କର - ବୃତ୍ତି, ବାଣିଜ୍ୟ, ଆଜୀବିକା ଓ ନିଯୋଜନ ଉପରେ କର | 140.00 | 135.99 | 160.00 | 149.70 | 176.00 | 168.97 | 170.00 | 175.57 | 186.99 | 180.17 | (+) 2.62 |
| | **ମୋଟ:** | **15,310.28** | **15,034.13** | **17,105.00** | **16,891.59** | **19,473.66** | **19,828.29** | **21,700.00** | **22,526.96** | **23,200.00** | **22,852.39** | |

**ଉତ୍ସ: ଓଡ଼ିଶା ସରକାରଙ୍କ2016-17 ବର୍ଷ ପାଇଁ ଆର୍ଥିକ ହିସାବପତ୍ର ।**

ସମ୍ପୃକ୍ତ ବିଭାଗ ମାନେ ଭିନ୍ନତାର କାରଣ ନିମ୍ନମତେ ଦର୍ଶାଇଥିଲେ:

**ଓଏସଟି / କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅନ୍ତର୍ଭୁକ୍ତ ଥାଇ ଓଡିଶା ମୂଲ୍ୟ ଯୁକ୍ତ କର (ଓଭାଟ୍):** ବ୍ୟବସାୟ ବୃଦ୍ଧି ଯୋଗୁଁ ଓ ସରକାରଙ୍କ ଦ୍ୱାରା ରାଜସ୍ୱ ବୃଦ୍ଧି ପାଇଁ ନେଇଥିବା ପଦକ୍ଷେପ ଯୋଗୁଁ ଭାଟ୍ ଆଦାୟରେ ପୂର୍ବ ବର୍ଷ 2015-16 ତୁଳନାରେ ବୃଦ୍ଧି (1.78 ପ୍ରତିଶତ) ହୋଇଥିଲା।

**ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଫି:** ପୂର୍ବବର୍ଷ 2015-16 ତୁଳନାରେ ହ୍ରାସ (36.78 ପ୍ରତିଶତ) ଖଣି ଲିଜ୍ ପଞ୍ଜୀକରଣରେ ସ୍ୱଳ୍ପତା ଯୋଗୁଁ ହୋଇଥିଲା ବୋଲି ଦର୍ଶାଯାଇଥିଲା।

**ବିଦ୍ୟୁତ୍ ଉପରେ କର ଓ ଶୁଳ୍କ:** ପୂର୍ବବର୍ଷ 2015-16 ତୁଳନାରେ ବୃଦ୍ଧି (35.05 ପ୍ରତିଶତ) ବିଦ୍ୟୁତ୍ ଶୁଳ୍କ ହାରରେ ବୃଦ୍ଧି ଯୋଗୁଁ ହୋଇଥିଲା ।

ଅନ୍ୟ ବିଭାଗ ଗୁଡ଼ିକ ଅନୁରୋଧ (ଅପ୍ରେଲ ଏବଂ ଜୁଲାଇ 2017) କରିବା ସତ୍ତ୍ୱେ ପୂର୍ବବର୍ଷ (2015-16) ତୁଳନାରେ ପ୍ରାପ୍ତି ହ୍ରାସ ବୃଦ୍ଧିର କାରଣ ଉପଲବ୍ଧ କରାଇ ପାରିନଥିଲେ ।

**1.1.3** ସଂଗୃହୀତ ଅଣକର ରାଜସ୍ୱର ବିଶଦ ବିବରଣୀ 2012-13 ଠାରୁ 2016-17 ବର୍ଷ ପର୍ଯ୍ୟନ୍ତ **ସାରଣୀ-1.1.3** ରେ ପ୍ରଦାନ କାରଗଲା ।

**ସାରଣୀ-1.1.3**

**ସଂଗୃହୀତ ଅଣ କର ରାଜସ୍ୱର ବିଶଦ ବିବରଣୀ**

**(ଟଙ୍କା କୋଟି ଆକାରରେ)**

| କ୍ରମିକ ସଂଖ୍ୟା | ରାଜସ୍ୱ ଶୀର୍ଷ | 2012-13 | | 2013-14 | | 2014-15 | | 2015-16 | | 2016-17 | | 2016-17 ତୁଳନାରେ 2015-16 ରେ ଶତକଡ଼ା ବୃଦ୍ଧି (+)/ ହ୍ରାସ (-) |
|---|---|---|---|---|---|---|---|---|---|---|---|---|
| | | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | ବଜେଟ ଅଟକଳ | ବାସ୍ତବ ପ୍ରାପ୍ତି | |
| 1. | ଅଣଲୌହ ଖଣିଜ ଓ ଧାତବ ଶିଳ୍ପ | 5,000.00 | 5,695.70 | 5,515.00 | 5,518.80 | 5,660.07 | 5,310.09 | 6,000.00 | 5,798.96 | 6,171.00 | 4,925.79 | (-) 15.06 |
| 2. | ସୁଧ ପ୍ରାପ୍ତି | 200.00 | 588.25 | 300.00 | 1,241.18 | 408.98 | 330.67 | 330.00 | 560.42 | 310.00 | 427.40 | (-) 23.74 |
| 3. | ବନ୍ୟ ଓ ବନ୍ୟପ୍ରାଣୀ | 117.46 | 188.92 | 30.22 | 95.11 | 31.73 | 61.51 | 98.85 | 152.99 | 41.00 | 131.58 | (-) 13.99 |
| 4. | ଜଳସେଚନ ଓ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ | 295.28 | 396.76 | 380.30 | 451.70 | 435.77 | 629.60 | 616.00 | 707.11 | 686.60 | 775.87 | (+) 9.72 |
| 5. | ଅନ୍ୟାନ୍ୟ ପ୍ରଶାସନିକ ସେବା | 10.24 | 12.76 | 13.30 | 24.44 | 23.86 | 29.75 | 33.66 | 37.86 | 37.86 | 43.84 | (+) 15.80 |
| 6. | ପୂର୍ତ୍ତ | 40.04 | 49.77 | 47.00 | 69.72 | 63.03 | 88.59 | 81.81 | 77.48 | 81.84 | 66.31 | (-) 14.42 |
| 7. | ଆରକ୍ଷୀ ପ୍ରାପ୍ତି | 33.97 | 52.62 | 37.15 | 44.70 | 52.38 | 50.00 | 59.30 | 59.61 | 60.00 | 54.37 | (-) 8.79 |
| 8. | ଶିକ୍ଷା | 10.17 | 89.10 | 16.63 | 75.86 | 27.69 | 18.87 | 62.73 | 66.89 | 66.89 | 30.79 | (-) 53.97 |
| 9. | ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ | 9.90 | 10.55 | 28.84 | 28.71 | 30.81 | 33.15 | 37.03 | 52.70 | 52.70 | 50.83 | (-) 3.55 |
| 10. | ବିବିଧ ସାଧାରଣ ସେବା | 7.11 | 225.60 | 11.00 | 126.50 | 29.54 | 118.84 | 175.36 | 192.08 | 193.06 | 383.91 | (+) 99.87 |
| 11. | ଶକ୍ତି | 2.17 | 2.14 | 2.30 | 4.70 | 41.95 | 2.18 | 39.36 | 2.25 | 2.26 | 8.05 | (+) 257.78 |
| 12. | ସମବାୟ | 2.20 | 2.97 | 2.30 | 3.34 | 2.47 | 2.56 | 2.05 | 2.50 | 2.97 | 3.16 | (+) 26.40 |
| 13. | ଅନ୍ୟାନ୍ୟ ଅଣକର ପ୍ରାପ୍ତି | 308.24 | 762.90 | 441.10 | 693.84 | 796. 87 | 1,395.06 | 1,463.85 | 1,000.40 | 1,116.75 | 1,141.21 | (+) 14.07 |
| | **ମୋଟ:** | **6,036.78** | **8,078.04** | **6,825.14** | **8,378.60** | **7,605.15** | **8,070.87** | **9,000.00** | **8,711.24** | **8,822.93** | **8,043.10** | |

**ଉତ୍ସ: ଓଡ଼ିଶା ସରକାରଙ୍କ 2016-17 ବର୍ଷ ପାଇଁ ଆର୍ଥିକ ହିସାବପତ୍ର ।**

ସମ୍ପୃକ୍ତ ବିଭାଗ ମାନେ ଭିନ୍ନତା କାରଣ ଗୁଡ଼ିକ ନିମ୍ନମତେ ଦର୍ଶାଇଥିଲେ:

**ଅଣଲୌହ ଖଣିଜ ଓ ଧାତବ ଶିଳ୍ପ:** ଲୌହ ଓ କ୍ରୋମାଇଟ୍ ଧାତୁ ଉପରେ ରାଜଭାଗ ହ୍ରାସ ଯୋଗୁଁ ପୂର୍ବବର୍ଷ 2015-16 ତୁଳନାରେ ହ୍ରାସ (15.06 ପ୍ରତିଶତ) ଘଟିଥିଲା ।

**ବନ୍ୟ ଓ ବନ୍ୟ ପ୍ରାଣୀ:** ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ଦ୍ୱାରା ବକେୟା ରାଜସ୍ୱ ପଇଠରେ ସ୍ୱଳ୍ପତା ଯୋଗୁଁ ପୂର୍ବ ବର୍ଷ 2015-16 ତୁଳନାରେ 2016-17 ରାଜସ୍ୱ ସଂଗ୍ରହରେ ହ୍ରାସ ଘଟିଥିଲା ।

**ଆରକ୍ଷୀ ପ୍ରାପ୍ତି:** ଅଲ ଇଣ୍ଡିଆ ରେଡିଓ, ଦୂରଦର୍ଶନ କେନ୍ଦ୍ର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ପୋଲିସ ଗାର୍ଡମାନଙ୍କୁ 2016-17 ବର୍ଷରେ ଫେରାଇ ଦିଆଯିବାରୁ ଓ ଦକ୍ଷିଣ-ପୂର୍ବ ରେଳବାଇ କୋଲକାତା ଦ୍ୱାରା ଦାବି (2014-15 ପାଇଁ) ପ୍ରତିପୂରଣ ନ ହେବା ଯୋଗୁଁ ହ୍ରାସ (8.79 ପ୍ରତିଶତ) ଘଟିଥିଲା ।

ଅନ୍ୟ ବିଭାଗ ଗୁଡ଼ିକ ଅନୁରୋଧ (ଅପ୍ରେଲ ଏବଂ ଜୁଲାଇ 2017) କରିବା ସତ୍ତ୍ୱେ ପୂର୍ବବର୍ଷ (2015-16) ତୁଳନାରେ ପ୍ରାପ୍ତି ହ୍ରାସ ବୃଦ୍ଧିର କାରଣ ଦର୍ଶାଇନଥିଲେ ।

## 1.2 ବକେୟା ରାଜସ୍ୱର ବିଶ୍ଳେଷଣ

ଭାଟ୍, ପ୍ରବେଶ କର (ଇଟି) ଏବଂ ଖଣିଜ ପ୍ରାପ୍ତି ପ୍ରଭୃତି କେତେକ ପ୍ରମୁଖ ରାଜସ୍ୱ ଶୀର୍ଷରେ ବକେୟା ରାଜସ୍ୱ 31 ମାର୍ଚ୍ଚ 2017 ସୁଦ୍ଧା 11,973.59 କୋଟି ଟଙ୍କା ଥିଲା । ତନ୍ମଧ୍ୟରୁ 4,566.07 କୋଟି ଟଙ୍କା ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଶୁଝା ହୋଇ ରହିଥିଲା, ଯାହାର ବିଶଦ ବିବରଣୀ **ସାରଣୀ-1.2** ରେ ଦିଆଗଲା ।

**ସାରଣୀ-1.2**

**ବକେୟା ରାଜସ୍ୱ**

**(ଟଙ୍କା କୋଟି ଆକାରରେ)**

| କ୍ରମିକ ସଂଖ୍ୟା | ରାଜସ୍ୱର ଶୀର୍ଷ | 31 ମାର୍ଚ୍ଚ 2017 ସୁଦ୍ଧା ମୋଟ ବକେୟା ରାଶି | 31 ମାର୍ଚ୍ଚ 2017 ସୁଦ୍ଧା ପାଞ୍ଚ ବର୍ଷରୁ ଅଧିକ ସମୟ ବକେୟା ରାଶି | ବିଭାଗ ମାନଙ୍କର ଜବାବ | |
|---|---|---|---|---|---|
| **A-କର ରାଜସ୍ୱ** | | | | | |
| | **0040- ବିକ୍ରୟ, ବାଣିଜ୍ୟ ଇତ୍ୟାଦି ଉପରେ କର** | | | | |
| 1. | ଭାଟ୍ (ଓଏସ୍‌ଟି ଓ ସିଏସ୍‌ଟି କୁ ମିଶାଇ) | 7,058.49 | 2,764.89 | ବକେୟାର କାରଣ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • କାରଣ ଦର୍ଶାଅ ନୋଟିସ ଅନ୍ତର୍ଭୁକ୍ତ ରାଶି | 1,537.48 |
| | | | | • ସ୍ଥଗିତ ରହିବା ରାଶି | |
| | | | | ➢ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା | 1,618.56 |
| | | | | ➢ ଉଚ୍ଚତମ ନ୍ୟାୟାଳୟ/ ଉଚ୍ଚ ନ୍ୟାୟାଳୟ ଦ୍ୱାରା | 3,315.76 |
| | | | | • କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 580.02 |
| | | | | • ସମ୍ଭାବ୍ୟ ଅପଲିଖିତ ରାଶି | 6.67 |
| | **0042- ମାଲ୍ ଓ ଯାତ୍ରୀ ଉପରେ କର** | | | | |
| 2. | ପ୍ରବେଶ କର | 2,630.97 | 451.56 | ବକେୟାର କାରଣ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • କାରଣ ଦର୍ଶାଅ ନୋଟିସ ଅନ୍ତର୍ଭୁକ୍ତ ରାଶି | 688.17 |
| | | | | • ଅସୁଲି ସ୍ଥଗିତ | |
| | | | | ➢ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା | 576.94 |
| | | | | ➢ ଉଚ୍ଚତମ ନ୍ୟାୟାଳୟ/ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା | 1,323.81 |
| | | | | • ସାର୍ଟିଫିକେଟ୍ କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 41.98 |
| | | | | • ସମ୍ଭାବ୍ୟ ଅପଲିଖିତ ରାଶି | 0.07 |
| | **0041-ଯାନ ଉପରେ କର** | | | | |
| 3. | ଯାନ ଉପରେ କର | 255.34 | -- | ବକେୟାର କାରଣ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • ସାର୍ଟିଫିକେଟ୍/ କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 70.19 |
| | | | | • ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥଗିତ ଅସୁଲି | 2.38 |
| | | | | • ବିଚାରାଳୟ ଦ୍ୱାରା ସ୍ଥଗିତ ଅସୁଲି | 1.28 |
| | | | | • ଅନ୍ୟାନ୍ୟ ସ୍ତର ଅନ୍ତର୍ଭୁକ୍ତ | 181.49 |
| | **0039- ରାଜ୍ୟ ଅବକାରୀ** | | | | |
| 4. | ରାଜ୍ୟ ଅବକାରୀ | 56.41 | -- | ବକେୟାର କାରଣ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • ଉଚ୍ଚତମ ନ୍ୟାୟାଳୟ/ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ଥଗିତ ଅସୁଲି | 38.01 |
| | | | | • ସାର୍ଟିଫିକେଟ୍ / କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 11.65 |
| | | | | • ଅନ୍ୟାନ୍ୟ ସ୍ତର ଅନ୍ତର୍ଭୁକ୍ତ | 6.75 |

| କ୍ରମିକ ସଂଖ୍ୟା | ରାଜସ୍ୱର ଶୀର୍ଷ | 31 ମାର୍ଚ୍ଚ 2017 ସୁଦ୍ଧା ମୋଟ ବକେୟା ରାଶି | 31 ମାର୍ଚ୍ଚ 2017 ସୁଦ୍ଧା ପାଞ୍ଚ ବର୍ଷରୁ ଅଧିକ ସମୟ ବକେୟା ରାଶି | ବିଭାଗ ମାନଙ୍କର ଜବାବ | |
|---|---|---|---|---|---|
| **B - ଅଣ କର ରାଜସ୍ୱ** | | | | | |
| 5. | ଖଣିଜ ପ୍ରାପ୍ତି | 1,972.38 | 1,349.62 | ବକେୟାର କାରଣ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • ସାର୍ଟିଫିକେଟ୍ ମାମଲା ଅନ୍ତର୍ଭୁକ୍ତ | 1.55 |
| | | | | • ସମ୍ଭାବ୍ୟ ଅପଲିଖିତ ରାଶି | 2.37 |
| | | | | • ବିଚାରାଳୟ | 1,857.27 |
| | | | | • ଅସୁଲି ଯୋଗ୍ୟ ରାଶି | 119.19 |
| | ମୋଟ: | **11,973.59** | **4,566.07** | | |

**ଉତ୍ସ: ସମ୍ପୃକ୍ତ ବିଭାଗ ମାନଙ୍କର ଜବାବ**

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଧିନରେ 2,197.88 କୋଟି ଟଙ୍କାର ବକେୟା ବିଚାରାଧିନ ଥିଲା। 705.39 କୋଟି ଟଙ୍କାର ବକେୟା ସାର୍ଟିଫିକେଟ ମାମଲା[2] /କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ବିଚାରାଧୀନ ଥିଲା । 9.11 କୋଟି ଟଙ୍କାର ବକେୟା ଅପଲିଖିତ ପାଇଁ ସରକାରଙ୍କ ବିଚାରାର୍ଥେ ପଠାଯାଇଥିଲେ ମଧ ତାହାର ଫଇସଲା ହୋଇନଥିଲା।

## 1.3 ନିର୍ଦ୍ଧାରଣ ସମ୍ବନ୍ଧୀୟ ବକେୟା

ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗ ଦ୍ୱାରା 31 ମାର୍ଚ୍ଚ 2017 ସୁଦ୍ଧା ନିର୍ଦ୍ଧାରଣ ନ ହୋଇ ପଡ଼ି ରହିଥିବା ମାମଲାଗୁଡ଼ିକର ବିଶଦ ବିବରଣୀ ନିମ୍ନରେ ପ୍ରଦତ୍ତ **ସାରଣୀ-1.3** ରେ ଦର୍ଶାଗଲା ।

**ସାରଣୀ-1.3**

**ନିର୍ଦ୍ଧାରଣ ସମ୍ବନ୍ଧୀୟ ବକେୟା**

| ରାଜସ୍ୱ ଶୀର୍ଷ | ପ୍ରାରମ୍ଭିକ ଅବଶେଷ | 2016-17 ରେ ନିର୍ଦ୍ଧାରଣ ଯୋଗ୍ୟ ନୂତନ ମାମଲା | ମୋଟ ନିର୍ଦ୍ଧାରଣ ଯୋଗ୍ୟ ମାମଲା | 2016-17 ରେ ଫଏସଲା ହୋଇଥିବା ମାମଲା | ବର୍ଷ ଶେଷରେ ଅନ୍ତିମ ଅବଶେଷ | ଫଏସଲାର ପ୍ରତିଶତ (ସ୍ତମ୍ଭ 5 ର 4 ସହିତ) |
|---|---|---|---|---|---|---|
| *(1)* | *(2)* | *(3)* | *(4)* | *(5)* | *(6)* | *(7)* |
| ଓଡିଶା ବିକ୍ରୟ କର | 4,943 | 23 | 4,966 | 1,477 | 3,489 | 29.74 |
| କେନ୍ଦ୍ରୀୟ ବିକ୍ରୟ କର | 582 | 220 | 802 | 385 | 417 | 48.00 |
| ମୂଲ୍ୟଯୁକ୍ତ କର | 1,537 | 2,258 | 3,795 | 2,499 | 1,296 | 65.84 |
| ପ୍ରବେଶ କର | 686 | 1,167 | 1,853 | 1,200 | 653 | 64.76 |
| ବୃତ୍ତି କର | 33,209 | 25,274 | 58,483 | 24,977 | 33,506 | 42.71 |
| ମନୋରଞ୍ଜନ କର | 82 | 122 | 204 | 75 | 129 | 36.76 |

**ଉତ୍ସ : ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗ**

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ 31 ମାର୍ଚ୍ଚ 2017 ସୁଦ୍ଧା ପୂର୍ବତନ ଓଡିଶା ବିକ୍ରୟ କର ଅଧିନିୟମ ଅଧିନରେ 3,489 ଟି ନିର୍ଦ୍ଧାରଣ ପାଇଁ ବାକିଥିଲା ଯଦିଓ ଅଧିନିୟମଟି 1 ଅପ୍ରେଲ 2005 ଠାରୁ ନିରସିତ ହୋଇ ଯାଇଥିଲା ।

[2] ସାର୍ଟିଫିକେଟ୍ ଏକ ବିନିର୍ଦ୍ଦିଷ୍ଟ ଫର୍ମ ଯାହା ସାର୍ବଜନୀନ ଦାବିର ଅସୁଲି ପାଇଁ ସାର୍ଟିଫିକେଟ୍ ଅଫିସରଙ୍କ ଦ୍ୱାରା ସାକ୍ଷରିତ ହୋଇଥାଏ।

## 1.4 କର ଫାଙ୍କି

ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗ ଦ୍ୱାରା 31 ମାର୍ଚ୍ଚ 2017 ସୁଦ୍ଧା ସନ୍ଧାନ ହୋଇଥିବା କର ଫାଙ୍କି ମାମଲାର ବିଶଦ ବିବରଣୀ ନିମ୍ନରେ ପ୍ରଦତ୍ତ **ସାରଣୀ-1.4** ରେ ଦର୍ଶାଗଲା ।

**ସାରଣୀ-1.4**
**କର ଫାଙ୍କି**

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ରାଜସ୍ୱ ଶୀର୍ଷ | 31 ମାର୍ଚ୍ଚ 2016 ସୁଦ୍ଧା ବାକିଥିବା ମାମଲା ସଂଖ୍ୟା | 2016-17 ରେ ସନ୍ଧାନ ହୋଇଥିବା ମାମଲା ସଂଖ୍ୟା | ମୋଟ | ନିର୍ଦ୍ଧାରଣ/ ଅନୁସନ୍ଧାନ ସରିଥିବା ମାମଲା ଏବଂ ଜୋରିମାନା ସହିତ ଅତିରିକ୍ତ ଦାବି ଇତ୍ୟାଦି ଉତ୍ଥାପନ ହୋଇଥିବା ମାମଲା ସଂଖ୍ୟା | | 31 ମାର୍ଚ୍ଚ 2017 ସୁଦ୍ଧା ଫଏସଲା ପାଇଁ ବାକିଥିବା ମାମଲା ସଂଖ୍ୟା |
|---|---|---|---|---|---|---|---|
| | | | | | ମାମଲା ସଂଖ୍ୟା | ଦାବି ରାଶି | |
| 1. | ଓଡିଶା ବିକ୍ରୟ କର | 26 | 0 | 26 | 0 | 0.00 | 26 |
| 2. | ପ୍ରବେଶ କର | 13 | 116 | 129 | 75 | 8.10 | 54 |
| 3. | ମୂଲ୍ୟଯୁକ୍ତ କର | 371 | 287 | 658 | 404 | 113.64 | 254 |
| 4. | କେନ୍ଦ୍ରୀୟ ବିକ୍ରୟ କର | 3 | 22 | 25 | 9 | 11.52 | 16 |
| | **ମୋଟ:** | **413** | **425** | **838** | **488** | **133.26** | **350** |

**ଉତ୍ସ : ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗ**

ଏହି ସମୟ ମଧ୍ୟରେ ମୋଟ 838 ମାମଲା ମଧ୍ୟରୁ 488 ଟି ମାମଲା (58.23 ପ୍ରତିଶତ)ର ଫଇସଲା ହୋଇଥିଲା । ନିରସିତ ହୋଇଥିବା ଓଡ଼ିଶା ବିକ୍ରିକର ଅଧିନିୟମ ଅଧିନରେ 26 ଟି ମାମଲା ନିର୍ଦ୍ଧାରଣ ପାଇଁ ବାକି ଥିଲା ।

## 1.5 ବାକି ଥିବା ଅର୍ଥ ଫେରସ୍ତ ମାମଲା

ଫେରସ୍ତ ମାମଲାର 31 ମାର୍ଚ୍ଚ 2017 ସୁଦ୍ଧା ସଂପୂର୍ଣ୍ଣ ବିବରଣୀ ସାରଣୀ **1.5** ରେ ଦିଆଗଲା ।

**ସାରଣୀ -1.5**
**ବାକିଥିବା ଅର୍ଥ ଫେରସ୍ତ ମାମଲାଗୁଡିକର ବିଶଦ ବିବରଣୀ**

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ସବିଶେଷ ବିବରଣ | ବିକ୍ରୟ କର/ ମୂଲ୍ୟଯୁକ୍ତ କର | | ପ୍ରବେଶ କର | |
|---|---|---|---|---|---|
| | | ମାମଲା ସଂଖ୍ୟା | ପରିମାଣ | ମାମଲା ସଂଖ୍ୟା | ପରିମାଣ |
| 1. | ବର୍ଷ ଆରମ୍ଭରେ ବାକିଥିବା ଦାବି | 1,103 | 123.74 | 274 | 47.78 |
| 2. | ବର୍ଷ ମଧ୍ୟରେ ଗ୍ରହଣ ହୋଇଥିବା ଦାବି | 858 | 322.09 | 237 | 22.53 |
| | **ମୋଟ (1+2)** | 1,961 | 445.83 | 511 | 70.31 |
| 3. | ବର୍ଷ ମଧ୍ୟରେ ହୋଇଥିବା ଅର୍ଥ ଫେରସ୍ତ (କ) ମଞ୍ଜୁରୀ ହୋଇଥିବା ଅର୍ଥ ଫେରସ୍ତ | 992 | 294.70 | 190 | 16.96 |
| | (ଖ) ଖାରଜ/ ସମନ୍ୱୋଚିତ ଅର୍ଥ ଫେରସ୍ତ | 314 | 56.55 | 111 | 29.24 |
| | **ମୋଟ (କ+ଖ)** | 1,306 | 351.25 | 301 | 46.20 |
| 4. | ବର୍ଷ ଶେଷରେ ଅନ୍ତିମ ଅବଶେଷ | 655 | 94.58 | 210 | 24.11 |

**ଉତ୍ସ : ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗ**

ଉପରୋକ୍ତ ସାରଣୀରୁ ଜଣାଯାଏ ଯେ, 2016-17 ବର୍ଷରେ ବିକ୍ରି କର/ ମୂଲ୍ୟଯୁକ୍ତ କର ସମ୍ବନ୍ଧୀୟ 66.60 ପ୍ରତିଶତ ଏବଂ ପ୍ରବେଶ କର ସମ୍ବନ୍ଧୀୟ 58.90 ପ୍ରତିଶତ ଅର୍ଥ ଫେରସ୍ତ ମାମଲା କେବଳ ମାତ୍ର ଫଏସଲା କରାଯାଇଥିଲା ।

ଓଡିଶା ମୂଲ୍ୟଯୁକ୍ତ କର ଅଧିନିୟମର ବ୍ୟବସ୍ଥା ଅନୁସାରେ ଯଦି ଅର୍ଥ ଫେରସ୍ତ ଆଦେଶ ପ୍ରାପ୍ତି ତାରିଖ ଠାରୁ 60 ଦିନ ମଧ୍ୟରେ କିମ୍ବା ଅର୍ଥ ଫେରସ୍ତ ଦରଖାସ୍ତ ପାଇବାର 90 ଦିନ ମଧ୍ୟରେ ବ୍ୟବସାୟୀଙ୍କୁ ଅର୍ଥ ଫେରସ୍ତ କରାନଯାଏ, ତେବେ ଅର୍ଥ ଫେରସ୍ତ ହେବା ତାରିଖ ପର୍ଯ୍ୟନ୍ତ ବାର୍ଷିକ ଆଠ ପ୍ରତିଶତ ହାରରେ ସୁଧ ଦେବାକୁ ପଡିବ । ଯଦି ଅର୍ଥ ଫେରସ୍ତ ମାମଲା ଗୁଡ଼ିକର ସତ୍ୱର ଫଏସଲା କରାନଯାଏ ତେବେ ସରକାର ସୁଧ ପୈଠ ପାଇଁ ଉତ୍ତରଦାୟୀ ହୋଇପାରନ୍ତି । 2016-17 ବର୍ଷ ମଧ୍ୟରେ ଏହିପରି ଅର୍ଥ ଫେରସ୍ତ ମାମଲା ଫଏସଲାରେ ବିଳମ୍ବ ଯୋଗୁଁ ସରକାର 8.06 ଲକ୍ଷ[3] ଟଙ୍କା ସୁଧ ବାବଦରେ ଦେଇଥିଲେ ।

## 1.6 ଅଡିଟ୍ ପ୍ରତି ବିଭାଗ ତଥା ସରକାରଙ୍କ ଜବାବ

ପ୍ରଧାନ ମହାଲେଖାକାର, ଓଡିଶା (ଆର୍ଥିକ ଏବଂ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା) (ପିଏଜି) ସରକାରୀ ବିଭାଗ ଗୁଡିକୁ ସାମୟିକ ନିରୀକ୍ଷଣ କରିଥାନ୍ତି । ଦେଣନେଣର ନମୁନା ଯାଞ୍ଚ୍ ନିୟମାବଳୀ ଓ କ୍ରିୟାବିଧି ଅନୁସାରେ ଗୁରୁତ୍ୱପୂର୍ଣ୍ଣହିସାବ ଖାତା ଓ ଅନ୍ୟାନ୍ୟ ଦସ୍ତାବିଜ୍‌ର ରକ୍ଷଣାବେକ୍ଷଣ ହେଉଛି କି ନାହିଁ, ସେଗୁଡ଼ିକର ସତ୍ୟାପନ କରିବା ପାଇଁ ଏହା କରାଯାଇଥାଏ । ନିରୀକ୍ଷଣ ସମୟରେ ସନ୍ଧାନ ହୋଇଥିବା ଅନିୟମିତତା, ଯେଉଁଗୁଡ଼ିକର ସରଜମିନ୍ ମୀମାଂସା ହୋଇପାରି ନଥାଏ, ସେଗୁଡ଼ିକୁ ନିରୀକ୍ଷଣ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରି ସଂପୃକ୍ତ ବିଭାଗର ମୁଖ୍ୟଙ୍କୁ ଜାରି କରାଯାଇଥାଏ । କାର୍ଯ୍ୟାଳୟର ମୁଖ୍ୟ/ ସରକାର ନିରୀକ୍ଷଣ ପ୍ରତିବେଦନରେ ଥିବା ମନ୍ତବ୍ୟର ତୁରନ୍ତ ଅନୁପାଳନ କରି ତୃଟି ଓ ବିଚ୍ୟୁତି ଗୁଡିକର ସଂଶୋଧନ କରି ନିରୀକ୍ଷଣ ପ୍ରତିବେଦନ ଜାରି ହେବା ତାରିଖ ଠାରୁ ଗୋଟିଏ ମାସ ମଧ୍ୟରେ ପିଏଜିଙ୍କୁ ପ୍ରାରମ୍ଭିକ ଜବାବ ଜରିଆରେ ଅନୁପାଳନ ଦେବାକୁ ପଡେ । ଗୁରୁତର ଆର୍ଥିକ ଅନିୟମିତତା ଗୁଡିକ ବିଭାଗୀୟ ମୁଖ୍ୟ ଏବଂ ସରକାରଙ୍କୁ ଉପସ୍ଥାପନ କରାଯାଏ ।

ଡିସେମ୍ବର 2016 ପର୍ଯ୍ୟନ୍ତ ଜାରି ହୋଇଥିବା ନିରୀକ୍ଷଣ ପ୍ରତିବେଦନ ଗୁଡିକରୁ ଜଣାପଡେ ଯେ, 22,976.92 କୋଟି ଟଙ୍କା ଜଡିତ 3,032 ଟି ପ୍ରତିବେଦନର 7,549 ଟି ଅନୁଚ୍ଛେଦ ଜୁନ୍ 2017 ସୁଦ୍ଧା ଅମୀମାଂସିତ ଥିଲା । ଏହାର ବିଶଦ ବିବରଣୀ ବିଗତ ଦୁଇ ବର୍ଷର ଅନୁରୂପ ବିବରଣୀ ସହ ନିମ୍ନ **ସାରଣୀ-1.6** ରେ ପ୍ରଦତ୍ତ ହୋଇଅଛି ।

**ସାରଣୀ -1.6**

**ନିରୀକ୍ଷଣ ପ୍ରତିବେଦନର ବିଭାଗ ଓ୍ୱାରୀ ବିଶଦ ବିବରଣୀ**

| | ଜୁନ୍ 2015 | ଜୁନ୍ 2016 | ଜୁନ୍ 2017 |
|---|---|---|---|
| ନିଷ୍ପତ୍ତି ନହୋଇ ବାକିଥିବା ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | 2,891 | 2,818 | 3,032 |
| ନିଷ୍ପତ୍ତି ନହୋଇ ବାକିଥିବା ସମୀକ୍ଷା ଅବଲୋକନ ସଂଖ୍ୟା | 6,768 | 6,768 | 7,549 |
| ଜଡିତ ଥିବା ରାଜସ୍ୱର ପରିମାଣ (ଟଙ୍କା କୋଟି ଆକାରରେ) | 14,540.00 | 21,505.09 | 22,976.92 |

**ଉତ୍ସ: ପ୍ରଧାନ ମହାଲେଖାକାର (ଇ ଆଣ୍ଡ ଆରଏସ୍ଏ) ଙ୍କ ଅଭିଲେଖ**

**1.6.1** 30 ଜୁନ୍ 2017 ସୁଦ୍ଧା ଅମୀମାଂସିତ ଥିବା ନିରୀକ୍ଷଣ ପ୍ରତିବେଦନ ଓ ସମୀକ୍ଷା ଅବଲୋକନ ଏବଂ ତତ୍ ସହ ଜଡିତ ଧନରାଶିର ବିଭାଗ ଓ୍ୱାରୀ ବିଶଦ ବିବରଣୀ **ସାରଣୀ-1.6.1** ରେ ଦିଆଯାଇଅଛି ।

[3] ଅର୍ଥ ପ୍ରଦାନରେ ବିଳମ୍ବ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ଆଦେଶାନୁଶାରେ 8.06 ଲକ୍ଷ ଟଙ୍କା କେନ୍ଦ୍ରୀୟ ବିକ୍ରୟ କର ଅଧୀନରେ ସୁଧ ବାବଦରେ ପ୍ରଦାନ କରାଯାଇଥିଲା ।

**ସାରଣୀ-1.6.1 (a)**

**ବିଭାଗ ୱାରୀ ନିରୀକ୍ଷଣ ପ୍ରତିବେଦନର ବିଶଦ ବିବରଣୀ (ରାଜସ୍ୱ ପ୍ରାପ୍ତି)**

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବିଭାଗର ନାମ | ପ୍ରାପ୍ତିର ପ୍ରକାର | ବାକିଥିବା ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ବାକିଥିବା ସମୀକ୍ଷା ଅବଲୋକନ ସଂଖ୍ୟା | ଜଡିତ ଅର୍ଥରାଶି |
|---|---|---|---|---|---|
| 1. | ଅର୍ଥ | ଓଡିଶା ବିକ୍ରୟ କର/ କେନ୍ଦ୍ରୀୟ ବିକ୍ରୟ କରକୁ ମିଶାଇ ଓଡିଶା ମୂଲ୍ୟଯୁକ୍ତ କର | 884 | 2,230 | 2,884.58 |
| | | ପ୍ରବେଶ କର | 330 | 643 | 498.76 |
| | | ବୃତ୍ତି କର | 15 | 18 | 17.05 |
| | | ପ୍ରମୋଦ କର | 4 | 4 | 4.71 |
| 2. | ଅବକାରୀ | ରାଜ୍ୟ ଅବକାରୀ | 196 | 574 | 406.42 |
| 3. | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା | ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫି | 548 | 1,098 | 454.45 |
| 4. | ଇସ୍ପାତ ଓ ଖଣି | ଖଣିଜ ପ୍ରାପ୍ତି | 166 | 476 | 18,210.64 |
| 5. | ପରିବହନ | ମୋଟରଯାନ କର ଏବଂ ମାଲ ଓ ଯାତ୍ରୀ କର | 347 | 1,174 | 390.81 |
| **ମୋଟ** | | | **2,490** | **6,217** | **22,867.42** |

**ଉତ୍ସ: ପ୍ରଧାନ ମହାଲେଖାକାର (ଇ ଆଣ୍ଡ ଆରଏସ୍‌ଏ) ଙ୍କ ଅଭିଲେଖ**

**ସାରଣୀ -1.6.1(b)**

**ବିଭାଗ ୱାରୀ ନିରୀକ୍ଷଣ ପ୍ରତିବେଦନର ବିଶଦ ବିବରଣୀ (ବ୍ୟୟ)**

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବିଭାଗର ନାମ | ବାକିଥିବା ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ବାକିଥିବା ସମୀକ୍ଷା ଅବଲୋକନ ସଂଖ୍ୟା | ଜଡିତ ଅର୍ଥରାଶି |
|---|---|---|---|---|
| 1. | ଅର୍ଥ | 110 | 183 | 1.94 |
| 2. | ଅବକାରୀ | 91 | 132 | 0.18 |
| 3. | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା | 46 | 278 | 0.9 |
| 4. | ଇସ୍ପାତ ଓ ଖଣି | 39 | 84 | 8.71 |
| 5. | ପରିବହନ | 256 | 655 | 97.77 |
| **ମୋଟ** | | **542** | **1,332** | **109.50** |

**ଉତ୍ସ: ପ୍ରଧାନ ମହାଲେଖାକାର (ଇ ଆଣ୍ଡ ଆରଏସ୍‌ଏ) ଙ୍କ ଅଭିଲେଖ**

ଅଡିଟ୍ 2016-17 ବର୍ଷରେ ଜାରି ହୋଇଥିବା 190 ଟି ନିରୀକ୍ଷଣ ପ୍ରତିବେଦନର ପ୍ରାରମ୍ଭିକ ଉତ୍ତର ନିରୀକ୍ଷଣ ପ୍ରତିବେଦନ ଜାରି ହେବାର ତାରିଖ ଠାରୁ ଏକ ମାସ ମଧ୍ୟରେ କାର୍ଯ୍ୟାଳୟର ମୁଖ୍ୟ ମାନଙ୍କଠାରୁ ମଧ୍ୟ ପାଇପାରି ନଥିଲା । ଉତ୍ତର ନମିଳିବା ଯୋଗୁଁ ବହୁ ପରିମାଣରେ ନିରୀକ୍ଷଣ ପ୍ରତିବେଦନ ଗୁଡିକ ଅମୀମାଂସିତ ରହିବା ପ୍ରତିବେଦନ ଗୁଡିକରେ ଦର୍ଶାଯାଇଥିବା ତ୍ରୁଟି, ବିଚ୍ୟୁତି ଏବଂ ଅନିୟମିତତା ଗୁଡିକୁ ସୁଧାରିବାରେ ବିଫଳତାକୁ ସୂଚିତ କରେ ।

## 1.6.2 ବିଭାଗୀୟ ସମୀକ୍ଷା କମିଟି (ଡିଏସି) ବୈଠକ

ନିରୀକ୍ଷଣ ପ୍ରତିବେଦନ ଓ ସେଥିରେ ଦିଆଯାଇଥିବା ଅନୁଚ୍ଛେଦ ଗୁଡିକର ମୀମାଂସାର ପ୍ରଗତିକୁ ପର୍ଯ୍ୟାଲୋଚନା ଏବଂ ତ୍ୱରାନ୍ୱିତ କରିବା ପାଇଁ ସରକାର ଅଡିଟ୍ କମିଟି ଗୁଡିକୁ ଗଠନ କରିଥାନ୍ତି । 2016-17 ବର୍ଷରେ ଅନୁଷ୍ଠିତ

ହୋଇଥିବା ଅଡିଟ୍ କମିଟି ବୈଠକ ଏବଂ ମୀମାଂସିତ ଅନୁଚ୍ଛେଦ ଗୁଡିକର ବିଶଦ ବିବରଣୀ **ସାରଣୀ-1.6.2** ରେ ଦର୍ଶାଯାଇଅଛି ।

**ସାରଣୀ-1.6.2**

**ବିଭାଗୀୟ ସମୀକ୍ଷା କମିଟି ବୈଠକ ଗୁଡିକର ବିଶଦ ବିବରଣୀ**

**(ଟଙ୍କା କୋଟି ଆକାରରେ)**

| କ୍ରମିକ ସଂଖ୍ୟା | ରାଜସ୍ୱର ଶୀର୍ଷକ | ଅନୁଷ୍ଠିତ ହୋଇଥିବା ବୈଠକ ସଂଖ୍ୟା | ମୀମାଂସା ହୋଇଥିବା ଅନୁଚ୍ଛେଦ ସଂଖ୍ୟା | ପରିମାଣ |
|---|---|---|---|---|
| 1. | ଅର୍ଥ ବିଭାଗ | 12 | 219 | 101.38 |
| 2. | ପରିବହନ | 11 | 83 | 1.62 |
| 3. | ଅବକାରୀ | 4 | 80 | 18.58 |
| 4. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 3 | 76 | 0.58 |
| 5. | ଇସ୍ପାତ ଏବଂ ଖଣି | 0 | 0 | 0 |
| ମୋଟ | | **30** | **458** | **122.16** |

**ଉତ୍ସ: ପ୍ରଧାନ ମହାଲେଖାକାର(ଇ ଆଣ୍ଡ ଆରଏସ୍ଏ) ଙ୍କ ଅଭିଲେଖ**

## 1.6.3 ଅଡିଟ୍‌କୁ ଯାଞ୍ଚ୍ ପାଇଁ ନଥିପତ୍ର ଦାଖଲ ନ କରିବା

କର ରାଜସ୍ୱ/ ଅଣକର ରାଜସ୍ୱ କାର୍ଯ୍ୟାଳୟ ଗୁଡିକର ସ୍ଥାନୀୟ ଅଡିଟ୍ ନିମନ୍ତେ କାର୍ଯ୍ୟକ୍ରମ ଯଥେଷ୍ଟ ସମୟ ଆଗରୁ ପ୍ରସ୍ତୁତ କରାଯାଇଥାଏ । ସାଧାରଣତଃ ଅଡିଟ୍ ଆରମ୍ଭ ହେବାର ଏକ ମାସ ଆଗରୁ ବିଭାଗମାନଙ୍କୁ ପ୍ରାସଙ୍ଗିକ ଅଭିଲେଖ ଗୁଡିକୁ ଯାଞ୍ଚ୍ ପାଇଁ ପ୍ରସ୍ତୁତ ରଖିବାକୁ ଜଣାଇ ଦିଆଯାଇଥାଏ ।

2016-17 ବର୍ଷରେ 1,654.66 କୋଟି ଟଙ୍କା ଜଡିତ 1,869 ଟି ନିର୍ଦ୍ଧାରଣ ନଥି, ରିଟର୍ଣ୍ଣ, ଅର୍ଥ ଫେରସ୍ତ ରେଜିଷ୍ଟର ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଅଭିଲେଖ ଅଡିଟ୍‌କୁ ଉପଲବ୍ଧ କରାଯାଇ ପାରିନଥିଲା । ଏହାର ବିଶଦ ବିବରଣୀ **ସାରଣୀ-1.6.3** ରେ ଦିଆଯାଇଅଛି ।

**ସାରଣୀ-1.6.3**

**ଦାଖଲ ହୋଇ ନଥିବା ନଥିପତ୍ରର ବିଶଦ ବିବରଣୀ**

**(ଟଙ୍କା କୋଟି ଆକାରରେ)**

| ବିଭାଗର ନାମ | କର/ ଅଣ କର ରାଜସ୍ୱର ପ୍ରକାର | ସମୀକ୍ଷା ହେବାକୁ ଥିବା ବର୍ଷ | ସମୀକ୍ଷିତ ହୋଇନଥିବା ମାମଲା ସଂଖ୍ୟା | କର ପରିମାଣ |
|---|---|---|---|---|
| ଅର୍ଥ (ବାଣିଜ୍ୟିକ କର) | ବିକ୍ରୟ, ବ୍ୟାପାର ଇତ୍ୟାଦି ଉପରେ କର/ ମୂଲ୍ୟଯୁକ୍ତ କର | 2015-16 ସୁଦ୍ଧା | 906 | 538.40 |
| | | 2016-17 | 963 | 1,116.26 |
| **ମୋଟ:** | | | **1,869** | **1,654.66** |

**ଉତ୍ସ: ପ୍ରଧାନ ମହାଲେଖାକାର (ଇ ଆଣ୍ଡ ଆରଏସ୍ଏ) ଙ୍କ ଅଭିଲେଖ**

ଅନ୍ୟ ବିଭାଗମାନଙ୍କରେ ନଥିପତ୍ର ଦାଖଲ ନହେବାର କୌଣସି ମାମଲା ନଥିଲା ।

## 1.6.4 ଚିଠା ସମୀକ୍ଷା ଅନୁଚ୍ଛେଦଗୁଡିକ ପ୍ରତି ବିଭାଗମାନଙ୍କ ଜବାବ

ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବାକୁ ଥିବା ଚିଠା ଅନୁଚ୍ଛେଦଗୁଡିକୁ ପ୍ରଧାନ ମହାଲେଖାକାରଙ୍କ ଦ୍ୱାରା ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବ ମାନଙ୍କୁ ଅଡିଟ୍ ସିଦ୍ଧାନ୍ତଗୁଡିକ ପ୍ରତି ଧ୍ୟାନ ଆକର୍ଷଣ କରାଯାଇ ପ୍ରେରଣ କରାଯାଇଥିଲା । ସେମାନଙ୍କୁ ସେମାନଙ୍କର ଜବାବ ଛଅ ମାସ ମଧ୍ୟରେ ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା । ସରକାର/ ବିଭାଗ ମାନଙ୍କ ସହିତ ବୈଠକ ମଧ୍ୟ କରାଯାଇଥିଲା ଏବଂ ସେମାନଙ୍କର ମତାମତ ଓ ପରବର୍ତ୍ତୀ ଲିଖିତ ଉତ୍ତର ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ପ୍ରାପ୍ତ ହୋଇନଥିବା ଉତ୍ତର ସମ୍ବନ୍ଧୀୟ ମଧ୍ୟ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଅଡିଟ୍ ୩୪ ଟି ଚିଠା  ଅନୁଚ୍ଛେଦ ଜୁନ୍ ଏବଂ ସେପ୍ଟେମ୍ବର 2017 ମଧ୍ୟରେ ସମ୍ପୃକ୍ତ ବିଭାଗ ଗୁଡିକର ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ତାଙ୍କ ନାମରେ ପଠାଇ ଥିଲା । ସ୍ମାରକପତ୍ର ଜାରି କରିବା ସତ୍ତ୍ୱେ ବିଭାଗ ଗୁଡିକର ପ୍ରମୁଖ ସଚିବ/ ସଚିବମାନେ ତିନିଟି ଚିଠା ଅନୁଚ୍ଛେଦର ଜବାବ ଦେଇନଥିଲେ ଏବଂ ବିଭାଗର ଜବାବ ବିନା ସେଗୁଡିକ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଅଛି ।

### 1.6.5 ପ୍ରତିବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ-ସଂକ୍ଷିପ୍ତ ସ୍ଥିତି

ଅର୍ଥ ବିଭାଗ ଅନୁଦେଶ ଜାରି (ଡିସେମ୍ବର 1993) କରି ସମସ୍ତ ବିଭାଗମାନଙ୍କର ସଚିବମାନଙ୍କୁ ସମୀକ୍ଷା ପ୍ରତିବେଦନ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ଗୁଡିକ ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଓଡ଼ିଶା ବିଧାନସଭାରେ ପ୍ରତିବେଦନ ଉପସ୍ଥାପନ ତାରିଖ ଠାରୁ ତିନି ମାସ ମଧ୍ୟରେ ଦାଖଲ କରିବାକୁ କହିଥିଲେ । ଏହା ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ ଗୁଡିକ ପ୍ରତି ରାଜ୍ୟ ସରକାରମାନଙ୍କ ପ୍ରତିକ୍ରିୟା ଉପରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ସୁପାରିଶ ଅନୁସାରେ ହୋଇଥିଲା । ଏହି ଅନୁଦେଶ ଥିବା ସତ୍ତ୍ୱେ, ପ୍ରତିବେଦନର ଅନୁଚ୍ଛେଦ ଗୁଡ଼ିକ ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେବାରେ ମାତ୍ରାତିରିକ୍ତ ଭାବେ ବିଳମ୍ବ ହୋଇଥିଲା ।

ଓଡ଼ିଶା ସରକାରଙ୍କ ରାଜସ୍ୱ କ୍ଷେତ୍ର ସମ୍ବନ୍ଧୀୟ ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ 31 ମାର୍ଚ୍ଚ 2008 ଠାରୁ 31 ମାର୍ଚ୍ଚ 2016 ପର୍ଯ୍ୟନ୍ତ ବର୍ଷ ପାଇଁ ପ୍ରତିବେଦନ ଗୁଡ଼ିକ ଓଡ଼ିଶା ବିଧାନ ସଭାରେ ଫେବୃଆରୀ 2009 ଏବଂ ସେପ୍ଟେମ୍ବର 2017 ମଧ୍ୟରେ ଉପସ୍ଥାପନ କରାଯାଇଥିଲା । ଏହା ମଧ୍ୟରୁ, ମାତ୍ର 6 ଟି ଅନୁଚ୍ଛେଦ ଲୋକ ଲେଖା ସମିତି (ପିଏସି) ରେ ଆଲୋଚନା କରାଯାଇଥିଲା ଏବଂ 370 ଟି ଅନୁଚ୍ଛେଦ[4] (ସମସ୍ତ 15 ଟି ସମ୍ପାଦନ ସମୀକ୍ଷାକୁ ମିଶାଇ) ବାକି ରହିଥିଲା (ଅକ୍ଟୋବର 2017) ।

## 1.7 ଅଡିଟ୍ ଦ୍ୱାରା ଉତ୍ଥାପିତ ବିଷୟଗୁଡିକ ପରିଚାଳନା ପାଇଁ ଥିବା ସଂକ୍ରିୟାର ବିଶ୍ଳେଷଣ

ବିଭାଗ ସମୂହ/ ସରକାରଙ୍କ ଦ୍ୱାରା ନିରୀକ୍ଷଣ ପ୍ରତିବେଦନ/ସମୀକ୍ଷା ପ୍ରତିବେଦନରେ ଆଲୋକପାତ କରାଯାଇଥିବା ବିଷୟ ଗୁଡିକର ପରିଚାଳନା ସଂକ୍ରିୟାର ମୂଲ୍ୟାୟନ ଗୋଟିଏ ବିଭାଗରେ କରାଯାଇଥିଲା । ବିଗତ 10 ବର୍ଷର ସମୀକ୍ଷା ପ୍ରତିବେଦନ ଗୁଡିକରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ଏବଂ ସମ୍ପାଦନ ସମୀକ୍ଷା ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ମୂଲ୍ୟାୟନ କରାଗଲା ଏବଂ ଏହି ସମୀକ୍ଷା ପ୍ରତିବେଦନରେ ସ୍ଥାନିତ କରାଗଲା ।

ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗର ରାଜସ୍ୱ ଶୀର୍ଷ 0040-ବିକ୍ରୟ, ବ୍ୟବସାୟ ଇତ୍ୟାଦି  ଉପରେ କର ଅଧିନସ୍ଥ କାର୍ଯ୍ୟ ପ୍ରକ୍ରିୟା ଏବଂ ବିଗତ 10 ବର୍ଷ ମଧ୍ୟରେ ସ୍ଥାନୀୟ ସମୀକ୍ଷା ଦ୍ୱାରା ସନ୍ଧାନ ହୋଇଥିବା ମାମଲାଗୁଡ଼ିକର ଆଲୋଚନା କରାଯାଇଛି । ପୁନଶ୍ଚ, 2007-08 ରୁ 2016-17 ପର୍ଯ୍ୟନ୍ତ ସମୀକ୍ଷା ପ୍ରତିବେଦନ ଗୁଡ଼ିକରେ ସ୍ଥାନିତ ମାମଲାଗୁଡ଼ିକ ମଧ୍ୟ ପରବର୍ତ୍ତୀ ଅନୁଚ୍ଛେଦ 1.7.1 ରୁ 1.7.2 ମଧ୍ୟରେ ଆଲୋଚିତ ହୋଇଛି ।

### 1.7.1 ନିରୀକ୍ଷଣ ପ୍ରତିବେଦନ ଗୁଡିକର ସ୍ଥିତି

ବିଗତ 10 ବର୍ଷ ମଧ୍ୟରେ ଜାରି କରାଯାଇଥିବା ନିରୀକ୍ଷଣ ପ୍ରତିବେଦନ, ସେହି ପ୍ରତିବେଦନ ଗୁଡିକରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ସମୂହ ଏବଂ 31 ମାର୍ଚ୍ଚ 2017 ସୁଦ୍ଧା ସେଗୁଡିକର ସ୍ଥିତି ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ **ସାରଣୀ-1.7.1** ରେ ଦର୍ଶାଯାଇଅଛି ।

[4] 2007-08 ପୂର୍ବର ସମୀକ୍ଷା ପ୍ରତିବେଦନ ଗୁଡ଼ିକର ଫଏସଲା ହୋଇଯାଇଛି ବୋଲି ଧରି ନେବା ପାଇଁ ପିଏସିଙ୍କର ନିଷ୍ପତ୍ତି (ଅଗଷ୍ଟ 2016) ।

**ସାରଣୀ-1.7.1**

**ନିରୀକ୍ଷଣ ପ୍ରତିବେଦନ ଗୁଡିକର ସ୍ଥିତି**

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଷ | ପ୍ରାରମ୍ଭିକ ଅବଶେଷ | | | ବର୍ଷ ମଧ୍ୟରେ ଯୋଗ | | | ବର୍ଷ ମଧ୍ୟରେ ନିଷ୍ପାଦିତ | | | ଅନ୍ତିମ ଅବଶେଷ | | |
|---|---|---|---|---|---|---|---|---|---|---|---|---|---|
| | | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ | ନିରୀକ୍ଷଣ ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆର୍ଥିକ ମୂଲ୍ୟ |
| 1. | 2007-08 | 836 | 2,178 | 319.71 | 80 | 216 | 66.85 | 64 | 429 | 41.87 | 852 | 1,965 | 344.69 |
| 2. | 2008-09 | 852 | 1,965 | 344.69 | 69 | 219 | 299.16 | 80 | 263 | 20.97 | 841 | 1,921 | 622.88 |
| 3. | 2009-10 | 841 | 1,921 | 622.88 | 97 | 261 | 136.95 | 202 | 314 | 55.33 | 736 | 1,868 | 704.50 |
| 4. | 2010-11 | 736 | 1,868 | 704.50 | 167 | 378 | 168.51 | 88 | 367 | 33.23 | 815 | 1,879 | 839.78 |
| 5. | 2011-12 | 815 | 1,879 | 839.78 | 62 | 154 | 35.72 | 15 | 86 | 9.58 | 862 | 1,947 | 865.92 |
| 6. | 2012-13 | 862 | 1,947 | 865.92 | 265 | 594 | 121.76 | 54 | 183 | 13.99 | 1,073 | 2,358 | 973.69 |
| 7. | 2013-14 | 1,073 | 2,358 | 973.69 | 111 | 300 | 180.41 | 61 | 161 | 12.15 | 1,123 | 2,497 | 1,141.95 |
| 8. | 2014-15 | 1,123 | 2,497 | 1,141.95 | 143 | 435 | 431.10 | 120 | 358 | 152.55 | 1,146 | 2,574 | 1,420.51 |
| 9. | 2015-16 | 1,146 | 2,574 | 1,420.51 | 134 | 390 | 1,680.13 | 69 | 191 | 93.82 | 1,211 | 2,773 | 3,006.82 |
| 10. | 2016-17 | 1,211 | 2,773 | 3,006.82 | 146 | 383 | 379.35 | 34 | 166 | 34.09 | 1,323 | 2,990 | 3,352.08 |

ଉତ୍ସ: ପ୍ରଧାନ ମହାଲେଖାକାର (ଇ ଆଣ୍ଡ ଆରଏସ୍ଏ) ଙ୍କ ଅଭିଲେଖ

ସରକାର ପୁରାତନ ଅନୁଚ୍ଛେଦ ଗୁଡିକର ମୀମାଂସା କରିବା ପାଇଁ ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗ ଏବଂ ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟ ମଧ୍ୟରେ କାମଚଳା କମିଟି ବୈଠକ ଗୁଡିକର ଆୟୋଜନ କରିଥିଲେ । ଫଏସଲା ହୋଇ ନଥିବା ପ୍ରତିବେଦନ ସଂଖ୍ୟା 31 ମାର୍ଚ୍ଚ 2017 ସୁଦ୍ଧା 1,323 ଥିଲା । ସେଗୁଡ଼ିକରେ 2,990 ଟି ଅନୁଚ୍ଛେଦ ଅନ୍ତର୍ଭୁକ୍ତ ଥିଲା ଯାହାକି 31 ମାର୍ଚ୍ଚ 2017 ସୁଦ୍ଧା ଫଏସଲା ପାଇଁ ବାକି ଥିଲା ।

## 1.7.2 ସ୍ୱୀକୃତ ମାମଲା ଗୁଡିକରେ ଅସୁଲି

ବିଗତ 10 ବର୍ଷର ସମୀକ୍ଷା ପ୍ରତିବେଦନ ଗୁଡିକରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ବିତ୍ତ ବିଭାଗର ବାଣିଜ୍ୟିକ କର ଅଙ୍ଗ ଦ୍ୱାରା ସ୍ୱୀକୃତ ଅନୁଚ୍ଛେଦ ଏବଂ ଅସୁଲ କରାଯାଇଥିବା ଅର୍ଥ ରାଶିର ସ୍ଥିତି **ସାରଣୀ-1.7.2** ରେ ଦର୍ଶାଯାଇଅଛି ।

**ସାରଣୀ-1.7.2**

(ଟଙ୍କା କୋଟି ଆକାରରେ)

| ସମୀକ୍ଷା ପ୍ରତିବେଦନ ବର୍ଷ | ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ଗୁଡିକର ସଂଖ୍ୟା | ଅନୁଚ୍ଛେଦ ଗୁଡିକର ଆର୍ଥିକ ମୂଲ୍ୟ | ସ୍ୱୀକୃତ ହୋଇଥିବା ଅନୁଚ୍ଛେଦ ସଂଖ୍ୟା | ସ୍ୱୀକୃତ ଅନୁଚ୍ଛେଦ ଗୁଡିକର ଆର୍ଥିକ ମୂଲ୍ୟ | ବର୍ଷ ମଧ୍ୟରେ ଅସୁଲି ପରିମାଣ | 31.03.2017 ସୁଦ୍ଧା ସ୍ୱୀକୃତ ହୋଇଥିବା ମାମଲା ଅସୁଲିର କ୍ରମବର୍ଦ୍ଧିଷ୍ଣୁ ସ୍ଥିତି |
|---|---|---|---|---|---|---|
| 2006-07 | 16 | 36.35 | 14 | 18.98 | -- | 2.62 |
| 2007-08 | 16 | 65.04 | 14 | 48.67 | -- | 0.73 |
| 2008-09 | 20 | 182.74 | 12 | 12.05 | -- | 1.24 |
| 2009-10 | 09 | 59.26 | 08 | 14.35 | 1.64 | 1.64 |
| 2010-11 | 22 | 61.57 | 10 | 36.74 | 0.03 | 0.03 |
| 2011-12 | 22 | 133.22 | 18 | 128.36 | 0.26 | 0.26 |
| 2012-13 | 22 | 258.53 | 20 | 257.13 | -- | -- |
| 2013-14 | 18 | 279.91 | 15 | 278.22 | -- | -- |
| 2014-15 | 11 | 152.11 | 08 | 137.76 | 20.32 | 20.32 |
| 2015-16 | 10 | 223.22 | 09 | 222.79 | -- | -- |

ଉତ୍ସ: ପ୍ରଧାନ ମହାଲେଖାକାର (ଇ ଆଣ୍ଡ ଆରଏସ୍ଏ) ଙ୍କ ଅଭିଲେଖ

2014-15 ବର୍ଷ ବ୍ୟତୀତ ଅନ୍ୟ ବର୍ଷମାନଙ୍କରେ ସ୍ୱୀକୃତ ହୋଇଥିବା ମାମଲାଗୁଡ଼ିକରେ ଅସୁଲି ବହୁତ ମନ୍ଥର ଥିଲା । ସ୍ୱୀକୃତ ହୋଇଥିବା ମାମଲାଗୁଡ଼ିକରେ ଅସୁଲି ସଂପୃକ୍ତ ପକ୍ଷଙ୍କ ଠାରୁ ଅସୁଲ ଯୋଗ୍ୟ ବକେୟା ରୂପେ ଅନୁସରଣ କରାଯିବାର ଥିଲା । କିନ୍ତୁ, ବିଭାଗ/ ସରକାରଙ୍କ ଦ୍ୱାରା ସ୍ୱୀକୃତ ମାମଲା ଗୁଡିକର ଅନୁସରଣ ପାଇଁ କୌଣସି ସଂକ୍ରିୟାର ସ୍ଥାପନା କରାଯାଇ ନଥିଲା ।

## 1.8 ସମୀକ୍ଷା ଯୋଜନା

ବିଭିନ୍ନ ବିଭାଗ ଅଧୀନସ୍ଥ ୟୁନିଟ୍ କାର୍ଯ୍ୟାଳୟଗୁଡ଼ିକୁ ସେମାନଙ୍କର ରାଜସ୍ୱ ସ୍ଥିତି, ସମୀକ୍ଷା ମନ୍ତବ୍ୟର ପୂର୍ବ ଧାରା ଏବଂ ଅନ୍ୟାନ୍ୟ ମାପକାଠି ଅନୁସାରେ ଉଚ୍ଚ, ମଧ୍ୟମ ଏବଂ ନିମ୍ନ ରିସ୍କ୍ ୟୁନିଟ୍ ରୂପେ ଶ୍ରେଣୀ ବିଭାଗ କରାଯାଇଥାଏ । ରିସ୍କ୍ ସମ୍ଭାବନାକୁ ଆଧାର କରି ବାର୍ଷିକ ସମୀକ୍ଷା ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ ସରକାରୀ ରାଜସ୍ୱ ଓ କର ପ୍ରଶାସନର ସମାଲୋଚନାତ୍ମକ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ବିଷୟ ଗୁଡ଼ିକରେ ମୁଖ୍ୟତଃ ବଜେଟ୍ ଭାଷଣ, ରାଜ୍ୟ ଅର୍ଥ ବ୍ୟବସ୍ଥାର ଶ୍ୱେତପତ୍ର, ଅର୍ଥ କମିଶନରଙ୍କ ରିପୋର୍ଟ (ରାଜ୍ୟ ଓ କେନ୍ଦ୍ର), ଟିକସ ସଂସ୍କାର କମିଟିର ସୁପାରିଶ, ଗତ ପାଞ୍ଚବର୍ଷର ରାଜସ୍ୱ ଆଦାୟ ପରିସଂଖ୍ୟାନର ବିଶ୍ଳେଷଣ, ସମୀକ୍ଷାର ପରିସର ଓ ବ୍ୟାପ୍ତି ଏବଂ ଗତ ପାଞ୍ଚବର୍ଷରେ ଏହାର ପ୍ରଭାବ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା ।

2016-17 ବର୍ଷ ମଧ୍ୟରେ, ପାଞ୍ଚଟି[5] ବିଭାଗରେ 513 ଟି ସମୀକ୍ଷା ଯୋଗ୍ୟ ୟୁନିଟ୍ ମଧ୍ୟରୁ 229 ଟି ୟୁନିଟ୍‌କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଇ ସେଥିରୁ 234 ଟିକୁ ଅଡିଟ୍ କରାଯାଇଥିଲା, ଯାହା ସମୀକ୍ଷା ଯୋଗ୍ୟ ମୋଟ ୟୁନିଟର 45.61 ପ୍ରତିଶତ ଥିଲା ।

ଏହା ବ୍ୟତୀତ, ସମୟକୁ ସମୟ ଅଧିନିୟମ ଏବଂ ନିୟମାବଳୀ ଗୁଡ଼ିକର ଅନୁପାଳନ ପାଇଁ ସରକାରଙ୍କ ବିଭିନ୍ନ ସଂକ୍ରିୟାର ଦକ୍ଷତା ଏବଂ କାର୍ଯ୍ୟକାରିତାର ମୂଲ୍ୟାୟନ କରିବା ନିମିତ୍ତ ଚାରିଗୋଟି ବିଶଦ ସମୀକ୍ଷା କରାଯାଇଥିଲା ।

## 1.9 ସମୀକ୍ଷାର ଫଳାଫଳ

### ବର୍ଷ ମଧ୍ୟରେ ସଞ୍ଚାଳିତ ହୋଇଥିବା ସ୍ଥାନୀୟ ଅଡିଟ୍‌ର ସ୍ଥିତି

ଅଡିଟ୍ 2016-17 ବର୍ଷରେ, ମୂଲ୍ୟଯୁକ୍ତ କର, ମାଲ ଓ ଯାତ୍ରୀ କର, ରାଜ୍ୟ ଅବକାରୀ ଶୁଳ୍କ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି, ମୋଟରଯାନ କର, ଅନ୍ୟାନ୍ୟ ଅଣକର ରାଜସ୍ୱ ପ୍ରାପ୍ତି ସମ୍ବନ୍ଧୀୟ 166 ଟି ସମୀକ୍ଷା ୟୁନିଟ୍ ର ନଥିପତ୍ର ନମୁନା ଯାଞ୍ଚ୍ କରିଥିଲା । ଅଡିଟ୍ ଅବଲୋକନ କଲା ଯେ, 1,36,144 ଟି ମାମଲାରେ 2,087.44 କୋଟି ଟଙ୍କାର ଅବ ନିର୍ଦ୍ଧାରଣ/ ସ୍ୱଳ୍ପ କର ବସାଣ/ ରାଜସ୍ୱ ହାନୀ ହୋଇଥିଲା । ଏହି ବର୍ଷ ଅବଧିରେ, ସମ୍ପୃକ୍ତ ବିଭାଗମାନେ 2016-17 ବର୍ଷର ସମୀକ୍ଷାରେ ଦର୍ଶାଯାଇଥିବା 1,05,278 ଟି ମାମଲାରେ ଜଡିତ 995.71 କୋଟି ଟଙ୍କାର ଅବନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ଅନିୟମିତତାକୁ ସ୍ୱୀକାର କରିଥିଲେ । 2016-17 ବର୍ଷ ତଥା ପୂର୍ବବର୍ଷ ମାନଙ୍କର ସମୀକ୍ଷାରେ ଦର୍ଶାଯାଇଥିବା 356 ଟି ମାମଲାରେ 44.56 କୋଟି ଟଙ୍କା ଆଦାୟ କରାଯାଇଥିଲା ।

ସେହିପରି, ଅଡିଟ୍ 2016-17 ବର୍ଷରେ ବାଣିଜ୍ୟିକ କର, ଅବକାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ପରିବହନ, ଇସ୍ପାତ୍ ଏବଂ ଖଣି ବିଭାଗ ଅଧୀନ 177 ଟି ୟୁନିଟର ବ୍ୟୟ ସମ୍ବନ୍ଧୀୟ ନଥିପତ୍ର ଯାଞ୍ଚ୍ କରିଥିଲା । ସମୀକ୍ଷା ବେଳେ 334 ଟି ମାମଲାରେ ଜଡିତ 8,759.43 କୋଟି ଟଙ୍କାର ଅନିୟମିତ ଖର୍ଚ୍ଚ ତଥା ଦେୟ ହୋଇଥିବାର ଅଡିଟ୍ ଦେଖିବାକୁ ପାଇଥିଲା । ଏହି ବର୍ଷ ଅବଧିରେ, ସମ୍ପୃକ୍ତ ବିଭାଗ ମାନେ 2016-17 ବର୍ଷ ସମୀକ୍ଷାରେ ପରିଲକ୍ଷିତ ହୋଇଥିବା 145 ଟି ମାମଲାରେ ଜଡିତ 1.44 ଲକ୍ଷ ଟଙ୍କାର ଅନିୟମିତତାକୁ ସ୍ୱୀକାର କରିଥିଲେ ଏବଂ ପୂର୍ବବର୍ତ୍ତୀ ବର୍ଷ ଗୁଡ଼ିକର ଆଠଟି ମାମଲାରେ ଜଡିତ 0.65 ଲକ୍ଷ ଟଙ୍କା ଆଦାୟ କରିଥିଲେ ।

## 1.10 ଏହି ପ୍ରତିବେଦନର ବ୍ୟାପ୍ତି

ଏହି ପ୍ରତିବେଦନରେ 2016-17 ର ସମୀକ୍ଷା ଅବଲୋକନରୁ ପ୍ରାପ୍ତ ତଥା ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ପ୍ରତିବେଦନରେ ସ୍ଥାନିତ ହୋଇନଥିବା ସମୀକ୍ଷା ଅବଲୋକନ ଗୁଡ଼ିକରୁ ବଛାଯାଇଥିବା 27 ଟି ଅନୁଚ୍ଛେଦ ସ୍ଥାନ ପାଇଅଛି ।

ପ୍ରତିବେଦନରେ ସ୍ଥାନ ପାଇଥିବା ଅନୁଚ୍ଛେଦ ଗୁଡ଼ିକର ଆର୍ଥିକ ପ୍ରଭାବ 534.19 କୋଟି ଟଙ୍କା । ବିଭାଗ ସମୂହ/ ସରକାର 509.01 କୋଟି ଟଙ୍କାର ସମୀକ୍ଷା ଅବଲୋକନକୁ ସ୍ୱୀକାର କରି ତନ୍ମଧ୍ୟରୁ 1.63 କୋଟି ଟଙ୍କା ଆଦାୟ କରିଥିଲେ । 20.05 କୋଟି ଟଙ୍କା ଜଡ଼ିତ ଅନୁଚ୍ଛେଦ ଗୁଡ଼ିକର ଉତ୍ତର ପ୍ରାପ୍ତ ହୋଇ ନଥିଲା (ନଭେମ୍ବର 2017) । ସେଗୁଡ଼ିକ ପରବର୍ତ୍ତୀ ଅଧ୍ୟାୟ II ରୁ VII ରେ ଆଲୋଚନା କରାଯାଇଛି ।

---

5 ଅବକାରୀ, ଅର୍ଥ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି ଏବଂ ପରିବହନ ବିଭାଗ ।

# ଅଧ୍ୟାୟ II

# ମୂଲ୍ୟଯୁକ୍ତ କର ଓ
# ପ୍ରବେଶ କର ଇତ୍ୟାଦି

# ଅଧ୍ୟାୟ II

## ମୂଲ୍ୟଯୁକ୍ତ କର ଓ ପ୍ରବେଶ କର ଇତ୍ୟାଦି

### 2.1 କର ପରିଚାଳନା

ମୂଲ୍ୟ ଯୁକ୍ତ କର, ପ୍ରବେଶ କର, କେନ୍ଦ୍ରୀୟ ବିକ୍ରୟ କର, ବୃତ୍ତି କର, ପ୍ରମୋଦ କର, ବିଳାସ କର ଅଧିନିୟମ ସମୂହ ଏବଂ ତଦଧିନ ପ୍ରଣୀତ ନିୟମାବଳୀ ସରକାରୀ ସ୍ତରରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଦ୍ୱାରା ପରିଚାଳିତ ହୁଏ । ବାଣିଜ୍ୟ କର ଆୟୁକ୍ତ (ସିସିଟି) ଅର୍ଥ ବିଭାଗର ବାଣିଜ୍ୟ କର ଅଙ୍ଗର ମୁଖ୍ୟ ଅଟନ୍ତି । ତାଙ୍କୁ ତିନୋଟି କ୍ଷେତ୍ର (ଜୋନ୍) ରେ ଅତିରିକ୍ତ ବାଣିଜ୍ୟ କର ଆୟୁକ୍ତ, 12 ଗୋଟି ରେଞ୍ଜରେ ଯୁଗ୍ମ ବାଣିଜ୍ୟ କର ଆୟୁକ୍ତ (ଜେସିସିଟି), 45 ଟି ବାଣିଜ୍ୟ କର ମଣ୍ଡଳରେ ଉପ ବାଣିଜ୍ୟ କର ଆୟୁକ୍ତ (ଡିସିସିଟି)/ ସହକାରୀ ବାଣିଜ୍ୟ କର ଆୟୁକ୍ତ (ଏସିସିଟି)/ ବାଣିଜ୍ୟ କର ଅଧିକାରୀ (ସିଟିଓ) ଏବଂ 14 ଟି ନିର୍ଦ୍ଧାରଣ ୟୁନିଟରେ ସିଟିଓ ସହାୟତା କରିଥାନ୍ତି । ସେମାନେ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍), ଅଧିନିୟମ 2004, ଓଡ଼ିଶା ପ୍ରବେଶ କର (ଓଇଟି), ଅଧିନିୟମ, 1999, କେନ୍ଦ୍ରୀୟ ବିକ୍ରୟ କର (ସିଏସିଟି) ଅଧିନିୟମ, 1956 , ଓଡିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଓ ନିୟୋଜନ କର (ସାଧାରଣ ଭାବେ ବୃତ୍ତି କର ରୂପେ ବିବେଚିତ) ଅଧିନିୟମ, 2000 ଅଧିନରେ ପ୍ରାସଙ୍ଗିକ କର ନିୟମମାନ ଓ ନିୟମାବଳୀର ପ୍ରଶାସନିକ ପରିଚାଳନା କରିଥାନ୍ତି । ଏହା ବ୍ୟତୀତ ରାଜ୍ୟରେ ସ୍ୱତନ୍ତ୍ର ବାଣିଜ୍ୟ କର କମିଶନର (ପ୍ରବର୍ତ୍ତନ) ମୁଖ୍ୟ ଭାବେ ଥିବା ଛଅଟି ପ୍ରବର୍ତ୍ତନ ରେଞ୍ଜ୍ ଏବଂ 15 ଟି ଅନୁସନ୍ଧାନ ୟୁନିଟ୍ କର ଫାଙ୍କିକୁ ରୋକିବା ଏବଂ ଆନ୍ତଃ ରାଜ୍ୟ କାରବାରକୁ ଯାଞ୍ଚ୍ କରିବା ନିମନ୍ତେ କାର୍ଯ୍ୟ କରନ୍ତି ।

### 2.2 ଆଭ୍ୟନ୍ତରୀଣ ସମୀକ୍ଷା

ବିଭାଗର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ (ଆଇଏଡବ୍ଲ୍ୟୁ) 2002-03 ଠାରୁ କାର୍ଯ୍ୟକ୍ଷମ ହୋଇନାହିଁ । ପୂର୍ବ ବର୍ଷ ଗୁଡ଼ିକର ସମୀକ୍ଷା ପ୍ରତିବେଦନ (ରାଜସ୍ୱ କ୍ଷେତ୍ର) ରେ ଏହା ଦର୍ଶାଯିବା ସତ୍ତ୍ୱେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ (ଆଇଏଡବ୍ଲ୍ୟୁ) କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ବିଭାଗ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା । ବିଭାଗ ଦର୍ଶାଇଥିଲା (ଅଗଷ୍ଟ 2017) ଯେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଉଛି ।

### 2.3 ସମୀକ୍ଷାର ଫଳାଫଳ

2016-17 ବର୍ଷରେ 49 ଟି ୟୁନିଟର ଓଡିଶା ମୂଲ୍ୟଯୁକ୍ତ କର (ଓଭାଟ), କେନ୍ଦ୍ରୀୟ ବିକ୍ରୟ କର (ସିଏସଟି), ଓଡିଶା ପ୍ରବେଶ କର (ଓଇଟି), ଓଡିଶା ଆମୋଦକର ଏବଂ ବୃତ୍ତିକର ନିର୍ଦ୍ଧାରଣ ସମ୍ବନ୍ଧୀୟ ଏବଂ ଅନ୍ୟାନ୍ୟ ନଥିପତ୍ରର ନମୁନା ଯାଞ୍ଚ୍ କରାଯାଇଥିଲା । ଏଥିରେ 327 ଟି ମାମଲାରେ 199.86 କୋଟି ଟଙ୍କାର କର ଅବନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତା ହୋଇଥିବାର ଦେଖାଯାଇଥିଲା ଯାହା ବର୍ଗୀକୃତ ଅନୁସାରେ ନିମ୍ନ **ସାରଣୀ 2.1** ରେ ଦର୍ଶାଯାଇଛି:

**ସାରଣୀ - 2.1**

**ରାଜସ୍ୱ ପ୍ରାପ୍ତିର ସମୀକ୍ଷା ଅବଲୋକନର ବର୍ଗୀକରଣ**

(ଟଙ୍କା କୋଟି ଆକାରରେ)

| କ୍ର.ସଂ. | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| **ବିକ୍ରୟ କର / ମୂଲ୍ୟଯୁକ୍ତ କର (ସିଏସଟିକୁ ମିଶାଇ)** | | | |
| 1 | କରର ଅବନିର୍ଦ୍ଧାରଣ | 77 | 42.64 |
| 2 | ତ୍ରୁଟିଯୁକ୍ତ ବୈଧାନିକ ଘୋଷଣାପତ୍ର (ଫର୍ମ)ର ସ୍ୱୀକୃତି | 2 | 0.07 |
| 3 | ବିକ୍ରୟ/କ୍ରୟ ର ସଂଗୋପନ ହେତୁ କର ଫାଙ୍କି | 4 | 0.28 |

| କ୍ର.ସଂ. | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 4 | ନିବେଶ କର ଜମାର ଅନିୟମିତ/ ଭ୍ରମାତ୍ମକ/ ଅତ୍ୟଧିକ ମଞ୍ଜୁରୀ | 35 | 91.39 |
| 5 | ଅନ୍ୟାନ୍ୟ ଅନିୟମିତତା | 138 | 57.28 |
| | **ମୋଟ** | **256** | **191.66** |
| **ପ୍ରବେଶ କର** | | | |
| 1 | କରର ଅବନିର୍ଦ୍ଧାରଣ | 31 | 0.37 |
| 2 | ବିକ୍ରୟ/କ୍ରୟ ର ସଂଗୋପନ ହେତୁ କର ଫାଙ୍କି | 2 | 0.23 |
| 3 | ନିବେଶ କର ଜମାର ଅନିୟମିତ / ଭ୍ରମାତ୍ମକ / ଅତ୍ୟଧିକ ମଞ୍ଜୁରୀ | 6 | 3.71 |
| 4 | ଅନ୍ୟାନ୍ୟ ଅନିୟମିତତା | 31 | 3.89 |
| | **ମୋଟ** | **70** | **8.20** |
| **ବୃତ୍ତି କର** | | | |
| 1 | ଅନ୍ୟାନ୍ୟ ଅନିୟମିତତା | 1 | 0 |
| | **ମୋଟ** | **1** | **0** |
| | **ସର୍ବମୋଟ୍** | **327** | **199.86** |

2016-17 ବର୍ଷ ମଧ୍ୟରେ ବିଭାଗ ପୂର୍ବବର୍ତ୍ତୀ ବର୍ଷମାନଙ୍କର ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା 76 ଟି ମାମଲାରେ 96.14 କୋଟି ଟଙ୍କାର ଅବନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତା ଥିବା ସ୍ୱୀକାର କରିଥିଲା । ପୂର୍ବ ବର୍ଷ ଗୁଡ଼ିକରେ ଦର୍ଶାଯାଇଥିବା 28 ଟି ମାମଲାରେ 34.08 କୋଟି ଟଙ୍କା ମଧ୍ୟ ଆଦାୟ କରାଯାଇଥିଲା ।

## 2.4 ସମୀକ୍ଷା ମନ୍ତବ୍ୟ

ଅଡିଟ୍ ରାଜ୍ୟର ବାଣିଜ୍ୟ କର ରେଞ୍ଜ/ ମଣ୍ଡଳ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍), କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଏବଂ ଓଡ଼ିଶା ପ୍ରବେଶ କର (ଓଇଟି) ସମ୍ବନ୍ଧୀୟ କର ନିର୍ଦ୍ଧାରଣ ନଥିପତ୍ର ଗୁଡ଼ିକର ନମୁନା ଯାଞ୍ଚ୍ କରିଥିଲା । ଏହା ବିବିଧ ମାମଲାରେ ଉପରୋକ୍ତ ଅଧିନିୟମ ଏବଂ ତଦଧିନ ପ୍ରଣୀତ ନିୟମାବଳୀର ବିଧି ବ୍ୟବସ୍ଥାର ଅନୁପାଳନ ନହେବା ଦେଖିବାକୁ ପାଇଥିଲା । ଅଡିଟ୍ ଅଧିକାଂଶ ମାମଲାରେ କର ଏବଂ ଜୋରିମାନାର ଅନାରୋପଣ/ ସ୍ୱଳ୍ପାରୋପଣ ହୋଇଥିବାର ଲକ୍ଷ୍ୟ କରିଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଉଲ୍ଲେଖ କରାଯାଇଛି । ଏହି ମାମଲାଗୁଡ଼ିକ ଦୃଷ୍ଟାନ୍ତମୂଳକ ଏବଂ ଅଡିଟ୍ ଦ୍ୱାରା ହୋଇଥିବା ନମୁନା ଯାଞ୍ଚ୍ ଉପରେ ଆଧାରିତ । ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହିଭଳି ତ୍ରୁଟିଗୁଡ଼ିକ ଅଡିଟ୍ ପ୍ରତିବର୍ଷ ଦର୍ଶାଇଥାଏ । ହେଲେ ମଧ ଅଧିକାଂଶ ତ୍ରୁଟିର କେବଳ ପୁନରାବୃତ୍ତି ହୋଇନଥିଲା, ବରଂ ପରବର୍ତ୍ତୀ ସମୀକ୍ଷା ହେବା ପର୍ଯ୍ୟନ୍ତ ଏହାର ସନ୍ଧାନ ହୋଇନଥିଲା । ଏହା ବିଭାଗର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଦୁର୍ବଳ ଏବଂ ଅପ୍ରଭାବୀ ଥିବାର ସୂଚନା ଦେଉଥିଲା । ସରକାର ଆଭ୍ୟନ୍ତରୀଣ ସମୀକ୍ଷା ବ୍ୟବସ୍ଥାକୁ ଉନ୍ନତି ଆଣିବା ଆବଶ୍ୟକ ଯାହାଦ୍ୱାରା ଭବିଷ୍ୟତରେ ଏହିଭଳି ମାମଲା ଗୁଡ଼ିକର ସନ୍ଧାନ, ସଂଶୋଧନ ଏବଂ ନିବାରଣ କରାଯାଇପାରିବ ।

## ଓଡ଼ିଶା ମୂଲ୍ୟଯୁକ୍ତ କର

## 2.5 ଅଧିନିୟମ/ ନିୟମାବଳୀର ବ୍ୟବସ୍ଥା ଗୁଡ଼ିକର ପାଳନ/ ଅନୁପାଳନ ନହେବା

*ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ (ଓଭାଟ୍), 2004 ଓ ତଦଧିନ ପ୍ରଣୀତ ଓଡ଼ିଶା ମୂଲ୍ୟଯୁକ୍ତ କର ନିୟମାବଳୀ, 2005 ରେ ବ୍ୟବସ୍ଥା ଅଛି ଯେ :*

- *ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏଏ) ଙ୍କ ଦ୍ୱାରା ସମୀକ୍ଷା ପରିଦର୍ଶନ ରିପୋର୍ଟ (ଏଭିଆର୍) ଆଧାରରେ ସମୀକ୍ଷା ନିର୍ଦ୍ଧାରଣ ଚୂଡ଼ାନ୍ତ କରିବା ;*
- *ଦ୍ରବ୍ୟର ନିବେଶ ଉପରେ ପ୍ରଦତ୍ତ କର (ଆଇଟିସି) ଜନିତ ପ୍ରାପ୍ୟ ଜମାର ସମାୟୋଜନ ପୂର୍ବକ ଉତ୍ପାଦିତ ଦ୍ରବ୍ୟର କର ଯୋଗ୍ୟ କାରବାର (ଟିଟିଓ) ର ସଠିକ୍ ନିର୍ଦ୍ଧାରଣ କରି କର ଧାର୍ଯ୍ୟ କରିବା;*
- *ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା ନିର୍ଦ୍ଧାରଣ ସମୟରେ ନିର୍ଦ୍ଧାରିତ କର ଅତିରିକ୍ତ ନିର୍ଦ୍ଧାରିତ ହାରରେ ଜୋରିମାନା ଆରୋପଣ କରିବା;*
- *ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ କର/ସୁଧ/ଜୋରିମାନା ଆରୋପଣ ଏବଂ ଆଦାୟ କରିବା; ଏବଂ*
- *ନିର୍ଦ୍ଧାରିତ ତାରିଖ ମଧ୍ୟରେ ବାର୍ଷିକ ସମୀକ୍ଷିତ ହିସାବ (ସିଏଏ) ଉପରେ ପ୍ରମାଣିତ ରିପୋର୍ଟ ଉପସ୍ଥାପନ ନ ହେଲେ ଜୋରିମାନା ଧାର୍ଯ୍ୟ କରିବା ।*

*ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟବସାୟୀମାନଙ୍କର ନିର୍ଦ୍ଦିଷ୍ଟ କର ଅବଧି ପାଇଁ ସମୀକ୍ଷା ନିର୍ଦ୍ଧାରଣ ଚୂଡ଼ାନ୍ତ କରିବା ସମୟରେ ଉପରୋକ୍ତ କେତେକ ବ୍ୟବସ୍ଥା ଗୁଡ଼ିକର ଅନୁପାଳନ କରିନଥିଲେ, ଯାହା ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା :*

## 2.5.1 ନିବେଶ କର ଜମାର ଅତ୍ୟଧିକ ମଞ୍ଜୁରୀ ହେତୁ କର ଓ ଜୋରିମାନାର ସ୍ୱଳ୍ପାରୋପଣ

**ନିବେଶ କର ଜମାର ଅତ୍ୟଧିକ ମଞ୍ଜୁରୀ ଫଳରେ 41.34 ଲକ୍ଷ ଟଙ୍କାର କର ଓ ଜୋରିମାନାର ସ୍ୱଳ୍ପାରୋପଣ।**

ଓଭାଟ୍ ଅଧିନିୟମ, 2004 ର ଧାରା 20 ଅନୁଯାୟୀ ଜଣେ ବ୍ୟବସାୟୀ ରାଜ୍ୟ ମଧ୍ୟରେ ବିକ୍ରୟ/ ପୁନଃ ବିକ୍ରୟ ଉଦ୍ଦେଶ୍ୟରେ ରାଜ୍ୟ ମଧ୍ୟରେ ବୈଧ ଜଣେ ପଞ୍ଜୀକରଣ ପ୍ରମାଣ ପତ୍ରଧାରୀ ପଞ୍ଜୀକୃତ ବ୍ୟବସାୟୀଙ୍କଠାରୁ କ୍ରୟ କରିଥିଲେ, ନିବେଶ କର ଜମା (ଆଇଟିସି) ମଞ୍ଜୁର କରାଯିବ। ପୁନଶ୍ଚ, ଓଭାଟ୍ ଅଧିନିୟମର ଧାରା 42(5) ଅନୁସାରେ, ସମୀକ୍ଷା ନିର୍ଦ୍ଧାରଣ ସମୟରେ ଯଦି କୌଣସି ଅତିରିକ୍ତ କର ନିର୍ଦ୍ଧାରଣ କରାଯାଏ, ତେବେ ସଂପୃକ୍ତ ବ୍ୟବସାୟୀଙ୍କ ଉପରେ ନିର୍ଦ୍ଧାରିତ ଅତିରିକ୍ତ କରର ଦୁଇଗୁଣ ଜୋରିମାନା ଆରୋପ କରାଯିବ।

ଅଡିଟ୍ ଭୁବନେଶ୍ୱର-3 ମଣ୍ଡଳରେ, ଜଣେ ଫ୍ଲାଟ୍ ନିର୍ମାଣ ଓ ବିକ୍ରୟରେ ଲିପ୍ତ ଥିବା ବ୍ୟବସାୟୀ[1]ଙ୍କ ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ (ନଭେମ୍ବର 2016) କରିଥିଲା। ଓଭାଟ୍ ଅଧିନିୟମରେ କର ଅବଧି 1 ଅପ୍ରେଲ୍ 2011 ରୁ 31 ମାର୍ଚ୍ଚ 2013 ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ନିର୍ଦ୍ଧାରଣ କରାଯାଇଥିଲା। ବ୍ୟବସାୟୀ ଜଣକ ଉପରୋକ୍ତ ଅବଧିରେ ତିନୋଟି ଫ୍ଲାଟ୍ ନିର୍ମାଣ ପ୍ରକଳ୍ପ ପାଇଁ ମୋଟ 10.80 କୋଟି ଟଙ୍କା ପ୍ରାପ୍ତ କରିଥିଲେ। ସହମତି ଅନୁଯାୟୀ, ଜମିର ମୂଲ୍ୟ ପରିବର୍ତ୍ତେ ଜମି ମାଲିକଙ୍କୁ ତାଙ୍କ ମାଲିକାନା ଅଂଶ ରୂପେ ଫ୍ଲାଟ୍ ଗୁଡ଼ିକ ହସ୍ତାନ୍ତର କରାଯିବ। ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଜମିର ମୂଲ୍ୟ ବାବଦରେ ମୋଟ ପ୍ରାପ୍ତିରୁ 3.70 କୋଟି ଟଙ୍କା (ହାରାହାରି 34.31 ପ୍ରତିଶତ) ଜମିର ମୂଲ୍ୟ ବାବଦରେ ବାଦ୍ ଦେଇଥିଲେ। ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସମସ୍ତ ଫ୍ଲାଟର ନିର୍ମାଣରେ ବିନିଯୋଗ ସାମଗ୍ରୀରେ ଜଡ଼ିତ 40.16 ଲକ୍ଷ ଟଙ୍କାର ନିବେଶ କର ଜମା ଉତ୍ପାଦନ କର (ବହିର୍ଗମ କର) ରୁ ବାଦ୍ ଦେଇଥିଲେ। ଏଥିରେ କିନ୍ତୁ ଜମି ମାଲିକଙ୍କୁ ହସ୍ତାନ୍ତର କରିଥିବା ଫ୍ଲାଟ୍‌ର ନିର୍ମାଣରେ ବିନିଯୋଗ ହୋଇଥିବା ସାମଗ୍ରୀର କ୍ରୟ ମୂଲ୍ୟରେ ଜଡ଼ିତ ନିବେଶ କର ଜମା ଅନ୍ତର୍ଭୁକ୍ତ ଥିଲା। ଯେହେତୁ ଜମି ମାଲିକଙ୍କୁ 3.70 କୋଟି ଟଙ୍କାର ଫ୍ଲାଟ୍ ହସ୍ତାନ୍ତର ଏକ ବିକ୍ରୟ ନଥିଲା ଏବଂ ସେହି ଅର୍ଥ ଉପରେ କର ଆରୋପଣ ହୋଇନଥିଲା, ତେଣୁ 13.78 ଲକ୍ଷ ଟଙ୍କା ନିବେଶ କର ମଞ୍ଜୁରୀ (40.16 ଲକ୍ଷ ଟଙ୍କାର 34.31 ପ୍ରତିଶତ) ଠିକ୍ ନଥିଲା। ଏହାଫଳରେ, 13.78 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା। ଏହା ବ୍ୟତୀତ 27.56 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା।

ସରକାର ଅଡିଟ୍ ସମୀକ୍ଷାଟିକୁ ସ୍ୱୀକାର କରି କହିଥିଲେ (ଅକ୍ଟୋବର 2017) ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓଭାଟ୍ ଅଧିନିୟମର ଧାରା 43 ଅନୁଯାୟୀ ମାମଲାଟିକୁ ପୁନଃ ଉନ୍ମୁକ୍ତ କଲେ ଏବଂ 40.96 ଲକ୍ଷ ଟଙ୍କାର ଦାବି ଉତ୍ଥାପନ କରିଥିଲେ।

## 2.5.2 ଶ୍ରମ ଓ ସେବା ଦେୟ ବାବଦରେ ଅଧିକ ବିୟୋଗ ହେତୁ କର ଏବଂ ଜୋରିମାନାର ସ୍ୱଳ୍ପାରୋପଣ

ଓଭାଟ୍ ଅଧିନିୟମ, 2004 ର ଧାରା 11(2)(c) ଅନୁଯାୟୀ ଠିକା କାର୍ଯ୍ୟରେ କୌଣସି ଅବଧି ପାଇଁ କର ଯୋଗ୍ୟ କାରବାର ପରିମାଣ ମୋଟ କାରବାରର ସେହି ଅଂଶ ଯାହା ପୂରଣ ପୂର୍ବକ ଶ୍ରମ, ଶ୍ରମ ଓ ସେବା ଦେୟ ଓ ଅନୁରୂପ ଦେୟ ବିୟୋଗ କରିବା ପରେ ବିହିତ ସର୍ତ୍ତାବଳୀ ଏବଂ କଟକଣା ଯାହା ବଳକା ରହିବ। ଓଭାଟ୍ ନିୟମାବଳୀ, 2005 ର ନିୟମ 6(e) ଅନୁଯାୟୀ, ଯଦି ବ୍ୟବସାୟୀ ଜଣକ ପ୍ରକୃତ ବ୍ୟୟର ସପକ୍ଷରେ ପ୍ରମାଣ ଦେବାକୁ ଅସମର୍ଥ ହୁଅନ୍ତି କିମ୍ବା କାର୍ଯ୍ୟର ରାଜିନାମାର ସର୍ତ୍ତାବଳୀରୁ କିମ୍ବା ସେ ରଖିଥିବା ହିସାବ ଖାତାରୁ ତାହା ଜଣା ନପଡ଼େ ତେବେ ପରିଶିଷ୍ଟରେ ଉଲ୍ଲିଖିତ ହାରରେ ଶ୍ରମ ଓ ସେବା ଦେୟ ବାବଦ ଖର୍ଚ୍ଚ ମୋଟ କାରବାରରୁ ବାଦ୍ ଦିଆଯିବ।

ରାସ୍ତା କାମ ପାଇଁ 18 ଜୁଲାଇ 2012 ପର୍ଯ୍ୟନ୍ତ ଶ୍ରମ ଓ ସେବା ଦେୟ ବାବଦ ବିୟୋଗ 50 ପ୍ରତିଶତ ଥିଲା ଏବଂ ତାହା ପରେ 30 ପ୍ରତିଶତ ଅଛି।

11 କେଭି ବିଦ୍ୟୁତ୍ ଲାଇନ୍, 33 କେଭି ବିଦ୍ୟୁତ୍ ଲାଇନ୍ ଏବଂ ଏଲ୍‌ଟି ବିତରଣ ଲାଇନ୍ କାମ ପାଇଁ ଶ୍ରମ, ସେବା ଏବଂ ଅନ୍ୟାନ୍ୟ ଦେୟ ବାବଦ ଗ୍ରାହ୍ୟ ବିୟୋଗ ଯଥାକ୍ରମେ 15 ଏବଂ 17 ପ୍ରତିଶତ ଥିଲା।

---

[1] ମେସର୍ସ ଦତ୍ତାତ୍ରେୟ କନଷ୍ଟ୍ରକ୍ସନ (ପ୍ରା) ଲିମିଟେଡ୍, ଟିନ୍-21845500261।

ପୁନଶ୍ଚ, ଓଭାଟ୍ ଅଧିନିୟମର ଧାରା 42(5) ର ବ୍ୟବସ୍ଥା ଅନୁଯାୟୀ, ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ ହୋଇଥିବା କରର ସମାନ ଦୁଇ ଗୁଣ ଜୋରିମାନା ରୂପେ ଧାର୍ଯ୍ୟ କରାଯିବ ।

ଅଡିଟ୍ ନିମ୍ନଲିଖିତ ମାମଲାରେ କର ଧାର୍ଯ୍ୟ କାରବାରରୁ ଶ୍ରମ ଓ ଦେୟ ପାଇଁ ଅଧିକ ହାରରେ ବିୟୋଗ ହୋଇଥିବାର ଦେଖିବାକୁ ପାଇଥିଲା :

**କ) କର ଯୋଗ୍ୟ କାରବାରରୁ ଅନୁପଯୁକ୍ତ ବିୟୋଗ ମଞ୍ଜୁରୀ ଫଳରେ 36.22 ଲକ୍ଷ ଟଙ୍କାର କର ଓ ଜୋରିମାନାର ସ୍ୱଳ୍ପାରୋପଣ ।**

କ) ଅଡିଟ୍ ଝାରସୁଗୁଡ଼ା ମଣ୍ଡଳରେ ଠିକା କାର୍ଯ୍ୟ ନିର୍ବାହ କରୁଥିବା ଜଣେ ବ୍ୟବସାୟୀଙ୍କ[2]ର କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ୍ କରିଥିଲା (ମାର୍ଚ୍ଚ 2017) । ଓଭାଟ୍ ଅଧିନିୟମ ଅଧିନରେ ବ୍ୟବସାୟୀଙ୍କ 1 ଅପ୍ରେଲ୍ 2009 ରୁ 31 ମାର୍ଚ୍ଚ 2014 ଅବଧି ପାଇଁ କର ନିର୍ଦ୍ଧାରଣ ହୋଇଥିଲା । ବ୍ୟବସାୟୀ ସେହି କର ଅବଧିରେ ବିଭିନ୍ନ ରାସ୍ତା କାର୍ଯ୍ୟ ପାଇଁ 23.50 କୋଟି ଟଙ୍କା ପାଇଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ 12.22 କୋଟି ଟଙ୍କା ଶ୍ରମ ଏବଂ ସେବା ଦେୟ ବାବଦକୁ ବିୟୋଗ କରିଥିଲେ । ସମଗ୍ର ନିର୍ଦ୍ଧାରଣ ଅବଧି ପାଇଁ 52 ପ୍ରତିଶତ ହାରରେ ଶ୍ରମ ଓ ସେବା ଦେୟ ବିୟୋଗ କରାଯାଇଥିଲା ଏବଂ 55.91 ଲକ୍ଷ ଟଙ୍କାର କର ନିର୍ଦ୍ଧାରଣ କରାଯାଇଥିଲା । କର ନିର୍ଦ୍ଧାରଣ ଆଦେଶରେ ଉଲ୍ଲେଖରୁ ଜଣାପଡ଼ିଥିଲା ଯେ ବ୍ୟବସାୟୀ ଜଣକ ଶ୍ରମ ଓ ସେବା ଦେୟ ପାଇଁ କୌଣସି ହିସାବ ଖାତା ରଖିନଥିଲେ । ଏଣୁ ଶ୍ରମ ଓ ସେବା ଦେୟ ବାବଦରେ 31 ମାର୍ଚ୍ଚ 2012 ପର୍ଯ୍ୟନ୍ତ ମୋଟ ପ୍ରାପ୍ତି 9.61 କୋଟି ଟଙ୍କାର 50 ପ୍ରତିଶତ ଏବଂ ତାହା ପରେ ଅବଶିଷ୍ଟ ପ୍ରାପ୍ତି 13.89 କୋଟି ଟଙ୍କାର 30 ପ୍ରତିଶତ ବିୟୋଗ ଗ୍ରହଣୀୟ ଥିଲା । ବ୍ୟବସାୟୀ ଜଣକ ବିଭିନ୍ନ କର ବର୍ଗର ଆନୁପାତିକ କ୍ରୟକୁ ହିସାବକୁ ନେଇ 67.98 ଲକ୍ଷ ଟଙ୍କା କର ଦେବାକୁ ଥିଲା । ଏହା ଫଳରେ 12.07 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା । ଏହା ବ୍ୟତୀତ, କରର ଦୁଇ ଗୁଣ ହିସାବରେ 24.15 ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ ଯୋଗ୍ୟ ଥିଲା ।

ସରକାର ଉତ୍ତରରେ କହିଥିଲେ (ଅକ୍ଟୋବର 2017) ଯେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ କାର୍ଯ୍ୟର ରାଜିନାମାରେ ଥିବା ସର୍ତ୍ତାବଳୀ ତଥା ହିସାବ ଖାତା ଭିତ୍ତିରେ ଶ୍ରମ ଓ ସେବା ଦେୟ ବାବଦ ବିୟୋଗ ନିରୂପଣ କରିଥିଲେ ।

ବିଭାଗର ଉତ୍ତର ସମର୍ଥନୀୟ ନଥିଲା ଯେହେତୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କର ନିର୍ଦ୍ଧାରଣ ବେଳେ ପ୍ରାଞ୍ଜଳ ଭାବେ ଉଲ୍ଲେଖ କରିଥିଲେ ଯେ ବ୍ୟବସାୟୀ ଜଣକ ଶ୍ରମ ଓ ସେବା ଦେୟ ଜାଣିବା ପାଇଁ କୌଣସି ହିସାବ ଖାତା ରଖିନଥିଲେ । ସେଥିପାଇଁ ସେ ପରିଶିଷ୍ଟ-I ଅନୁଯାୟୀ ଶ୍ରମ ଓ ସେବା ଦେୟ ବିହିତ ହାରରେ ମଞ୍ଜୁର କରିଥିଲେ । ଏଣୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କାର୍ଯ୍ୟର ରାଜିନାମାର ସର୍ତ୍ତବାଳୀ ଉପରେ ଆଧାର କରି କର ନିର୍ଦ୍ଧାରଣ କରିଥିବା ଉତ୍ତର ଗ୍ରହଣୀୟ ନୁହେଁ ।

**ଖ) କର ଯୋଗ୍ୟ କାରବାରରୁ ଅନୁପଯୁକ୍ତ ବିୟୋଗ ମଞ୍ଜୁରୀର ହେତୁ 31.98 ଲକ୍ଷ ଟଙ୍କାର କର ଓ ଜୋରିମାନାର ସ୍ୱଳ୍ପାରୋପଣ ।**

ଖ) ଅଡିଟ୍, ମୟୁରଭଞ୍ଜ ମଣ୍ଡଳରେ ଜଣେ ଠିକା କାର୍ଯ୍ୟ ନିର୍ବାହ କରୁଥିବା ବ୍ୟବସାୟୀଙ୍କ[3]ର କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ୍ (ମାର୍ଚ୍ଚ 2017) କରିଥିଲା । ଓଭାଟ୍ ଅଧିନିୟମ ଅଧିନରେ କର ଅବଧି 1 ଅପ୍ରେଲ 2009 ରୁ 31 ମାର୍ଚ୍ଚ 2014 ପାଇଁ ବ୍ୟବସାୟୀଙ୍କର ଏକ ତରଫା ଭାବେ କର ନିର୍ଦ୍ଧାରଣ କରାଯାଇଥିଲା । ଉପରୋକ୍ତ ଅବଧି ପାଇଁ, ବ୍ୟବସାୟୀ ବିଭିନ୍ନ ରାସ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ କାର୍ଯ୍ୟ ସମ୍ପାଦନ ବାବଦରେ ମୋଟ 14.72 କୋଟି ଟଙ୍କା ପାଇଥିଲେ । କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସମୁଦାୟ ଅବଧି ପାଇଁ 50.54 ପ୍ରତିଶତ ହାରରେ 7.44 କୋଟି ଟଙ୍କା ଶ୍ରମ ଓ ସେବା ଦେୟ ବାବଦରେ ବାଦ୍ ଦେବା ପାଇଁ ମଞ୍ଜୁର କରିଥିଲେ । ତଦନୁଯାୟୀ ନିର୍ଦ୍ଧାରଣ କର୍ତ୍ତୃପକ୍ଷ 41.51 ଲକ୍ଷ ଟଙ୍କାର ଉତ୍ପାଦନ କର (ବହିର୍ଗମ କର) ନିର୍ଦ୍ଧାରଣ କରିଥିଲେ । କର ନିର୍ଦ୍ଧାରଣ ଆଦେଶରୁ ଜଣାଗଲା ଯେ ବ୍ୟବସାୟୀ କୌଣସି ଶ୍ରମ ଓ ସେବା ପାଇଁ ହିସାବ ରଖିନଥିଲେ । ଯାହାହେଉ, 18 ଜୁଲାଇ 2012 ପର୍ଯ୍ୟନ୍ତ 50 ପ୍ରତିଶତ ହାରରେ 5.57 କୋଟି ଟଙ୍କା ବିୟୋଗ ଏବଂ ତାହାପରେ 30 ପ୍ରତିଶତ ହାରରେ ବିୟୋଗ ଗ୍ରହଣ ଯୋଗ୍ୟ ଥିଲା । ତେଣୁ, ବ୍ୟବସାୟୀଙ୍କ ବିଭିନ୍ନ କର ବର୍ଗ ଅନ୍ତର୍ଗତ ସମାନୁପାତିକ ଦ୍ରବ୍ୟ କ୍ରୟକୁ ବିଚାରକୁ ନେଇ 52.17 ଲକ୍ଷ ଟଙ୍କା କର ଧାର୍ଯ୍ୟ ଯୋଗ୍ୟ ଥିଲା । ଏହା ଫଳରେ 10.66 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା । ତା'ଛଡ଼ା, କରର ଦୁଇ ଗୁଣ 21.32 ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ ଯୋଗ୍ୟ ଥିଲା ।

---

2 ମେସର୍ସ ବିଏମ୍‌ପି ଏବଂ ସନ୍ସ କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ଟିନ୍-21712007120 ।

3 ମେସର୍ସ ଆର୍.ଏସ୍. କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ଟିନ୍-21644000363 ।

ସରକାର ଅଡିଟ୍ ମନ୍ତବ୍ୟ ମାନିନେଇ କହିଲେ (ଅକ୍ଟୋବର 2017) ଯେ, କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲାଟିକୁ ପୁନଃ ନିର୍ଦ୍ଧାରଣ କରି 1.09 କୋଟି ଟଙ୍କାର ଦାବି ଉତ୍ଥାପନ କରିଥିଲେ ।

**ଗ) ଶ୍ରମ ଓ ସେବା ଦେୟ ପାଇଁ ଅଧିକ ବିୟୋଗ ମଞ୍ଜୁରୀ ହେତୁ 62.70 ଲକ୍ଷ ଟଙ୍କାର କର ଓ ଜୋରିମାନାର ସ୍ୱଳ୍ପାରୋପଣ ।**

ଗ) ଅଡିଟ୍, କଟକ-I (ପଶ୍ଚିମ) ମଣ୍ଡଳରେ ଠିକା କାର୍ଯ୍ୟ ସମ୍ପାଦନ କରୁଥିବା ଜଣେ ବ୍ୟବସାୟୀ[4]ଙ୍କର କର ନିର୍ଦ୍ଧାରଣ ନଥିପତ୍ରର ଯାଞ୍ଚ (ଜାନୁଆରୀ 2017) କରିଥିଲା । ଓଭାଟ୍ ଅଧିନିୟମରେ ନଭେମ୍ବର 2010 ରୁ ମାର୍ଚ୍ଚ 2014 ର କର ଅବଧି ପାଇଁ ବ୍ୟବସାୟୀଙ୍କ କର ନିର୍ଦ୍ଧାରଣ ହୋଇଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମୋଟ କାରବାର ଭାଟ୍ 71.85 ଲକ୍ଷ ଟଙ୍କା ସହିତ 9.15 କୋଟି ଟଙ୍କା ନିର୍ଦ୍ଧାରଣ କରିଥିଲେ । ଯାହାହେଉ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ ଯେ ବ୍ୟବସାୟୀ ଶ୍ରମ ସେବା ଦେୟ ପାଇଁ ହିସାବ ରଖୁନଥିଲେ । ମୋଟ କାରବାରରୁ ସର୍ବାଧିକ 17 ପ୍ରତିଶତ ବିୟୋଗ ମଞ୍ଜୁରୀ ହିସାବକୁ ନେଲେ 1.55 କୋଟି ଟଙ୍କା ଗ୍ରହଣୀୟ ଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ 3.10 କୋଟି ଟଙ୍କା ବିୟୋଗ ମଞ୍ଜୁରୀ କରିଥିଲେ ଏବଂ କର ଯୋଗ୍ୟ କାରବାର 6.05 କୋଟି ଟଙ୍କା ନିର୍ଦ୍ଧାରଣ କରିଥିଲେ । ଏହିପରି, ଶ୍ରମ ଓ ସେବା ଦେୟ ବାବଦକୁ 1.55 କୋଟି ଟଙ୍କା ଅଧିକ ବିୟୋଗ କରାଯାଇଥିଲା । ଏହାଫଳରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଠିକା କାମରେ ବିନିଯୋଗ ହୋଇଥିବା ସାମଗ୍ରୀଗୁଡ଼ିକର ନିର୍ଦ୍ଧାରଣ କରିଥିବା ଅନୁପାତ ହିସାବକୁ ନିଆଗଲେ 20.90 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା । ଏହା ବ୍ୟତୀତ ସ୍ୱଳ୍ପାରୋପଣ କରର ଦୁଇ ଗୁଣ 41.80 ଲକ୍ଷ ଟଙ୍କା ଜୋରିମାନା ଧାର୍ଯ୍ୟ ଯୋଗ୍ୟ ଥିଲା ।

ସରକାର ଉତ୍ତରରେ କହିଥିଲେ (ଅକ୍ଟୋବର 2017) ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲାଟିକୁ ପୁନଃଉନ୍ମୁକ୍ତ କରି 7.59 କୋଟି ଟଙ୍କାର କର ଯୋଗ୍ୟ କାରବାର ନିର୍ଦ୍ଧାରଣ କଲେ ଏବଂ 0.70 ଲକ୍ଷ ଟଙ୍କାର ଅବଶେଷ କର ନିରୂପଣ କରିଥିଲେ । କିନ୍ତୁ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମୂଳ ନିର୍ଦ୍ଧାରଣରେ ଯେଉଁ କର ବର୍ଗ ଅନୁସରଣ କରିଥିଲେ ତାହା ତୁଳନାରେ ପୁନଃ ନିର୍ଦ୍ଧାରଣରେ କୌଣସି କାରଣ ନ ଦର୍ଶାଇ ନିମ୍ନତର କର ବର୍ଗର ପ୍ରୟୋଗ କରିଥିଲେ ।

### 2.5.3 କର ଯୋଗ୍ୟ କାରବାରର ସ୍ୱଳ୍ପ ନିର୍ଦ୍ଧାରଣ ହେତୁ କର ଓ ଜୋରିମାନାର ସ୍ୱଳ୍ପାରୋପଣ

**କର ଯୋଗ୍ୟ କାରବାରର ସ୍ୱଳ୍ପ ନିର୍ଦ୍ଧାରଣ ହେତୁ 4.56 କୋଟି ଟଙ୍କାର କର ଓ ଜୋରିମାନାର ସ୍ୱଳ୍ପାରୋପଣ ।**

ଓଭାଟ ଅଧିନିୟମ 2004 ର ଧାରା 2(60) ରେ ପରିଭାଷିତ ସଜ୍ଞାନୁସାରେ ବିକ୍ରୟ କାରବାର ପରିମାଣ ପଦଟିର ଅର୍ଥ ହେଉଛି ନିର୍ଦ୍ଦିଷ୍ଟ ଅବଧି ପାଇଁ ବ୍ୟବସାୟୀଙ୍କ ଦ୍ୱାରା ବିକ୍ରୟ ଏବଂ ଯୋଗାଣ କାର୍ଯ୍ୟ କରିବା ବାବଦରେ ପ୍ରାପ୍ତ ଅଥବା ପ୍ରାପ୍ତିଯୋଗ୍ୟ ସର୍ବମୋଟ ପରିମାଣର ବିକ୍ରୟ ମୂଲ୍ୟ । ଅଧିନିୟମର ଧାରା 42(5) ଅନୁଯାୟୀ, ଯଦି କର ନିର୍ଦ୍ଧାରଣରେ ଅତିରିକ୍ତ କର ନିର୍ଦ୍ଧାରଣ କରାଯାଏ, ତାର ଦୁଇଗୁଣ ଜୋରିମାନା ଆରୋପଣ କରାଯିବ ।

ଅଡିଟ୍ ଭୁବନେଶ୍ୱର-II ମଣ୍ଡଳରେ ବାସୋପଯୋଗୀ ଫ୍ଲାଟର ନିର୍ମାଣ କାର୍ଯ୍ୟରେ ଲିପ୍ତ ଥିବା ଜଣେ ବ୍ୟବସାୟୀ[5]ଙ୍କର କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ (ନଭେମ୍ବର 2016) କରିଥିଲା । ଓଭାଟ ଅଧିନିୟମ ଅଧିନରେ 1 ଅପ୍ରେଲ 2009 ରୁ 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ କର ଅବଧି ପାଇଁ ବ୍ୟବସାୟୀଙ୍କର କର ନିର୍ଦ୍ଧାରଣ ହୋଇଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମୋଟ ପ୍ରାପ୍ତି 61.98 କୋଟି ଟଙ୍କାରୁ 20.45 କୋଟି ଟଙ୍କା ଜମି ମୂଲ୍ୟ ପାଇଁ ଏବଂ 12.46 କୋଟି ଟଙ୍କା ଶ୍ରମ ଓ ସେବା ଦେୟ ବାବଦ ବାଦ୍ ଦେଇଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ନିଟ୍ ପ୍ରାପ୍ତି 29.07 କୋଟି ଟଙ୍କା ନିର୍ଦ୍ଧାରିତ କରିଥିଲେ ଏବଂ 2.16 କୋଟି ଟଙ୍କା ର କର ଆରୋପଣ କରିଥିଲେ । କିନ୍ତୁ, ବ୍ୟବସାୟୀ ସେହି ବର୍ଷ ର ଲାଭ ଓ କ୍ଷତି ହିସାବରେ 88.58 କୋଟି ଟଙ୍କା କାର୍ଯ୍ୟଗୁଡ଼ିକରୁ ପ୍ରାପ୍ତି ହୋଇଥିବାର ଦର୍ଶାଇଥିଲେ । ବିଭାଗର ସମୀକ୍ଷା ଦଳ ନିର୍ଦ୍ଧାରଣ ବେଳେ 26.60[6] କୋଟି ଟଙ୍କା ମୋଟ ପ୍ରାପ୍ତିର ଯୋଡିବାକୁ ସୁପାରିଶ କରିଥିଲେ । ଏଣୁ 26.60 କୋଟି ଟଙ୍କାର ସ୍ୱଳ୍ପ ନିର୍ଦ୍ଧାରଣ ହୋଇଥିଲା ଏବଂ ଏହା ସମୀକ୍ଷା ପରିଦର୍ଶନ ରିପୋର୍ଟରେ ମଧ୍ୟ କାଏମ କରାଯାଇଥିଲା । ପୁନଶ୍ଚ, ପ୍ରାପ୍ତ ତଥା ପ୍ରାପ୍ତି ଯୋଗ୍ୟ ଆୟ ଲାଭ ଓ

[4] ମେସର୍ସ ଏମ୍ଆରଏସ୍.ଇନ୍ଫ୍ରାଷ୍ଟ୍ରକଚର ଏଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ଟିନ୍-21943200239 ।

[5] ମେସର୍ସ ମେଟ୍ରୋ ବିଲ୍ଡରସ୍ (ଓଡ଼ିଶା) ପ୍ରାଇଭେଟ୍ ଲିମିଟେଡ୍ ଟିନ୍-21931106645 ।

[6] 88.58 ଟଙ୍କା (ଲାଭକ୍ଷତି ହିସାବରେ କର୍ମ ସଂପାଦନ ରୁ ରାଜସ୍ୱ ପ୍ରାପ୍ତି) - 61.98 ଟଙ୍କା (କର ନିର୍ଦ୍ଧାରଣରେ ନିଆଯାଇଥିବା ମୋଟ ପ୍ରାପ୍ତି) ।

କ୍ଷତି ହିସାବରେ ନେବା କଥା। କିନ୍ତୁ, ନିର୍ଦ୍ଧାରଣ କର୍ତ୍ତୁପକ୍ଷ କହିଲେ ଯେ ପରିକଳ୍ପନା ଚାଲୁ କରିବା ପୂର୍ବରୁ 26.60 କୋଟି ଟଙ୍କା ଅଭିଳକ୍ଷିତ ଗ୍ରାହକଙ୍କ ଠାରୁ ଅଗ୍ରୀମ ରୂପେ ପ୍ରାପ୍ତ ହୋଇଥିଲା। ଅଡିଟ୍ ଅବଲୋକନ କଲା ଯେ ସେହି ଆୟ ପ୍ରାପ୍ତ ହେଉ ବା ପ୍ରାପ୍ତି ଯୋଗ୍ୟ ହେଉ ସେ ବିକ୍ରୟ କାରବାର ର ଏକ ଅଂଶ। ଏହିପରି 26.60 କୋଟି ଟଙ୍କାର ପ୍ରାପ୍ତି କର ନିର୍ଦ୍ଧାରଣରୁ ବଞ୍ଚିତ ହୋଇଥିଲା। ଏଣୁ 7.98 କୋଟି ଟଙ୍କା (26 .60 କୋଟି ଟଙ୍କାର 30 ପ୍ରତିଶତ) ବାଦ୍ ଦେଲାପରେ କରଧାର୍ଯ୍ୟ କାରବାର 18.62 କୋଟି ଟଙ୍କା ସ୍ୱଳ୍ପ ନିର୍ଦ୍ଧାରଣ ହୋଇଥିଲା। କର ନିର୍ଦ୍ଧାରଣ କର୍ତ୍ତୁପକ୍ଷ ଅବଲମ୍ବନ କରିଥିବା ବିଭିନ୍ନ କର ବର୍ଗ ଅନ୍ତର୍ଗତ କ୍ରୟ କରିଥିବା ସାମଗ୍ରୀକୁ ହିସାବରେ ନିଆଯାଇ ସେହି 18.62 କୋଟି ଟଙ୍କାର ସ୍ୱଳ୍ପାବଧାରଣ କାରବାର ଉପରେ 1.52 କୋଟି ଟଙ୍କାର କର ସ୍ୱଳ୍ପ ନିର୍ଦ୍ଧାରଣ ହୋଇଥିଲା। ଏହା ବ୍ୟତୀତ ସ୍ୱଳ୍ପାରୋପଣ କରର ଦୁଇଗୁଣ 3.04 କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ ଯୋଗ୍ୟ ଥିଲା।

ସରକାର ଅଡିଟ୍ ମନ୍ତବ୍ୟକୁ ମାନିଥିଲେ (ସେପ୍ଟେମ୍ବର 2017) ଏବଂ କହିଥିଲେ ଯେ ନିର୍ଦ୍ଧାରଣ କର୍ତ୍ତୁପକ୍ଷ ପୁନଃ ନିର୍ଦ୍ଧାରଣ ଚୁଡାନ୍ତ କରି 2.78 କୋଟି ଟଙ୍କାର କର ଓ ଜୋରିମାନା ର ଦାବି ଉପସ୍ଥାପନ କରିଥିଲେ।

## 2.5.4 ପ୍ରମାଣିକ ବାର୍ଷିକ ସମୀକ୍ଷିତ ହିସାବ ଉପରେ ପ୍ରମାଣିତ ରିପୋର୍ଟ ଉପସ୍ଥାପନ ନ ହେବା ଯୋଗୁଁ ଜୋରିମାନାର ଅନାରୋପଣ

**ପ୍ରମାଣିତ ବାର୍ଷିକ ସମୀକ୍ଷିତ ହିସାବ ଉପସ୍ଥାପନ ନ କରିବା ପାଇଁ 3.81 କୋଟି ଟଙ୍କାର ଜୋରିମାନା ଅନାରୋପଣ।**

ଓଭାଟ ଅଧିନିୟମ, 2004 ଧାରା 65(1) ସହ ପଠିତ ବାଣିଜ୍ୟ କର କମିଶନର, ଓଡିଶାଙ୍କ ଡିସେମ୍ବର 2012 ର ଅଧିସୂଚନା[7] ଏବଂ ଅଗଷ୍ଟ 2013ର ସ୍ପଷ୍ଟୀକରଣ ଅନୁଯାୟୀ ଯଦି ଜଣେ ବ୍ୟବସାୟୀଙ୍କର ମୋଟ କାରବାର (ଜିଟିଓ) ଗୋଟିଏ ଆର୍ଥିକ ବର୍ଷରେ 60 ଲକ୍ଷ ଟଙ୍କାରୁ ଅଧିକ ହୁଏ ତେବେ ସେ ସେହି ବର୍ଷର ହିସାବକୁ କୌଣସି ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ସେହି ବର୍ଷ ଶେଷ ହେବାର ଛଅ ମାସ ମଧ୍ୟରେ ସମୀକ୍ଷିତ କରାଇବେ ଏବଂ ସେହି ସମୀକ୍ଷିତ ହିସାବର ଏକକିତା ନକଲ ଅନ୍ତିମ ମହଜୁଦ ସାମଗ୍ରୀର ବିବରଣୀ ସହିତ ଉକ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ପ୍ରମାଣିତ କରାଇ ଉପରୋକ୍ତ ଛଅ ମାସ ଶେଷ ହେବାର ମାସକ ଭିତରେ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ପାଖରେ ଦାଖଲ କରିବେ।

ଓଭାଟ୍ (ସଂଶୋଧନ) ଅଧିନିୟମ 2015 ଦ୍ୱାରା ସଂଶୋଧିତ ଅଧିନିୟମର ଧାରା 65 (2) ର ବ୍ୟବସ୍ଥା ଅନୁଯାୟୀ ଯଦି କୌଣସି ବ୍ୟବସାୟୀ ଏହି ବାର୍ଷିକ ସମୀକ୍ଷିତ ହିସାବର ଏକ ପ୍ରମାଣିତ ନକଲ ଦାଖଲ କରିବାରେ ବିଫଳ ହୁଅନ୍ତି କିମ୍ବା ବିଳମ୍ବରେ ଦାଖଲ କରନ୍ତି, ତେବେ ନିର୍ଦ୍ଧାରଣ କର୍ତ୍ତୁପକ୍ଷ ଖିଲାପି ବ୍ୟବସାୟୀଙ୍କୁ ଶୁଣାଣି ନିମନ୍ତେ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରି ପ୍ରତ୍ୟେକ ବିଳମ୍ବିତ ଦିନ ପାଇଁ 100 ଟଙ୍କା ହିସାବରେ ଓ ଅଧିକତମ 10,000 ଟଙ୍କା ଜୋରିମାନା ଆରୋପଣ କରିବେ। ବାଣିଜ୍ୟ କର କମିଶନର ସେପ୍ଟେମ୍ବର 2009 ରେ ଜାରି ତାଙ୍କର ପରିପତ୍ର[8]ରେ ବିହିତ କରିଥିଲେ ଯେ ମଣ୍ଡଳ ସ୍ତରରେ ସେହି ହିସାବର ସମୟୋଚିତ ଦାଖଲକୁ ପର୍ଯ୍ୟାଲୋଚନା ଓ କର ସମୀକ୍ଷା ବେଳେ ଏକ ସୂଚନା ସ୍ୱରୂପ ବ୍ୟବହାର ନିମନ୍ତେ ଏକ ରେଜିଷ୍ଟରରେ ଅନୁରକ୍ଷଣ କରାଯିବ।

ଅଡିଟ୍ 23ଟି ମଣ୍ଡଳ[9]ର ବାର୍ଷିକ ସମୀକ୍ଷିତ ହିସାବ ପ୍ରାପ୍ତି ସମ୍ପର୍କିତ ରେଜିଷ୍ଟରଗୁଡ଼ିକୁ ଯାଞ୍ଚ୍ କରିଥିଲା (ଅପ୍ରେଲ 2016 ରୁ ମାର୍ଚ୍ଚ 2017)। ଅଡିଟ୍ ଅବଲୋକନ କଲା ଯେ 2014-15 ଆର୍ଥିକ ବର୍ଷ ମଧ୍ୟରେ ମୋଟ କାରବାର ପରିମାଣ 60 ଲକ୍ଷ ଟଙ୍କାରୁ ଅଧିକ ଥିବା 8,096 ଜଣ ବ୍ୟବସାୟୀଙ୍କ ମଧ୍ୟରୁ 3,812 (47 ପ୍ରତିଶତ) ବ୍ୟବସାୟୀ ସେମାନଙ୍କର ବାର୍ଷିକ ସମୀକ୍ଷିତ ହିସାବର ପ୍ରମାଣିତ ରିପୋର୍ଟର ନକଲ ଦାଖଲ କରିନଥିଲେ। ବାର୍ଷିକ ସମୀକ୍ଷିତ ହିସାବରେ ରିପୋର୍ଟ ଦାଖଲରେ 152 ରୁ 485 ଦିନ ବିଳମ୍ବ ହୋଇଥିଲା।

---

7 ଅଧିସୂଚନା ସଂଖ୍ୟା III (III) 14//2012-21114/CT ତା 12 ଡିସେମ୍ବର 2012।

8 ପରିପତ୍ର ସଂଖ୍ୟା. 18755 ତା 22 ସେପ୍ଟେମ୍ବର 2009।

9 ଅନୁଗୁଳ, ବଲାଙ୍ଗିର, ବଡ଼ବିଲ, ବରଗଡ଼, ଭଦ୍ରକ, ଭଞ୍ଜନଗର, ଭୁବନେଶ୍ୱର-II, ଭୁବନେଶ୍ୱର -III, ଭୁବନେଶ୍ୱର -IV, ନୟାଗଡ଼, କଟକ I (ପଶ୍ଚିମ), ଢେଙ୍କାନାଳ, ଗଞ୍ଜାମ-II, ଝାରସୁଗୁଡ଼ା, କଣ୍ଟାବାଞ୍ଜି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ପୁରୀ, ରାୟଗଡ଼ା, ରାଉରକେଲା-I, ସମ୍ବଲପୁର- I ଏବଂ ସମ୍ବଲପୁର –II।

ଏଥିପାଇଁ ସଂପୃକ୍ତ ବ୍ୟବସାୟୀମାନଙ୍କୁ ଅଧିନିୟମର ବ୍ୟବସ୍ଥା ଅନୁସାରେ ଶୁଣାଣି ନିମନ୍ତେ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରି 3.81 କୋଟି ଟଙ୍କା ର ଜୋରିମାନା ଆରୋପଣ କରାଯିବାର ଥିଲା। କିନ୍ତୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ଉକ୍ତ ରିପୋର୍ଟର ଉପସ୍ଥାପନ ନକରିଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିଲେ କିମ୍ବା ଜୋରିମାନା ଆରୋପଣ କରିନଥିଲେ।

ବିଭାଗ ଅଡିଟ୍ ମନ୍ତବ୍ୟଟିକୁ ମାନିଥିଲେ ଏବଂ ବୈଠକ ସମୟରେ କହିଥିଲେ ଯେ ବାର୍ଷିକ ସମୀକ୍ଷିତ ହିସାବର ପ୍ରମାଣିତ ରିପୋର୍ଟ ଉପସ୍ଥାପନା ନ କରିବା ଏକ ଠକାମି ନୁହେଁ। ଯଦି ବ୍ୟବସାୟୀ ପରବର୍ତ୍ତୀ ବର୍ଷର ଅକ୍ଟୋବର ମାସ ଭିତରେ ତାଙ୍କ ରିଟର୍ଣ୍ଣ ଦାଖଲ ନ କରନ୍ତି, ତେବେ ଜୋରିମାନା ପ୍ରତ୍ୟେକ ଦିନ ପାଇଁ 100 ଟଙ୍କା ହିସାବରେ ଆରୋପଣ ହେବ। ଚୂଡ଼ାନ୍ତ ଉତ୍ତର ଏପର୍ଯ୍ୟନ୍ତ ମିଳିନଥିଲା।

## ପ୍ରବେଶ କର

## 2.6 ଓଡ଼ିଶା ପ୍ରବେଶ କର ଅଧିନିୟମ/ ନିୟମାବଳୀ ବ୍ୟବସ୍ଥା ସହିତ ପଠିତ ସରକାରୀ ଅଧିସୂଚନାର ଅନୁପାଳନ ନ ହେବା

*ଓଡ଼ିଶା ପ୍ରବେଶ କର (ଓଇଟି) ଅଧିନିୟମ, 1999 ଓ ତଦଧିନ ପ୍ରଣୀତ ନିୟମାବଳୀ ସହ ପଠିତ ସମୟକୁ ସମୟ ଜାରି ହେଉଥିବା ସରକାରୀ ଅଧିସୂଚନା ଗୁଡ଼ିକର ବ୍ୟବସ୍ଥାନୁସାରେ କୌଣସି ସ୍ଥାନୀୟ ଅଞ୍ଚଳ[10] ଭିତରେ ଉପଭୋଗ, ବିକ୍ରୟ କିମ୍ବା ଉପଯୋଗ ପାଇଁ ଅନୁସୂଚିତ ଦ୍ରବ୍ୟର ପ୍ରବେଶ ଉପରେ ନିର୍ଦ୍ଧାରିତ ହାରରେ ପ୍ରବେଶ କର ଧାର୍ଯ୍ୟ ହୋଇଥାଏ ଏବଂ ସମୀକ୍ଷା ନିର୍ଦ୍ଧାରଣରେ ଧାର୍ଯ୍ୟ ପ୍ରବେଶ କର ଉପରେ ନିର୍ଦ୍ଧାରିତ ହାରରେ ଜୋରିମାନା ଧାର୍ଯ୍ୟ ହୋଇଥାଏ ।*

*ଅଡିଟ୍ ଲକ୍ଷ୍ୟ କଲା ଯେ ନିର୍ଦ୍ଧାରଣ ବୃତ୍ତାନ୍ତ କଲାବେଳେ ନିର୍ଦ୍ଧାରଣ କର୍ତ୍ତୃପକ୍ଷମାନେ ନିମ୍ନ ଅନୁଚ୍ଛେଦରେ ଉଲ୍ଲିଖିତ କେତେକ ମାମଲାରେ ଉପରୋକ୍ତ ବ୍ୟବସ୍ଥା ଗୁଡ଼ିକ ପାଳନ କରିନଥିଲେ :*

### 2.6.1 ପିଚୁ ଉପରେ ନିମ୍ନତର କର ହାର ପ୍ରୟୋଗ ଯୋଗୁଁ ପ୍ରବେଶ କର ର ସ୍ୱଳ୍ପାରୋପଣ

**ପିଚୁ ଉପରେ ନିମ୍ନତର କର ହାର ପ୍ରୟୋଗ ଫଳରେ 10.08 ଲକ୍ଷ ଟଙ୍କାର କର ଓ ଜୋରିମାନାର ସ୍ୱଳ୍ପାରୋପଣ ।**

ଓଇଟି ଅଧିନିୟମ, 1999 ର ଧାରା 3(1) ଅନୁସାରେ କୌଣସି ସ୍ଥାନୀୟ ଅଞ୍ଚଳରେ ଉପଭୋଗ, ବିକ୍ରୟ କିମ୍ବା ଉପଯୋଗ ପାଇଁ ପ୍ରବେଶ କରୁଥିବା ଅନୁସୂଚୀତ ଦ୍ରବ୍ୟ, ଅଧିନିୟମ ସଂଲଗ୍ନ ଅନୁସୂଚୀରେ ବିହିତ ହାରରେ କର ଯୋଗ୍ୟ ଅଟେ । ପୁନଶ୍ଚ, ଅଧିନିୟମର ଧାରା 9C (5) ର ବ୍ୟବସ୍ଥା ଅନୁଯାୟୀ, ସମୀକ୍ଷା ନିର୍ଦ୍ଧାରଣ ସମୟରେ ଯଦି କୌଣସି ଅତିରିକ୍ତ କର ନିର୍ଦ୍ଧାରଣ କରାଯାଏ, ତେବେ ଉକ୍ତ ନିର୍ଦ୍ଧାରିତ କର ର ଦୁଇ ଗୁଣ ଜୋରିମାନା ରୂପେ ବ୍ୟବସାୟୀଙ୍କ ଉପରେ ଧାର୍ଯ୍ୟ କରାଯିବ । ପିଚୁ ଅନୁସୂଚୀର ଭାଗ-II ଅନୁସାରେ ଦୁଇ ପ୍ରତିଶତ ହାରରେ କର ଯୋଗ୍ୟ ଅଟେ ।

ଅଡିଟ୍ ରାଉରକେଲା-I ମଣ୍ଡଳରେ ବ୍ୟବସାୟୀ[11]ଙ୍କର ଓଇଟି ଅଧିନିୟମ ଅଧିନରେ ହୋଇଥିବା କର ଅବଧି 1 ଅପ୍ରେଲ 2009 ରୁ 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ କର ନିର୍ଦ୍ଧାରଣ ନଥିପତ୍ରର ଯାଞ୍ଚ୍ କରିଥିଲା । ଅଡିଟ୍ ଦେଖିଲା ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ରାଜ୍ୟ ଭିତରେ କ୍ରୟ ହୋଇଥିବା 3.00 କୋଟି ଟଙ୍କାର ସାମଗ୍ରୀକୁ ବାଦ୍ ଦେବା ପରେ 8.22 କୋଟି ଟଙ୍କାର ମୋଟ କାରବାର ନିର୍ଦ୍ଧାରଣ କରିଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ 5.22 କୋଟି ଟଙ୍କାର କର ଧାର୍ଯ୍ୟ କାରବାର ହିସାବ କରିଥିଲେ, ଯେଉଁଥିରେ 3.36 କୋଟି ଟଙ୍କାର ପିଚୁ ଓ 1.86 କୋଟି ଟଙ୍କାର ଯନ୍ତ୍ରପାତି କ୍ରୟମୂଲ୍ୟ ଅନ୍ତର୍ଭୁକ୍ତ ଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଉଭୟ ସାମଗ୍ରୀର କ୍ରୟମୂଲ୍ୟ ଉପରେ ଦୁଇ ପ୍ରତିଶତ କର ହାର ପ୍ରୟୋଗ କରିବା ପରିବର୍ତ୍ତେ ଯନ୍ତ୍ରପାତି ଉପରେ ଦୁଇ ପ୍ରତିଶତ ହାରରେ ଏବଂ ପିଚୁ ଉପରେ ଏକ ପ୍ରତିଶତ ହାରରେ କର ଆରୋପଣ କରି 7.07 ଲକ୍ଷ ଟଙ୍କାର କର ଧାର୍ଯ୍ୟ କରିଥିଲେ । ଯେହେତୁ 10.43 ଲକ୍ଷ ଟଙ୍କାର କର ଧାର୍ଯ୍ୟ ହିସାବରେ ହେଉଥିଲା, ଏଣୁ 3.36 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା । ଏହା ବ୍ୟତୀତ 6.72 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା ।

ସରକାର ସମୀକ୍ଷା ମନ୍ତବ୍ୟକୁ ମାନି ନେଇଥିଲେ ଏବଂ କହିଥିଲେ (ସେପ୍ଟେମ୍ବର 2017) ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲାଟିକୁ ପୁନଃ ନିର୍ଦ୍ଧାରଣ କରି 3.48 ଲକ୍ଷ ଟଙ୍କା ଜୋରିମାନା ସହିତ ଦାବି ଉପସ୍ଥାପନ କରିଥିଲେ ଯେହେତୁ ବ୍ୟବସାୟୀ ପୁନଃ ନିର୍ଦ୍ଧାରଣର ନୋଟିସ୍ ଜାରି କରିବା ପୂର୍ବରୁ 7.68 ଲକ୍ଷ ଟଙ୍କା ପୈଠ କରିସାରିଥିଲେ ।

---

10 ସ୍ଥାନୀୟ ଅଞ୍ଚଳ ଅର୍ଥ- ପ୍ରଚଳିତ ଯେକୌଣସି ବଳବତ୍ତର ଆଇନ୍ ଅଧିନରେ ଗଠିତ କୌଣସି ପୌରପାଳିକା, ଗ୍ରାମ ପଞ୍ଚାୟତ, ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସୀମା ମଧ୍ୟରେ ଆସୁଥିବା ଅଞ୍ଚଳ ଏବଂ ଓଡ଼ିଶା ପୌର ପାଳିକା ଅଧିନିୟମ 1950 ର ଧାରା 4 ଅଧିନରେ ଗଠିତ ଯେକୌଣସି ଶିଳ୍ପ ସହରାଞ୍ଚଳ ଏହାର ଅନ୍ତର୍ଭୁକ୍ତ ।

11 ମେସର୍ସ ବିଏମ୍‌ପି ଆଣ୍ଡ ସନ୍ସ କନଷ୍ଟ୍ରକ୍‌ସନ୍‌ସ ପ୍ରାଇଭେଟ୍ ଲିମିଟେଡ୍ ଟିନ୍-21712007120 ।

### 2.6.2 ନିମ୍ନତର କର ହାର ପ୍ରୟୋଗ ହେତୁ ପ୍ରବେଶ କରର ସ୍ୱଳ୍ପାରୋପଣ

**ବହିର୍ଭାଗ (ଆଉଟ୍‌ବୋର୍ଡ) ମୋଟର ଏବଂ ଇଞ୍ଜିନ ଉପରେ ନିମ୍ନତର କର ହାର ପ୍ରୟୋଗ ଫଳରେ 17.37 ଲକ୍ଷ ଟଙ୍କାର ପ୍ରବେଶ କର ଓ ଜୋରିମାନାର ସ୍ୱଳ୍ପାରୋପଣ ।**

ଓଇଟି ଅଧିନିୟମ, 1999 ର ଧାରା 3(1) ସହ ପଠିତ ଓଇଟି ନିୟମାବଳୀର ନିୟମ 3 ଅନୁଯାୟୀ କୌଣସି ସ୍ଥାନୀୟ ଅଞ୍ଚଳରେ ଉପଭୋଗ, ବିକ୍ରୟ କିମ୍ବା ଉପଯୋଗ ପାଇଁ ପ୍ରବେଶ କରୁଥିବା ଅନୁସୂଚୀତ ଦ୍ରବ୍ୟ, ଅଧିନିୟମ ସଂଲଗ୍ନ ଅନୁସୂଚୀରେ ବିହିତ ହାରରେ କର ଯୋଗ୍ୟ ଅଟେ । ପୁନଶ୍ଚ, ଅଧିନିୟମର ଧାରା 9C(5) ର ବ୍ୟବସ୍ଥା ଅନୁଯାୟୀ, ସମୀକ୍ଷା ନିର୍ଦ୍ଧାରଣ ସମୟରେ ଯଦି କୌଣସି ଅତିରିକ୍ତ କର ନିର୍ଦ୍ଧାରଣ କରାଯାଏ, ତେବେ ଉକ୍ତ ନିର୍ଦ୍ଧାରିତ କରର ଦୁଇ ଗୁଣ ବ୍ୟବସାୟୀଙ୍କ ଉପରେ ଜୋରିମାନା ରୂପେ ଧାର୍ଯ୍ୟ କରାଯିବ ।

ଅନୁସୂଚୀର ଭାଗ- II ର କ୍ରମିକ ସଂଖ୍ୟା 9 ଅନୁସାରେ ଯନ୍ତ୍ରପାତି ଏବଂ ଉପକରଣ ଯେଉଁଥିରେ ଖନନ ପାଇଁ ବିଦ୍ୟୁତ୍ ଯୋଗାଣ ପାଇଁ, ଠିକା କାମ କିମ୍ବା ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଆର୍ଥମୁଭର, ଏକ୍ସେଭେଟର, ବୁଲ୍‌ଡୋଜର ଏବଂ ରୋଡ ରୋଲର୍ ଏବଂ ଯନ୍ତ୍ରାଂଶ ଏବଂ ଉପାଦାନ ଇତ୍ୟାଦି ଅନ୍ତର୍ଭୁକ୍ତ ସେଗୁଡ଼ିକ ଦୁଇ ପ୍ରତିଶତ ହାରରେ କର ଯୋଗ୍ୟ ଅଟେ । ବହିର୍ଭାଗ (ଆଉଟ୍ ବୋର୍ଡ) ମୋଟର ଏବଂ ସାମୁଦ୍ରିକ ଇଞ୍ଜିନ୍ ଅବକାରୀ ଶୁଳ୍କ ଅଧିନିୟମର ଅଧ୍ୟାୟ 84 ଅନୁଯାୟୀ ଯନ୍ତ୍ରପାତି, ଯାନ୍ତ୍ରିକ ସାଧନ, ଏବଂ ତାର ଅଂଶ ବିଶେଷ ହିସାବରେ ଶ୍ରେଣୀଭୁକ୍ତ ଏବଂ ସେଥିପାଇଁ ଦୁଇ ପ୍ରତିଶତ ହାରରେ କର ଯୋଗ୍ୟ ଅଟନ୍ତି ।

ଅଡିଟ୍ ପୁରୀ ମଣ୍ଡଳରେ ଆଉଟ୍ ବୋର୍ଡ ମୋଟର ଏବଂ ସାମୁଦ୍ରିକ ଇଞ୍ଜିନ୍‌ର ବ୍ୟାପାର କରୁଥିବା ଜଣେ ବ୍ୟବସାୟୀ[12]ଙ୍କର କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ୍ (ଡିସେମ୍ବର 2016) କରିଥିଲା । ବ୍ୟବସାୟୀ ଜଣକ 5.79 କୋଟି ଟଙ୍କାର ଅନୁସୂଚୀତ ଦ୍ରବ୍ୟ 1 ଅପ୍ରେଲ 2012 ଏବଂ 31 ମାର୍ଚ୍ଚ 2014 ମଧ୍ୟରେ ଅନ୍ତଃରାଜ୍ୟ କ୍ରୟ କରିଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ପ୍ରଯୁଜ୍ୟ ଦୁଇ ପ୍ରତିଶତ ହାରରେ 11.58 ଲକ୍ଷ ଟଙ୍କା କର ଆରୋପଣ ପରିବର୍ତ୍ତେ ଏକ ପ୍ରତିଶତ ହାରରେ 5.79 ଲକ୍ଷ ଟଙ୍କା କର ଆରୋପଣ କରିଥିଲେ । ଏଣୁ ନିମ୍ନତର କର ପ୍ରୟୋଗ ଫଳରେ ଭେଦାତ୍ମକ ଏକ ପ୍ରତିଶତ ହାରରେ 5.79 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା । ଏହା ବ୍ୟତୀତ 11.58 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା ।

ଉତ୍ତରରେ ସରକାର କହିଥିଲେ ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲାଟିକୁ ପୁନଃ ଉନ୍ମୁକ୍ତ କରିଥିଲେ ଏବଂ କର ଓ ଜୋରିମାନା ମିଶାଇ 17.37 ଲକ୍ଷ ଟଙ୍କାର ଦାବି ଉତ୍ଥାପନ କରି ପୁନଃ ନିର୍ଦ୍ଧାରଣ ଚୂଡ଼ାନ୍ତ କରିଥିଲେ ।

### 2.6.3 ଲୌହ ମିଶ୍ର ଧାତୁ ଉପରେ ନିମ୍ନତର କର ହାର ପ୍ରୟୋଗ ହେତୁ ପ୍ରବେଶ କରର ସ୍ୱଳ୍ପାରୋପଣ

**ମଧ୍ୟମ କାର୍ବନ ଲୌହ ମାଙ୍ଗାନିଜ୍ ଉପରେ ନିମ୍ନତର କର ପ୍ରୟୋଗ ଫଳରେ 10.41 ଲକ୍ଷ ଟଙ୍କାର ପ୍ରବେଶ କର ଓ ଜୋରିମାନାର ସ୍ୱଳ୍ପାରୋପଣ ।**

ଓଇଟି ଅଧିନିୟମର ଧାରା 26 ଅନୁଯାୟୀ, ପ୍ରତ୍ୟେକ ଅନୁସୂଚୀତ ଦ୍ରବ୍ୟର ଉତ୍ପାଦନକାରୀ ଯେ କି ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ ଅଧିନରେ ପଞ୍ଜିକୃତ, ସେ ତାଙ୍କର ଉତ୍ପାଦିତ ଦ୍ରବ୍ୟ କୌଣସି ବ୍ୟବସାୟୀଙ୍କୁ ବିକ୍ରୟ କଲାବେଳେ ଅଧିନିୟମର ଧାରା 3 ଅନୁସାରେ କ୍ରେତା ବ୍ୟବସାୟୀଙ୍କ ଦ୍ୱାରା ସେହି ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଉପରେ ଦେୟ କରର ସମାନ ପରିମାଣ ପ୍ରବେଶ କର ଭାବେ ଆଦାୟ କରିବେ । ପୁନଶ୍ଚ, ଅଧିନିୟମର ଧାରା 9C(5) ର ବ୍ୟବସ୍ଥା ଅନୁଯାୟୀ ସମୀକ୍ଷା ନିର୍ଦ୍ଧାରଣରେ ଯଦି କୌଣସି ଅତିରିକ୍ତ କର ନିର୍ଦ୍ଧାରଣ କରାଯାଏ, ତେବେ ଉକ୍ତ ନିର୍ଦ୍ଧାରିତ କରର ଦୁଇ ଗୁଣ ବ୍ୟବସାୟୀଙ୍କ ଉପରେ ଜୋରିମାନା ରୂପେ ଧାର୍ଯ୍ୟ କରାଯିବ ।

ଅଧିନିୟମର ଧାରା 7(10) ଅନୁଯାୟୀ, ଯେକୌଣସି କର ଅବଧି ପାଇଁ ବ୍ୟବସାୟୀ ଦାଖଲ କରିଥିବା ରିଟର୍ଣ୍ଣକୁ ଯାଞ୍ଚ୍ କରି ସେଥିରେ ଦାବି କରାଯାଇଥିବା ବିୟୋଗର ପରିମାଣ କରର ହିସାବର ସଠିକତା ଇତ୍ୟାଦି ଯାଞ୍ଚ୍ କରାଯିବ ଏବଂ ଯଦି ସେଥିରେ କିଛି ଭୁଲ୍ ପରିଲକ୍ଷିତ ହୁଏ, ତା'ହେଲେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଏକ ନୋଟିସ୍ ଜାରି କରି କର ସହିତ ସୁଧ ଦେବାକୁ ନିର୍ଦ୍ଦେଶ ଦେବେ । ମଧ୍ୟମ କାର୍ବନ ଲୌହ ମାଙ୍ଗାନିଜ୍ ଏକ ଲୌହ ମିଶ୍ର ଧାତୁ ହୋଇଥିବାରୁ ଅନୁସୂଚୀର ଭାଗ-II ଅନୁସାରେ ଦୁଇ ପ୍ରତିଶତ ହାରରେ କର ଯୋଗ୍ୟ ଅଟେ ।

[12] ମେସର୍ସ ଶରିନ୍ ଟ୍ରେଡର୍ସ ଟିନ୍-2130280095 ।

ଅଡିଟ୍ ମୟୁରଭଞ୍ଜ ମଣ୍ଡଳରେ ମଧ୍ୟମ କାର୍ବନ ଲୌହ ମାଙ୍ଗାନିଜ୍ ତିଆରି ଏବଂ ବିକ୍ରୟରେ ଲିପ୍ତ ଥିବା ଜଣେ ବ୍ୟବସାୟୀ[13]ଙ୍କ ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ୍ କରିଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ 1 ଅପ୍ରେଲ 2012 ରୁ 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ କର ଅବଧି ପାଇଁ ଓଇଟି ଅଧିନିୟମରେ ବ୍ୟବସାୟୀଙ୍କର କର ନିର୍ଦ୍ଧାରଣ କରିଥିଲେ। ବ୍ୟବସାୟୀ ଜଣକ 2.28 କୋଟି ଟଙ୍କାର ମଧ୍ୟମ କାର୍ବନ ଲୌହ ମାଙ୍ଗାନିଜ୍ ବିକ୍ରୟ କରିଥିଲେ ଯାହା ଉପରେ ଦୁଇ ପ୍ରତିଶତ ହାରରେ 4.56 ଲକ୍ଷ ଟଙ୍କାର କର ଦେୟ ଥିଲା । ଯାହାହେଉ, ବ୍ୟବସାୟୀ ତା' ଉପରେ ଏକ ପ୍ରତିଶତ ହାରରେ 2.28 ଲକ୍ଷ ଟଙ୍କା କର ଦେଇଥିଲେ ଏବଂ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଏହାକୁ ମାନି ନେଇଥିଲେ। ଏହାଫଳରେ 2.28 ଲକ୍ଷ ଟଙ୍କାର କର ସ୍ୱଳ୍ପାରୋପଣ ହୋଇଥିଲା । ଏହା ବ୍ୟତୀତ 4.56 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା ।

ପୁନଶ୍ଚ, ଅଡିଟ୍ ବ୍ୟବସାୟୀଙ୍କ ଦ୍ୱାରା ପରବର୍ତ୍ତୀ ଅବଧି 1 ଅପ୍ରେଲ 2014 ରୁ 31 ମାର୍ଚ୍ଚ 2016 ପାଇଁ ଦାଖଲ କରାଯାଇଥିବା ଇ-ରିଟର୍ଣ୍ଣ ଗୁଡ଼ିକ ଯାଞ୍ଚ୍ କରିଥିଲା । ଅଡିଟ୍ ଦେଖିଲା ଯେ ବ୍ୟବସାୟୀଙ୍କର 3.01 କୋଟି ଟଙ୍କାର ଲୌହ ମାଙ୍ଗାନିଜ୍ ବିକ୍ରୟ କାରବାର ଉପରେ 6.02 ଲକ୍ଷ ଟଙ୍କା କର ପୈଠ କରିବାର ଥିଲା । କିନ୍ତୁ ବ୍ୟବସାୟୀ ଏକ ପ୍ରତିଶତ ହାରରେ 3.01 ଲକ୍ଷ ଟଙ୍କା ପୈଠ କରିଥିଲେ । ଏହା ଫଳରେ 3.01 ଲକ୍ଷ ଟଙ୍କାର ସ୍ୱଳ୍ପ ପ୍ରଦାନ ହୋଇଥିଲା । ଏହାବ୍ୟତୀତ, ଧାରା 7 (6) ର ବ୍ୟବସ୍ଥା ଅନୁଯାୟୀ 0.56 ଲକ୍ଷ ଟଙ୍କାର ସୁଧ ଧାର୍ଯ୍ୟ ଯୋଗ୍ୟ ଥିଲା ।

ଏହିଭଳି, କର ନିର୍ଦ୍ଧାରଣ ସମୟରେ ସ୍ୱଳ୍ପ ହାରରେ କର ପ୍ରୟୋଗ ଦ୍ୱାରା ଏବଂ ସ୍ୱଳ୍ପ କର ପୈଠ ଫଳରେ 10.41 ଲକ୍ଷ ଟଙ୍କାର ସ୍ୱଳ୍ପାରୋପଣ/ ସ୍ୱଳ୍ପ ଆଦାୟ ହୋଇଥିଲା ।

ଉତ୍ତରରେ ସରକାର କହିଥିଲେ (ଅକ୍ଟୋବର 2017) ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ 1 ଅପ୍ରେଲ 2012 ରୁ 31 ମାର୍ଚ୍ଚ 2014 ପାଇଁ 6.83 ଲକ୍ଷ ଟଙ୍କା ଏବଂ 1 ଅପ୍ରେଲ 2014 ରୁ 31 ମାର୍ଚ୍ଚ 2016 ପାଇଁ 3.44 ଲକ୍ଷ ଟଙ୍କାର ଦାବି ଉତ୍ଥାପନ କରି ପୁନଃ ନିର୍ଦ୍ଧାରଣ ଚୂଡ଼ାନ୍ତ କରିଥିଲେ ।

## 2.6.4 ଲଘୁ ଖଣିଜ ଦ୍ରବ୍ୟ ଉପରେ ପ୍ରବେଶ କରର ଅନାରୋପଣ

**ଲଘୁ ଖଣିଜ ଦ୍ରବ୍ୟ ଉପରେ କର ନିର୍ଦ୍ଧାରଣ ନହେବା ଫଳରେ 2.59 କୋଟି ଟଙ୍କାର କର ଓ ଜୋରିମାନା ଅନାରୋପଣ ।**

ଓଡ଼ିଶା ପ୍ରବେଶ କର (ଓଇଟି) ଅଧିନିୟମ 1999 ର ଧାରା 3(1) ଅନୁସାରେ କୌଣସି ସ୍ଥାନୀୟ ଅଞ୍ଚଳରେ ଉପଭୋଗ, ବିକ୍ରୟ କିମ୍ବା ଉପଯୋଗ ପାଇଁ ପ୍ରବେଶ କରୁଥିବା ଦ୍ରବ୍ୟ, ଅଧିନିୟମ ସଂଲଗ୍ନ ଅନୁସୂଚୀରେ ବିହିତ ହାରରେ କର ଯୋଗ୍ୟ ଅଟେ । ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ 1957 ର ଧାରା 3 ଅନୁସାରେ ସାଧାରଣ ମାଟି, ବାଲି, ମୋରମ ଏବଂ ଚିପ୍ସ ଆଦି ଲଘୁ ଖଣିଜ ଦ୍ରବ୍ୟ ଅନ୍ତର୍ଭୁକ୍ତ । ଓଇଟି ଅଧିନିୟମ ଅନ୍ତର୍ଗତ ଅନୁସୂଚିର ଭାଗ-I ଅନୁସାରେ ଲଘୁ ଖଣିଜ ଏକ ପ୍ରତିଶତ ହାରରେ ପ୍ରବେଶ କର ଧାର୍ଯ୍ୟ ଅଟେ। ଓଇଟି ଅଧିନିୟମର ଧାରା 26 ଅନୁସାରେ, ଓଡ଼ିଶା ମୂଲ୍ୟ ଯୁକ୍ତ କର (ଓଭାଟ୍) ଅଧିନିୟମ ଅଧିନରେ ଅନୁସୂଚୀତ ଦ୍ରବ୍ୟ ଉତ୍ପାଦନ କରୁଥିବା ପ୍ରତ୍ୟେକ ପଞ୍ଜୀକୃତ ବ୍ୟବସାୟୀ ନିଜ ଉତ୍ପାଦିତ ସାମଗ୍ରୀର ବିକ୍ରି ମୂଲ୍ୟ ଉପରେ ପ୍ରଦେୟ କରର ସମାନ ପରିମାଣ କର ଆକାରରେ ଅସୁଲ କରିବେ । ପୁନଶ୍ଚ ଅଧିନିୟମର ଧାରା 9C(5) ଅନୁଯାୟୀ ସମୀକ୍ଷା ନିର୍ଦ୍ଧାରଣରେ ନିର୍ଦ୍ଧାରିତ କରର ଦୁଇ ଗୁଣ ଜୋରିମାନା ଆକାରରେ ଧାର୍ଯ୍ୟ କରାଯିବାର ବ୍ୟବସ୍ଥା ଅଛି ।

ଅଡିଟ୍ ପାଞ୍ଚ ଗୋଟି ମଣ୍ଡଳ[14]ର ଆଠଟି ବ୍ୟବସାୟୀଙ୍କର କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ୍ (ସେପ୍ଟେମ୍ବର 2016 ରୁ ଜାନୁଆରୀ 2017) କରିଥିଲା । ଏହି ବ୍ୟବସାୟୀମାନେ ଓଡ଼ିଶାର ଅଣ ପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ 70.06 କୋଟି ଟଙ୍କାର ପଥର ଜାତ ସାମଗ୍ରୀ, ବାଲି, ମୋରମ, ଚିପ୍ସ ପ୍ରଭୃତି କ୍ରୟ କରିଥିଲେ । ଏହି ବ୍ୟବସାୟୀମାନେ ଏଗୁଡ଼ିକ ବିଭିନ୍ନ ଠିକା କାର୍ଯ୍ୟରେ ବ୍ୟବହାର କରିଥିଲେ । କିନ୍ତୁ ସେମାନେ 70.06 ଲକ୍ଷ ଟଙ୍କାର ପ୍ରବେଶ କର ପୈଠ କରିନଥିଲେ ।

---

13 ମେସର୍ସ ଜଗଦାମ୍ବ ଆଇରନ୍ ଆଣ୍ଡ ଷ୍ଟୀଲ୍ ପ୍ରାଇଭେଟ୍ ଲିମିଟେଡ୍ ।

14 ବାଲେଶ୍ୱର, କଟକ-I-ମଧ୍ୟ, ଯାଜପୁର, କନ୍ଧମାଳ ଏବଂ ସମ୍ବଲପୁର-I ।

ପୁନଶ୍ଚ, ପଥର , ଚିପ୍ସ ଉତ୍ପାଦନ ଏବଂ ବିକ୍ରି କରୁଥିବା ଦୁଇ ଜଣ ବ୍ୟବସାୟୀ ମଧ୍ୟ 16.23 କୋଟି ଟଙ୍କାର ବିକ୍ରୟ କାରବାର ଉପରେ 16.23 ଲକ୍ଷ ଟଙ୍କା କର ପୈଠ କରିନଥିଲେ ।

କର ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓଇଟି ଅଧିନିୟମ ଅଧିନରେ ବ୍ୟବସାୟୀମାନଙ୍କର କର ନିର୍ଦ୍ଧାରଣ କରିନଥିଲେ ଅଥବା ଲଘୁ ଖଣିଜ ଦ୍ରବ୍ୟକୁ ଏକ ଅଣ ଅନୁସୂଚୀତ ଦ୍ରବ୍ୟ ଭାବେ ଗଣ୍ୟ କରି କର ନିର୍ଦ୍ଧାରଣ ଚୂଡ଼ାନ୍ତ କରିଥିଲେ । ଏହା ଫଳରେ, 86.29 ଲକ୍ଷ ଟଙ୍କାର ପ୍ରବେଶ କର (70.06 ଲକ୍ଷ ଟଙ୍କା+ 16.23 ଲକ୍ଷ ଟଙ୍କା) ଅନାରୋପଣ ହୋଇଥିଲା । ଏହା ବ୍ୟତୀତ 1.73 କୋଟି ଟଙ୍କାର ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା ।

ବିଭାଗ ଅଡିଟ୍ ମନ୍ତବ୍ୟ ଗୁଡ଼ିକ ମାନିଥିଲେ ଏବଂ ବୈଠକରେ କହିଥିଲେ ଯେ କର ନିର୍ଦ୍ଧାରଣ କାର୍ଯ୍ୟ ତିନୋଟି ମାମଲାରେ ଚୂଡ଼ାନ୍ତ ହୋଇଗଲାଣି ଏବଂ ଅନ୍ୟ ମାମଲାର ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଚାଲୁଅଛି । ପୁନଃ ନିର୍ଦ୍ଧାରଣ ଚୂଡ଼ାନ୍ତ ହେଲା ପରେ ଅନୁପାଳନ ଜଣାଇ ଦିଆଯିବ ।

### 2.6.5 ପୁନଃ ନିର୍ଦ୍ଧାରଣରେ ରିହାତି କର ହାରର ଅନିୟମିତ ମଞ୍ଜୁର କରିବା ଯୋଗୁଁ ପ୍ରବେଶ କର ହାନି

**ସ୍ୱଳ୍ପ ହାରରେ ପ୍ରବେଶ କର ମଞ୍ଜୁରୀ ହେତୁ ରାଜସ୍ୱ ହାନି ।**

ଓଇଟି ଅଧିନିୟମ, 1999 ର ଧାରା 3 ସହିତ ପଠିତ ଓଇଟି ନିୟମାବଳୀ, 1999 ର ନିୟମ 3(4) ଅନୁଯାୟୀ, ଉତ୍ପାଦନକାରୀ ଅନୁସୂଚୀତ ଦ୍ରବ୍ୟର ଉତ୍ପାଦନ ପାଇଁ କଞ୍ଚାମାଲ ସ୍ଥାନୀୟ ଅଞ୍ଚଳକୁ ପ୍ରଥମ ପ୍ରବେଶରେ ରିହାତି ଦରରେ ଅଧିନିୟମ ସଂଲଗ୍ନ ଅନୁସୂଚୀରେ ଧାର୍ଯ୍ୟ କରର 50 ପ୍ରତିଶତ ହାରରେ କର ଯୋଗ୍ୟ ଅଟେ । ଯଦି ବ୍ୟବସାୟୀ କିମ୍ବା ସେହି ଦ୍ରବ୍ୟର ଉତ୍ପାଦନକାରୀଙ୍କ ଦ୍ୱାରା ଦେୟ କରର ସଂଗ୍ରହ ହୋଇଥିବ ଏବଂ କ୍ୟାସ୍ ମେମୋ କିମ୍ବା କ୍ରେଡିଟ୍ ମେମୋ କିମ୍ବା ଉତ୍ପାଦନକାରୀଙ୍କୁ ଜାରି ହୋଇଥିବା ବିଲରେ ଅଲଗା ଭାବେ ଦର୍ଶାଯାଇଥିବ ଏବଂ କ୍ରେତା ଉତ୍ପାଦନକାରୀଙ୍କ ଠାରୁ ଫର୍ମ E-15 ଘୋଷଣାପତ୍ର ଆଣି ଉପସ୍ଥାପନ କରାଯାଇଥିବ, ତାହେଲେ ରିହାତି ଦରରେ କର ପ୍ରଯୁଜ୍ୟ ଅଟେ ।

ଅନୁସୂଚୀର ଭାଗ-I ର କ୍ରମିକ ସଂଖ୍ୟା 41 ଅନୁସାରେ ମହୁଆ ଫୁଲ ଏକ ପ୍ରତିଶତ ହାରରେ କର ଯୋଗ୍ୟ ଅଟେ । ପୁନଶ୍ଚ, ଅଧିନିୟମର ଧାରା 10(2) ଅନୁଯାୟୀ, ଯଦି ବ୍ୟବସାୟୀଙ୍କର ପୁନଃ ନିର୍ଦ୍ଧାରଣ ବେଳେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସନ୍ତୁଷ୍ଟ ହୁଅନ୍ତି କରର ସ୍ୱଳ୍ପ ନିର୍ଦ୍ଧାରଣର ଯଥାର୍ଥତା ନାହିଁ ସେ କର ନିର୍ଦ୍ଧାରଣରେ ହୋଇଥିବା କର ସହିତ ଦୁଇ ଗୁଣ କର ପୈଠ କରିବାକୁ ନିର୍ଦ୍ଦେଶ ଦେବେ ।

ପୁନଶ୍ଚ, ଓଇଟି ଅଧିନିୟମ 1999 ର ଧାରା 10 (1) ଅନୁଯାୟୀ, କର ଅବଧିର ସାତ ବର୍ଷ ମଧ୍ୟରେ ହିଁ ପୁନଃ ନିର୍ଦ୍ଧାରଣ କରାଯାଇପାରିବ ।

ଅଡିଟ୍ ବଲାଙ୍ଗିର ରେଞ୍ଜରେ ଜଣେ ଦେଶୀମଦ ଓ ପାତିତ ମଦର ଉତ୍ପାଦନ ଓ ବିକ୍ରୟରେ ନିୟୋଜିତ ବ୍ୟବସାୟୀଙ୍କ[15]ର କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ (ଜୁଲାଇ 2016) କରିଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ 1 ମାର୍ଚ୍ଚ 2007 ରୁ 31 ଜୁଲାଇ 2010 କର ଅବଧି ପାଇଁ ଓଇଟି ଅଧିନିୟମରେ ବ୍ୟବସାୟୀଙ୍କର କର ନିର୍ଦ୍ଧାରଣ କରିଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ 10.79 କୋଟି ଟଙ୍କାର କର ଯୋଗ୍ୟ କାରବାର ଉପରେ ଏକ ପ୍ରତିଶତ ହାରରେ 10.79 ଲକ୍ଷ ଟଙ୍କାର କର ଧାର୍ଯ୍ୟ କରିଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ କର ଯୋଗ୍ୟ କାରବାରର ନିସ୍ତାରଣ ସମ୍ବନ୍ଧୀୟ ଅଡିଟ୍ ସମୀକ୍ଷା (ନଭେମ୍ବର 2011) ଭିତ୍ତିରେ ପୁନଃ ନିର୍ଦ୍ଧାରଣ କରିଥିଲେ (ଜାନୁଆରୀ 2016) । ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଧାର୍ଯ୍ୟ ମହୁଆ ଫୁଲର ମୂଲ୍ୟକୁ ହିସାବକୁ ନେଇ ବ୍ୟବସାୟୀଙ୍କର 16.44 କୋଟି ଟଙ୍କା କର ଯୋଗ୍ୟ କାରବାର ନିର୍ଦ୍ଧାରଣ କରାଯାଇଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମୂଳ ନିର୍ଦ୍ଧାରଣରେ 1 ପ୍ରତିଶତ ହାରରେ କର ପ୍ରୟୋଗ କରିଥିବା ସତ୍ତ୍ୱେ ପୁନଃ ନିର୍ଦ୍ଧାରଣ ସମୟରେ ରିହାତି 0.5 ପ୍ରତିଶତ ହାରରେ କର ଆରୋପଣ କରିଥିଲେ । ପୁନଶ୍ଚ, ବ୍ୟବସାୟୀ ଅନିବନ୍ଧିତ ବ୍ୟବସାୟୀଙ୍କ ଠାରୁ ମହୁଆ ଫୁଲ କ୍ରୟ କରିଥିଲେ । ସେ ମଧ୍ୟ E 15 ଘୋଷଣାପତ୍ର ଦାଖଲ କରାଇ ନଥିଲେ । ଏଣୁ ସେ 0.5 ରିହାତି ହାର ପାଇଁ ହକ୍‌ଦାର ନଥିଲେ । ସାତ ବର୍ଷର ସମୟ କଟକଣା ଥିବାରୁ ବର୍ତ୍ତମାନ ପୁନଃ ନିର୍ଦ୍ଧାରଣର ଅବକାଶ ନାହିଁ ।

---

15 ମେସର୍ସ ଲକ୍ଷ୍ମୀନାରାୟଣ ମନମୋହନ ଲାଲ ଲିମିଟେଡ୍ ଟିନ୍-21491802086 ।

ଏଣୁ, ପୁନଃ ନିର୍ଦ୍ଧାରଣରେ ରିହାତି ଦରର ମଞ୍ଜୁର କରିବା ଫଳରେ 8.22 ଲକ୍ଷ ଟଙ୍କାର ରାଜସ୍ୱ ହାନି ଘଟିଥିଲା । ଜୋରିମାନା ବାବଦ 16.44 ଲକ୍ଷ ଟଙ୍କା ମଧ ଧାର୍ଯ୍ୟ ଥିଲା ।

ଉତ୍ତରରେ, ସରକାର କହିଥିଲେ (ଅକ୍ଟୋବର 2017) ଯେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ପୁନଃ ନିର୍ଦ୍ଧାରଣ (2016) ରେ ରିହାତି ଦର 0.5 ହାର ମଞ୍ଜୁର କରିଥିଲେ । ଯେହେତୁ ମହୁଆ ଫୁଲ କଞ୍ଚାମାଲ ରୂପେ ପାତିତ ମଦ ତିଆରିରେ ବ୍ୟବହୃତ ହେଉଛି, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ରିହାତି ନାମଞ୍ଜୁର କରିବା ବିଧି ଅନୁସାରେ ଠିକ୍ ଭାବି ନଥିଲେ । କିନ୍ତୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମୂଳ ନିର୍ଦ୍ଧାରଣରେ (2011) ରିହାତି ଦର ମଞ୍ଜୁର କରିଥିବାରୁ ଉତ୍ତରଟି ସ୍ୱୀକାର ଯୋଗ୍ୟ ନଥିଲା । ମହୁଆ ଫୁଲ କୌଣସି ପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ କ୍ରୟ ହୋଇନଥିଲା । ବ୍ୟବସାୟୀଙ୍କ ଦ୍ୱାରା କର ସଂଗ୍ରହ କରାଯାଇ ନଥିଲା ଏବଂ ଧାର୍ଯ୍ୟ E 15 ଘୋଷଣା ପତ୍ର ଉପଲବ୍ଧ କରାଯାଇ ନଥିଲା । ଏହା ମଧ କୌଣସି ବାହାର ରାଜ୍ୟରୁ କ୍ରୟ କରାଯାଇ ନଥିଲା । ଏଣୁ, ନିୟମ 3(4) (a) କିମ୍ବା (b) କିମ୍ବା (c) ରେ ବିହିତ ରିହାତି ହାର ପ୍ରଯୁଜ୍ୟ ନଥିଲା ।

# ଅଧ୍ୟାୟ III

# ରାଜ୍ୟ ଅବକାରୀ

# ଅଧ୍ୟାୟ III

## ରାଜ୍ୟ ଅବକାରୀ

### 3.1 କର ପରିଚାଳନା

ସରକାରୀ ସ୍ତରରେ ଅବକାରୀ ବିଭାଗର ପ୍ରମୁଖ ସଚିବ ହେଉଛନ୍ତି ପ୍ରଶାସନିକ ମୁଖ୍ୟ। ବିଭାଗଟି ଅବକାରୀ କମିଶନର (ଇସି)ଙ୍କ ଦ୍ୱାରା ପରିଚାଳିତ। ବିଭାଗଟି ତିନିଗୋଟି ଡିଭିଜନ[1] ରେ ବିଭକ୍ତ ହୋଇଛି, ଯଥା କେନ୍ଦ୍ରୀୟ ଡିଭିଜନ, ଉତ୍ତର ଡିଭିଜନ ଏବଂ ଦକ୍ଷିଣ ଡିଭିଜନ ଯେଉଁଗୁଡିକ ଅବକାରୀ ଉପକମିଶନରମାନଙ୍କ ଦ୍ୱାରା ପରିଚାଳିତ । ଏତଦ୍ ବ୍ୟତୀତ 69 ଜଣ ଅବକାରୀ ନିରୀକ୍ଷକ, 211 ଜଣ ଉପ ନିରୀକ୍ଷକ ଏବଂ 137 ଜଣ ସହାୟକ ଉପନିରୀକ୍ଷକ 31 ଜଣ ଅବକାରୀ ଅଧିକ୍ଷକଙ୍କ ଅଧିନରେ ନିଜ ନିଜ ଜିଲ୍ଲାରେ ଅବକାରୀ ଶୁଳ୍କର ଆରୋପଣ/ ସଂଗ୍ରହ ଏବଂ ଅନ୍ୟାନ୍ୟ ଆରୋପଣାଦି କାର୍ଯ୍ୟର ତତ୍ତ୍ୱାବଧାନ ଓ ନିୟନ୍ତ୍ରଣ କରନ୍ତି ।

### 3.2 ଆଭ୍ୟନ୍ତରୀଣ ସମୀକ୍ଷା

ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ (ଆଇଏଡବ୍ଲୁ) ଜୁନ୍ 2010 ରୁ ନିୟମିତ ଭାବରେ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ସମସ୍ତ ଅନୁଷ୍ଠାନର ଆଭ୍ୟନ୍ତରୀଣ ସମୀକ୍ଷା କରିଆସୁଅଛି। ଏହା ଅବକାରୀ ଶୁଳ୍କର ସଠିକ୍ ନିର୍ଦ୍ଧାରଣ, ଆଦାୟ ଏବଂ ସରକାରୀ ଖାତାକୁ ନିର୍ଦ୍ଧାରିତ ସମୟରେ ପୈଠ କରିବା ଇତ୍ୟାଦି ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ। 2016-17 ବର୍ଷ ମଧ୍ୟରେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ସମୀକ୍ଷା ପାଇଁ ଯୋଜନାକୃତ 14 ଟି ବିଭାଗ ମଧ୍ୟରୁ 6ଟିର ସମୀକ୍ଷା କରିଥିଲା। କମ୍‌ତିର କାରଣ ରୂପେ ବିଭାଗ କର୍ମଚାରୀ ଅଭାବର ଉଲ୍ଲେଖତାକୁ ଦର୍ଶାଇଥିଲା । ଅଡିଟ୍ ଦେଖିଲା ଯେ 2011-12 ରୁ 2016-17 ମଧ୍ୟରେ ଜାରି କରାଯାଇଥିବା 124 କୋଟି ଟଙ୍କା ଜଡିତ 519 ଟି ଅନୁଚ୍ଛେଦ ସମ୍ବଳିତ ଆଭ୍ୟନ୍ତରୀଣ ସମୀକ୍ଷା ରିପୋର୍ଟ ଗୁଡିକ 31 ମାର୍ଚ୍ଚ 2017 ସୁଦ୍ଧା ଅମୀମାଂସିତ ରହିଥିଲା।

### 3.3 ସମୀକ୍ଷାର ଫଳାଫଳ

ଅବକାରୀ ବିଭାଗର 29 ଟି ୟୁନିଟ୍‌ରେ 2016-17 ବର୍ଷରେ ନଥିପତ୍ରର ନମୁନାର ଯାଞ୍ଚରୁ ଅବକାରୀ ଶୁଳ୍କ/ ଲାଇସେନସ୍ ଫି/ ସୁଧ/ ଜୋରିମାନା ଏବଂ ଅନ୍ୟାନ୍ୟ ବାବଦରେ 1,194 ଟି ମାମଲାରେ 377.49 କୋଟି ଟଙ୍କାର ଅନିୟମିତତା ହୋଇଥିବାର ଦେଖାଯାଇଥିଲା ଯାହାକି ନିମ୍ନଲିଖିତ **ସାରଣୀ 3.1** ରେ ଦର୍ଶାଯାଇଛି ।

**ସାରଣୀ 3.1**

**ରାଜସ୍ୱ ପ୍ରାପ୍ତି ସମ୍ବନ୍ଧୀୟ ସମୀକ୍ଷା ଅବଲୋକନର ବର୍ଗୀକରଣ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ | ପର୍ଯ୍ୟାୟ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | "ମାଦକ ଦ୍ରବ୍ୟ ଗୁଡ଼ିକର ବେଆଇନ ଆମଦାନୀ, ରପ୍ତାନୀ, ପରିବହନ, ଉତ୍ପାଦନ, ଦଖଲ ଏବଂ ବିକ୍ରି ଜନିତ ଅପରାଧ ଓ ଜୋରିମାନା"ର ସମୀକ୍ଷା | 1 | 0 |
| 2. | ଅବକାରୀ ଶୁଳ୍କର ଅନାଦାୟ/ ସ୍ୱଳ୍ପାଦାୟ / ଲାଇସେନସ୍ ଫି/ ସୁଧ/ ଜୋରିମାନାର ଅଣ/ ସ୍ୱଳ୍ପ ଅସୁଲି । | 230 | 34.38 |
| 3. | ଅନ୍ୟାନ୍ୟ ଅନିୟମିତତା | 963 | 343.11 |
| | **ସମୁଦାୟ** | **1,194** | **377.49** |

1 କେନ୍ଦ୍ରୀୟ ଡିଭିଜନ (ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼ ଓ ପୁରୀ), ଉତ୍ତର ଡିଭିଜନ (ଅନୁଗୁଳ, ବରଗଡ଼, ବଲାଙ୍ଗିର, ଦେଓଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼) ଏବଂ ଦକ୍ଷିଣ ଡିଭିଜନ (ବ୍ରହ୍ମପୁର, ବୌଦ୍ଧ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା)।

2016-17 ବର୍ଷରେ ଦର୍ଶାଯାଇଥିବା 502 ଟି ମାମଲାରେ 35.58 କୋଟି ଟଙ୍କାର ସ୍ୱଳ୍ପ ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ତ୍ରୁଟିକୁ ବିଭାଗ ସ୍ୱୀକାର କରିଥିଲା । ପୂର୍ବ ବର୍ଷମାନଙ୍କରେ ଦର୍ଶାଯାଇଥିବା 319 ଟି ମାମଲାରେ 10.44 କୋଟି ଟଙ୍କା 2016-17 ବର୍ଷରେ ଅସୁଲ କରାଯାଇଥିଲା ।

## 3.4 "ମାଦକ ଦ୍ରବ୍ୟ ଗୁଡ଼ିକର ବେଆଇନ୍ ଆମଦାନୀ, ରପ୍ତାନୀ, ପରିବହନ, ଉତ୍ପାଦନ, ଗଛିତକରଣ ଏବଂ ବିକ୍ରି ଜନିତ ଅପରାଧ ଓ ଜୋରିମାନା" ସମ୍ବନ୍ଧୀୟ ସମୀକ୍ଷା


### 3.4.1 ଉପକ୍ରମ

ଅବକାରୀ ଯୋଗ୍ୟ ଉତ୍ପାଦଗୁଡ଼ିକର ଆମଦାନୀ, ରପ୍ତାନୀ, ପରିବହନ, ଉତ୍ପାଦନ, ଦଖଲ ଓ ବିକ୍ରି ଉପରେ ଅବକାରୀ ରାଜସ୍ୱର ସଂଗ୍ରହ ହେଲା ଅବକାରୀ ବିଭାଗର ମୁଖ୍ୟକାର୍ଯ୍ୟ । ଏହି ବିଭାଗ ମନୁଷ୍ୟ ବ୍ୟବହାର ପାଇଁ ଉପଯୁକ୍ତ ଗୁଣବତ୍ତା ଥିବା ସୁରାସାର, ପାନୀୟ ମଦ ଏବଂ ଅଫିମ ପରି ଅନ୍ୟାନ୍ୟ ନିଶାଯୁକ୍ତ ଦ୍ରବ୍ୟଗୁଡ଼ିକର ଯୋଗାଣକୁ ସୁନିଶ୍ଚିତ କରିଥିଲା । ବିହାର ଏବଂ ଓଡ଼ିଶା ଅବକାରୀ (ବିଏଣ୍ଡ୍ ଓଇ) ଅଧିନିୟମ, 1915 ଅଧିନରେ କୌଣସି ଅପରାଧରେ ଜଡ଼ିତ ଜଣେ ଦୋଷୀକୁ ଗିରଫ, ଜବତ କରିବା ପାଇଁ ଓ ନ୍ୟାୟାଳୟକୁ ପଠାଇବା ପାଇଁ ଅବକାରୀ ବିଭାଗ କ୍ଷମତାପନ୍ନ ଥିଲା । କୌଣସି ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀର ବିଚାର, ଶାସ୍ତିବିଧାନ ଓ କାରାବାସ ପାଇଁ ମଧ ଏହି ବିଭାଗ କ୍ଷମତାପନ୍ନ ଥିଲା । ଏହି ବିଭାଗର ଅନ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଯେକୌଣସି ମାଦକ ଦ୍ରବ୍ୟର ବେଆଇନ୍ ଉତ୍ପାଦନ ଓ ଅବୈଧ ଦଖଲ, ପରିବହନ ଏବଂ ବିକ୍ରି ପରି ବିଭିନ୍ନ ଅବକାରୀ ଅପରାଧଗୁଡ଼ିକର ନିୟନ୍ତ୍ରଣ ଓ ଯାଞ୍ଚ ମଧ ଅନ୍ତର୍ଭୁକ୍ତ ଥିଲା ।

ସମୀକ୍ଷାଟି ଷ୍ଟ୍ରାଟିଫାଏଡ୍ ସାମ୍ପଲିଙ୍ଗ୍ ସଂଗ୍ରହ ପଦ୍ଧତିରେ ବଛାଯାଇଥିବା 31 ଟି ମଧ୍ୟରୁ ନଅଟି ଜିଲ୍ଲାର ଅବକାରୀ ଅଧିକାରୀଙ୍କ କାର୍ଯ୍ୟାଳୟ (ଡିଇଓ)[2] ରେ ଅପ୍ରେଲ 2017 ରୁ ଜୁନ୍ 2017 ମଧ୍ୟରେ ସଞ୍ଚାଳିତ କରାଯାଇଥିଲା । ପୁନଶ୍ଚ, ଚାରିଗୋଟି ମଧ୍ୟରୁ ଦୁଇଟି ଅବକାରୀ ଗୁପ୍ତସୂଚନା ଓ ପ୍ରବର୍ତ୍ତନ ସଂସ୍ଥା (ଇଆଇଏଣ୍ଡ୍ ଓବି)[3] କୁ ମଧ ବଛା ଯାଇଥିଲା । ଅବକାରୀ ଆୟୁକ୍ତ (ଇସି)ଙ୍କ କାର୍ଯ୍ୟାଳୟରେ ଅବକାରୀ ଅପରାଧଗୁଡ଼ିକ ଏବଂ ପ୍ରବର୍ତ୍ତନ କାର୍ଯ୍ୟକଳାପ ଉପରେ ମିଳିଥିବା ସଂକଳିତ ତଥ୍ୟକୁ ମଧ ଅଡିଟ୍ ବିଶ୍ଳେଷଣ କରିଥିଲା । ନଥିପତ୍ରର ନମୁନା ଯାଞ୍ଚ କଲାବେଳେ ଅଡିଟ୍ ଏହା ନିରୂପଣ କରିବାକୁ ଥିଲା ଯେ:

- ସମୟାନୁସାରେ ବିଏଣ୍ଡଓଇ ଅଧିନିୟମ, 1915 ଏବଂ ତଦଧିନ ପ୍ରଣୀତ ନିୟମାବଳୀ ଅଧିନରେ ଅବକାରୀ ଅପରାଧଗୁଡ଼ିକ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସମୟୋଚିତ ଭାବେ ନିଆଯାଉଥିଲା କି ନାହିଁ ।
- ଅପରାଧୀମାନଙ୍କ ଦୋଷ ସାବ୍ୟସ୍ତ ପରେ ଜୋରିମାନା ଧାର୍ଯ୍ୟ ଏବଂ ଆଦାୟ ହୋଇଥିଲା କି ନାହିଁ ।
- ଅଭିଯୋଜନ ପ୍ରକ୍ରିୟାର ପରିସମାପ୍ତି ପରେ ଅଭିଗ୍ରହୀତ ଏବଂ ବ୍ୟାଜାପ୍ତ ହୋଇଥିବା ଦ୍ରବ୍ୟଗୁଡ଼ିକର ତ୍ୱରିତ ଫଇସଲା ହୋଇଥିଲା ।

### 3.4.2 ସାଙ୍ଗଠନିକ ବ୍ୟବସ୍ଥା




ଅବକାରୀ ଅପରାଧଗୁଡ଼ିକ ଉପରେ ଗୁପ୍ତ ସୂଚନା ସଂଗ୍ରହ ପାଇଁ ଚାରି ଗୋଟି ଇଆଇ ଏଣ୍ଡ ଇବି କାମ କରୁଥିଲେ । ପ୍ରବର୍ତ୍ତନ କାର୍ଯ୍ୟକଳାପ ପାଇଁ ଡିଇଓମାନଙ୍କୁ ଗୁପ୍ତ ସୂଚନା ଗୁଡ଼ିକୁ ପ୍ରଦାନ କରାଯାଏ । ପୁନଶ୍ଚ, ପ୍ରତ୍ୟେକ ଜିଲ୍ଲା ଏବଂ

[2] ବାଲେଶ୍ୱର, କଟକ, ଗଜପତି, ଜଗତସିଂହପୁର, ଯାଜପୁର, କୋରାପୁଟ, ମୟୁରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ ।

[3] ଇଆଇ ଏଣ୍ଡ୍ ଇବି, ବ୍ରହ୍ମପୁର ଓ ଇଆଇ ଏଣ୍ଡ ଇବି-I, କଟକ ।

ସବ୍‌ଡିଭିଜନ ସ୍ତରରେ ଅବକାରୀ, ପୋଲିସ୍, ଜଙ୍ଗଲ, ସ୍ୱାସ୍ଥ୍ୟ ଏବଂ ରାଜସ୍ୱ ବିଭାଗରୁ ଅଧିକାରୀମାନଙ୍କୁ ନେଇ ବହୁମୁଖୀ ଅନୁଶାସନିକ ଦଳ (ଏମ୍‌ଡିଏସ୍) ଗଠିତ ହୋଇଥିଲା । ଏକ ସମ୍ମିଳିତ ଓ ସଂଗଠିତ ଉପାୟରେ ଅବକାରୀ ଅପରାଧଗୁଡ଼ିକର ବୃଦ୍ଧି ଆଶଙ୍କାକୁ ରୋକିବା ପାଇଁ ସେମାନେ ଦାୟୀ ଥିଲେ । ପ୍ରତ୍ୟେକ ଜିଲ୍ଲା କାର୍ଯ୍ୟାଳୟ ସ୍ତରରେ ମୋବାଇଲ୍ ୟୁନିଟ୍ ଗୁଡ଼ିକ ମଧ କାର୍ଯ୍ୟ କରୁଥିଲା ।

## ସମୀକ୍ଷା ସିଦ୍ଧାନ୍ତ

ଅଡିଟ୍ ମାଦକ ଦ୍ରବ୍ୟ ଗୁଡ଼ିକର ବେଆଇନ୍ ଆମଦାନୀ, ରପ୍ତାନୀ, ପରିବହନ, ଉତ୍ପାଦନ, ଦଖଲ ଏବଂ ବିକ୍ରି ପାଇଁ ଅପରାଧ ଓ ଜୋରିମାନା ସବୁର ନଥିପତ୍ରର ନମୁନା ଯାଞ୍ଚ କରିଥିଲା । ଅଡିଟ୍ ନିମ୍ନଲିଖିତ ଅଭାବଗୁଡ଼ିକୁ ଅନୁଧାନ କରିଥିଲା, ଯାହାକି ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚିତ ହୋଇଛି:

## 3.4.3 ଅପରାଧ ମାମଲାଗୁଡ଼ିକର ସନ୍ଧାନ ଓ ଫଏସଲା

2014-15 ରୁ 2016-17 ବର୍ଷ ମଧ୍ୟରେ ବଛା ଯାଇଥିବା ନଅଟି[4] ଡିଇଓ ଏବଂ ଦୁଇଟି[5] ଇଆଇ ଏଣ୍ଡ ଇବି ଅଧିନରେ ଅପରାଧିକ ମାମଲାଗୁଡ଼ିକର ସନ୍ଧାନ, ଜମା ଓ ଫଏସଲା ଗୁଡ଼ିକ ନିମ୍ନ ମତେ ଥିଲା:

| ବର୍ଷ | ବର୍ଷ ଆରମ୍ଭରେ ନ୍ୟାୟାଳୟ ଗୁଡିକରେ ବାକିଥିବା ମାମଲାସମୂହ | ବର୍ଷ ମଧ୍ୟରେ ସନ୍ଧାନ କରାଯାଇଥିବା ମାମଲାସମୂହ | ଅଭିଯୋଜନ ପାଇଁ ଫି/ ପାଇଥିବା ମାମଲାଗୁଡ଼ିକ (ଅଘୋଷିତ ମାମଲା ଛଡ଼ା) | ନ୍ୟାୟାଳୟର ବାକିଥିବା ମାମଲା ଗୁଡ଼ିକର ସମଷ୍ଟି | ନ୍ୟାୟାଳୟ ଦ୍ୱାରା ଫଇସଲା ହୋଇଥିବା ମାମଲାଗୁଡ଼ିକ | | | | | ନ୍ୟାୟାଳୟରେ ଥିବା ବାକି ମାମଲା ସମୂହ ସମଷ୍ଟି |
|---|---|---|---|---|---|---|---|---|---|---|
| | | | | | ମୋଟ | ଦୋଷୀ ସାବ୍ୟସ୍ତ | ଛାଡ଼ ପ୍ରାପ୍ତ | ଦୋଷୀସାବ୍ୟସ୍ତର ପ୍ରତିଶତ | ଛାଡ଼ ପ୍ରାପ୍ତ ର ପ୍ରତିଶତ | |
| 2014-15 | 59,998 | 8,076 | 5,867 | 65,865 | 7,515 | 294 | 7,221 | 3.91 | 96.09 | 58,350 |
| 2015-16 | 46,863 | 8,730 | 6,348 | 53,211 | 7,456 | 47 | 7,409 | 0.63 | 99.37 | 45,755 |
| 2016-17 | 46,247 | 9,396 | 7,527 | 53,774 | 5,138 | 159 | 4,979 | 3.09 | 96.91 | 48,636 |
| ମୋଟ | | **26,202** | **19,742** | | **20,109** | **500** | **19,609** | **2.49** | **97.51** | |

ଉତ୍ସ: ଇସି ଏବଂ ଡିଇଓଙ୍କ ଠାରୁ ପ୍ରାପ୍ତ ସୂଚନା

ଏହି ପରିପ୍ରେକ୍ଷୀରେ ଅଡିଟ୍ ଅବଲୋକନ କଲା ଯେ:

- ନ୍ୟାୟାଳୟମାନଙ୍କରେ ପଡ଼ିରହିଥିବା ମାମଲା ସଂଖ୍ୟା 53,774 ଥିଲା ଯାହା ବହୁତ ଥିଲା;
- ବିଗତ ତିନି ବର୍ଷ ପାଇଁ ଦୋଷୀ ସାବ୍ୟସ୍ତର ହାରାହାରି ପ୍ରତିଶତ ଅତି ନିମ୍ନ (2.49 ପ୍ରତିଶତ) ଥିଲା, ଯାହାକି ମାମଲାଗୁଡ଼ିକର ଦୁର୍ବଳ ପରିଚାଳନାର ସୂଚନା ଦେଉଥିଲା; ଏବଂ
- ଅଭିଯୋଜନ ପାଇଁ ନ୍ୟାୟାଳୟମାନଙ୍କୁ ପ୍ରେରିତ ହେଉଥିବା ମାମଲା ଏବଂ ବିଭାଗ ଦ୍ୱାରା ସନ୍ଧାନ କରାଯାଇଥିବା ମାମଲାଗୁଡ଼ିକ ମଧ୍ୟରେ ଗୋଟେ ବଡ଼ ଧରଣର ପାର୍ଥକ୍ୟ ଥିଲା । ଏହା ସୂଚିତ କରୁଥିଲା ଯେ ସବୁ ମାମଲାଗୁଡ଼ିକର ଦୋଷୀମାନେ ଦୋଷୀ ସାବ୍ୟସ୍ତ ହେଉନଥିଲେ ।

ବିସ୍ତୃତ ମନ୍ତବ୍ୟଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା:

## 3.4.4 ଅପରାଧିକ ମାମଲାଗୁଡ଼ିକର କ୍ରମାଗତ ବୃଦ୍ଧି ସହ ମାମଲାଗୁଡ଼ିକର ସ୍ୱଳ୍ପ ଫଏସଲା

**2014-15 ରୁ 2016-17 ମଧ୍ୟରେ ଅବକାରୀ ଅପରାଧ ଗୁଡ଼ିକର ବୃଦ୍ଧିହାର ଅଧିକ ଥିଲା ।**


ଅବକାରୀ ଅଧିନିୟମ ଓ ନୀତିର ମୂଳ ଲକ୍ଷ୍ୟ ହେଲା କୌଣସି ପ୍ରକାର ଅବକାରୀ ଅପରାଧଗୁଡ଼ିକୁ ଆଦୌ ସହ୍ୟ ନ କରିବା । ତେଣୁ, ପ୍ରତ୍ୟେକ ପ୍ରକାରର ଅପରାଧଗୁଡ଼ିକ ପାଇଁ ବି ଏଣ୍ଡ ଓଇ ଅଧିନିୟମ, 1915 ରେ ବାଧ୍ୟତା ମୂଳକ ଦଣ୍ଡ ସ୍ୱରୂପ ଜୋରିମାନା ଏବଂ କାରାବାସ ଧାର୍ଯ୍ୟ କରାଯିବାର ବ୍ୟବସ୍ଥା ଅଛି । ଅବକାରୀ ଅପରାଧ ଓ କର ଆଶଙ୍କାକୁ ଫଳପ୍ରଦ ଭାବରେ ମୁକାବିଲା କରିବାକୁ ବିଭାଗ ମଧ ପର୍ଯ୍ୟାପ୍ତ ବ୍ୟବସ୍ଥା ସହ ବ୍ୟବସ୍ଥିତ ଅଛି ।

---

[4] ବାଲେଶ୍ୱର, କଟକ, ଗଜପତି, ଜଗତସିଂହପୁର, ଯାଜପୁର, କୋରାପୁଟ, ମୟୁରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ ।

[5] ଇଡିସି(ଏସ୍‌ଡି)ଙ୍କ ଅଧିନସ୍ଥ ଇଆଇ ଏଣ୍ଡ୍ ଇବି, ବ୍ରହ୍ମପୁର ଏବଂ ଇସିଙ୍କ ଅଧିନସ୍ଥ ଇଆଇ ଏଣ୍ଡ୍ ଇବି-I, କଟକ ।

ଅଡିଟ୍ ଲକ୍ଷ୍ୟ କଲା ଯେ ମାଦକ ଦ୍ରବ୍ୟ ଏବଂ ନିଶାଯୁକ୍ତ ଦ୍ରବ୍ୟ (ଏନ୍‌ଡିପିଏସ୍)[6] ମାମଲାଗୁଡ଼ିକୁ ମିଶାଇ ଅବକାରୀ ଅପରାଧ ମାମଲାଗୁଡ଼ିକ କ୍ରମାଗତ ଭାବରେ ବୃଦ୍ଧି ହେବାରେ ଲାଗିଥିଲା । ଏହା 2014-15 ରେ 8,076 ରୁ 2016-17 ରେ 9,396 ପର୍ଯ୍ୟନ୍ତ 16.34 ପ୍ରତିଶତ ବୃଦ୍ଧି ପାଇଥିଲା । ମାତ୍ର ନ୍ୟାୟାଳୟ ମାନଙ୍କ ଦ୍ୱାରା ଅପରାଧ ମାମଲାଗୁଡ଼ିକର ଫଏସଲା 2014-15 ରେ 7,515 ରୁ 2016-17 ରେ 5,138 ପର୍ଯ୍ୟନ୍ତ 31.63 ପ୍ରତିଶତ ହ୍ରାସ ଘଟିଥିବାର ଦର୍ଶାଉଥିଲା ।



(ଉତ୍ସ: ଅବକାରୀ ଆୟୁକ୍ତଙ୍କ ଠାରୁ ମିଳିଥିବା ସୂଚନା)

ପ୍ରସ୍ଥାନ ବୈଠକ ସମୟରେ ସରକାର କହିଲେ ଯେ ନ୍ୟାୟାଳୟମାନଙ୍କ ଦ୍ୱାରା ଫଇସଲା ନିମନ୍ତେ କେତେକ ମାମଲାଗୁଡ଼ିକ ପଡ଼ି ରହିଥିଲା । ମାତ୍ର ସରକାର ବା ବିଭାଗ ଦ୍ୱାରା ଅପରାଧ ମାମଲା ଗୁଡ଼ିକର କ୍ରମାଗତ ବୃଦ୍ଧିର କାରଣକୁ ସ୍ପଷ୍ଟ କରାଯାଇପାରି ନଥିଲା ।

## 3.4.5 ଦୋଷୀ ସାବ୍ୟସ୍ତର ସ୍ୱଳ୍ପତା

**ଅନୁସନ୍ଧାନ ଅଧିକାରୀଙ୍କ ଦ୍ୱାରା ଜବତ ହୋଇଥିବା ସାମଗ୍ରୀ, କାଗଜପତ୍ର ଇତ୍ୟାଦି ଦାଖଲ ନହେବା ଯୋଗୁଁ ଦୋଷୀ ସାବ୍ୟସ୍ତର ପ୍ରତିଶତ ଅତ୍ୟନ୍ତ ସ୍ୱଳ୍ପ ଥିଲା ।**

ଦଣ୍ଡ ପ୍ରକ୍ରିୟା ସଂହିତା, 1973 (ସିଆରପିସି)ର ଧାରା 102 (3) ରେ ବ୍ୟବସ୍ଥା ଅଛି ଯେ, ଯେକୌଣସି ଅଭିଗ୍ରହଣ ସମ୍ବନ୍ଧରେ ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇଦିଆଯିବ ଏବଂ ଅଭିଗୃହୀତ ଦ୍ରବ୍ୟଗୁଡ଼ିକୁ ଯେତେବେଳେ ଦରକାର ପଡ଼ିବ ସେତେବେଳେ ନ୍ୟାୟାଳୟ ସମ୍ମୁଖରେ ଉପସ୍ଥାପନ କରିବା ନିମନ୍ତେ ହାଜତରେ ରଖାଯିବ ଯେପର୍ଯ୍ୟନ୍ତ କି ନ୍ୟାୟାଳୟ ସେଗୁଡ଼ିକ ଫଇସଲା ପାଇଁ ଆଦେଶ ନ ଦେଇଛି । ଅବକାରୀ ଅଧିନିୟମ ଧାରା 85 ପ୍ରତି ମଧ୍ୟ ଏହି ବ୍ୟବସ୍ଥା ପ୍ରଯୁଜ୍ୟ । ପୁନଶ୍ଚ, ଅବକାରୀ ଆୟୁକ୍ତ ତାଙ୍କ ପତ୍ର[7] (ନଭେମ୍ବର 1978) ରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ପ୍ରତିଷେଧକ, ପ୍ରତିରୋଧକ ଅନୁସନ୍ଧାନମୂଳକ ତଥା ସନ୍ଧାନସୂଚକ କାର୍ଯ୍ୟ ପଦ୍ଧତିକୁ ବ୍ୟବସ୍ଥିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାମଧ୍ୟ ସୁନିଶ୍ଚିତ କରିବାକୁ ଥିଲା ଯେ ଦୋଷୀମାନେ ଯେମିତି ଅପରାଧରେ ଫସାଇବା ଭଳି ପ୍ରମାଣ ଏବଂ ଅଭିସାକ୍ଷର ଅଭାବରୁ ମୁକ୍ତ ହୋଇ ନ ଯାଆନ୍ତି ।

ଅଡିଟ୍ ଲକ୍ଷ୍ୟ କଲା ଯେ ସମୀକ୍ଷା ପରିସରଭୁକ୍ତ ସମୟ ମଧ୍ୟରେ 53,774 ଟି ମାମଲା ମଧ୍ୟରୁ ନ୍ୟାୟାଳୟ ମାନଙ୍କ ଦ୍ୱାରା 20,109 ଟି ମାମଲାର ଫଇସଲା ହୋଇଥିଲା ଯାହା ମଧ୍ୟରେ 500 ଟି ଦୋଷୀ ସାବ୍ୟସ୍ତ ଏବଂ 19,609 ଟି ଦୋଷମୁକ୍ତ ମାମଲା ଅନ୍ତର୍ଭୁକ୍ତ ଥିଲା । ଦୋଷୀ ସାବ୍ୟସ୍ତ ମାମଲା ଗୁଡ଼ିକର ପ୍ରତିଶତ 0.63 ରୁ 3.91 ପ୍ରତିଶତ ମଧ୍ୟରେ ଏବଂ ଦୋଷମୁକ୍ତ ମାମଲା ଗୁଡ଼ିକର ପ୍ରତିଶତ 96.09 ରୁ 99.37 ପ୍ରତିଶତ ମଧ୍ୟରେ ଥିଲା । ଅବୈଧ ପାତିତ ମଦ୍ୟ (ଆଇଡିଏଲ୍), ଭାରତ ପ୍ରସ୍ତୁତ ବିଦେଶୀ ମଦ (ଆଇଏମ୍ଏଫ୍ଏଲ୍), ବିଅର ଏବଂ ଦେଶୀ ମଦ


[6] ଗଞ୍ଜା ଓ ବ୍ରାଉନ୍ ସୁଗାର ।

[7] ଚିଠି ସଂଖ୍ୟା.128/78-6655 (13)/ ଅବକାରୀ, ତାରିଖ 08.11.1978 ।

(ସିଏସ୍) ଆଦିର ବେଆଇନ୍ ଉତ୍ପାଦନ, ଦଖଲ ପରିବହନଏବଂ ବିକ୍ରି ପ୍ରଭୃତି ମାମଲା ଗୁଡ଼ିକରେ ଦୋଷମୁକ୍ତ ମାମଲାର ପରିମାଣ ଅଧିକ ଥିଲା ।

ଏହା ନିମ୍ନଲିଖିତ କାରଣ ଯୋଗୁଁ ଥିଲା:

- ଅନୁସନ୍ଧାନକାରୀ ଅଧିକାରୀମାନଙ୍କ ଦ୍ୱାରା ନ୍ୟାୟାଳୟ ସମ୍ମୁଖରେ ଚିହ୍ନଟ ପାଇଁ ଅଭିଗୃହୀତ ଦ୍ରବ୍ୟଗୁଡ଼ିକୁ ଉପସ୍ଥାପିତ କରାଯାଇ ପାରିନଥିଲା ;
- ସେଗୁଡ଼ିକର ଉପସ୍ଥାପନ ନ ହୋଇଥିବାର ଯୁକ୍ତିଯୁକ୍ତ ବ୍ୟାଖ୍ୟା ଦିଆଯାଇ ନଥିଲା ଏବଂ ନୀଳ ଲିଟମସ୍[8] କାଗଜ ପରୀକ୍ଷାର ପ୍ରତିଲିପି ଯାହାକି ଅଭିଗୃହୀତ ଦ୍ରବ୍ୟଗୁଡ଼ିକ ମାଦକ ଦ୍ରବ୍ୟ ହୋଇଥିବାର ପ୍ରମାଣିତ କରେ ତାହା ମଧ ଉପସ୍ଥାପନ କରାଯାଇପାରି ନଥିଲା ;
- ଅଭିଗୃହୀତ ମାଦକ ଦ୍ରବ୍ୟ ଗୁଡ଼ିକର ରାସାୟନିକି ପରୀକ୍ଷା ପରିଚାଳନା ପାଇଁ ଅନୁସନ୍ଧାନ ଅଧିକାରୀଙ୍କ ଅଭିଜ୍ଞତା ଏବଂ ବୈଷୟିକ ପ୍ରଶିକ୍ଷଣ[9] ସପକ୍ଷରେ କୌଣସି ଦସ୍ତାବିଜ୍ ନ୍ୟାୟାଳୟରେ ଉପସ୍ଥାପିତ ହୋଇନଥିଲା ;
- ଯେଉଁଘରେ ଅବୈଧ ଦ୍ରବ୍ୟଗୁଡ଼ିକ ଅଭିଗୃହୀତ ହୋଇଥିଲା ସେ ଘରର ମାଲିକାନା ସଂପର୍କରେ ବିଭିନ୍ନ ଦସ୍ତାବିଜ୍ ମଧ ନଥିଲା ।



(ଉତ୍ସ: ଅବକାରୀ ଆୟୁକ୍ତଙ୍କ ଠାରୁ ସଂଗୃହୀତ ସୂଚନା)

ପୁନଶ୍ଚ, ପ୍ରାଧୀକାରୀଙ୍କ ଦ୍ୱାରା କୌଣସି ଦୋଷମୁକ୍ତ ମାମଲାକୁ ଏପରିକି ଏନ୍‌ଡିପିଏସ୍ ସଂପର୍କିତ ମାମଲାରେ ମଧ ଅପିଲ ଦ୍ୱାରା / ଆପତ୍ତି ଉଠାଯାଇନଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ଏହି ବିଚ୍ୟୁତି ଗୁଡ଼ିକ ଅତି ଗମ୍ଭୀର ପ୍ରକୃତିର ଥିଲା । ଏହା ମଧ ବିଭାଗ ଦ୍ୱାରା ମୌଳିକ ବୃତ୍ତିଗତ ଦକ୍ଷତା ଏବଂ ପ୍ରୟୋଗର ଅଭାବକୁ ଦର୍ଶାଇଥିଲା । ପୁନଶ୍ଚ, ସ୍ୱଳ୍ପ ଦୋଷୀ ସାବ୍ୟସ୍ତ ହାର ଅପରାଧୀ ମାନଙ୍କ ସାହସ ବୃଦ୍ଧି ବହୁଳଭାବେ କରିପାରେ ।

ଅଡିଟର ମନ୍ତବ୍ୟକୁ ସରକାର ସ୍ୱୀକାର କରିଥିଲେ ଏବଂ ଦର୍ଶାଯାଇଥିବା ବିଚ୍ୟୁତି ଗୁଡ଼ିକୁ ପରିଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## 3.4.6 ବ୍ୟାଜ୍ୟାପ୍ତ ମାଲଗୁଡ଼ିକ ନିକାଶ ନ ହେବା

**ବାଜ୍ୟାପ୍ତ ବସ୍ତୁଗୁଡିକର ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନିକାଶ ହୋଇ ନ ଥିଲା ।**

ବିହାର ଓ ଓଡିଶା ଅବକାରୀ (ବି ଏଣ୍ଡ ଇ) ଅଧିନିୟମ, 1915 ର ଧାରା 66(1) ଅନୁଯାୟୀ ଯେତେବେଳେ ଏକ ଦଣ୍ଡନୀୟ ଅବକାରୀ ଅପରାଧ ଘଟିତ ହୁଏ, ସେହି ଅପରାଧରେ ବ୍ୟବହୃତ ସମସ୍ତ ମାଲ୍ ଯଥା- ମାଦକ ଦ୍ରବ୍ୟ, ମଦ

8 ଏହା ଏକ ଅମ୍ଳଭିତ୍ତିକ ସୂଚକ । ଏହା ଅମ୍ଳ ସଂସ୍ପର୍ଶରେ ଆସିଲେ ଲାଲ ରଙ୍ଗ ହୋଇଥାଏ ।

9 ଅବକାରୀ ନିୟମ ପୁସ୍ତିକା ଅନୁସାରେ ନୀଳ ଲିଟମସ୍ କାଗଜ ପରୀକ୍ଷା ଉପରେ ଅଭିଜ୍ଞତା ପ୍ରମାଣ ପତ୍ର/ ପ୍ରଶିକ୍ଷଣ ପ୍ରମାଣ ପତ୍ର ଅନୁସନ୍ଧାନକାରୀ ଅଧିକାରୀ ରଖିବା ଉଚିତ୍ ।

ରାନ୍ଧିବା ପାତ୍ର, ବାସନ ଏବଂ ଅନ୍ୟ ସମସ୍ତ ଉପକରଣ ଗୁଡିକ ବାଜ୍ୟାପ୍ତ କରାଯିବ । ପୁନଶ୍ଚ, ବୋର୍ଡ ଅବକାରୀ ନିୟମାବଳୀ 1965, ନିୟମ 137 ଅନୁସାରେ ବାଜ୍ୟାପ୍ତ ମାଲଗୁଡିକର ନିକାଶ ଧାର୍ଯ୍ୟ ଅପିଲ୍ ସମୟସୀମା ସମାପ୍ତ ପର୍ଯ୍ୟନ୍ତ ବିଳମ୍ବିତ କରିବାକୁ ହେବ କିମ୍ବା ବାଜ୍ୟାପ୍ତ ଆଦେଶ ବିରୁଦ୍ଧରେ ଅପିଲ କରାଯାଇଥିଲେ ଅପିଲର ଫଏସଲା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ । ପରନ୍ତୁ, ବାଜ୍ୟାପ୍ତ ମାଲଗୁଡିକ ଯଦି ନଷ୍ଟଶୀଳ ହୋଇଥିବ, ତେବେ ସେଗୁଡିକୁ ତୁରନ୍ତ ବିକ୍ରୟ କରାଯାଇପାରିବ । ସରକାରଙ୍କ ଦ୍ୱାରା ସ୍ୱୀକୃତ ଡ୍ରଗ୍ ଡିସପୋଜାଲ କମିଟି (ଡିଡିସି) ଦ୍ୱାରା କେବଳ ମାଦକ ଦ୍ରବ୍ୟ ଏବଂ ନିଶାଯୁକ୍ତ ଦ୍ରବ୍ୟ (ଏନ୍‌ଡିପିଏସ୍) ଗୁଡିକ ନଷ୍ଟ କରାଯିବାରଥିଲା ।

ଅଡିଟ୍ ଜାଣିବାକୁ ପାଇଲା ଯେ ମାନନୀୟ ଅଦାଲତଙ୍କ ଦ୍ୱାରା 500 ଗୋଟି ଦୋଷୀ ସାବ୍ୟସ୍ତ ଓ 19,609 ଗୋଟି ଦୋଷମୁକ୍ତ ମାମଲା ଏହିପରି ସର୍ବମୋଟ 20,109 ମାମଲା ଫଏସଲା କରାଯାଇଥିଲା । ମାନନୀୟ ଅଦାଲତ ଅପିଲ ସମୟ ସୀମା[10] ସମାପ୍ତିର ଚାରି ମାସ ମଧ୍ୟରେ ବାଜ୍ୟାପ୍ତ ମାଲ୍‌ଗୁଡିକୁ ନିକାଶ କରିବାକୁ ଆଦେଶ ଦେଇଥିଲେ । କିନ୍ତୁ ସଂପୃକ୍ତ ଅବକାରୀ ଅଧିକ୍ଷକମାନେ ବାଜ୍ୟାପ୍ତ ସମସ୍ତ ବସ୍ତୁଗୁଡିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିକାଶ କରିବାରେ ବିଫଳ ହୋଇ ଥିଲେ ।

ମାନନୀୟ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାଜ୍ୟାପ୍ତ ବସ୍ତୁଗୁଡିକର ନିକାଶ ନ ହେବା ଦ୍ୱାରା ବସ୍ତୁଗୁଡିକର ଆତ୍ମସାତକରଣ ଏବଂ ଅପବ୍ୟବହାରର ଯଥେଷ୍ଟ ଆଶଙ୍କା ଥିଲା । ବିଶେଷତଃ ଏନ୍‌ଡିପିଏସ୍ ମାଲ୍‌ଗୁଡିକ ଚୋରୀ ତଥା ପ୍ରତିସ୍ଥାପନ ପାଇଁ ସହଜଭେଦ୍ୟ ହୋଇଥିବାରୁ ଏହା ଏକ ମାରାତ୍ମକ ତ୍ରୁଟି ଥିଲା । ପୁନଶ୍ଚ, ଏହାଦ୍ୱାରା ନିଲାମଯୋଗ୍ୟ ବସ୍ତୁ ଯଥା- ମଦ ରନ୍ଧା ପାତ୍ର, ବାସନ ଇତ୍ୟାଦିର ବିକ୍ରିରୁ ପ୍ରାପ୍ତ ହେବାକୁ ଥିବା ଅବକାରୀ ରାଜସ୍ୱ ପ୍ରାପ୍ତିରେ ବାଧା ସୃଷ୍ଟି ହୋଇଥିଲା । ଏହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବକୁ ସୂଚାଉଥିଲା ।

ଅଡିଟ୍ ମନ୍ତବ୍ୟଟିକୁ ସ୍ୱୀକାର କରି ସରକାର କହିଥିଲେ ଯେ ଅଭିଗୃହୀତ ବସ୍ତୁଗୁଡିକ ଗଚ୍ଛିତ କରିବା ପାଇଁ ସରକାର ଭିତ୍ତି ସଂରଚନା ଯଥା- ମାଲଖାନା, ହାଜତ ଏବଂ ଭଣ୍ଡାର ଘର ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି ।

### 3.4.7 ଦାବିହୀନ ମାମଲାରେ ଅଭିଗୃହୀତ ବସ୍ତୁଗୁଡିକ ନିକାଶ ନହେବା

**ଦାବିହୀନ ଭାବେ ବାଜ୍ୟାପ୍ତ ହୋଇଥିବା ସାମଗ୍ରୀ ଗୁଡିକର ନିର୍ଦ୍ଧାରିତ ସମୟ ଅତିବାହିତ ହେଲା ପରେ ମଧ୍ୟ ନିକାଶ ହୋଇନଥିଲା ।**

ବିହାର ଓ ଓଡିଶା ଅବକାରୀ (ବି ଏଣ୍ଡ୍ ଓଇ) ଅଧିନିୟମ, 1915 ର ଧାରା 67(2) ଅନୁସାରେ ଯେତେବେଳେ କୌଣସି ସାମଗ୍ରୀ ଧାରା 66 ଅନୁଯାୟୀ ବାଜ୍ୟାପ୍ତ ହେବା କଥା ଏବଂ ସଂପୃକ୍ତ ଅପରାଧୀ ବା ସାମଗ୍ରୀଗୁଡିକର ଦଖଲକାରୀ ବ୍ୟକ୍ତି ଜଣାପଡନ୍ତି ନାହିଁ କିମ୍ବା ମିଳନ୍ତି ନାହିଁ, ସେ କ୍ଷେତ୍ରରେ ଏହି ସମସ୍ତ ମାମଲାଗୁଡିକୁ ଜିଲ୍ଲାପାଳ ତଦନ୍ତ କରି ସାମଗ୍ରୀଗୁଡିକର ବାଜ୍ୟାପ୍ତ ପାଇଁ ଆଦେଶ ଦେଇ ପାରିବେ । ପରନ୍ତୁ, ଏହି ଆଦେଶ ଅଭିଗୃହୀତ ତାରିଖ ଠାରୁ ଏକ ମାସ ସମାପ୍ତି ନ ହେବା ପର୍ଯ୍ୟନ୍ତ କିମ୍ବା ପ୍ରମାଣପତ୍ର ସହିତ ଅଭିଗୃହୀତ ବସ୍ତୁକୁ ଦାବୀ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଶୁଣାଣିର ସୁଯୋଗ ନ ଦେବା ପର୍ଯ୍ୟନ୍ତ ଜାରି ହୋଇପାରିବ ନାହିଁ ।

ବଛା ଯାଇଥିବା ସମସ୍ତ ଜିଲ୍ଲା ଅବକାରୀ ଅଧିକାରୀ (ଡିଇଓ) ଏବଂ ଅବକାରୀ ଗୁପ୍ତ ସୂଚନା ଏବଂ ପ୍ରବର୍ତ୍ତନ ସଂସ୍ଥା (ଇଆଇଏଣ୍ଡଇବି) ଗୁଡିକର ନଥିପତ୍ର ଯାଞ୍ଚରୁ ଅଡିଟ୍ ଜାଣିବାକୁ ପାଇଲା ଯେ ମୋଟ 26,202 ଟି ଅପରାଧ ମାମଲା ମଧ୍ୟରୁ 5,678 ଟି ମାମଲାରେ କେହି ଦାବିଦାର ନଥିଲେ । ଯେହେତୁ ଏହି ମାମଲା ଗୁଡିକ କୌଣସି ବିଧିକ କାର୍ଯ୍ୟବିଧି ସାପେକ୍ଷ ନଥିଲା, ଜବତ ହୋଇଥିବା ମଦ ରନ୍ଧନ ପାତ୍ର, ବାସନ କୁସନ, ଯାନବାହନ, ଆଇଡିଏଲ୍, ଆଇଏମ୍‌ଏଫ୍‌ଏଲ୍, ବିଅର ଏବଂ ଦେଶୀ ମଦ ଇତ୍ୟାଦି ଗୁଡିକୁ ନିକାଶ କରିବାରେ କୌଣସି ବନ୍ଧନ ନଥିଲା । କିନ୍ତୁ, ବାଜ୍ୟାପ୍ତ ତାରିଖ ଠାରୁ ନିର୍ଦ୍ଧାରିତ ଏକ ମାସର ସମୟ ସୀମା ସମାପ୍ତ ହୋଇଥିଲେ ମଧ୍ୟ ବିଭାଗ ସେଗୁଡିକୁ ନିକାଶ କରିନଥିଲେ । ନିକାଶ ନ ହେବା ଦ୍ୱାରା ସେଗୁଡିକର ଆତ୍ମସାତ୍‌କରଣ ତଥା ରାଜସ୍ୱ ହାନୀର ସମ୍ଭାବନା ସୃଷ୍ଟି କରିପାରେ । ଏହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବକୁ ସୂଚାଉଥିଲା ।

ଅଡିଟ୍ ମନ୍ତବ୍ୟଟିକୁ ସରକାର ସ୍ୱୀକାର କରିଥିଲେ ଏବଂ କହିଥିଲେ ଯେ ଦାବିହୀନ ମାମଲାଗୁଡିକୁ ନିକାଶ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।

[10] ଅପିଲ୍ ସମୟ ସୀମା ତିନି ମାସ ।

### 3.4.8 ବହୁ ପରିମାଣର ବିଚାରାଧିନ ଅପରାଧ ମାମଲା ଫଏସଲା ପାଇଁ ସ୍ୱତନ୍ତ୍ର ଅଦାଲତ ଗୁଡିକର ପ୍ରତିଷ୍ଠା

**ବହୁପରିମାଣର ବିଚାରାଧିନର ଫଏସଲା ପାଇଁ ସ୍ୱତନ୍ତ୍ର ଅଦାଲତଗୁଡ଼ିକର ପ୍ରତିଷ୍ଠା ହୋଇନଥିଲା।**

ଦଣ୍ଡ ବିଧାନ ଦ୍ୱାରା ଅପରାଧରୁ ନିବୃତ୍ତ କରାଇବା ପାଇଁ ଥିବା ଆଇନର ବ୍ୟବସ୍ଥା ନିରର୍ଥକ ହୁଏ ଯଦି ନ୍ୟାୟ ବିଳମ୍ବରେ ପ୍ରଦାନ କରାଯାଏ। ଅବକାରୀ ଅପରାଧ ମାମଲା ଗୁଡିକର ତୁରନ୍ତ ଫଏସଲା ପାଇଁ ଗଞ୍ଜାମ ମଦ ମୃତ୍ୟୁ ବିଭୀଷିକା 2006 ପରେ ଗଠିତ ହୋଇଥିବା ନ୍ୟାୟମୂର୍ତ୍ତୀ ପି.କେ ପାତ୍ର ଆୟୋଗ ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର ଅଦାଲତ ଗୁଡିକର ପ୍ରତିଷ୍ଠା ପାଇଁ ସରକାରଙ୍କୁ ସୁପାରିଶ କରିଥିଲେ। ଏହା ଅପରାଧ ମାମଲା ଗୁଡିକର ବିଚାର ଏବଂ ତୁରନ୍ତ ଫଏସଲାର ସୁବିଧା ପାଇଁ ଦରକାରୀ ଥିଲା।

ବଛା ଯାଇଥିବା ସମସ୍ତ ଡିଇଓ ଏବଂ ଇଆଇ ଏଣ୍ଡ ଇବି ଗୁଡିକର ସଂପର୍କିତ ନଥିପତ୍ର ନମୁନା ଯାଞ୍ଚରୁ ଜଣାଗଲା -:

- 1 ଏପ୍ରିଲ 2014 ସୁଦ୍ଧା ବିଭିନ୍ନ ଅଦାଲତରେ 59,998 ଗୋଟି ଅପରାଧ ମାମଲା ବିଚାରାଧିନ ରହିଥିଲା ଯେଉଁଥିରେ 2001-02 ପୂର୍ବରୁ ମାମଲା ଅନ୍ତର୍ଭୁକ୍ତ ଥିଲା। ଏହା ସାମାନ୍ୟ ହ୍ରାସ ପାଇ ମାର୍ଚ୍ଚ 2017 ସୁଦ୍ଧା 48,636 ଥିଲା।
- ସଂଖ୍ୟାଧିକ ମାମଲା ଆଇଡିଏଲ୍,ତାଡି,ୱାସ, ପଚୱାଇ, ଦେଶୀ ମଦ ଏବଂ ଆଇଏମ୍ଏଫ୍ଏଲ୍ ଇତ୍ୟାଦି ସ୍ୱଳ୍ପ ପରିମାଣର ମହଜୁଦ୍ ଜନିତ ଅପରାଧ ଥିଲା ।
- ବିଚାରାଧିନ ମାମଲାଗୁଡିକ ନିୟମିତ ଅଦାଲତ ଗୁଡିକ ଦ୍ୱାରା ନିକାଶ ହୋଇପାରି ନ ଥିଲା।
- ଅବକାରୀ ଅପରାଧ ମାମଲାଗୁଡିକର ନିକାଶ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ଅଦାଲତ ଏ ପର୍ଯ୍ୟନ୍ତ ପ୍ରତିଷ୍ଠା କରାଯାଇନାହିଁ।

ଆଲୋଚନା ସମୟରେ ସରକାର କହିଥିଲେ ଯେ, 1 ଏପ୍ରିଲ 2017 ଠାରୁ ପ୍ରଚଳିତ ନୂତନ ଅବକାରୀ ଅଧିନିୟମରେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା ରହିଛି ଯାହା ସ୍ୱତନ୍ତ୍ର ଭାବେ ଅବକାରୀ ମାମଲାଗୁଡିକର ବିଚାର କରିବ।

### 3.4.9 ଗଞ୍ଜେଇ ଗଛ ଚାଷ

**ସମନ୍ୱିତ କୌଶଳର ଅଭାବରୁ ଆଠଟି ଜିଲ୍ଲାରେ ବେଆଇନ୍ ଗଞ୍ଜେଇ ଗଛ ଚାଷ ଚାଲୁ ରହିଥିଲା।**

ମାଦକ ଦ୍ରବ୍ୟ ଏବଂ ନିଶାଯୁକ୍ତ ଦ୍ରବ୍ୟ (ଏନ୍‌ଡିପିଏସ୍) ଅଧିନିୟମ 1985 ର ଧାରା 8 ଅନୁସାରେ ଗଞ୍ଜେଇ ଚାଷ ସଂପୂର୍ଣ୍ଣ ନିଷେଧ କରାଯାଇଛି। ଏଣୁ ଏହି ନିଷିଦ୍ଧ ଚାଷରେ ସଂପୃକ୍ତ ଥିବା ମାଦକ ଦ୍ରବ୍ୟରେ ଚୋରା ଚାଲାଣକାରୀଙ୍କୁ ତୁରନ୍ତ ଗିରଫ କରି ମକଦ୍ଦମା କରିବା ପାଇଁ ଅଧିନିୟମରେ ବ୍ୟବସ୍ଥା ରହିଛି। ପୁନଶ୍ଚ, ଅଧିନିୟମର ଧାରା 20 ଅନୁଯାୟୀ ଅଧିନିୟମର ବିହିତ ବ୍ୟବସ୍ଥାର ବିରୁଦ୍ଧାଚରଣ ପାଇଁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ଦଶବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡର ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ଅଧିନସ୍ଥ ନାର୍‌କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ସବୁ ରାଜ୍ୟରେ ଏହି ନିଷିଦ୍ଧ ଚାଷକୁ ରୋକିବା ପାଇଁ 2013 ରେ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏହି ନିଷିଦ୍ଧ ଗଞ୍ଜେଇ ଚାଷ କୌଣସି ସାଘାଂତିକ ସାମାଜିକ-ଅର୍ଥନୈତିକ ସମସ୍ୟା ସୃଷ୍ଟି କରିବା ପୂର୍ବରୁ ତାହାକୁ ପ୍ରାରମ୍ଭିକ ସ୍ତରରୁ ସମୂଳେ ନଷ୍ଟ କରିବା।

ଅବକାରୀ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଗଞ୍ଜେଇ ଚାଷ ନଷ୍ଟ ସମ୍ବନ୍ଧିତ ନଥିପତ୍ର ଯାଞ୍ଚରୁ ଅଡିଟ୍ ଜାଣିବାକୁ ପାଇଲା ଯେ:

- ବର୍ଷ 2014-15 ରୁ 2016-17 ମଧ୍ୟରେ ଗଞ୍ଜେଇ ଚାଷ 8[11] ଗୋଟି ଜିଲ୍ଲାରେ ଚାଲୁ ରହିଥିଲା।
- କେଉଁ ବର୍ଷ କେତେ ଏକରର ଗଞ୍ଜେଇ ଚାଷ ହୋଇଥିଲା ସେ ସମ୍ବନ୍ଧରେ ବିଭାଗ ନିକଟରେ କୌଣସି ତଥ୍ୟ ନଥିଲା।

---

[11] ଅନୁଗୁଳ, ବୌଦ୍ଧ, ଦେଓଗଡ଼, ଗଜପତି, କନ୍ଧମାଳ, ମାଲକାନଗିରି, ରାୟଗଡ଼ା ଓ ସମ୍ବଲପୁର।

ବର୍ଷ 2014-15 ରୁ 2016-17 ମଧ୍ୟରେ 9,548 ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷ କରାଯାଇଥିବା 184.09 ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା। ପ୍ରତ୍ୟେକ ବର୍ଷ ବହୁମୁଖୀ ଅନୁଶାସନିକ ଦଳ (ଏମ୍‌ଡିଏସ୍) ଦ୍ୱାରା ହଜାର ହଜାର ଏକରର ନିଷିଦ୍ଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। କିନ୍ତୁ ବିଗତ ତିନି ବର୍ଷ ମଧ୍ୟରେ ବିଭାଗ 9,548 ଏକରରେ ଗଞ୍ଜେଇ ଚାଷରେ ଜଡିତ ଅପରାଧିଙ୍କ ମଧ୍ୟରୁ କେବଳ ନଅ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏହା ନଷ୍ଟ ଅଭିଯାନ ଆରମ୍ଭ କରିବା ପୂର୍ବରୁ କିମ୍ବା ଚାଲୁଥିବା ବେଳେ ଏମ୍‌ଡିଏସ୍ ଦ୍ୱାରା ଅପରାଧୀମାନଙ୍କୁ ଗିରଫ କରିବାରେ ସମନ୍ୱିତ କୌଶଳ ଏବଂ ଏକଜୁଟତାର ଅଭାବ ଦର୍ଶାଉଥିଲା।

ଉତ୍ତରରେ ସରକାର କହିଥିଲେ ଯେ, ଏହି ବିଷୟରେ ଫଳପ୍ରଦ ପରିମାଣ ପାଇଁ ସ୍ଥାନୀୟ ଲୋକମାନଙ୍କ ସହିତ ବିଚାର ପରାମର୍ଶ ପାଇଁ ଜିଲ୍ଲାପାଳ ମାନଙ୍କୁ ଅନୁରୋଧ କରାଯାଇଛି।

## ଅନ୍ୟାନ୍ୟ ପ୍ରସଙ୍ଗ

### 3.4.10 ଜନ ସଚେତନତା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ନ ହେବା

**ପାଣ୍ଠିର ବ୍ୟବସ୍ଥା ସତ୍ତ୍ୱେ ମଦ୍ୟପାନ ଜନିତ ବିପଦ ବିଷୟରେ ଜନ ସଚେତନତା ସୃଷ୍ଟି ପାଇଁ ଆଲୋଚନା ଚକ୍ର, ବୈଠକ, ପଥପ୍ରାନ୍ତ ନାଟକ ସଞ୍ଚାଳନ କରାଯାଇ ନଥିଲା।**

ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟଗୁଡିକରେ ଏକ ପୂର୍ଣ୍ଣାଙ୍ଗ ସଂକ୍ରିୟା ପାଇଁ ବେସରକାରୀ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କ ଦ୍ୱାରା ସଞ୍ଚାଳିତ ଆଲୋଚନା ଚକ୍ର, ବୈଠକ, ପଥପ୍ରାନ୍ତ ନାଟକ ଇତ୍ୟାଦି ଦ୍ୱାରା ବିପଦପୂର୍ଣ୍ଣ ମଦ ପିଇବା ବିଶେଷ କରି ଅବୈଧ ପାତିତ ମଦ (ଆଇଡିଏଲ୍) ନକଲି ମଦ ଏବଂ ଅବୈଧ ମଦ ବ୍ୟବସାୟ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱିକୃତ ହୋଇଥିଲା।

ଅବକାରୀ କମିଶନର କାର୍ଯ୍ୟାଳୟର ଜନ ସଚେତନତା ସମ୍ବନ୍ଧୀତ ନଥିପତ୍ରର ନମୁନା ଅଡିଟ୍ ଯାଞ୍ଚ କଲା ସମୟରେ ଜାଣିବାକୁ ପାଇଲା ଯେ ଅବକାରୀ ବିଭାଗ 15 ଲକ୍ଷ ଟଙ୍କା (ମାର୍ଚ୍ଚ 2015) ନିଶା ମୁକ୍ତି ଯୋଜନା ପାଇଁ ଅନୁଦାନ ଦେଇଥିଲା। ମଦ୍ୟପାନ ଜନିତ ବିପଦ ବିଶେଷ କରି ଅବୈଧ ପାତିତ ମଦ ଏବଂ ନକଲି ମଦ ଇତ୍ୟାଦି ପିଇବା ବିରୁଦ୍ଧରେ ବିଭିନ୍ନ ଆଲୋଚନା ଚକ୍ର, ବୈଠକ, ପଥପ୍ରାନ୍ତ ନାଟକ ସଞ୍ଚାଳନ ଜରିଆରେ ଜନ ସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ଅଡିଟ୍ ଲକ୍ଷ୍ୟ କଲା ଯେ ଟଙ୍କା ଉଠାଣ କରାଯାଇଥିଲେ ମଧ୍ୟ, ସେହି ଟଙ୍କାକୁ ଜନ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ଅବକାରୀ ଅଧିକାରୀ (ଡିଇଓ) ମାନଙ୍କ ମଧ୍ୟରେ ନ ବାଣ୍ଟି ଅକାମୀ ଭାବରେ ରଖାଯାଇଥିଲା। ପ୍ରଦତ୍ତ ଟଙ୍କାକୁ କାର୍ଯ୍ୟରେ ନ ଲଗାଇବା ଦ୍ୱାରା ସଚେତନ ଦ୍ୱାରା ଅବକାରୀ ଅପରାଧକୁ କମାଇବାରେ ଥିବା ସରକାରଙ୍କ ମୂଳ ଉଦ୍ଦେଶ୍ୟ ବିଫଳ ହେଲା। ଏହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବକୁ ସୂଚିତ କରୁଥିଲା।

ସରକାର ଅଡିଟ୍ ମନ୍ତବ୍ୟକୁ ସ୍ୱୀକାର କରିଥିଲେ ଏବଂ ନିଶାମୁକ୍ତି ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ ସଞ୍ଚାଳନ କରିବେ ବୋଲି ପ୍ରତିଶୃତି ଦେଇଥିଲେ।

### 3.4.11 ଟୋଲ ଫ୍ରି ହେଲପ୍ ଲାଇନ୍ ନମ୍ବର ଅକାମୀ ହେବା

**ଅବକାରୀ ଅପରାଧଗୁଡ଼ିକ ଉପରେ ସାଧାରଣ ଜନତାଙ୍କ ଠାରୁ ସୂଚନା ସଂଗ୍ରହ ନିମିତ୍ତ ବିଜ୍ଞାପିତ ଟୋଲ ଫ୍ରି ହେଲ୍‌ପଲାଇନ୍ ନମ୍ବର ଅକାମୀ ହୋଇରହିଥିଲା।**

ବିଭିନ୍ନ ବେଆଇନ କ୍ରିୟା କଳାପ ସୂଚନା ଜନତାଙ୍କ ଠାରୁ ପାଇବା ପାଇଁ ଗୋଟିଏ ଟୋଲ ଫ୍ରି ନମ୍ବର ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଅଗଷ୍ଟ 2013 ମସିହାରେ ସ୍ଥାପନ କରାଯାଇଥିଲା। ଏହାର ମୂଖ୍ୟ ଉଦ୍ଦ୍ୟେଶ୍ୟ ଥିଲା ଯେ ସାଧାରଣ ଜନତାଙ୍କୁ ଅବକାରୀ ଅପରାଧ ଗୁଡିକର ସଂଧାନ ପାଇଁ ଉଦ୍ଦିଷ୍ଟ ଗୁପ୍ତ ସୂଚନା ଓ ପ୍ରବର୍ତ୍ତନ ଶାଖାର ଅଂଶ ଭାବେ ବିବେଚନା କରିବା। ହେଲ୍ପ ଲାଇନ୍ ନମ୍ବରଟି ବିଭିନ୍ନ ସମ୍ବାଦ ପତ୍ର ପତ୍ରିକାରେ ବିସ୍ତୃତ ଭାବରେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ପ୍ରସାରଣ କରାଯାଇଥିଲା।

ଅଡିଟ୍ ଲକ୍ଷ୍ୟ କଲା ଯେ ଉକ୍ତ ଟୋଲ ଫ୍ରି ନମ୍ବରଟି 15 ଜୁଲାଇ 2015 ଠାରୁ ଅକାମୀ ହୋଇ ପଡିରହିଥିଲା। ଟୋଲ ଫ୍ରି ନମ୍ବର ଅକାମୀ ହେବାରୁ ବିଭାଗ ଅବକାରୀ ଅପରାଧ ଗୁଡିକୁ ନିୟନ୍ତ୍ରଣ ଓ ଯାଞ୍ଚ କରିବା ପାଇଁ ଆବଶ୍ୟକ ସୂଚନା ପାଇବାରୁ ବଞ୍ଚିତ ହୋଇଥିଲା। ଏହି ନମ୍ବର ଅକାମୀ ରହିବା ଦ୍ୱାରା ବିଭାଗ ଯେତେ ପ୍ରତିଷେଧକ ଓ ପ୍ରବର୍ତ୍ତନ ପଦକ୍ଷେପ ନେଲେ ମଧ୍ୟ ବଢୁଥିବା ବେଆଇନ ଏବଂ ଅବୈଧ କ୍ରିୟା କଳାପ ଉପରେ ଅଙ୍କୁଶ ଲଗାଇବାରେ ଅସମର୍ଥ ହୋଇଥିଲା। ଏହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବକୁ ସୂଚିତ କରୁଥିଲା।

ଆଲୋଚନା ସମୟରେ ସରକାର ଅଡିଟ୍ ମନ୍ତବ୍ୟକୁ ସ୍ୱୀକାର କରିଥିଲେ ଏବଂ ଶୀଘ୍ର ଉକ୍ତ ଟୋଲଫ୍ରି ନମ୍ବରକୁ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନେବେ ।

## 3.4.12 ନଥିପତ୍ରର ଅନନୁରକ୍ଷଣ

ନିମ୍ନଲିଖିତ ନଥିପତ୍ର/ ରିପୋର୍ଟ ଗୁଡିକର ଅନୁରକ୍ଷଣ ଜିଲ୍ଲା ଅବକାରୀ ଅଧିକାରୀ (ଡିଇଓ) ମାନେ କରି ନଥିଲେ ଯେଉଁଗୁଡିକ ଅବକାରୀ ଅପରାଧକୁ ଆୟତ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଗୁଡିକ ରାଜସ୍ୱ ବୋର୍ଡ ଦ୍ୱାରା ଜାରି ବିଭିନ୍ନ ଅନୁଦେଶ ଗୁଡିକରେ ଉଲ୍ଲିଖିତ ଥିଲା :

(i) ଫର୍ମ –C -1 ରେ ଅପରାଧ ସମ୍ପର୍କିତ ପ୍ରାଥମିକ ସୂଚନା ରେଜିଷ୍ଟର;

(ii) ଫର୍ମ- C -3 ରେ ଜବତ ଜନିଷର ଅଭିରକ୍ଷଣ ସମ୍ବନ୍ଧୀତ ରିପୋର୍ଟ ;

(iii) ଫର୍ମ-6 ରେ ଅପରାଧ ମାମଲାଗୁଡିକର ଫଏସଲା ସମ୍ବନ୍ଧୀତ ଚୂଡାନ୍ତ ରିପୋର୍ଟ;

(iv) ଫର୍ମ- C -୮ ରେ ଦୋଷ ସାବ୍ୟସ୍ତ ସମ୍ବନ୍ଧିତ ରେଜିଷ୍ଟର ।

ଉପରୋକ୍ତ ନଥିଗୁଡିକର ରକ୍ଷଣାବେକ୍ଷଣ ହୋଇନଥିବାରୁ ନିୟନ୍ତ୍ରଣ ପ୍ରାଧିକାରୀଙ୍କୁ ଅନୁସରଣାତ୍ମକ କାର୍ଯ୍ୟପନ୍ଥା ଆରମ୍ଭ କରିବାରୁ ବଞ୍ଚିତ କରିଥିଲା । ଏହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବକୁ ସୂଚିତ କରୁଥିଲା ।

ସରକାର, ଅଡିଟ୍ ମନ୍ତବ୍ୟକୁ ସ୍ୱୀକାର କରିଥିଲେ ଏବଂ ସମସ୍ତ ନଥିପତ୍ରର ଅନୁରକ୍ଷଣ କରିବେ ବୋଲି କହିଥିଲେ ।

## 3.4.13 ଉପସଂହାର

ବିଭାଗର ଅଧିକାରୀମାନଙ୍କ ଦ୍ୱାରା ପ୍ରଚଳିତ ପ୍ରକ୍ରିୟା ଗୁଡିକୁ ଅନୁସରଣ ନ କରିବା ହେତୁ ଦୋଷ ମୁକ୍ତିର ହାର ଅଧିକ ଥିଲା । ଅନୁସନ୍ଧାନ ଅଧିକାରୀମାନଙ୍କ ଦ୍ୱାରା ଜବତ ସାମଗ୍ରୀଗୁଡିକୁ ନ୍ୟାୟାଳୟ ସମ୍ମୁଖରେ ହାଜର କରାଯାଇ ନଥିଲା ଏବଂ ସେମାନେ ଉପରୋକ୍ତ ଜବତ ସାମଗ୍ରୀଗୁଡିକୁ ମାଦକ ଦ୍ରବ୍ୟ ରୂପେ ପ୍ରମାଣିତ କରିପାରିନଥିଲେ । ଦୋଷ ସାବ୍ୟସ୍ତ ହାରରେ ସ୍ୱଳ୍ପତା, ଅପରାଧକାରୀ ମାନଙ୍କର ସାହସ ବଢାଇବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସାକ୍ଷ୍ୟ ଅଭାବରୁ ବିଭାଗ ବିରୁଦ୍ଧରେ ନ୍ୟାୟ ନିର୍ଣ୍ଣୟ ହୋଇଥିବା ମାମଲାଗୁଡିକରେ ଅପିଲ୍ ଦାଏର କରାଯାଇନଥିଲା । ଜବତ ଜିନିଷ ଗୁଡିକର ନିକାଶ ପାଇଁ ଅଦାଲତ ଆଦେଶ ମିଳିଲା ପରେ ମଧ୍ୟ ସେଗୁଡିକୁ ନିକାଶ ନ କରିବାରୁ ରାଜସ୍ୱ ଅବରୋଧ ହୋଇଥିଲା । ଅବକାରୀ ଅପରାଧ ମାମଲାଗୁଡିକର ତ୍ୱରିତ ଫଏସଲା ପାଇଁ ବିଭାଗ ସ୍ୱତନ୍ତ୍ର ଅଦାଲତ ଗୁଡିକର ପ୍ରତିଷ୍ଠା କରିନଥିଲେ । ପୁନଶ୍ଚ, ଅବକାରୀ ଅପରାଧଗୁଡିକର ମୂଳୋତ୍ପାଟନରେ ସାଧାରଣ ଜନତାଙ୍କୁ ଭାଗ ନେବା ଲାଗି ଉତ୍ସାହିତ କରିବା ଲାଗି ବିଭାଗସମୂହ ଜନ ସଚେତନତା କାର୍ଯ୍ୟକ୍ରମ ଗୁଡିକର ସଞ୍ଚାଳନ ନ କରିବା ଏବଂ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିନଥିଲେ ।

## 3.5 ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ

ଅଡିଟ୍ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ (ଡିଇଓ) ଗୁଡିକର ଅବକାରୀ ଶୁଳ୍କ ଏବଂ ତତ୍ ସମ୍ବନ୍ଧୀୟ ଫି ନିର୍ଦ୍ଧାରଣ ନଥିପତ୍ରର ସମୀକ୍ଷା ଯାଞ୍ଚ୍ କରିଥିଲା । ଅଡିଟ୍ ବିବିଧ ମାମଲାରେ ଅଧିନିୟମ/ ନିୟମାବଳୀ/ ବାର୍ଷିକ ଅବକାରୀ ନୀତି (ଏଇପି) ଗୁଡିକର ବ୍ୟବସ୍ଥାମାନ ପାଳନ ହୋଇ ନ ଥିବାର ଦେଖିବାକୁ ପାଇଥିଲା । ଏହାଦ୍ୱାରା ଅବକାରୀ ଶୁଳ୍କ, ଫି ଏବଂ ଜୋରିମାନା ଇତ୍ୟାଦିର ଅନାରୋପଣ/ସ୍ୱଳ୍ପାରୋପଣ, ଅନାଦାୟ/ସ୍ୱଳ୍ପଦାୟ ହୋଇଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଉଲ୍ଲେଖ କରାଯାଇଛି । ଏହି ମାମଲାଗୁଡିକ ଦୃଷ୍ଟାନ୍ତ ସଦୃଶ ଏବଂ ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ୍ ଉପରେ ଆଧାରିତ । ଅବକାରୀ ଅଧୀକ୍ଷକ (ଏସ୍ଇ) ମାନଙ୍କ ଏହିଭଳି ତ୍ରୁଟି ପ୍ରତିବର୍ଷ ଅଡିଟ୍ ଦ୍ୱାରା ଦର୍ଶାଯାଉଥିଲେ ମଧ୍ୟ ଏହା କେବଳ ଲାଗିରହିନଥିଲା ବରଂ ପରବର୍ତ୍ତୀ ଅଡିଟ୍ ହେବା ପର୍ଯ୍ୟନ୍ତ ତ୍ରୁଟି ଗୁଡିକର ସନ୍ଧାନ ହୋଇପାରି ନଥିଲା । ଏହି ତ୍ରୁଟି ଗୁଡିକର ପୁନରାବୃତ୍ତି ଏଡାଇବା ନିମନ୍ତେ ବିଭାଗ ଆଭ୍ୟନ୍ତରୀଣ ସମୀକ୍ଷା ପଦ୍ଧତିକୁ ଦୃଢୀଭୁତ କରିବା ସହିତ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିରେ ଉନ୍ନତି ଆଣିବା ଦରକାର ।

## 3.6 ଅଧିନିୟମ/ନିୟମାବଳୀ/ବାର୍ଷିକ ଅବକାରୀ ନୀତି ଏବଂ ସରକାରଙ୍କର ଅନୁଦେଶଗୁଡିକର ପାଳନ ନହେବା

*ବିହାର ଏବଂ ଓଡିଶା ଅବକାରୀ (ବିଏଣ୍ଡଓଇ) ଅଧିନିୟମ, 1915 ଏବଂ ସରକାର ତଥା ରାଜସ୍ୱ ବୋର୍ଡ (ବିଓଆର) ଦ୍ୱାରା ପ୍ରଣୀତ ତଦଧିନ ନିୟମାବଳୀ ସହ ପଠିତ ଅବକାରୀ ପ୍ରକରଣ ପୁସ୍ତିକା, ବାର୍ଷିକ ଅବକାରୀ ନୀତି ଏବଂ ସରକାରଙ୍କର ଅଧିସୂଚନା ଗୁଡିକରେ ଅବକାରୀ ଶୁଳ୍କ (ଏସ୍ଇଡି), ଫି ସମୂହ ଯଥା ଉପଯୋଗ ଫି (ୟୁଏଫ୍), ଆମଦାନୀ ଫି(ଆଇଏଫ୍), ବଟଲିଙ୍ଗ ଫି(ବିଏଫ୍), ପରିବହନ ଫି(ଟିଏଫ୍), ଅବକାରୀ ଓ୍ୱାପା ଲେବଲ ଫି(ଇଏଏଲ୍) ଏବଂ ପ୍ରତିଷ୍ଠାନ ଖର୍ଚ୍ଚ ଓ ଅତିରିକ୍ତ ସମୟ ଖୋଲୁ ରହିବା ଜନିତ ଖର୍ଚ୍ଚ ଇତ୍ୟାଦି ବିହିତ ହାରରେ ଆରୋପଣ ଏବଂ ଆଦାୟ ହେବାର ବ୍ୟବସ୍ଥା ଥାଏ ।*

*ଅବକାରୀ ଅଧିକ୍ଷକମାନେ କର ନିର୍ଦ୍ଧାରଣ ଚୁଡାନ୍ତ କଲାବେଳେ ଉପରୋକ୍ତ ଅଧିନିୟମ/ ନିୟମାବଳୀର ବ୍ୟବସ୍ଥାର ଅନୁପାଳନ ନକରିବା ଫଳରେ ରାଜ୍ୟ ଅବକାରୀ ଶୁଳ୍କ/ଫି, ଜୋରିମାନା ଓ ଅର୍ଥଦଣ୍ଡ ଇତ୍ୟାଦିର ଅନାରୋପଣ/ ସ୍ୱଳ୍ପାରୋପଣ ହୋଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ଉଲ୍ଲେଖ କରାଗଲା ।*

### 3.6.1 ଅବସିତ ଆଇଏମ୍ଏଫଏଲ୍ ଉପରେ ଜୋରିମାନାର ଅନାରୋପଣ

**ଅବସିତ ଆଇଏମ୍ଏଫ୍ଏଲ୍ ଷ୍ଟକର ରାସାୟନିକ ପରୀକ୍ଷା କରି ନଷ୍ଟ କରାଯାଇ ନଥିଲା ଏବଂ 4.45 କୋଟି ଟଙ୍କାର ଜୋରିମାନା ଆରୋପଣ କରାଯାଇନଥିଲା ।**

ବୋର୍ଡ ଅବକାରୀ ନିୟମାବଳୀ (ବିଇଆର), 1965 ର ନିୟମ 39(1) ଅନୁଯାୟୀ ଲାଇସେନସଧାରୀ ସମସ୍ତ ବୋତଲିକୃତ ମଦ ଏକ ଅନୁମୋଦିତ ଗୋଦାମରୁ 3 ମାସ ମଧ୍ୟରେ ସ୍ଥାନାନ୍ତରିତ କରିବେ । ନିୟମ 39A(7) ଅନୁଯାୟୀ ଅବକାରୀ ଅଧିକ୍ଷକ (ଏସଇ) ଆମଦାନୀ ଓ ପରିବହନ ଅନୁମତି ପ୍ରଦାନ ସମୟରେ ଯତ୍ନବାନ ହେବା ଉଚିତ୍ ଯେପରି ଅନାବଶ୍ୟକ ଭାବେ ବହୁଳ ଷ୍ଟକ୍ ଗଚ୍ଛିତ ହୋଇ ଠିକ୍ ସମୟରେ ନିକାଶ ନ ହେବା ଯୋଗୁଁ ଅବକ୍ଷେପଣ ଏବଂଗୁଣମାନରେ ହ୍ରାସ ନ ହୁଏ । ଯଦି ଠିକ୍ ସମୟରେ ନିକାଶ ନ କରିବାରୁ କିମ୍ବା ଅନ୍ୟ କାରଣ ଯୋଗୁଁ କୌଣସି ଭାରତ ପ୍ରସ୍ତୁତ ମଦ (ଆଇଏମ୍ଏଫ୍ଏଲ୍) ଷ୍ଟକ୍ ମନୁଷ୍ୟ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଯାଏ ତେବେ ଲାଇସେନସ୍ ଧାରୀ ସେହି ଗଚ୍ଛିତ ଷ୍ଟକ୍ ଉପରେ ନିର୍ଦ୍ଧାରିତ ଅବକାରୀ ଶୁଳ୍କର ପାଞ୍ଚଗୁଣା ଜୋରିମାନା ବାବଦରେ ଦେବେ । ପୁନଶ୍ଚ ମନୁଷ୍ୟ ବ୍ୟବହାର ପାଇଁ ସେହି ଅନୁପଯୁକ୍ତ ଷ୍ଟକକୁ ଅବକାରୀ ଅଧିକ୍ଷକ ନିୟମ 135 ଅନୁଯାୟୀ ନଷ୍ଟ କରିବେ ।

ଅବକାରୀ ଅଧିକ୍ଷକ (ଏସ୍ଇ) ରାୟଗଡାଙ୍କର ଷ୍ଟକ୍ ଟେକିଙ୍ଗ ରିପୋର୍ଟ ଏବଂ ଦୁଇଟି ପାତନଶାଳା[12]ର ଅନ୍ତିମ ଷ୍ଟକ ନଥିପତ୍ର ଯାଞ୍ଚରୁ ଅଡିଟ୍ ଦେଖିଲା (ଡିସେମ୍ବର 2016) ଯେ 4,900.33 କେସ୍ (32,261.738 ଏଲ୍ପିଏଲ୍) ଆଇଏମ୍ଏଫ୍ଏଲ୍ 31 ମାର୍ଚ୍ଚ 2016 ସୁଦ୍ଧା ଗଚ୍ଛିତ ଥିଲା । ଉକ୍ତ ଷ୍ଟକ ଗୁଡିକ ଉତ୍ପାଦନ ସମୟରୁ 3 ରୁ 29 ବର୍ଷ ରୁ ଅଧିକ ସମୟ ଓଏସ୍ବିସିକୁ ବିକ୍ରି ନକରି ପଣ୍ୟାଗାରରେ ଗଚ୍ଛିତ ରଖାଯାଇଥିଲା । ତଥାପି ଅବସିତ ଆଇଏମ୍ଏଫ୍ଏଲ୍ ଷ୍ଟକଗୁଡିକର ରାସାୟନିକ ପରୀକ୍ଷା କରି ନଷ୍ଟ କରାଯାଇନଥିଲା କିମ୍ବା 4.45 କୋଟି ଟଙ୍କାର ଜୋରିମାନା ଆରୋପଣ କରାଯାଇ ନଥିଲା ।

ସରକାର ଆଲୋଚନା ସମୟରେ ଦର୍ଶାଇଥିଲେ (ଅକ୍ଟୋବର 2017) ଯେ ମନୁଷ୍ୟ ବ୍ୟବହାର ପାଇଁ ଅନୁପଯୁକ୍ତ ମଦଗୁଡିକ ନଷ୍ଟ କରିବା ପ୍ରାଥମିକ କାର୍ଯ୍ୟ ଏବଂ ଜୋରିମାନା ଆରୋପଣ ପରବର୍ତ୍ତୀ କାର୍ଯ୍ୟ ଥିଲା । ସରକାର ଏହା ମଧ୍ୟ ଦର୍ଶାଇଥିଲେ ଯେ ନୂତନ ଅବକାରୀ ଅଧିନିୟମ 2017 ରୁ ଜୋରିମାନା ସମ୍ବନ୍ଧୀୟ ଧାରାଟିକୁ ବାଦ ଦିଆଯାଇଅଛି । ସରକାର ଆହୁରି ମଧ୍ୟ କହିଥିଲେ ଯେ ଯେହେତୁ ମାମଲାଗୁଡିକ ଅତି ପୁରୁଣା, ଜୋରିମାନା ଦାବି ନେଇ ବିଚାର କରାଯିବ । ଏ ସମ୍ବନ୍ଧୀୟ ଅନ୍ତିମ ଜବାବ ଅପେକ୍ଷିତ ଥିଲା ।

ପରନ୍ତୁ, ବାସ୍ତବ ତଥ୍ୟ ଏହା ଥିଲା ଯେ ଆଇଏମ୍ଏଫ୍ଏଲ୍ ଷ୍ଟକ୍ ଗୁଡିକୁ 29 ବର୍ଷ ପର୍ଯ୍ୟନ୍ତ ଗଚ୍ଛିତ ରଖାଯାଇଥିଲା ଏବଂ ନଷ୍ଟ କରାଯାଇ ନଥିଲା । ଏହା ଅବକାରୀ ବିଭାଗ ଦ୍ୱାରା ଜନସାସ୍ଥ୍ୟ ପ୍ରତି ଅବହେଳାକୁ ସୂଚିତ କରୁଥିଲା ।

### 3.6.2 ଆଇଏମ୍ଏଫ୍ଏଲ୍/ ବିଅରର ସ୍ୱଳ୍ପ ଉଠାଣ ଉପରେ ଅବକାରୀ ଶୁଳ୍କର ସ୍ୱଳ୍ପାରୋପଣ/ ଅନାରୋପଣ

**ଆଇଏମ୍ଏଫ୍ଏଲ୍ / ବିଅରର ସ୍ୱଳ୍ପ ଉଠାଣ ଯୋଗୁଁ ପାଞ୍ଚଟି ଲାଇସେନ୍ସ ଧାରୀଙ୍କ ଠାରୁ 1.85 କୋଟି ଟଙ୍କାର ଅବକାରୀ ଶୁଳ୍କ ସ୍ୱଳ୍ପାଦାୟ/ ସ୍ୱଳ୍ପ ଦାବି ଏବଂ ଜଣେ ଲାଇସେନ୍ସ ଧାରୀଙ୍କ ଠାରୁ 0.15 କୋଟି ଟଙ୍କାର ଅନାଦାବି ।**

ଓଡିଶା ଅବକାରୀ ( ଏକାନ୍ତ ବିଶେଷାଧିକାର) ବିଦେଶୀ ମଦ ନିୟମାବଳୀ, 1989 ର ନିୟମ 6-A ଅନୁଯାୟୀ ଠିପିବନ୍ଦ /ଠିପିଖୋଲା ବିଦେଶୀ ମଦ ଦୋକାନର ନିଲାମରେ କୃତକାର୍ଯ୍ୟ ପ୍ରତ୍ୟେକ ନିଲାମ ଡକାଳି ଲାଇସେନସ୍ ପ୍ରାପ୍ତି ପୂର୍ବରୁ ଅବକାରୀ କମିଶନରଙ୍କ ଦ୍ୱାରା ନିର୍ଦ୍ଧାରିତ ମଦର ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର ଉଠାଣ ପାଇଁ ପ୍ରତିଶ୍ରୁତିବଦ୍ଧ ହେବେ । ଲାଇସେନସ୍ ଧାରୀ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ଉଠାଣରେ ବିଫଳ ହେଲେ କ୍ଷତି ହୋଇଥିବା ଅବକାରୀ ଶୁଳ୍କ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାପ୍ତ ବ୍ୟାଙ୍କ ଗ୍ୟାରେଣ୍ଟିରୁ ଭରଣା କରାଯିବ । ତଥାପି ଯଦି ନିଅଣ୍ଟ ହୁଏ ତେବେ ତାହା 10 ପ୍ରତିଶତ ଜୋରିମାନା ସହିତ ବର୍ଷ ଶେଷରେ ଆଦାୟ କରାଯିବ । ବାର୍ଷିକ ଅବକାରୀ ନୀତି 2015-16 ଅନୁସାରେ ସର୍ବନିମ୍ନ ମୂଲ୍ୟର ଆଇଏମ୍ଏଫ୍ଏଲ୍ ଓ ବିଅରର ମୂଲ୍ୟଭିତ୍ତିକ ଉପାଦାନକୁ ବିଚାରକୁ ନେଇ ନ୍ୟୁନତମ ଅବକାରୀ ଶୁଳ୍କ ଯଥାକ୍ରମେ ଆଇଏମ୍ଏଫ୍ଏଲ୍ ଏଲ୍ପିଏଲ୍ ପ୍ରତି 276 ଟଙ୍କା ଏବଂ ବିଅର ବିଏଲ୍ ପ୍ରତି 47 ଟଙ୍କା ଧାର୍ଯ୍ୟ କରାଯାଇଥିଲା ।

---

[12] ମେସର୍ସ ଜୟପୁର ସୁଗାର କମ୍ପାନୀ ଲିମିଟେଡ୍ ଓ ମେସର୍ସ ଶ୍ରୀ ଶକ୍ତି (ପ୍ରା) ଲିମିଟେଡ୍ ।

ତିନୋଟି ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ[13]ର ନଥିପତ୍ର[14] ଯାଞ୍ଚରୁ ଅଡିଟ୍ ଦେଖିଲା (ଜୁଲାଇରୁ ଅକ୍ଟୋବର 2016 ମଧ୍ୟରେ) ଯେ ପାଞ୍ଚଟି ଲାଇସେନସ[15]ଧାରୀ 2015-16 ବର୍ଷ ପାଇଁ ସେମାନଙ୍କ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ଠାରୁ 76,438.96 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 2,41,089.64 ବିଏଲ୍ ବିଅର ସ୍ୱଳ୍ପ ଉଠାଣ କରିଥିଲେ । ସେଥିପାଇଁ 3.57 କୋଟି ଟଙ୍କାର ଅବକାରୀ ଶୁଳ୍କ ଓ ଜୋରିମାନା ଆରୋପଣ କରିବାର ଥିଲା । କିନ୍ତୁ ଅବକାରୀ ଅଧିକ୍ଷକମାନେ ମାତ୍ର 1.72 କୋଟି ଟଙ୍କାର ଶୁଳ୍କ ଆରୋପଣ/ ଆଦାୟ କରିଥିଲେ । ଫଳରେ 1.85 କୋଟି ଟଙ୍କାର ଅବକାରୀ ଶୁଳ୍କ ଏବଂ ଜୋରିମାନା ସ୍ୱଳ୍ପରୋପଣ ଏବଂ ସ୍ୱଳ୍ପଦାୟ ହୋଇଥିଲା । ସେହିପରି ଗଞ୍ଜାମ ଅବକାରୀ ଅଧିକ୍ଷକଙ୍କ ଅଧିନରେ ଏକ ଦୋକାନୀ 2,730 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 13,075 ବିଏଲ୍ ବିଅର ସ୍ୱଳ୍ପ ଉଠାଣ କରିଥିଲେ । କିନ୍ତୁ ଅବକାରୀ ଅଧିକ୍ଷକ ସେହି ବାବଦରେ 0.15 କୋଟି ଟଙ୍କା ଅବକାରୀ ଶୁଳ୍କ ଏବଂ ଜୋରିମାନା ବାବଦରେ ଦାବି ଉତ୍‌ଥାପନା କରିନଥିଲେ ।

ସରକାର ସମୀକ୍ଷା ମନ୍ତବ୍ୟଟିକୁ ଗ୍ରହଣ କରିଥିଲେ (ଅକ୍ଟୋବର 2017) ଏବଂ ଆଦାୟ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

### 3.6.3 ବିଅର ପାଇଁ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର ତ୍ରୁଟିପୂର୍ଣ୍ଣ ସଂପରିବର୍ତ୍ତନ ଯୋଗୁଁ ଅବକାରୀ ଶୁଳ୍କର ସ୍ୱଳ୍ପାଦାୟ

**ଆଇଏମ୍‌ଏଫ୍‌ଏଲ୍ ଓ ବିଅର ପାଇଁ ବାର୍ଷିକ ଅବକାରୀ ନୀତି 2015-16 ରେ ଧାର୍ଯ୍ୟ ଅବକାରୀ ଶୁଳ୍କର ପ୍ରୟୋଗ ନ କରିବା ହେତୁ 1.44 କୋଟି ଟଙ୍କାର ଅବକାରୀ ଶୁଳ୍କର ସ୍ୱଳ୍ପାଦାୟ ।**

ଓଡିଶା ଅବକାରୀ (ଏକାନ୍ତ ବିଶେଷାଧିକାର) ବିଦେଶୀ ମଦ ନିୟମାବଳୀ, 1989 ର ନିୟମ 6-A ଅନୁଯାୟୀ ପ୍ରତ୍ୟେକ ଠିପିବନ୍ଦ ବିଦେଶୀ ମଦ ଦୋକାନର ନିଲାମରେ କୃତକାର୍ଯ୍ୟ ପ୍ରତ୍ୟେକ ନିଲାମ ଡକାଳି ଲାଇସେନସ୍ ପ୍ରାପ୍ତି ପୂର୍ବରୁ ଅବକାରୀ କମିଶନରଙ୍କ ଦ୍ୱାରା ନିର୍ଦ୍ଧାରିତ ମଦର ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର ଉଠାଣ ପାଇଁ ପ୍ରତିଶ୍ରୁତିବଦ୍ଧ ହେବେ । ଲାଇସେନସ୍‌ଧାରୀ ଉକ୍ତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର ଉଠାଣରେ ବିଫଳ ହେଲେ କ୍ଷତି ହୋଇଥିବା ଅବକାରୀ ଶୁଳ୍କ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାପ୍ତ ବ୍ୟାଙ୍କ ଗ୍ୟାରେଣ୍ଟିରୁ ଭରଣା କରାଯିବ । ପୁନଶ୍ଚ ନିଅଣ୍ଟ ହେଲେ ତାହା 10 ପ୍ରତିଶତ ଜୋରିମାନା ସହିତ ବର୍ଷ ଶେଷରେ ଆଦାୟ କରାଯିବ । 2015-16 ରେ ବିଅର ଉତ୍ପାଦନକାରୀ/ ଯୋଗାଣକାରୀ କମ୍ପାନୀମାନଙ୍କ ଦ୍ୱାରା ବିଅରର ସ୍ୱଳ୍ପ ଯୋଗାଣ ଯୋଗୁଁ ଅବକାରୀ ବିଭାଗ ଲାଇସେନସ୍‌ଧାରୀ ମାନଙ୍କୁ ସେମାନଙ୍କ ଦୋକାନର ଅଣଉଠାଣ ବିଅର ପାଇଁ ପ୍ରଯୁଜ୍ୟ ଅବକାରୀ ଶୁଳ୍କର ସମପରିମାଣ ଆଇଏମ୍‌ଏଫ୍‌ଏଲ୍ ଉଠାଣ ପାଇଁ ପ୍ରସ୍ତାବର ଅନୁମୋଦନ (ମେ 2015) କରିଥିଲେ ।

ଅଡିଟ୍ ସାତଟି[16] ଅବକାରୀ ଅଧିକ୍ଷକଙ୍କର ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର ଉଠାଣ ବିବରଣୀ, ଲାଇସେନସ୍ ଫି ରେଜିଷ୍ଟର ଏବଂ ଚର୍ଜ କାର୍ଯ୍ୟାଳୟ ନଥିପତ୍ରର ଯାଞ୍ଚ କରିଥିଲା । ଅଡିଟ୍ ଦେଖିଲା ଯେ 55 ଟି ଆଇଏମ୍‌ଏଫ୍‌ଏଲ୍ ଠିପିବନ୍ଦ ଦୋକାନୀ 2015-16 ରେ ସେମାନଙ୍କର ବିଅରର ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ଉଠାଇପାରି ନଥିଲେ । ଉପରୋକ୍ତ ପ୍ରସ୍ତାବ ଅନୁସାରେ ସେମାନଙ୍କୁ କ୍ଷତି ହୋଇଥିବା ଅବକାରୀ ଶୁଳ୍କର ସମମୂଲ୍ୟର ଆଇଏମ୍‌ଏଫ୍‌ଏଲ୍ ଉଠାଣ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା । ବିଅରର ସ୍ୱଳ୍ପ ଉଠାଣ ପରିମାଣର ବିଏଲକୁ ଆଇଏମ୍‌ଏଫ୍‌ଏଲ୍ ର ଏଲ୍‌ପିଏଲ୍‌ରେ ସଂପରିବର୍ତ୍ତନ କରିବା ପାଇଁ ଅବକାରୀ ଶୁଳ୍କ ଯଥାକ୍ରମେ 30 ଟଙ୍କା ଓ 250 ଟଙ୍କା ନିଆଯାଇଥିଲା । କିନ୍ତୁ 2015-16 ର ବାର୍ଷିକ ଅବକାରୀ ନୀତି ଅନୁସାରେ ବିଅର ଓ ଆଇଏମ୍‌ଏଫ୍‌ଏଲ୍‌ର ଅବକାରୀ ଶୁଳ୍କ ଯଥାକ୍ରମେ 47 ଟଙ୍କା[17] ଏବଂ 276 ଟଙ୍କା[18] ଥିଲା ଯାହା ଅବକାରୀ ଶୁଳ୍କର ହାର ସର୍ବନିମ୍ନ ବ୍ରାଣ୍ଡର

---

13 ବାଲେଶ୍ୱର, ବରଗଡ଼ ଓ କେନ୍ଦୁଝର ।

14 ବାର୍ଷିକ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ (ଏମ୍‌ଜିକ୍ୟୁ) ଉଠାଣ, ତାଲିକା ଏମ୍‌ଜିକ୍ୟୁ ରେଜିଷ୍ଟର,, ଲାଇସେନ୍ସ ଫି ରେଜିଷ୍ଟର ଓ ମେସର୍ସ ଓଡ଼ିଶା ରାଜ୍ୟ ପାନୀୟ ନିଗମ (ଓଏସ୍‌ବିସି) ଲିମିଟେଡ ଠାରୁ ପ୍ରାପ୍ତ ତାଲିକା ।

15 'ଠିପି ବନ୍ଦ' ଦୋକାନଗୁଡ଼ିକର ଲାଇସେନ୍ସଧାରୀ ।

16 ଅନୁଗୁଳ, ବାଲେଶ୍ୱର, ବ୍ରହ୍ମପୁର, କଟକ, ଗଞ୍ଜାମ, ଝାରସୁଗୁଡ଼ା ଓ ମୟୁରଭଞ୍ଜ ।

17 7.80 ବିଏଲ୍ ବିଅରର ଅନ୍ୟୁନ ଅବତରଣ ମୂଲ୍ୟ 329.33 ଟଙ୍କା ଏବଂ ଏକ ବିଏଲ୍ ବିଅରର ଅବତରଣ ମୂଲ୍ୟ 42.22 ଟଙ୍କା । ତା ଉପରେ ମୂଲ୍ୟଭିତ୍ତିକ 40 ପ୍ରତିଶତ 16.80 ଟଙ୍କା ବା 17 ଟଙ୍କା ଅଟେ । ତେଣୁ ବିଅରର ବିଏଲ୍ ପ୍ରତି ରାଜ୍ୟ ଅବକାରୀ ଶୁଳ୍କ 47 ଟଙ୍କା ଅଟେ (30 ଟଙ୍କା + 17 ଟଙ୍କା) ।

18 6.75 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍‌ର ଅନ୍ୟୁନ ଅବତରଣ ମୂଲ୍ୟ 438.59 ଟଙ୍କା ହିସାବରେ ଏକ ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ର ଅବତରଣ ମୂଲ୍ୟ 64.98 ଟଙ୍କା । ତା ଉପରେ ମୂଲ୍ୟ ଭିତ୍ତିକ 40 ପ୍ରତିଶତ 26 ଟଙ୍କା ଅଟେ । ତେଣୁ ଆଇଏମ୍‌ଏଫ୍‌ଏଲ୍ ଉପରେ ଏଲ୍‌ପିଏଲ୍ ପ୍ରତି ରାଜ୍ୟ ଅବକାରୀ ଶୁଳ୍କ 276 ଟଙ୍କା ଅଟେ (250 ଟଙ୍କା+ 26 ଟଙ୍କା) ।

ଆଇଏମ୍ଏଫ୍ଏଲ୍ ଏବଂ ବିଅରର ଅବତରଣ ମୂଲ୍ୟ ଉପରେ 40 ପ୍ରତିଶତ ମୂଲ୍ୟ ଭିତ୍ତିକ ଉପାଦାନ ମିଶାଇ ହିସାବ କରାଯାଇଥିଲା । ଫଳରେ 1.44 କୋଟି ଟଙ୍କାର ଅବକାରୀ ଶୁଳ୍କର ସ୍ୱଳ୍ପାଦାୟ ହୋଇଥିଲା ।

ସରକାର ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରିଥିଲେ (ଅକ୍ଟୋବର 2017) ଏବଂ ଲାଇସେନସ୍ ନବୀକରଣ ପୂର୍ବରୁ ଚଳିତ ଆର୍ଥିକ ବର୍ଷରେ ଭରଣା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## 3.6.4 ପ୍ରତିଷ୍ଠାନ ଖର୍ଚ୍ଚର ଅନାଦାୟ

**ଦୁଇଜଣ ଅବକାରୀ କର୍ମଚାରୀଙ୍କର ଦରମା ଓ ଭତ୍ତା ବାବଦରେ 40.12 ଲକ୍ଷ ଟଙ୍କାର ପ୍ରତିଷ୍ଠାନ ଖର୍ଚ୍ଚ ଅନାଦାୟ ।**

ବୋର୍ଡ ଅବକାରୀ ନିୟମାବଳୀ, 1965 ର ନିୟମ 33(3) ଅନୁଯାୟୀ କୌଣସି ଅବକାରୀ ଅଧିକାରୀଙ୍କର ବିନା ଉପସ୍ଥିତିରେ ପାନୀୟ ବିଦେଶୀ ମଦ କୌଣସି ଶୁଳ୍କ ଅନ୍ତର୍ଭୁକ୍ତ ପଣ୍ୟାଗାର କିମ୍ବା ଗୋଦାମ ଘରେ ବୋତଲିକୃତ କିମ୍ବା ସ୍ଥୁଳ ଆକାରରେ ମହଜୁଦ୍‌କରଣ କିମ୍ବା ଯୌଗିକକରଣ, ମିଶ୍ରଣ, ହ୍ରାସକରଣ ହୋଇପାରିବ ନାହିଁ କିମ୍ବା ସେହି ସ୍ଥାନରୁ ନିର୍ଗମନ କିମ୍ବା ବିକ୍ରି କରାଯାଇପାରିବ ନାହିଁ । ପୁନଃ, ନିୟମ 34(1) ଏବଂ 34(2) ଅନୁଯାୟୀ ଇସି ନିୟମ 33(3) ରେ ଉଲ୍ଲିଖିତ ପଣ୍ୟାଗାର କିମ୍ବା ଗୋଦାମ ପରିଚାଳନାରେ ସଠିକ୍ ପର୍ଯ୍ୟବେକ୍ଷଣ ପାଇଁ ଅବକାରୀ ଅଧିକାରୀ (ଇଓ)ଙ୍କୁ ନିଯୁକ୍ତ କରିବେ । ଲାଇସେନସ୍‌ଧାରୀ ପ୍ରତି କ୍ୟାଲେଣ୍ଡର ମାସ ଶେଷରେ ସରକାରଙ୍କୁ ଉକ୍ତ କାର୍ଯ୍ୟ ପାଇଁ ନିଯୁକ୍ତ ଅବକାରୀ ଅଧିକାରୀଙ୍କର ମୋଟ ଦରମା ଠାରୁ ଅଧିକ ହେଉନଥିବା ପରିମାଣ ଫି ବାବଦରେ ପୈଠ କରିବେ ।

ଦୁଇ ଜଣ[19] ଅବକାରୀ ଅଧିକ୍ଷକଙ୍କର ପ୍ରତିଷ୍ଠାନ ଖର୍ଚ୍ଚ ପୈଠ ନଥିପତ୍ରର ଯାଞ୍ଚରୁ ଅଡିଟ୍ ଦେଖିଲା (ସେପ୍ଟେମ୍ବର ଏବଂ ଡିସେମ୍ବର 2016) ଯେ ଉପରୋକ୍ତ କାର୍ଯ୍ୟାଳୟର ଅବକାରୀ କର୍ମଚାରୀମାନେ 2011-12 ରୁ 2015-16 ବର୍ଷ ପର୍ଯ୍ୟନ୍ତ ଦୁଇଟି ଡିପୋରେ ନିଯୁକ୍ତ ହୋଇଥିଲେ । ଉକ୍ତ କର୍ମଚାରୀମାନଙ୍କ ଦରମା ଏବଂ ଭତ୍ତା ବାବଦରେ 40.12 ଲକ୍ଷ ଟଙ୍କାର ପ୍ରତିଷ୍ଠାନ ଖର୍ଚ୍ଚ ଓଡିଶା ରାଜ୍ୟ ପାନୀୟ ନିଗମ ଦ୍ୱାରା ପୈଠ କରାଯାଇ ନଥିଲା । ଅବକାରୀ ଅଧିକ୍ଷକମାନେ ମଧ୍ୟ ପ୍ରତିଷ୍ଠାନ ଖର୍ଚ୍ଚର ଦାବି ଉତ୍ଥାପନ କରିନଥିଲେ ।

ଆଲୋଚନା ବେଳେ ସରକାର ଦର୍ଶାଥିଲେ (ଅକ୍ଟୋବର 2017) ଯେ ମାମଲାଗୁଡିକୁ ପରୀକ୍ଷା କରାଯାଇ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ । ଚୂଡାନ୍ତ ଉତ୍ତର ଅପେକ୍ଷିତ ଅଛି ।

## 3.6.5 ଅତିରିକ୍ତ ସମୟ ଚାଲୁରହିବା ଖର୍ଚ୍ଚର ଅନାଦାୟ

**ଅପ୍ରେଲ୍ 2015 ରୁ ମାର୍ଚ୍ଚ 2016 ବର୍ଷ ମଧ୍ୟରେ ନିର୍ଦ୍ଧାରିତ ସମୟ ଠାରୁ ଅତିରିକ୍ତ 2,385 ଘଣ୍ଟା ସମୟ ଚାଲୁରହିବା ଖର୍ଚ୍ଚ ବାବଦରେ 23.85 ଲକ୍ଷ ଟଙ୍କା ଏକ ପାତନଶାଳାଠାରୁ ଅନାଦାୟ ।**

ବୋର୍ଡ ଅବକାରୀ ନିୟମାବଳୀ, 1965 ର ନିୟମ 20 ଅନୁଯାୟୀ ଅବକାରୀ ଅଧିକାରୀଙ୍କ ଉପସ୍ଥିତି ଆବଶ୍ୟକ କରୁଥିବା ପାତନଶାଳା, ବଟଲିଙ୍ଗ ୟୁନିଟ୍ ଏବଂ ମଦଭାଟିଗୁଡିକର ସମସ୍ତ କାର୍ଯ୍ୟ ରବିବାର, ସାର୍ବଜନୀନ ଛୁଟିଦିନ ଏବଂ ଘୋଷିତ ଛୁଟିଦିନ ମାନଙ୍କରେ ବନ୍ଦ ରହିବ । ତେବେ ଇସିଙ୍କର ଆଗୁଆ ଅନୁମତି ନେଇ ଉତ୍ପାଦନ ୟୁନିଟ୍‌ଗୁଡିକ ଦ୍ୱିତୀୟ ପାଳି ପାଇଁ ଇସିଙ୍କ ଦ୍ୱାରା ନିର୍ଦ୍ଧାରିତ ଅତିରିକ୍ତ କର୍ମଚାରୀ ମୁତୟନ କରିବା ପରେ ହିଁ କାର୍ଯ୍ୟ କରିପାରିବେ । ଲାଇସେନସ୍‌ଧାରୀ ଏହି ଅତିରିକ୍ତ କର୍ମଚାରୀଙ୍କର ପ୍ରତିଷ୍ଠାନ ଖର୍ଚ୍ଚ ଅତିରିକ୍ତ ବଟଲିଙ୍ଗ୍ ୟୁନିଟ/ ଓୟାର ହାଉସ ଗୁଡିକୁ ନିର୍ଦ୍ଧାରିତ ସମୟ ଠାରୁ ଅଧିକ ସମୟ ଚାଲୁ ରଖିବା ପାଇଁ ଅତିରିକ୍ତ ଘଣ୍ଟା ପ୍ରତି 1000 ଟଙ୍କା ହିସାବରେ ପୈଠ କରିବେ ।

ଅଡିଟ୍ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଗଞ୍ଜାମର ଅତିରିକ୍ତ ସମୟ ପରିଚାଳନା ସମ୍ପର୍କିତ ନଥିପତ୍ର ଯାଞ୍ଚ କରିଥିଲା (ଅକ୍ଟୋବର 2016) । ଅଡିଟ୍ ଦେଖିଲା ଯେ ଗୋଟିଏ ପାତନଶାଳା[20] ଅପ୍ରେଲ 2015 ରୁ ମାର୍ଚ୍ଚ 2016 ମଧ୍ୟରେ ନିର୍ଦ୍ଧାରିତ ସମୟ ଠାରୁ 2,385 ଘଣ୍ଟା ଅତିରିକ୍ତ ସମୟ ଚାଲୁ ରହିଥିଲା । କିନ୍ତୁ ପାତନଶାଳାଟି ଅତିରିକ୍ତ ସମୟ ଚାଲୁ ରଖିବା ଖର୍ଚ୍ଚ ବାବଦରେ 23.85 ଲକ୍ଷ ଟଙ୍କା ପୈଠ କରିନଥିଲା । ଜିଲ୍ଲା ଅବକାରୀ ଅଧିକାରୀ ମଧ୍ୟ ଉପରୋକ୍ତ ଦେୟର ଆଦାୟ ପାଇଁ ଦାବି ଉତ୍ଥାପନ କରିନଥିଲେ ।

[19] ଏସ୍ଇ, ଅନୁଗୁଳ ଓ ବଲାଙ୍ଗୀର ।

[20] ମେସର୍ସ ଆସ୍କା ସମବାୟ ଚିନି କଳ ଲିମିଟେଡ୍ ।

ଆଲୋଚନା ସମୟରେ ସରକାର ଦର୍ଶାଇଲେ (ଅକ୍ଟୋବର 2017) ଯେ ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ପରିମାଣ ଦାବି କରାଯାଇଥିଲା ଏବଂ ଆଦାୟ ହୋଇଥିଲା । ହେଲେ ମଧ୍ୟ ଏଭଳି ତ୍ରୁଟିଗୁଡ଼ିକୁ ନିବାରଣ କରିବା ପାଇଁ ବିଭାଗରେ କୌଣସି ସଂକ୍ରିୟାର ବ୍ୟବସ୍ଥାପନ କରାଯାଇ ନଥିଲା ।

### 3.6.6 ଦେଶୀ ମଦର ସ୍ୱଳ୍ପ ଯୋଗାଣ ପାଇଁ ଜୋରିମାନାର ଅନାଦାୟ

**ଦେଶୀ ମଦର ସ୍ୱଳ୍ପ ଯୋଗାଣ ପାଇଁ ଏସିଏସ୍ଆଇଏଲ୍ ଠାରୁ ଜୋରିମାନା ବାବଦରେ 10 ଲକ୍ଷ ଟଙ୍କା ଅନାଦାୟ ।**

2015-16 ବାର୍ଷିକ ଅବକାରୀ ନୀତିର ବ୍ୟବସ୍ଥା ଅନୁଯାୟୀ ଖୁଚୁରା ବ୍ୟବସାୟୀ ମାନଙ୍କୁ ବିକ୍ରି ନିମନ୍ତେ ଆସ୍କା ସମବାୟ ଚିନିକଳ ଲିଃ (ଏସିଏସ୍ଆଇଏଲ୍) ପ୍ରତି ମାସରେ 300 ଟି ସଂପୂର୍ଣ୍ଣ ବୋଝାଇ ଟ୍ରକ ଦେଶୀ ମଦ ପାଇକାରୀ ଡିପୋଗୁଡିକୁ ଯୋଗାଣ କରିବେ । ସେହି ପରିମାଣର ଦେଶୀ ମଦ ଯୋଗାଣରେ ବିଫଳ ହେଲେ ଜୋରିମାନା ବାବଦରେ 10 ଲକ୍ଷ ଟଙ୍କା ଆରୋପଣ କରାଯିବ ।

ଅଡିଟ୍ ଗଞ୍ଜାମ ଅବକାରୀ ଅଧିକ୍ଷକଙ୍କର କାର୍ଯ୍ୟାଳୟରେ ଆସ୍କା ସମବାୟ ଚିନିକଳ ଲିଃ ଦ୍ୱାରା ଯୋଗାଣ କରାଯାଇଥିବା ଦେଶୀ ମଦର ନଥିପତ୍ରର ଯାଞ୍ଚ୍ କରିଥିଲା । ଅଡିଟ୍ ଦେଖିଲା (ଅକ୍ଟୋବର 2016) ଯେ ଏସିଏସ୍ଆଇଏଲ୍ ନିର୍ଦ୍ଧାରିତ ପରିମାଣର ଦେଶୀମଦ ଓଏସ୍‌ବିସିର ଚାରୋଟି ଡିପୋ[21]କୁ 2015-16 ବର୍ଷରେ ଯୋଗାଣ କରିପାରିନଥିଲା । ଏହା ନର୍ଦ୍ଧାରିତ 3600 (300x12) ପୁର୍ଣ୍ଣ ବୋଝେଇ ଟ୍ରକ ମଧ୍ୟରୁ ମାତ୍ର 3,411 ଟ୍ରକ ଯୋଗାଇ ପାରିଥିଲା । ନିର୍ଦ୍ଧାରିତ ପରିମାଣ ଯୋଗାଇ ପାରିନଥିବାରୁ ସେହି ସଂସ୍ଥାକୁ 10 ଲକ୍ଷ ଟଙ୍କାର ଜୋରିମାନା ବାବଦରେ ଦେବାକୁ ଥିଲା । କିନ୍ତୁ, ଏସ୍ଇ, ଗଞ୍ଜାମ ଜୋରିମାନା ବାବଦରେ କୌଣସି ଦାବି ଉତ୍ଥାପନ କରିନଥିଲେ ।

ଆଲୋଚନା ସମୟରେ ସରକାର ଦର୍ଶାଇଥିଲେ (ଅକ୍ଟୋବର 2017) ଯେ ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ପରିମାଣ ଦାବି କରାଯାଇ ଆଦାୟ କରାଯାଇଥିଲା । ହେଲେ ମଧ୍ୟ, ଏସିଏସ୍ଆଇଏଲ୍ ଦ୍ୱାରା ଯୋଗାଣ କରାଯାଇ ନଥିବା ପରିମାଣର ପର୍ଯ୍ୟବେକ୍ଷଣ କରିବା ପାଇଁ ବିଭାଗରେ କୌଣସି ସଂକ୍ରିୟାର ବ୍ୟବସ୍ଥାପନ କରାଯାଇ ନଥିଲା ।

[21] ବାଲେଶ୍ୱର, ଚଣ୍ଡିଖୋଲ, ଖୋର୍ଦ୍ଧା ଏବଂ ନିର୍ଗୁଣ୍ଡି ।

# ଅଧ୍ୟାୟ IV

# ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି

# ଅଧ୍ୟାୟ IV

## ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି

### 4.1 କର ପରିଚାଳନା

ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫିରୁ ପ୍ରାପ୍ତି ଭାରତୀୟ ଷ୍ଟାମ୍ପ୍ ଅଧିନିୟମ, 1899, (ଆଇଏସ୍ ଅଧିନିୟମ), ନିବନ୍ଧନ ଅଧିନିୟମ, 1908 ଓ ତଦଧିନ ପ୍ରଣୀତ ନିୟମାବଳୀ ଅନୁଯାୟୀ ନିୟନ୍ତ୍ରିତ ହେଉଥିଲା । ସରକାରୀ ସ୍ତରରେ ଏହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର୍ ଏଣ୍ଡ୍ ଡିଏମ୍) ବିଭାଗର ପ୍ରମୁଖ ସଚିବଙ୍କ ସାମଗ୍ରିକ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା । ନିବନ୍ଧନ ମହାନିରୀକ୍ଷକ (ଆଇଜିଆର୍) ରାଜସ୍ୱ ବିଭାଗର ମୁଖ୍ୟ ହିସାବରେ ନିବନ୍ଧନ କାର୍ଯ୍ୟର ଅଧିକ୍ଷଣ ଓ ପ୍ରଶାସନ ପାଇଁ କ୍ଷମତା ପ୍ରାପ୍ତ ଥିଲେ । ତାଙ୍କୁ ଜଣେ ଯୁଗ୍ମ ମହା ନିରୀକ୍ଷକ (ଜେଆଇଜି), ତିନି ଜଣ ଉପ ମହାନିରୀକ୍ଷକ (ଡିଆଇଜି) ଓ ଜିଲ୍ଲା ସ୍ତରରେ 30 ଜଣ ଜିଲ୍ଲା ନିବନ୍ଧକ ଓ 30 ଜଣ ଜିଲ୍ଲା ଉପ ନିବନ୍ଧକ (ଡିଏସ୍ଆର୍) ଏବଂ ୟୁନିଟ୍ ସ୍ତରରେ 151 ଜଣ ଉପ ନିବନ୍ଧକ (ଏସ୍ଆର) ସହୟତା କରିଥିଲେ।

### 4.2 ଆଭ୍ୟନ୍ତରୀଣ ସମୀକ୍ଷା

ଆର୍ ଏଣ୍ଡ୍ ଡିଏମ୍ ବିଭାଗର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ (ଆଇଏଡବ୍ଲ୍ୟୁ) 1969 ରେ ସୃଷ୍ଟି ହୋଇଥିଲା । 2016-17 ବର୍ଷରେ ସମୀକ୍ଷା କରିବା ପାଇଁ ଯୋଜନା ହୋଇଥିବା 71 ଟି ୟୁନିଟ୍ ମଧ୍ୟରୁ ବିଭାଗର ଆଇଏଡବ୍ଲ୍ୟୁ 58 ଟି ୟୁନିଟ ସମୀକ୍ଷିତ କରିଥିଲା । କମ୍ତିର କାରଣ ଭାବେ ବିଭାଗ ମାନବ ସମ୍ବଳର ଅଭାବ ଏବଂ ସ୍ୱତନ୍ତ୍ର ସମୀକ୍ଷାର ବରାଦକୁ ଦାୟୀ କରିଥିଲା । ଅଡିଟ୍ ଦେଖିଲା ଯେ ମାର୍ଚ୍ଚ 2017 ପର୍ଯ୍ୟନ୍ତ ଜାରି କରାଯାଇଥିବା ଆଭ୍ୟନ୍ତରୀଣ ସମୀକ୍ଷା ପ୍ରତିବେଦନରେ 3,687.67 କୋଟି ଟଙ୍କା ଜଡ଼ିତ 9,992 ଟି ଅନୁଚ୍ଛେଦ 31 ମାର୍ଚ୍ଚ 2017 ସୁଦ୍ଧା ଫଏସଲା ପାଇଁ ବାକି ରହିଥିଲା ।

### 4.3 ସମୀକ୍ଷାର ଫଳାଫଳ

2016-17 ବର୍ଷରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର 40 ୟୁନିଟ୍ର ନଥିପତ୍ରର ନମୁନା ଯାଞ୍ଚରୁ 18,900 ଟି ମାମଲାରେ 9.23 କୋଟି ଟଙ୍କାର ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ଅନାରୋପଣ /ସ୍ୱଳ୍ପାରୋପଣ ଏବଂ ଅନ୍ୟାନ୍ୟ ଅନିୟମିତତା ଦେଖାଯାଇଥିଲା, ଯାହା ନିମ୍ନୋକ୍ତ **ସାରଣୀ 4.1** ରେ ଦିଆଯାଇଥିବା ବର୍ଗଗୁଡିକର ଅନ୍ତର୍ଭୁକ୍ତ ।

**ସାରଣୀ 4.1**

**ରାଜସ୍ୱ ପ୍ରାପ୍ତି ସମ୍ବନ୍ଧୀୟ ସମୀକ୍ଷା ମନ୍ତବ୍ୟର ବର୍ଗୀକରଣ**

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ସମ୍ପତ୍ତିର ବଜାର ମୂଲ୍ୟର ଭ୍ରମାତ୍ମକ ନିର୍ଦ୍ଧାରଣ ଏବଂ ଗୃହ ନିର୍ମାଣ ଋଣ ଉପରେ ଅନିୟମିତ ଅବ୍ୟାହତ | 269 | 1.73 |
| 2. | ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ର ଅନାରୋପଣ / ସ୍ୱଳ୍ପାରୋପଣ | 116 | 7.50 |
| 3. | ଅନ୍ୟାନ୍ୟ ଅନିୟମିତତା | 18,515 | 0 |
| | ମୋଟ | **18,900** | **9.23** |

ବର୍ଷ ମଧ୍ୟରେ, ବିଭାଗ 18,666 ଟି ମାମଲାରେ 8.40 କୋଟି ଟଙ୍କାର ଅବ ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ତ୍ରୁଟିମାନ ସ୍ୱୀକାର କରିଥିଲା ଓ ତନ୍ମଧ୍ୟରୁ 1.61 ଲକ୍ଷ ଟଙ୍କା ଗୋଟିଏ ମାମଲାରେ ଆଦାୟ କରାଯାଇଥିଲା । ପୁନଶ୍ଚ, 2000-01 ରୁ 2015-16 ସମ୍ପର୍କିତ 138 ଟି ମାମଲାରେ 52.59 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା ।

## 4.4 ସମୀକ୍ଷା ମନ୍ତବ୍ୟ

ଅଡିଟ୍ ଷ୍ଟାମ୍ପ୍ ଶୁଳ୍କ ଏବଂ ନିବନ୍ଧନ ଫି ନିର୍ଦ୍ଧାରଣ ଏବଂ ଆଦାୟ ସମ୍ପର୍କିତ ନଥିପତ୍ର ଯାଞ୍ଚ୍ କରିଥିଲା । ବିକ୍ରି ସାର୍ଟିଫିକେଟ୍ ଏବଂ ଜମି ଓ କୋଠାର ଅବମୂଲ୍ୟାଙ୍କନ ଦ୍ୱାରା ରାଜସ୍ୱର ସ୍ୱଳ୍ପ ଆଦାୟ ହୋଇଥିବାର ଅଡିଟ୍ ଦେଖିଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ବର୍ଣ୍ଣିତ ହୋଇଅଛି । ଏହି ମାମଲାଗୁଡ଼ିକ ଦୃଷ୍ଟାନ୍ତ ସଦୃଶ ଏବଂ ଅଡିଟ୍ ଦ୍ୱାରା କରାଯାଇଥିବା ନମୁନା ଯାଞ୍ଚ୍ ଉପରେ ଆଧାରିତ ।

## 4.5 ଅଧିନିୟମ/ ନିୟମାବଳୀ ଏବଂ ସରକାରୀ ଅନୁଦେଶ ଗୁଡ଼ିକର ଅନନୁପାଳନ

*ଭାରତୀୟ ଷ୍ଟାମ୍ପ୍ (ଆଇଏସ୍) ଶୁଳ୍କ ଅଧିନିୟମ, 1899 ଏବଂ ନିବନ୍ଧନ ଅଧିନିୟମ, 1908 ରେ ବିହିତ ଅଛି ଯେ, ବିକ୍ରୟ ପ୍ରମାଣ ପତ୍ର ଉପରେ ଜଣେ ମାଲିକ ଅନ୍ୟ ଜଣକୁ ସମ୍ପତ୍ତି ଆଇନ୍ ଅନୁସାରେ ହସ୍ତାନ୍ତରଣ ହେଲା ଭଳି ବିଚାର କରି ଶୁଳ୍କ ଆଦାୟ କରାଯିବ । ହସ୍ତାନ୍ତର ପତ୍ରର ନିବନ୍ଧନ ସମୟରେ ଓଡ଼ିଶା ସରକାରଙ୍କ ବେଞ୍ଚ୍ ମାର୍କ[1] ମୂଲ୍ୟ (ବିଏମ୍‌ଭି)କୁ ଦୃଷ୍ଟିରେ ରଖି ଦଲିଲ୍‌ରେ ସଂପୂର୍ଣ୍ଣ ଓ ସତ୍ୟସିଦ୍ଧ ଭାବେ ଉଲ୍ଲିଖିତ ଥିବା ପ୍ରତିଫଳ ମୂଲ୍ୟ ଉପରେ ଷ୍ଟାମ୍ପ୍ ଶୁଳ୍କ (ଏସ୍‌ଡି) ଏବଂ ନିବନ୍ଧନ ଫି (ଆର୍‌ଏଫ୍) ବିହିତ ହାରରେ ଆଦାୟ କରାଯାଇଥାଏ । ସମ୍ପତ୍ତିର ଅବମୂଲ୍ୟାୟନ ହୋଇ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଦଲିଲ୍ ଗୁଡ଼ିକୁ ସଠିକ୍ ମୂଲ୍ୟାୟନ ସହ ଭେଦାତ୍ମକ ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି ଆଦାୟ ପାଇଁ ପରିବଦ୍ଧ କରାଯିବ ।*

*ନିବନ୍ଧନ କର୍ତ୍ତୃପକ୍ଷ (ଆର୍‌ଏ)ଙ୍କ ଦ୍ୱାରା ଉପରୋକ୍ତ ଅଧିନିୟମ ଗୁଡ଼ିକର ବ୍ୟବସ୍ଥା ନିମ୍ନଲିଖିତ ଅନୁଚ୍ଛେଦ ଗୁଡିକରେ ଉଲ୍ଲିଖିତ ମାମଲା ଗୁଡିକରେ ଅନୁପାଳନ ନହେବା ଯୋଗୁଁ ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି ସ୍ୱଳ୍ପାଦାୟ ହୋଇଥିଲା ।*

[1] ବେଞ୍ଚ୍ ମାର୍କ ମୂଲ୍ୟାଙ୍କନ: ବେଞ୍ଚମାର୍କ ମୂଲ୍ୟାଙ୍କନ ନୀତି ଅନୁସାରେ, ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ରାଜ୍ୟର ସମସ୍ତ ଜିଲ୍ଲାର ଜମିଗୁଡ଼ିକର ମୂଲ୍ୟ ସମୟକୁ ସମୟ ଅନୁମୋଦନ କରିବେ, ଯାହାକୁ କୌଣସି ଜମିର ପ୍ରଚଳିତ ମୂଲ୍ୟ ସ୍ଥିର କରିବା ବେଳେ ବିଚାରକୁ ନିଆଯିବ ।

## 4.5.1 ବିକ୍ରୟ ପତ୍ର ଉପରେ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ସ୍ୱଳ୍ପାଦାୟ

**ବିକ୍ରୟ ପତ୍ର ଗୁଡ଼ିକ ଉପରେ 32.48 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ 10.13 ଲକ୍ଷ ଟଙ୍କାର ନିବନ୍ଧନ ଫି ସ୍ୱଳ୍ପାଦାୟ ହୋଇଥିଲା ।**

ଭାରତୀୟ ଷ୍ଟାମ୍ପ୍ ଶୁଳ୍କ ଅଧିନିୟମ, 2001 (ଓଡିଶା ସଂଶୋଧନ), 2003 ସଂଶୋଧିତ ଅନ୍ତର୍ଗତ ଅନୁସୂଚୀ 1-A ର ଅନୁଚ୍ଛେଦ 18(b) ଅନୁଯାୟୀ ସର୍ବସାଧାରଣ ନିଲାମ ଜରିଆରେ ବିକ୍ରୟ ହୋଇଥିବା କୌଣସି ସମ୍ପତ୍ତିର ଖରିଦଦାରଙ୍କୁ ଦିଆଯାଇଥିବା ବିକ୍ରୟ ପତ୍ର ଏକ ହସ୍ତାନ୍ତରଣ ପତ୍ର ବୋଲି ବିବେଚିତ ହେବ ଏବଂ ଖରିଦ୍ ମୂଲ୍ୟ ସହ ସମାନ ପ୍ରତିଫଳ ମୂଲ୍ୟ ଉପରେ ପାଞ୍ଚ ପ୍ରତିଶତ ହାରରେ ଷ୍ଟାମ୍ପ୍ ଶୁଳ୍କ ଲାଗୁ କରାଯିବ । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏସ୍‌ଏଆର୍‌ଏଫ୍‌ଏଇଏସ୍‌ଆଇ) ଅଧିନିୟମ 2002 ଏବଂ ଧାରା 13 ସହ ପଠିତ ସିକୁରିଟି ଇଣ୍ଟ୍ରେଷ୍ଟ (ଏନ୍‌ଫୋର୍ସ୍‌ମେଣ୍ଟ୍) ନିୟମାବଳୀ, 2002 ର ନିୟମ 9(6) ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ଋଣ ଦେଇଥିବା ବ୍ୟକ୍ତି/ ଅନୁଷ୍ଠାନଙ୍କ ଦ୍ୱାରା ଋଣ ଗ୍ରହୀତାଙ୍କ ଠାରୁ ପ୍ରାପ୍ତ ସମ୍ପତ୍ତିକୁ ନିଲାମ କରି ଋଣ ଅସୁଲ କରାଯିବ । ପୁନଶ୍ଚ, ନିବନ୍ଧନ ଅଧିନିୟମ 1908 ର ଧାରା 17 ଅନୁସାରେ ବିକ୍ରୟ ପତ୍ର ଗୁଡ଼ିକର ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ଅଟେ । ଏଣୁ ବିକ୍ରୟ ପତ୍ର ପ୍ରତିଫଳ ମୂଲ୍ୟ ପାଇବା ପରେ ଏହା ଏକ ନିବନ୍ଧନ ଯୋଗ୍ୟ ଦଲିଲ୍ ଭାବେ ପରିଗଣିତ ହେବ । ହସ୍ତାନ୍ତରଣ ପତ୍ର ଉପରେ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ଯଥାକ୍ରମେ ପାଞ୍ଚ ପ୍ରତିଶତ ଓ ଦୁଇ ପ୍ରତିଶତ ହାରରେ ଲାଗୁ ହେବ ।

ଅଡିଟ୍ ତିନୋଟି ନିବନ୍ଧନ କାର୍ଯ୍ୟାଳୟ[2]ରେ ଇ-ନିବନ୍ଧନ ତଥ୍ୟାବଳୀକୁ ଅଗଷ୍ଟ 2016 ରୁ ଜାନୁଆରୀ 2017 ମଧ୍ୟରେ ବିଶ୍ଳେଷଣ କରିଥିଲା । ଅଡିଟ୍ ଦେଖିଲା ଯେ 2015-16 ବର୍ଷ ମଧ୍ୟରେ ସାତଟି ବିକ୍ରୟ ପତ୍ରର ନିବନ୍ଧନ ହୋଇଥିଲା ଯେଉଁଥିରେ କି 671.60 ଲକ୍ଷ ଟଙ୍କାର ବିକ୍ରୟ ମୂଲ୍ୟ ଉଲ୍ଲେଖ ଥିଲା । ସେହି ଅନୁସାରେ ଉକ୍ତ ସାତଟି ବିକ୍ରୟ ପତ୍ରର ନିବନ୍ଧନ ସମୟରେ ହସ୍ତାନ୍ତରଣ ପତ୍ର ହିସାବରେ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ବାବଦରେ ଯଥାକ୍ରମେ 33.58 ଲକ୍ଷ ଟଙ୍କା ଓ 13.43 ଲକ୍ଷ ଟଙ୍କା ନିର୍ଦ୍ଧାରଣ ଯୋଗ୍ୟ ଥିଲା । କିନ୍ତୁ ନିବନ୍ଧନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମାତ୍ର 1.10 ଲକ୍ଷ ଟଙ୍କା ଷ୍ଟାମ୍ପ୍ ଶୁଳ୍କ ଓ 3.30 ଲକ୍ଷ ଟଙ୍କା ନିବନ୍ଧନ ଫି ବାବଦ ଆଦାୟ କରାଯାଇଥିଲା । ଫଳସ୍ୱରୁପ 32.48 ଲକ୍ଷ ଟଙ୍କାର ଷ୍ଟାମ୍ପ୍ ଶୁଳ୍କ ଓ 10.13 ଲକ୍ଷ ଟଙ୍କାର ନିବନ୍ଧନ ଫି ସ୍ୱଳ୍ପାଦାୟ ହୋଇଥିଲା ।

ଏହିପରି ଭାବେ, ବିକ୍ରୟ ପତ୍ର ଉପରେ ଅନୁପଯୁକ୍ତ ହାରରେ ଶୁଳ୍କ ପ୍ରୟୋଗ ଯୋଗୁଁ 42.61 ଲକ୍ଷ ଟଙ୍କା ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ବାବଦରେ ସ୍ୱଳ୍ପାଦାୟ ହୋଇଥିଲା ।

ଉତ୍ତରରେ ନିବନ୍ଧନ ଅଧିକାରୀମାନେ କହିଥିଲେ ଯେ, ଦଲିଲ ଗୁଡିକର ସତ୍ୟାପନ ପରେ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ । ମାମଲାଟିକୁ ମଇ 2017 ରେ ଆଇଜିଆର୍‌ଙ୍କ ଦୃଷ୍ଟିକୁ ଓ ଜୁଲାଇ 2017 ରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା । ଉତ୍ତର ପ୍ରତିକ୍ଷୀତ ଅଛି ।

## 4.5.2 ଜମି ଓ କୋଠାଘରର ଅବମୂଲ୍ୟାୟନ ଯୋଗୁଁ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ସ୍ୱଳ୍ପାଦାୟ

**ହସ୍ତାନ୍ତରଣ ପତ୍ର ନିବନ୍ଧନ ବେଳେ 18 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ 8.06 ଲକ୍ଷ ଟଙ୍କାର ନିବନ୍ଧନ ଫି ସ୍ୱଳ୍ପାଦାୟ ହୋଇଥିଲା ।**

ଭାରତୀୟ ଷ୍ଟାମ୍ପ ଶୁଳ୍କ ଅଧିନିୟମ, 1899 (ଓଡ଼ିଶା ସଂଶୋଧନ)ର ଧାରା 27 ସହ ପଠିତ ଧାରା 3 ଅନୁସାରେ ପ୍ରତିଫଳ ମୂଲ୍ୟ ଯଦି ଥାଏ, ସମ୍ପତ୍ତିର ବଜାର ମୂଲ୍ୟ ଏବଂ ଷ୍ଟାମ୍ପ୍ ଶୁଳ୍କକୁ ପ୍ରଭାବିତ କରୁଥିବା ଅନ୍ୟ ତଥ୍ୟ ଓ ପରିସ୍ଥିତିଗୁଡ଼ିକ ଦସ୍ତାବିଜ୍‌ରେ ସଂପୂର୍ଣ୍ଣ ଏବଂ ସତ୍ୟସିଦ୍ଧ ଭାବେ ଉଲ୍ଲିଖିତ ହେବା ଆବଶ୍ୟକ । ଷ୍ଟାମ୍ପ୍ ଶୁଳ୍କ ଏବଂ ନିବନ୍ଧନ ଫି ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ମାର୍ଚ୍ଚ 2011 ଓ ଡିସେମ୍ବର 2013 ରେ କୋଠାଘର ଏବଂ ବିଭିନ୍ନ ନିର୍ମାଣାଧିନ ଘରର ମୂଲ୍ୟାଙ୍କନ କରିବା ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲେ । ସେହିପରି ଭୂ-ସମ୍ପତ୍ତି ପାଇଁ ଜିଲ୍ଲା ସ୍ତରୀୟ ମୂଲ୍ୟାୟନ କମିଟି ଚେୟାରମ୍ୟାନଙ୍କ ଦ୍ୱାରା ବିହିତ ଏବଂ ସମୟକୁ ସମୟ ସଂଶୋଧିତ ବେଞ୍ଚ୍ ମାର୍କ ମୂଲ୍ୟ ଉପରେ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ଲାଗୁହୁଏ । ପୁନଶ୍ଚ ଅଧିନିୟମର ଧାରା 47 A ଅନୁସାରେ ନିବନ୍ଧନ ସମୟରେ ସମ୍ପତ୍ତିର ଅବମୂଲ୍ୟାୟନ କ୍ଷେତ୍ରରେ

2 ଜିଲ୍ଲା ଉପ ନିବନ୍ଧକ, କଳାହାଣ୍ଡି, ଖୋର୍ଦ୍ଧା ଏବଂ ଉପ ନିବନ୍ଧକ, ପାନପୋଷ ।

ମାମଲାଟିକୁ ଜିଲ୍ଲାପାଳଙ୍କ ନିକଟକୁ ମୂଲ୍ୟ ନିରୂପଣ ପାଇଁ ପଠାଯିବ ଏବଂ ଶୁଳ୍କ ପୈଠ କରିବା ପାଇଁ ଦାୟୀ ବ୍ୟକ୍ତିଜଣକ ଶୁଳ୍କରେ କମ୍ତି ଥିବା ପରିମାଣର ଭରଣା କରିବେ ।

ଅଡିଟ୍ ଚାରୋଟି ନିବନ୍ଧନ କାର୍ଯ୍ୟାଳୟ[3] ରେ ଜୁନ୍ 2016 ଠାରୁ ଡିସେମ୍ବର 2016 ମଧ୍ୟରେ 22 ଟି ହସ୍ତାନ୍ତରଣ ପତ୍ର ଦଲିଲ୍ ଗୁଡ଼ିକର ନମୁନା ଯାଞ୍ଚ୍ କରିଥିଲେ । ଅଡିଟ୍ ଦେଖିଲା ଯେ, କୋଠାଘର ଥିବା 8.08 ଏକର ପରିମିତ ଭୂସମ୍ପତ୍ତି 12.70 କୋଟି ଟଙ୍କା ମୂଲ୍ୟରେ ଜଣେ ବିକ୍ରେତା ଏକ କ୍ରେତାଙ୍କୁ ବିକ୍ରି କରଥିଲେ । ଏହି ଦଲିଲ ଗୁଡ଼ିକର ନିବନ୍ଧନ ସେପ୍ଟେମ୍ବର 2014 ରୁ ଅକ୍ଟୋବର 2015 ମଧ୍ୟରେ ହୋଇଥିଲା ଏବଂ 45.51 ଲକ୍ଷ ଟଙ୍କା ଷ୍ଟାମ୍ପ୍ ଶୁଳ୍କ ଓ 18.76 ଲକ୍ଷ ଟଙ୍କା ନିବନ୍ଧନ ଫି ବାବଦରେ ଆଦାୟ ହୋଇଥିଲା । କିନ୍ତୁ, କୋଠାଘର ପାଇଁ ଥିବା ଉପରୋକ୍ତ ମାର୍ଗଦର୍ଶିକା ଏବଂ ବେଞ୍ଚମାର୍କ ମୂଲ୍ୟ ଅନୁସାରେ 63.51 ଲକ୍ଷ ଟଙ୍କା ଷ୍ଟାମ୍ପ୍ ଶୁଳ୍କ ଓ 26.82 ଲକ୍ଷ ଟଙ୍କା ନିବନ୍ଧନ ଫି ବାବଦରେ ଆଦାୟ କରାଯିବାର ଥିଲା । ଫଳସ୍ୱରୂପ 18 ଲକ୍ଷ ଟଙ୍କା ଷ୍ଟାମ୍ପ୍ ଶୁଳ୍କ ଓ 8.06 ଲକ୍ଷ ଟଙ୍କାର ନିବନ୍ଧନ ଫି ସ୍ୱଳ୍ପାଦାୟ ହୋଇଥିଲା ।

ଏହିପରି ବିହିତ ମାର୍ଗଦର୍ଶିକାର ଅନୁସରଣ ଠିକ୍ ଭାବରେ ନ କରିବା ଯୋଗୁଁ 26.06 ଲକ୍ଷ ଟଙ୍କାର ରାଜସ୍ୱ ସ୍ୱଳ୍ପାଦାୟ ହୋଇଥିଲା ।

ଉତ୍ତରରେ ସମସ୍ତ ନିବନ୍ଧନ ଅଧିକାରୀମାନେ କହିଥିଲେ ଯେ, ନିଅଣ୍ଟ ଷ୍ଟାମ୍ପ୍ ଶୁଳ୍କ ଓ ନିବନ୍ଧନ ଫି ର ଆଦାୟ ପାଇଁ ଦଲିଲ୍ ଗୁଡ଼ିକୁ ଧାରା 47 A ଅନୁଯାୟୀ ବିଚାର କରାଯିବ ।

ମାମଲାଟି ସମ୍ବନ୍ଧରେ ଅପ୍ରେଲ 2017 ରେ ଆଇଜିଆର୍, ଓଡ଼ିଶା ଓ ଜୁଲାଇ 2017 ରେ ସରକାରଙ୍କୁ ଅବଗତ କରାଯାଇଥିଲା । ଉତ୍ତର ପ୍ରତିକ୍ଷୀତ ଥିଲା ।

3 ଜିଲ୍ଲା ଉପ ନିବନ୍ଧକ, ବରଗଡ଼ କଳାହାଣ୍ଡି ଓ ପୁରୀ ଏବଂ ଉପ ନିବନ୍ଧକ, ପାନପୋଷ ।

# ଅଧ୍ୟାୟ V

# ମୋଟର ଯାନ କର

# ଅଧ୍ୟାୟ V

# ମୋଟର ଯାନ କର

## 5.1 କର ପରିଚାଳନା

ମୋଟର ଯାନ କରର ପ୍ରାପ୍ତି, କେନ୍ଦ୍ରୀୟ ତଥା ରାଜ୍ୟ ମୋଟର ଯାନ ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ନିୟନ୍ତ୍ରିତ ହୋଇଥାଏ । ଉପରୋକ୍ତ ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀର ପରିଚାଳନା ପରିବହନ କମିଶନର (ଟିସି) ତଥା ଚେୟାରମ୍ୟାନ୍ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ), ଓଡ଼ିଶାଙ୍କ ଦ୍ୱାରା ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବଙ୍କ ସାମଗ୍ରିକ ତତ୍ତ୍ୱାବଧାନରେ ହୋଇଥାଏ। ପରିବହନ କମିଶନର (ଟିସି)ଙ୍କୁ ଯୁଗ୍ମ କମିଶନର ଓ ଅତିରିକ୍ତ କମିଶନର ମୁଖ୍ୟାଳୟ ସ୍ତରରେ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ୟୁନିଟ୍ ସ୍ତରରେ ସାହାଯ୍ୟ କରିଥାନ୍ତି । ଆର୍‌ଟିଓ ମାନେ କର ନିର୍ଦ୍ଧାରଣ ଅଧିକାରୀ (ଏଏ) ତଥା କର ଅସୁଲି ଅଧିକାରୀ (ଟିଆରଓ) ଅଟନ୍ତି ।

## 5.2 ଆଭ୍ୟନ୍ତରୀଣ ସମୀକ୍ଷା

ରାଜ୍ୟ ପରିବହନ ପ୍ରାଧିକରଣର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ 2007-08 ଏବଂ 2010-11 ବର୍ଷ ମଧ୍ୟରେ କୌଣସି ସମୀକ୍ଷା କରିନଥିଲେ । ଏହାର କାରଣ ରୂପେ ଆବଶ୍ୟକୀୟ କର୍ମଚାରୀମାନଙ୍କର ଅଭାବକୁ ଦର୍ଶାଯାଇଅଛି । ଯାହାହେଉ, ପରିବହନ ବିଭାଗ ଦ୍ୱାରା ନୂତନ ଭାବେ ସୃଷ୍ଟି କରାଯାଇଥିବା ସମୀକ୍ଷା ଦଳ 2011 ମସିହା ଠାରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡ଼ିକର ଆଭ୍ୟନ୍ତରୀଣ ସମୀକ୍ଷା କରିଆସୁଅଛି । 2016-17 ବର୍ଷରେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ଯୋଜନାଭୁକ୍ତ 14 ଟି କାର୍ଯ୍ୟାଳୟ ମଧ୍ୟରୁ 7 ଟି ର ସମୀକ୍ଷା କରିଥିଲା । କମ୍‌ତିର କାରଣ ରୂପେ ଆବଶ୍ୟକୀୟ କର୍ମଚାରୀମାନଙ୍କର ଅଭାବକୁ ଦର୍ଶାଯାଇଛି । ଅଡିଟ୍ ଦେଖିଲା ଯେ 31 ମାର୍ଚ୍ଚ 2017 ସୁଦ୍ଧା ଆଭ୍ୟନ୍ତରୀଣ ସମୀକ୍ଷା ପ୍ରତିବେଦନର 252.52 କୋଟି ଟଙ୍କା ଜଡିତ 419 ଟି ଅନୁଚ୍ଛେଦରେ ଫଏସଲା ହୋଇନଥିଲା ।

## 5.3 ସମୀକ୍ଷାର ଫଳାଫଳ

2016-17 ବର୍ଷରେ 22 ଟି ୟୁନିଟ୍‌ର ମୋଟର ଯାନ କର, ଅତିରିକ୍ତ କର, ରେଜିଷ୍ଟ୍ରେସନ ଫି, ପରମିଟ୍ ଫି ଏବଂ ଜୋରିମାନା ସମ୍ପର୍କିତ ନଥିପତ୍ରର ନମୁନା ଯାଞ୍ଚ କରାଯାଇଥିଲା । ଦେଖାଗଲା ଯେ 1,15,532 ଟି ମାମଲାରେ 86.56 କୋଟି ଟଙ୍କାର ସ୍ୱଳ୍ପ କର ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ଅନିୟମିତତା ହୋଇଥିଲା ଯାହା ନିମ୍ନୋକ୍ତ ସାରଣୀ **5.1** ରେ ଦର୍ଶାଯାଇଛି ।

**ସାରଣୀ 5.1**

**ରାଜସ୍ୱ ପ୍ରାପ୍ତି ଉପରେ ସମୀକ୍ଷା ମନ୍ତବ୍ୟ ଗୁଡିକର ବର୍ଗୀକରଣ**

(ଟଙ୍କା କୋଟିରେ)

| କ୍ରମିକ ସଂଖ୍ୟା | ବର୍ଗୀକରଣ | ମାମଲାର ସଂଖ୍ୟା | ରାଶି |
|---|---|---|---|
| 1. | ମୋଟର ଯାନ ଉପରେ କର, ଅତିରିକ୍ତ କର ଏବଂ ଜୋରିମାନାର ଅନାଦାୟ / ଅନାରୋପଣ | 30,485 | 66.97 |
| 2. | ରଫା ଯୋଗ୍ୟ ଫି, ପରମିଟ୍ ଫି ଓ ଫିଟ୍‌ନେସ୍ ଫି ଇତ୍ୟାଦିର ଅନାଦାୟ / ସ୍ୱଳ୍ପାଦାୟ । | 1,072 | 0.65 |
| 3. | ମୋଟର ଯାନ ଉପରେ କର, ଅତିରିକ୍ତ କର ଏବଂ ଜୋରିମାନାର ସ୍ୱଳ୍ପାରୋପଣ/ ସ୍ୱଳ୍ପାଦାୟ | 184 | 0.42 |
| 4. | ବିଳମ୍ବରେ ପୈଠ ହୋଇଥିବା କର ଉପରେ ଜୋରିମାନା ଅନାଦାୟ / ସ୍ୱଳ୍ପାଦାୟ | 95 | 0.46 |
| 5. | ମୋଟର ଯାନ ବ୍ୟବସାୟ ପ୍ରମାଣପତ୍ର ଫି ଓ କର ଅନାଦାୟ/ସ୍ୱଳ୍ପାଦାୟ | 83,649 | 18.04 |
| 6. | ଅନ୍ୟାନ୍ୟ ଅନିୟମିତତା | 47 | 0.02 |
| | ମୋଟ | **1,15,532** | **86.56** |

2016-17 ବର୍ଷରେ ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା 85,854 ଟି ମାମଲାରେ ଜଡିତ 82.15 କୋଟି ଟଙ୍କାର ସ୍ୱଳ୍ପାରୋପଣ ଏବଂ ଅନ୍ୟାନ୍ୟ ଅନିୟମିତତା ବିଭାଗ ସ୍ୱୀକାର କରିଥିଲା । 2003-04 ରୁ 2015-16 ଅବଧି ମଧ୍ୟରେ ଦର୍ଶାଯାଇଥିବା 7 ଟି ମାମଲାରେ 1.52 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା ।

## 5.4 ସମୀକ୍ଷା ମନ୍ତବ୍ୟ

ଅଡିଟ୍, ପରିବହନ କମିଶନର (ଟିସି) ତଥା ଚେୟାରମ୍ୟାନ୍, ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ଙ୍କ କାର୍ଯ୍ୟାଳୟରେ ମୋଟର ଯାନ କର ନିର୍ଦ୍ଧାରଣ ଓ ଆଦାୟ ସଂପର୍କିତ ନଥିପତ୍ର ଯାଞ୍ଚ କରିଥିଲା । ଅଡିଟ୍ ସମୁଦାୟ 35 ଆଞ୍ଚଳିକ ପରିବହନ ଅଧିକାରୀ ମଧ୍ୟରୁ 22 ଜଣଙ୍କର ନଥିପତ୍ରର ନମୁନା ଯାଞ୍ଚ କରିଥିଲା । 27,228 ଟି ମାମଲାରେ, ଅଧିନିୟମ/ ନିୟମାବଳୀର କେତେକ ବ୍ୟବସ୍ଥାର ପାଳନ ହୋଇନଥିବା ତଥା ଅନ୍ୟାନ୍ୟ ମାମଲା ଅଡିଟ୍ ଦେଖିବାକୁ ପାଇଥିଲା, ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଦର୍ଶାଯାଇଛି । ଏହି ମାମଲାଗୁଡ଼ିକ କେବଳ ଦୃଷ୍ଟାନ୍ତ ସଦୃଶ ଏବଂ ଅଡ଼ିଟ ଦ୍ୱାରା ହୋଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ । ପରବର୍ତ୍ତୀ ସମୀକ୍ଷା ପର୍ଯ୍ୟନ୍ତ ଏହି ପ୍ରକାର ଅନିୟମିତତା ଗୁଡ଼ିକର ସନ୍ଧାନ ହୋଇପାରି ନଥିଲା । ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ଉନ୍ନତିକରଣ ତଥା ଆଭ୍ୟନ୍ତରୀଣ ସମୀକ୍ଷାର ସଶକ୍ତିକରଣ ପାଇଁ ସରକାର ବିଭାଗଟିକୁ ନିର୍ଦ୍ଦେଶ ଦେବା ଉଚିତ୍ ଯଦ୍ୱାରା ଏହି ପ୍ରକାର ତ୍ରୁଟିକୁ ଚିହ୍ନଟ କରି ସଂଶୋଧନ କରିହେବ ଏବଂ ଭବିଷ୍ୟତରେ ଦୂର କରାଯାଇ ପାରିବ ।

## 5.5 ଅଧିନିୟମ/ ନିୟମାବଳୀ ଗୁଡ଼ିକର ବ୍ୟବସ୍ଥାର ପାଳନ ହୋଇନଥିଲା

*ମୋଟର ଯାନ (ଏମ୍‌ଭି) ଅଧିନିୟମ, 1988, ଓଡ଼ିଶା ମୋଟର ଯାନ କର ଧାର୍ଯ୍ୟ (ଓଏମ୍‌ଭିଟି) ଅଧିନିୟମ, 1975 ଏବଂ ତଦଧୀନ ପ୍ରଣୀତ ନିୟମାବଳୀରେ କର ଆରୋପଣ ଏବଂ ଆଦାୟ ନିମନ୍ତେ ନିମ୍ନମତେ ବ୍ୟବସ୍ଥା ଅଛି :*

*(i) ଗାଡ଼ିମାଲିକ, ମୋଟର ଯାନ କର/ ଅତିରିକ୍ତ କର ଅଗ୍ରୀମ ରୂପେ ନିର୍ଦ୍ଧାରିତ ହାରରେ ଅନୁଗ୍ରହ ସମୟ ମଧ୍ୟରେ ଦେବେ ; ଏବଂ*

*(ii) 15 ଦିନର ଅନୁଗ୍ରହ ସମୟ ସମାପ୍ତିର ଦୁଇ ମାସ ମଧ୍ୟରେ କର ପୈଠ ହୋଇ ନଥିଲେ କରର ଦୁଇଗୁଣ ଜୋରିମାନା ଆଦାୟ ହେବ ।*

*ଅଧିନିୟମ/ ନିୟମାବଳୀରେ ଥିବା ବ୍ୟବସ୍ଥାର ଅନୁପାଳନ ହୋଇନଥିବା କେତେକ ମାମଲାର ଦୃଷ୍ଟାନ୍ତ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଦର୍ଶାଯାଇଛି ।*

### 5.5.1 ମାଲବାହୀ ଯାନ, ଚୁକ୍ତିଭିତ୍ତିକ ଯାନ, ଏବଂ ଟ୍ରେଲର ସଂଲଗ୍ନ ଟ୍ରାକ୍ଟର ଉପରେ ମୋଟର ଯାନ କର ଏବଂ ଅତିରିକ୍ତ କର ଅନାଦାୟ

**18.42 କୋଟି ଟଙ୍କାର ମୋଟର ଯାନକର ଏବଂ ଅତିରିକ୍ତ କର ଓ ଜୋରିମାନା ବାବଦରେ 36.84 କୋଟି ଟଙ୍କା, 27,078 ଗାଡ଼ି ମାଲିକଙ୍କ ଠାରୁ ଅନାଦାୟ ।**

ଓଡ଼ିଶା ମୋଟର ଯାନ କର ଧାର୍ଯ୍ୟ (ଓଏମ୍‌ଭିଟି) ଅଧିନିୟମ, 1975ର ଧାରା 3, 3A, 4(1) ଏବଂ 10 ଅନୁଯାୟୀ, ବ୍ୟବହୃତ କିମ୍ବା ବ୍ୟବହାର ପାଇଁ ରଖାଯାଇଥିବା ପ୍ରତ୍ୟେକ ମୋଟର ଯାନ ଗୁଡ଼ିକ ଠାରୁ ଦେୟ ମୋଟର ଯାନ କର/ ଅତିରିକ୍ତ କର, ଚଳାଚଳ ରହିତ ଘୋଷଣାନାମା[1]ରେ ଅନ୍ତର୍ଭୁକ୍ତ ହୋଇ କୌଣସି ସମୟ ପାଇଁ କର ଛାଡ଼ ନିମନ୍ତେ ଅନୁମତି ପ୍ରାପ୍ତ ହୋଇନଥିଲେ ଅଧିନିୟମର କର ଧାର୍ଯ୍ୟ ଅନୁସୂଚୀ-I ଅନୁଯାୟୀ ବିଭିନ୍ନ ଶ୍ରେଣୀର ଯାନ ନିମନ୍ତେ ବିନିର୍ଦ୍ଦିଷ୍ଟ ହାରରେ କର ଅଗ୍ରୀମ ରୂପେ ଆଦାୟ କରାଯିବ । ଅଧିନିୟମର ଧାରା 13(1) ସହ ପଠିତ ଓଏମ୍‌ଭିଟି ନିୟମାବଳୀ, 1976 ର ନିୟମ 9(2) ଅନୁସାରେ, ଯଦି ସେହି ଯାନ ନିମନ୍ତେ ଯଥୋଚିତ କର ଅନୁଗ୍ରହ ସମୟର 15 ଦିନ ପରଠାରୁ ଦୁଇ ମାସ ମଧ୍ୟରେ ପ୍ରଦାନ କରାଯାଇ ନଥାଏ ତେବେ ଗାଡିର ପଞ୍ଜୀକୃତ ମାଲିକ କିମ୍ବା ଗାଡ଼ିଟିକୁ ହେପାଜତରେ ଅଥବା ନିୟନ୍ତ୍ରଣରେ ରଖିଥିବା ବ୍ୟକ୍ତି ଧାର୍ଯ୍ୟ କର ସହିତ କରର ଦୁଇ ଗୁଣ ଜୋରିମାନା ଦେବାକୁ ଦାୟୀ ରହିବେ ।

ଅଡିଟ୍ 2014 ରୁ 2016 ବର୍ଷ ପାଇଁ ମୋଟର ଯାନ କର ପ୍ରଦାନ ସମ୍ପର୍କିତ ବାହନ[2] ତଥ୍ୟାବଳୀର ନମୁନା ଯାଞ୍ଚ କରିଥିଲା (ଅପ୍ରେଲ 2016 ଏବଂ ଫେବୃଆରୀ 2017 ମଧ୍ୟରେ) । ଅଡିଟ୍ ଆରଟିଓ ମାନଙ୍କର କାର୍ଯ୍ୟାଳୟରେ କେତେକ ନଥିପତ୍ର ଯଥା ସାଧାରଣ ପଞ୍ଜୀକରଣ ରେଜିଷ୍ଟର (ଜିଆର୍‌ଆର୍) ଏବଂ ଚଳାଚଳ ରହିତ ରେଜିଷ୍ଟର (ଓଆର୍‌ଆର୍) ଗୁଡ଼ିକର ପୁନଃ ଯାଞ୍ଚ୍ ମଧ୍ୟ କରିଥିଲା । ଅଡିଟ୍ ଦେଖିଲା ଯେ ବିଭିନ୍ନ ଶ୍ରେଣୀ[3]ର ମୋଟ 3,13,849 ଯାନ ମଧ୍ୟରୁ 27,078 ଯାନର ମାଲିକମାନେ ଅପ୍ରେଲ 2014 ଏବଂ ମାର୍ଚ୍ଚ 2016 ମଧ୍ୟରେ ମୋଟର ଯାନ କର ଏବଂ ଅତିରିକ୍ତ କର ଦେଇନଥିଲେ । ଏହି ଯାନଗୁଡିକ ଚଳାଚଳ ରହିତ ଘୋଷଣା ନାମାରେ ମଧ୍ୟ ଅନ୍ତର୍ଭୁକ୍ତ ନଥିଲେ । ସଂପୃକ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ଗାଡ଼ିମାଲିକଙ୍କୁ ଦାବି ନୋଟିସ୍ ଜାରି କରିନଥିଲେ କିମ୍ବା ସେମାନଙ୍କ ବିରୁଦ୍ଧରେ କର ତଥା ଜୋରିମାନା ଆରୋପ କରି ନଥିଲେ । ଏସ୍‌ଟିଏ ମଧ ଉକ୍ତ ମାମଲା ଗୁଡିକର ତଦାରଖ କରିନଥିଲେ । ଫଳରେ 18.42 କୋଟି ଟଙ୍କାର ମୋଟର ଯାନ କର ଏବଂ ଅତିରିକ୍ତ କର ଆଦାୟ ହୋଇପାରି ନଥିଲା ଓ ଜୋରିମାନା ବାବଦରେ 36.84 କୋଟି ଟଙ୍କା ମଧ୍ୟ ଆଦାୟ ଯୋଗ୍ୟ ଥିଲା । ଏହାର ବିଶଦ ବିବରଣୀ ନିମ୍ନୋକ୍ତ ସାରଣୀରେ ଦିଆଗଲା ।

(ଟଙ୍କା କୋଟି ଆକାରରେ)

| କ୍ରମିକ ସଂଖ୍ୟା | ଆର୍‌ଟିଓ ସଂଖ୍ୟା | ଯାନର ପ୍ରକାର | ଯାନ ସଂଖ୍ୟା | କର/ଅତିରିକ୍ତ କର ଅନାଦାୟ / ସ୍ୱଳ୍ପାଦାୟ | ଆଦାୟ ଯୋଗ୍ୟ ଜୋରିମାନା | ମୋଟ |
|---|---|---|---|---|---|---|
| 1 | 21[4] | ମାଲ ବାହୀ ଗାଡ଼ି | 11,938 | 12.96 | 25.92 | 38.88 |
| 2 | 22[5] | ଠିକା ଗାଡ଼ି | 5,225 | 2.78 | 5.56 | 8.34 |
| 3 | 21[6] | ଟ୍ରେଲର ସଂଯୁକ୍ତ ଟ୍ରାକ୍ଟର | 9,915 | 2.68 | 5.36 | 8.04 |
| | **ମୋଟ** | | **27,078** | **18.42** | **36.84** | **55.26** |

**ଉତ୍ସ: ବାହନ ଡାଟାବେସ୍**

[1] ମୋଟରଯାନ ମାଲିକ ଏକ ଘୋଷଣା ନାମା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପ୍ରଦାନ କରିବେ ଏବଂ ଅସ୍ଥାୟୀ ସମୟ ନିମନ୍ତେ ଯାନ ଚଳାଚଳକୁ ବନ୍ଦ ରଖିବା ଏବଂ ଉକ୍ତ ସମୟ ନିମନ୍ତେ କର ପ୍ରଦାନ ନ କରିବାକୁ ତାଙ୍କଠାରୁ ପୂର୍ବାନୁମତି ହାସଲ କରିବେ ।

[2] ବାହନ ଏକ ପ୍ରୟୋଗାତ୍ମକ ସଫ୍ଟୱେୟାର ଯାହା ପରିବହନ ବିଭାଗର ଯାନ ପଞ୍ଜୀକରଣ ତଥା କର ଆଦାୟ ନିମନ୍ତେ ଆବଶ୍ୟକୀୟ ତଥ୍ୟ ରଖେ ।

[3] ମାଲବାହୀ ଯାନ: 11,938, ଚୁକ୍ତିଭିତ୍ତିକ ଯାନ: 5,225 ଏବଂ ଟ୍ରେଲର ସଂଲଗ୍ନ ଟ୍ରାକ୍ଟର: 9,915 ।

[4] ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର-I, ଭୁବନେଶ୍ୱର-II, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, ମୟୁରଭଞ୍ଜ, ନୟାଗଡ଼, ପୁରୀ, ରାୟଗଡ଼ା, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ।

[5] ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର-I, ଭୁବନେଶ୍ୱର-II, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନୟାଗଡ଼, ପୁରୀ, ରାୟଗଡ଼ା, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ।

[6] ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଭୁବନେଶ୍ୱର-I, ଭୁବନେଶ୍ୱର-II, ବଲାଙ୍ଗିର, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନୟାଗଡ଼, ପୁରୀ, ରାୟଗଡ଼ା, ରାଉରକେଲା ଏବଂ ସମ୍ବଲପୁର ।

ଉତ୍ତରରେ ସରକାର କହିଥିଲେ ଯେ 14 ଟି ଆରଟିଓଙ୍କ ଦ୍ୱାରା 807 ଟି ଯାନ ଠାରୁ 1.15 କୋଟି[7]ଟଙ୍କା ଆଦାୟ କରାଯାଇଅଛି । 4,837 ଟି ଯାନ ଉପରେ ଦାବି ନୋଟିସ୍ ଜାରି କରାଯାଇଛି ଓ 8,276 ଟି ଯାନ ପାଇଁ ଆଦାୟ କ୍ରିୟାବିଧି ଗ୍ରହଣ କରାଯାଇଛି । କିନ୍ତୁ 13,158 ଟି ଯାନ ଉପରେ କୌଣସି କାର୍ଯ୍ୟବିଧାନ କରାଯାଇ ନାହିଁ ।

### 5.5.2 ଯାତ୍ରୀବାହୀ ଯାନ ଗୁଡ଼ିକ ଠାରୁ ମୋଟର ଯାନ କର ଏବଂ ଅତିରିକ୍ତ କର ଅନାଦାୟ/ ସ୍ୱଳ୍ପାଦାୟ

**16.73 ଲକ୍ଷ ଟଙ୍କାର ମୋଟର ଯାନ କର ଓ ଅତିରିକ୍ତ କର ଏବଂ 33.46 ଲକ୍ଷ ଟଙ୍କାର ଜୋରିମାନା 32ଟି ଯାତ୍ରୀବାହୀ ଯାନ ଠାରୁ ଅନାଦାୟ କିମ୍ବା ସ୍ୱଳ୍ପାଦାୟ ହୋଇଥିଲା ।**

ଓଡ଼ିଶା ମୋଟର ଯାନ କର ଧାର୍ଯ୍ୟ (ଓଏମ୍‌ଭିଟି) ଅଧିନିୟମ, 1975ର ଧାରା 3, 3A ଏବଂ 4(1) ଅନୁଯାୟୀ, ବ୍ୟବହୃତ କିମ୍ବା ବ୍ୟବହାର ପାଇଁ ରଖାଯାଇଥିବା ପ୍ରତ୍ୟେକ ମୋଟର ଯାନ ଗୁଡ଼ିକର ଠାରୁ ଦେୟ ମୋଟର ଯାନ କର/ ଅତିରିକ୍ତ କର, ଚଳାଚଳ ରହିତ ଘୋଷଣାନାମାରେ ଅନ୍ତର୍ଭୁକ୍ତ ହୋଇ କୌଣସି ସମୟ ପାଇଁ କର ଛାଡ଼ ନିମନ୍ତେ ଅନୁମତି ପ୍ରାପ୍ତ ହୋଇନଥିଲେ ଅଧିନିୟମର କର ଧାର୍ଯ୍ୟ ଅନୁସୂଚୀ-I ରେ ବିଭିନ୍ନ ଶ୍ରେଣୀର ଯାନ ନିମନ୍ତେ ବିନିର୍ଦ୍ଦିଷ୍ଟ ହାରରେ କର ଅଗ୍ରୀମ ରୂପେ ପୈଠ କରାଯିବ । ଅଧିନିୟମ ଧାରା 13(1) ସହ ପଠିତ ଓଏମ୍‌ଭିଟି ନିୟମାବଳୀ, 1976 ର ନିୟମ 9(2) ଅନୁସାରେ, ଯଦି ସେହି ଯାନ ନିମନ୍ତେ ଯଥୋଚିତ କର ଅନୁଗ୍ରହ ସମୟର 15 ଦିନ ପରଠାରୁ ଦୁଇ ମାସ ମଧ୍ୟରେ ପ୍ରଦାନ କରାଯାଇ ନଥାଏ ତେବେ ଗାଡିର ପଞ୍ଜୀକୃତ ମାଲିକ କିମ୍ବା ଗାଡ଼ିଟିକୁ ହେପାଜତରେ ଅଥବା ନିୟନ୍ତ୍ରଣରେ ରଖିଥିବା ବ୍ୟକ୍ତି ଧାର୍ଯ୍ୟ କର ସହିତ କରର ଦୁଇ ଗୁଣ ଜୋରିମାନା ଦେବାକୁ ଦାୟୀ ରହିବେ ।

ଅଡିଟ୍ 9 ଟି ଆରଟିଓ[8] ରେ କର ପ୍ରଦାନ ସମ୍ପର୍କିତ ବାହନ ତଥ୍ୟାବଳୀର ବିଶ୍ଳେଷଣ କରିଥିଲା (ଜୁଲାଇ 2016 ଓ ଫେବୃଆରୀ 2017 ମଧ୍ୟରେ) । ଅଡିଟ୍ ମଧ୍ୟ ଉକ୍ତ କାର୍ଯ୍ୟାଳୟ ଗୁଡିକରେ କେତେକ ନଥିପତ୍ର ଯଥା ଜିଆର୍‌ଆର୍, ପରମିଟ୍ ରେଜିଷ୍ଟର, ଓଆର୍‌ଆର୍ ଇତ୍ୟାଦିର ଯାଞ୍ଚ କରିଥିଲା । ଅଡିଟ୍ ଦେଖିଲା ଯେ ଡିସେମ୍ବର 2012 ଠାରୁ ମାର୍ଚ୍ଚ 2016 ଅବଧି ପାଇଁ 32 ଟି ଯାତ୍ରୀବାହୀ ଯାନର ପଞ୍ଜୀକୃତ ମାଲିକମାନେ ମୋଟର ଯାନ କର ତଥା ଅତିରିକ୍ତ କର ଦେଇନଥିଲେ ଅଥବା କମ୍ ଦେଇଥିଲେ । ଏହି ଯାନଗୁଡିକ ଚଳାଚଳ ରହିତ ଘୋଷଣା ନାମାରେ ଅନ୍ତର୍ଭୁକ୍ତ ହୋଇ କର ଛାଡ ପାଇ ନଥିଲେ । ଆର୍‌ଟିଓ ମାନେ ଗାଡ଼ି ମାଲିକଙ୍କୁ ଦାବି ନୋଟିସ୍ ଜାରି କରିନଥିଲେ କିମ୍ବା କର ଆଦାୟ ତଥା ଜୋରିମାନା ଆରୋପଣ ପାଇଁ ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇନଥିଲେ । ଫଳରେ 16.73 ଲକ୍ଷ[9] ଟଙ୍କାର ମୋଟର ଯାନ କର ଏବଂ ଅତିରିକ୍ତ କର ଅନାଦାୟ/ ସ୍ୱଳ୍ପାଦାୟ ହୋଇଥିଲା । ଏହା ବ୍ୟତୀତ 33.46 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା ।

ସରକାର ଉତ୍ତରରେ କହିଥିଲେ ଯେ ତିନୋଟି ଆର୍‌ଟିଓ ଅନ୍ତର୍ଗତ ତିନୋଟି ଯାନ ବିରୁଦ୍ଧରେ ଦାବି ନୋଟିସ୍ ଜାରି କରାଯାଇଛି ଏବଂ ସାତଟି ଯାନ ବିରୁଦ୍ଧରେ କର ଆଦାୟ କ୍ରିୟାବିଧି ଆରମ୍ଭ କରାଯାଇଛି । କିନ୍ତୁ 22 ଟି ମାମଲାରେ ଯାନଗୁଡିକ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା ।

### 5.5.3 ଘରୋଇ ସେବା ଯାନଗୁଡ଼ିକ ଠାରୁ ମୋଟରଯାନ କର ଅନାଦାୟ/ସ୍ୱଳ୍ପାଦାୟ

**14.72 ଲକ୍ଷ ଟଙ୍କାର ମୋଟର ଯାନ କର ଏବଂ ଅତିରିକ୍ତ କର ଓ ଜୋରିମାନା ବାବଦରେ 29.44 ଲକ୍ଷ ଟଙ୍କା, 118 ଘରୋଇ ସେବା ଯାନ ମାଲିକଙ୍କ ଠାରୁ ଅନାଦାୟ ।**

ଓଏମ୍‌ଭିଟି ଅଧିନିୟମ, 1975ର ଧାରା 3, 4(1) ଏବଂ 10 ଅନୁଯାୟୀ, ବ୍ୟବହୃତ କିମ୍ବା ବ୍ୟବହାର ପାଇଁ ରଖାଯାଇଥିବା ପ୍ରତ୍ୟେକ ମୋଟର ଯାନ ଗୁଡ଼ିକର ଠାରୁ ଦେୟ ମୋଟର ଯାନ କର/ ଅତିରିକ୍ତ କର, ଚଳାଚଳ ରହିତ ଘୋଷଣାନାମାରେ ଅନ୍ତର୍ଭୁକ୍ତ ହୋଇ କୌଣସି ସମୟ ପାଇଁ କର ଛାଡ଼ ନିମନ୍ତେ ଅନୁମତି ପ୍ରାପ୍ତ ହୋଇନଥିଲେ ଅଧିନିୟମର କର ଧାର୍ଯ୍ୟ ଅନୁସୂଚୀ-I ରେ ବିଭିନ୍ନ ଶ୍ରେଣୀର ଯାନ ନିମନ୍ତେ ବିନିର୍ଦ୍ଦିଷ୍ଟ ହାରରେ କର ଅଗ୍ରୀମ ରୂପେ ପୈଠ କରାଯିବ । ପୁନଶ୍ଚ, ଓଏମ୍‌ଭିଟି ଅଧିନିୟମର ଧାରା 13(1) ସହ ପଠିତ ଓଏମ୍‌ଭିଟି ନିୟମାବଳୀ, 1976 ର ନିୟମ 9(2) ଅନୁସାରେ, ଯଦି କର ଅନୁଗ୍ରହ ସମୟ ସୀମା 15 ଦିନ ସମାପ୍ତିର ଦୁଇ ମାସ ମଧ୍ୟରେ ପୈଠ କରାଯାଇ ନଥାଏ ତେବେ ଯାନର ପଞ୍ଜୀକୃତ ମାଲିକ କିମ୍ବା ଯାନଟିକୁ ହେପାଜତରେ ଅଥବା ନିୟନ୍ତ୍ରଣରେ ରଖିଥିବା ବ୍ୟକ୍ତି ଧାର୍ଯ୍ୟ କର ସହିତ କରର ଦୁଇ ଗୁଣ ଜୋରିମାନା ଦେବାକୁ ଦାୟୀ ରହିବେ ।

---

7 202 ମାଲବାହୀ ଯାନ (0.54 କୋଟି ଟଙ୍କା) 180 ଟି ଚୁକ୍ତିଭିତ୍ତିକ ଯାନ (0.27 କୋଟି ଟଙ୍କା) ଏବଂ 425 ଟି ଟ୍ରେଲର ସଂଲଗ୍ନ ଟ୍ରାକ୍ଟର (0.34 କୋଟି ଟଙ୍କା) ।

8 ବାଲେଶ୍ୱର, ବଲାଙ୍ଗୀର ବରଗଡ, ଭୁବନେଶ୍ୱର-I, ଭୁବନେଶ୍ୱର-II, କଟକ, କଳାହାଣ୍ଡି, କୋରାପୁଟ ଏବଂ ପୁରୀ ।

9 19 ଟି ମାମଲାରେ 14.17 ଲକ୍ଷ ଟଙ୍କା ଅନାଦାୟ ଏବଂ 13 ଟି ମାମଲାରେ 2.56 ଲକ୍ଷ ଟଙ୍କା ସ୍ୱଳ୍ପାଦାୟ ।

ଘରୋଇ ସେବା ଯାନ (ପିଏସ୍‌ଭି)[10] ଠାରୁ ଚାଳକଙ୍କ ବସିବା ଆସନକୁ ଛାଡ଼ି ଯାତ୍ରୀଙ୍କ ବସିବା ଆସନ ଅନୁସାରେ କରଧାର୍ଯ୍ୟ ଅନୁସୂଚୀର ଦଫା 5-A ରେ ବିହିତ କର ଆସନ ପିଛା ବର୍ଷକୁ 800 ଟଙ୍କା ହାରରେ ଧାର୍ଯ୍ୟ ଯୋଗ୍ୟ ଅଟେ ।

ଅଡିଟ୍ 14 ଟି ଆରଟିଓ[11] ରେ 2014-16 ବର୍ଷ ପାଇଁ କର ପ୍ରଦାନ ସମ୍ପର୍କିତ ବାହନ ତଥ୍ୟାବଳୀର ବିଶ୍ଳେଷଣ ନମୁନା ଯାଞ୍ଚ (ମେଇ 2016 ଓ ଫେବୃଆରୀ 2017 ମଧରେ) କରିଥିଲା । ଅଡିଟ୍ ମଧ୍ୟ କର ନିର୍ଦ୍ଧାରଣ ନଥିପତ୍ରର ପୁନଃ ପରତାଳ କରିଥିଲା ଏବଂ ଦେଖିଲା ଯେ ଅପ୍ରେଲ 2014 ରୁ ମାର୍ଚ୍ଚ 2016 ମଧ୍ୟରେ ବିଭିନ୍ନ ଅବଧି ପାଇଁ 118 ଟି ପିଏସ୍ ଭି ମୋଟର ଯାନ କର ଦେଇ ନଥିଲେ । ଏହି ଯାନଗୁଡିକ ଚଳାଚଳ ରହିତ ଘୋଷଣାନାମା ଦ୍ୱାରା କର ଛାଡ ପାଇ ନଥିଲେ । ଏହି ସମସ୍ତ ମାମଲା ଗୁଡିକର ବିଳମ୍ବର ଅବଧି ଦୁଇ ମାସରୁ ଅଧିକ ଥିବାରୁ ଦେୟ କରର 200 ପ୍ରତିଶତ ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା । ଆର୍‌ଟିଓ ମାନେ କର ଏବଂ ଜୋରିମାନାର ଆଦାୟ ନିମିତ୍ତ କୌଣସି ଦାବୀ ନୋଟିସ୍ ଜାରି କରିନଥିଲେ କିମ୍ବା ଯାନ ଗୁଡିକର ମାଲିକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିନଥିଲେ । ଫଳରେ 14.72 ଲକ୍ଷ ଟଙ୍କାର ମୋଟର ଯାନ କର ଏବଂ ଅତିରିକ୍ତ କର ଅନାଦାୟ ରହିଥିଲା । ଅଧିନିୟମର ଧାରା 13(1) ସହ ପଠିତ ଓଏମ୍‌ଭିଟି ନିୟମାବଳୀ, 1976 ର ନିୟମ 9(2) ଅନୁଯାୟୀ 29.44 ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଧାର୍ଯ୍ୟ ଯୋଗ୍ୟ ଥିଲା । ଏହା ଫଳରେ 44.16 ଲକ୍ଷ ଟଙ୍କାର କର ଓ ଜୋରିମାନା ଆଦାୟ ହୋଇପାରି ନଥିଲା ।

ସରକାର ଉତ୍ତରରେ କହିଥିଲେ ଯେ, ପାଞ୍ଚଟି ଆର୍‌ଟିଓ ଅନ୍ତର୍ଗତ 15 ଟି ଯାନ ବିରୁଦ୍ଧରେ ଦାବି ନୋଟିସ୍ ଜାରି କରାଯାଇଛି ଏବଂ ନଅଟି ଯାନ ବିରୁଦ୍ଧରେ କର ଆଦାୟ କ୍ରିୟାବିଧି ଆରମ୍ଭ କରାଯାଇଛି । କିନ୍ତୁ ଅବଶିଷ୍ଟ 94 ଟି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

---

[10] ଘରୋଇ ସେବା ଯାନ ଚାଳକଙ୍କୁ ବାଦ୍ ଦେଇ 6 ଟି ଲୋକ କିମ୍ବା ତତୋଧିକ ଲୋକଙ୍କୁ ନେବାର କ୍ଷମତା ,ସମ୍ପନ୍ନ ହୋଇଥିବା ମୋଟର ଯାନ ଯାହା ମାଲିକଙ୍କ ତରଫରୁ ତାଙ୍କ ବ୍ୟବସାୟ ଜନିତ କାରଣ ପାଇଁ ଲୋକଙ୍କ ଯାତାୟତ ନିମନ୍ତେ ବ୍ୟବହାର ହୁଏ ଏବଂ ସେଥିରେ କୌଣସି ଭଡା କିମ୍ବା ଉପହାର ଜଡିତ ନଥାଏ । ସର୍ବ ସାଧାରଣ ଉଦ୍ଦେଶ୍ୟରେ ବ୍ୟବହୃତ ମୋଟର ଯାନ ଏହାର ଅନ୍ତର୍ଭୁକ୍ତ ନୁହେଁ ।

[11] ଅନୁଗୁଳ, ବଲାଙ୍ଗୀର, ବରଗଡ, ଭଦ୍ରକ, ଭୁବନେଶ୍ୱର-I, ଭୁବନେଶ୍ୱର-II, ଚଣ୍ଡିଖୋଲ, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ରାଉରକେଲା ଏବଂ ସମ୍ବଲପୁର ।

# ଅଧ୍ୟାୟ VI

# ଖଣିଜ ପ୍ରାପ୍ତି

# ଅଧ୍ୟାୟ VI

## ଖଣିଜ ପ୍ରାପ୍ତି

### 6.1 ଅଣକର ରାଜସ୍ୱ ପରିଚାଳନା

ଖଣିଜ ପ୍ରାପ୍ତିର ନିର୍ଦ୍ଧାରଣ ଓ ସଂଗ୍ରହ, ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) (ଏମ୍ଏମ୍ଡିଆର୍) ଅଧିନିୟମ 1957, ଖଣିଜ ଦ୍ରବ୍ୟ ରିହାତି (ଏମ୍ସି) ନିୟମାବଳୀ 1960, ଖଣିଜ ଦ୍ରବ୍ୟ ସଂରକ୍ଷଣ ଓ ବିକାଶ (ଏମ୍ସିଡି) ନିୟମାବଳୀ 1988 ଓ ତଦଧୀନ ପ୍ରଣୀତ ଓଡିଶା ଖଣିଜ ଦ୍ରବ୍ୟ (ଚୋରୀ, ଚୋରା ଚାଲାଣ ଓ ବେଆଇନ ଖଣି କାରବାର ନିବାରଣ ଓ ଦଖଲ, ଗଚ୍ଛିତ, ବ୍ୟବସାୟ ଓ ପରିବହନ (ଓଏମ୍) ନିୟମାବଳୀ, 2007 ଅଧୀନରେ ପରିଚାଳିତ ହୁଏ । ଉପରୋକ୍ତ ଅଧିନିୟମ / ନିୟମାବଳୀ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବଙ୍କ ସାମଗ୍ରିକ ତତ୍ତ୍ୱାବଧାନରେ ଖଣି ନିର୍ଦ୍ଦେଶକ, ଓଡିଶା ଏବଂ ଭୂତତ୍ତ୍ୱ ନିର୍ଦ୍ଦେଶକ, ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ହୁଏ । ତାଙ୍କୁ ସର୍କଲ ସ୍ତରରେ ସାତଜଣ ଖଣି ଉପନିର୍ଦ୍ଦେଶକ (ଡିଡିଏମ୍) ଓ ସାତଜଣ ଖଣି ଅଧିକାରୀ ସାହାଯ୍ୟ କରିଥାଆନ୍ତି, ଯେଉଁମାନେ କି ରାଜଭାଗ, ଅନିବାର୍ଯ୍ୟ ଅଧିଶେଷ, ଫି ଓ ଜୋରିମାନା ଇତ୍ୟାଦି ଖଣିଜ ପ୍ରାପ୍ତିର ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏଏ) ଅଟନ୍ତି ।

### 6.2 ଆଭ୍ୟନ୍ତରୀଣ ସମୀକ୍ଷା

2016-17 ବର୍ଷରେ ଇସ୍ପାତ ଓ ଖଣି ବିଭାଗର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ ନଅଟି ସର୍କଲ ସମୀକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ ମଧ ସେଥିମଧ୍ୟରୁ ଚାରିଟି ସର୍କଲ ସମୀକ୍ଷା କରିଥିଲେ । ମାନବ ସମ୍ବଳର ଅଭାବ ସମୀକ୍ଷାରେ କମ୍ତିର କାରଣ ବୋଲି ବିଭାଗ ଦର୍ଶାଇଥିଲା । ଅଡିଟ୍ ଦେଖିଲା ଯେ 31 ମାର୍ଚ୍ଚ 2017 ସୁଦ୍ଧା ଆଭ୍ୟନ୍ତରୀଣ ସମୀକ୍ଷା ପ୍ରତିବେଦନର 641.82 କୋଟି ଟଙ୍କାର 237 ଟି ଅନୁଚ୍ଛେଦର ଫଏସଲା ହୋଇପାରିନଥିଲା ।

### 6.3 ସମୀକ୍ଷାର ଫଳାଫଳ

2016-17 ବର୍ଷରେ ଇସ୍ପାତ ଓ ଖଣି ବିଭାଗର 26 ଟି ୟୁନିଟ୍ର ନଥିପତ୍ର ନମୁନା ଯାଞ୍ଚ କରାଯାଇଥିଲା । ଅଡିଟ୍ 191 ଗୋଟି ମାମଲାରେ 1414.30 କୋଟି ଟଙ୍କାର ସରକାରୀ ରାଜସ୍ୱ ଅଣପ୍ରାପ୍ତି / ସ୍ୱଳ୍ପ ପ୍ରାପ୍ତି ସହିତ ଅନ୍ୟାନ୍ୟ ଅନିୟମିତତା ହୋଇଥିବାର ଦର୍ଶାଇଥିଲା, ଯାହାକି ନିମ୍ନଲିଖିତ ସାରଣୀ 6.1 ରେ ବିଭିନ୍ନ ବର୍ଗରେ ଉଲ୍ଲେଖ କରାଯାଇଛି ।

**ସାରଣୀ 6.1**

**ରାଜସ୍ୱ ପ୍ରାପ୍ତିର ସମୀକ୍ଷା ମନ୍ତବ୍ୟର ବର୍ଗୀକରଣ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ସରକାରଙ୍କ ହିସାବ ଖାତା ଅଧୀନରେ ସରକାରୀ ରାଜସ୍ୱ ଅଣ ପ୍ରାପ୍ତି /ସ୍ୱଳ୍ପ ପ୍ରାପ୍ତି | 58 | 766.78 |
| 2. | ଅନ୍ୟାନ୍ୟ ଅନିୟମିତତା | 133 | 647.52 |
| | ମୋଟ | **191** | **1,414.30** |

2016-17 ବର୍ଷରେ ଦର୍ଶାଯାଇଥିବା 180 ଟି ମାମଲାରେ ଜଡିତ 773.44 କୋଟି ଟଙ୍କାର ସ୍ୱଳ୍ପ ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତା ବିଭାଗ ସ୍ୱୀକାର କରିଥିଲା । ବିଗତ ବର୍ଷରେ ଦର୍ଶାଯାଇଥିବା ଗୋଟିଏ ମାମଲାରେ 0.05 ଲକ୍ଷ ଟଙ୍କା 2016-17 ରେ ଆଦାୟ କରାଯାଇଥିଲା ।

## 6.4 "ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଡିଶାଙ୍କ ଦ୍ୱାରା ଖଣିଜ ସଂପଦର ଅନ୍ୱେଷଣ ଓ ବିକାଶ"ର ସମୀକ୍ଷା

### 6.4.1 ଉପକ୍ରମ


ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓଡିଶା (ଡିଜିଓ) ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅଧିନରେ କାର୍ଯ୍ୟରତ । ରାଜ୍ୟର ଖଣିଜ ସମ୍ପଦର ପ୍ରଣାଳୀବଦ୍ଧ ସର୍ବେକ୍ଷଣ, ଅନ୍ୱେଷଣ ଏବଂ ନିର୍ଦ୍ଧାରଣ କରିବା ଏହାର ଦାୟିତ୍ୱ ଥିଲା । ଏହା ରାଜ୍ୟର ରାଜସ୍ୱ ବୃଦ୍ଧି କରିବା ସହିତ ଖଣିଜ ଆଧାରିତ ଶିଳ୍ପର ଚାହିଦା ମେଣ୍ଟାଇ ଥିଲା । ଏହା ରାଜ୍ୟ ଭୂତାତ୍ତ୍ୱିକ ଯୋଜନା ବୋର୍ଡ (ଏସ୍‌ଜିପିବି) ଦ୍ୱାରା ଚୂଡାନ୍ତ ହୋଇଥିବା ମିଳିତ ଜାତିସଂଘ ଢାଞ୍ଚା ଶ୍ରେଣୀ ବିଭାଗ (ୟୁଏନ୍‌ଏଫ୍‌ସି) ର ନିର୍ଦ୍ଦେଶାବଳୀ ଅନୁଯାୟୀ ବିବିଧ ଖଣିଜ ଅନ୍ୱେଷଣ କାର୍ଯ୍ୟ ସମ୍ପାଦନ କରିଥିଲା । ଏହା ମୁଖ୍ୟ ଖଣିଜ ଯଥା ଖଣିଜ ଯଥା-ମୂଳ ଧାତୁ, ବକ୍‌ସାଇଟ୍, କୋଇଲା, କ୍ରୋମାଇଟ୍, ରତ୍ନ ପଥର, ଗ୍ରାଫାଇଟ୍, ଲୁହା ପଥର, ଚୂନ ପଥର ଏବଂ ମାଙ୍ଗାନିଜ ଅନ୍ୱେଷଣ କରିଥିଲା । ତତ୍ ସହିତ ଏହା ରାଜ୍ୟର ଲଘୁ ଖଣିଜ ଯଥା ଚିନା ମାଟି, ରଙ୍ଗୀନ୍ ପଥର, ଡୋଲୋମାଇଟ୍, କ୍ୱାରଯାଇଟ୍ ଇତ୍ୟାଦି ଅନ୍ୱେଷଣ କରିଥିଲା ।

ଇସ୍ପାତ ଓ ଖଣି ବିଭାଗ, ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଡିଶା ଏବଂ ଭୂତତ୍ତ୍ୱ ଯୁଗ୍ମ ନିର୍ଦ୍ଦେଶକ ମୂଖ୍ୟ ଭାବେ ଥିବା ସମସ୍ତ ଛଅଟିଯାକ ମଣ୍ଡଳୀୟ କାର୍ଯ୍ୟାଳୟର ସମୀକ୍ଷା ଅପ୍ରେଲ 2017 ରୁ ଜୁନ୍ 2017 ମଧ୍ୟରେ କରାଯାଇଥିଲା । ସମୀକ୍ଷାର ଅବଧି 2014-15 ରୁ 2016-17 ପର୍ଯ୍ୟନ୍ତ ଥିଲା ।
ଏହା ପରୀକ୍ଷା କରିବା ପାଇଁ ସମୀକ୍ଷା କରାଯାଇଥିଲା ଯେ:

- ଖଣିଜ ପଦାର୍ଥର ସର୍ବେକ୍ଷଣ, ଅନ୍ୱେଷଣ ଏବଂ ନିର୍ଦ୍ଧାରଣ, ପ୍ରଣାଳୀ ବଦ୍ଧ ଭାବେ କରାଯାଇଥଲା କି ନାହିଁ ।
- ଏହା ଓଡିଶା ଖଣିଜ ଅନ୍ୱେଷଣ ନୀତି, 2015 ଏବଂ ଖଣିଜ (ଧାତବ ଯୁକ୍ତତା ପ୍ରମାଣ) ନିୟମାବଳୀ, 2015 ଅନୁଯାୟୀ ପ୍ରସ୍ତୁତ ବାର୍ଷିକ ଅନ୍ୱେଷଣ ଯୋଜନା (ଏଏଫ୍‌ପି) ଅନୁସାରେ ହୋଇଥିଲା କି ନାହିଁ ।
- ଖଣିଜ ସମ୍ପଦର ସର୍ବେକ୍ଷଣ, ଅନ୍ୱେଷଣ ଏବଂ ନିର୍ଦ୍ଧାରଣ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଫଳ ଭାବେ ସମ୍ପାଦନ କରାଯାଇଥିଲା କି ନାହିଁ ।

### 6.4.2 ସାଂଗଠନିକ ବ୍ୟବସ୍ଥା

ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓଡିଶା ଅଧିନରେ ଛଅଟି ମଣ୍ଡଳୀୟ କାର୍ଯ୍ୟାଳୟ ଅଛି, ଯେଉଁ ଗୁଡ଼ିକର ମୁଖ୍ୟ ଭାବେ ଜଣେ ଜଣେ ଭୂତତ୍ତ୍ୱଯୁଗ୍ମ ନିର୍ଦ୍ଦେଶକ (ଜେଡିଜି) ଅବସ୍ଥାପିତ । ଭୂତତ୍ତ୍ୱ ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟରେ ସହାୟତା ନିମନ୍ତେ ଭୂତତ୍ତ୍ୱ, ଉପନିର୍ଦ୍ଦେଶକ, ଭୂତତ୍ତ୍ୱବିତ୍ ଏବଂ ଅନ୍ୟ ବୈଷୟିକ ତଥା ଅନ୍ୟ କର୍ମଚାରୀମାନେ ଅବସ୍ଥାପିତ ଥିଲେ । ସାଙ୍ଗଠନିକ ବ୍ୟବସ୍ଥା ନିମ୍ନରେ ପ୍ରଦତ୍ତ କରାଗଲା ।



## ସମୀକ୍ଷା ଅବଲୋକନ

## 6.4.3 ଖଣିଜ ଅନୁସନ୍ଧାନ ଓ ଅନ୍ୱେଷଣ

ରାଜ୍ୟର ବିଶାଳ ଖଣିଜ ସମ୍ପଦକୁ ବିଚାର କରି ରାଜ୍ୟର ମୂଳ ଘରୋଇ ଉତ୍ପାଦନ (ଏସ୍‌ଜିଡିପି) ରେ ଖଣିଜ କ୍ଷେତ୍ରର ଅବଦାନର ବୃଦ୍ଧି ପ୍ରଚୁର ଯୋଗ ଯୋଗାଇ ଦେବ ବୋଲି ଓଡିଶା ଖଣିଜ ଅନ୍ୱେଷଣ ନୀତି, (ଓଏମ୍‌ଇପି) 2015 ବ୍ୟବସ୍ଥିତ କରିଥିଲା । ଟିକସ ଓ ରାଜ ଭାଗ ରୂପରେ ଖଣିଜ କ୍ଷେତ୍ର, ପ୍ରଚୁର ବିତ୍ତୀୟ ସମ୍ବଳ ଯୋଗାଇଥିଲା । ବିଜ୍ଞାନ ସମ୍ମତ ଅନ୍ୱେଷଣ ଜରିଆରେ ଖଣିଜ ସମ୍ପଦର ସଠିକ୍ ଆକଳନ କରି ଏହି ମୂଲ୍ୟବାନ ପ୍ରାକୃତିକ ସମ୍ପଦର ଆଶାନୁରୂପ ଅନ୍ୱେଷଣ ସର୍ବାଦୌ ଆବଶ୍ୟକ ।

ଅଡିଟ୍ ରାଜ୍ୟର ଖଣିଜ ସମ୍ପଦର ଅନ୍ୱେଷଣ ଓ ବିକାଶ ସମ୍ପର୍କିତ ନଥିପତ୍ରର ନମୁନା ଯାଞ୍ଚ କରିଥିଲା । ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଇଥିବା ଅନ୍ୱେଷଣର କାର୍ଯ୍ୟ ଦକ୍ଷତା ପରବର୍ତ୍ତୀ ଅନୁଚ୍ଛେଦରେ ପର୍ଯ୍ୟବେକ୍ଷଣ କରାଯାଇଛି ।

### 6.4.3.1 ବଜେଟ୍ ଅଟକଳ ଓ ବ୍ୟୟ

**ବଜେଟ୍ ଅର୍ଥର ପୂର୍ଣ୍ଣ ବିନିଯୋଗ ହୋଇନଥିଲା ଏବଂ କ୍ଷେତ୍ର କାର୍ଯ୍ୟକ୍ରମ ପାଇଁ ସ୍ୱଳ୍ପ ଅର୍ଥ ଆବଣ୍ଟନ କରାଯାଇଥିଲା ।**

ଖଣିଜ ଅନ୍ୱେଷଣ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ବ୍ୟବସ୍ଥା କରିବାକୁ ଓଡିଶା ଖଣିଜ ଅନ୍ୱେଷଣ ନୀତି, 2015ର ଅନୁଚ୍ଛେଦ 5.5 ରେ ବ୍ୟବସ୍ଥିତ ଥିଲା । ପୁନଶ୍ଚ, ଅନ୍ୱେଷଣ ମୂଳକ କାର୍ଯ୍ୟକୁ ଫଳପ୍ରସୂ କରିବା ପାଇଁ ବଜେଟ୍ ରେ ଦିଆଯାଇଥିବା ଅର୍ଥର ପୂର୍ଣ୍ଣ ବିନିଯୋଗ ନିଶ୍ଚିତ କରାଯିବାର ଥିଲା ।

2014-15 ରୁ 2016-17 ପାଇଁ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓଡିଶାର ବଜେଟ୍ ଆକଳନ ଏବଂ ବ୍ୟୟ ନିମ୍ନରେ ପ୍ରଦତ୍ତ ହେଲା ।

(ଲକ୍ଷ ଟଙ୍କା ଆକାରରେ)

| ବର୍ଷ | ରାଜ୍ୟ ଯୋଜନା/ ଅଣ-ଯୋଜନା | ବଜେଟ୍ | ବ୍ୟୟ | ଅଧିକ(+)/କମ୍(-) |
|---|---|---|---|---|
| 2014-15 | ରାଜ୍ୟ ଯୋଜନା | 799.00 | 788.41 | (-) 10.59 |
| | ଅଣ ଯୋଜନା | 1,540.79 | 1,414.13 | (-) 126.66 |
| 2015-16 | ରାଜ୍ୟ ଯୋଜନା | 730.98 | 724.45 | (-) 6.53 |
| | ଅଣ ଯୋଜନା | 1,552.83 | 1,503.33 | (-) 49.50 |
| 2016-17 | ରାଜ୍ୟ ଯୋଜନା | 1,500.01 | 888.30 | (-) 611.71 |
| | ଅଣ ଯୋଜନା | 1,657.63 | 1,546.61 | (-) 111.02 |

**ଉତ୍ସ: ଡିଜିଓ, ଓଡ଼ିଶାଙ୍କ ଦ୍ୱାରା ପ୍ରଦତ୍ତ ସୂଚନା**

ଏହି ସମ୍ବନ୍ଧରେ ଅଡିଟ୍ ଲକ୍ଷ୍ୟ କଲା ଯେ:

- ଉପରୋକ୍ତ ତିନିବର୍ଷ ଯାକ ବଜେଟରେ ବ୍ୟବସ୍ଥିତ ଅର୍ଥର ପୂର୍ଣ୍ଣ ବିନିଯୋଗ ହୋଇପାରି ନଥିଲା । ଅଧିକନ୍ତୁ, 2016-17 ଆର୍ଥିକ ବର୍ଷରେ ଅବ୍ୟବହୃତ ପରିମାଣ ପ୍ରଚୁର ମାତ୍ରାରେ ବଢ଼ିଥିଲା । ଅଣଯୋଜନା ଠାରୁ ଯୋଜନା ବଜେଟରେ ସଞ୍ଚୟ ଅଧିକ ହୋଇଥିଲା, ଯାହା ସୂଚାଇଥିଲା ଯେ ଅନ୍ୱେଷଣ ଓ ମୁଖ୍ୟ କାର୍ଯ୍ୟକଳାପ ଠାରୁ ଦରମା ଓ ପ୍ରତିଷ୍ଠାନ ବାବଦ ବ୍ୟୟ ଅଧିକ ଥିଲା ।
- ଅଣଯୋଜନା[1] ଖର୍ଚ୍ଚ ସମ୍ପୂର୍ଣ୍ଣ ଖର୍ଚ୍ଚର 65 ପ୍ରତିଶତ ଥିଲା ବେଳେ ଯୋଜନା[2] ଖର୍ଚ୍ଚ 35 ପ୍ରତିଶତ ଥିଲା ।
- ବିଭାଗ ମୁଖ୍ୟ ଅନ୍ୱେଷଣ ମୂଳକ କାର୍ଯ୍ୟ ପାଇଁ ମାତ୍ର 190.07 ଲକ୍ଷ ଟଙ୍କା ଆବଣ୍ଟନ କରିଥିଲା ଯାହା 2014-17 ବର୍ଷର ଯୋଜନା ଖର୍ଚ୍ଚର ମାତ୍ର 7.91 ପ୍ରତିଶତ ଥିଲା । ଏହି ରାଶି 33ଟି କ୍ଷେତ୍ର ଅନ୍ୱେଷଣ

[1] ଦରମା ଓ ପ୍ରତିଷ୍ଠାନ ବାବଦ ବ୍ୟୟ ।
[2] ଅନ୍ୱେଷଣ କାର୍ଯ୍ୟରେ ବ୍ୟୟ ।

କାର୍ଯ୍ୟକ୍ରମରେ ବ୍ୟୟ କରାଯାଇଥିଲା । ଯୋଜନା ରାଶିର ବଳକା ଅର୍ଥ ଯନ୍ତ୍ରପାତି ଓ ଅନ୍ୟାନ୍ୟ ସାଧନ କିଣିବାରେ ଓ କାର୍ଯ୍ୟାଳୟ ବ୍ୟୟ ବାବଦରେ ବିନିଯୋଗ ହୋଇଥିଲା ।

ଏହା ନିର୍ଦ୍ଦେଶାଳୟର ପୂର୍ଣ୍ଣ ଖର୍ଚ୍ଚ ତୁଳନାରେ କ୍ଷେତ୍ର ଅନ୍ୱେଷଣ କାର୍ଯ୍ୟକ୍ରମ ବାବଦକୁ ସ୍ୱଳ୍ପ ବଜେଟ ବ୍ୟବସ୍ଥାକୁ ସୂଚାଉଥିଲା । ଏହାଦ୍ୱାରା ବିଭାଗର ଖଣିଜ ଅନ୍ୱେଷଣ ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା । ଏହା ଉପଯୁକ୍ତ ଯୋଜନା ଓ ଅଟକଳର ଅଭାବକୁ ସୂଚାଉଥିଲା ଯାହାକି ନିର୍ଦ୍ଦେଶାଳୟ ସମୀକ୍ଷା କରିନଥିଲା ।

ସରକାର ଏହାର ଉତ୍ତରରେ କହିଥିଲେ (ନଭେମ୍ବର 2017) ଯେ 2016-17 ବର୍ଷର ଯୋଜନା ଖର୍ଚ୍ଚକୁ ଛାଡ଼ି ଦେଲେ ଅନ୍ୟାନ୍ୟ ଖର୍ଚ୍ଚ ସନ୍ତୋଷଜନକ ଥିଲା । ନିଲାମ ଡକାଳିମାନେ ଅଂଶ ଗ୍ରହଣ ନ କରିବାରୁ ଖଣିଜ ଅନ୍ୱେଷଣ କାର୍ଯ୍ୟକ୍ରମର ବାହ୍ୟକରଣ ହୋଇପାରି ନଥିଲା ଏବଂ 2016-17 ବର୍ଷର ଯୋଜନା ବ୍ୟୟ ଆଶାନୁରୂପକ ଭାବେ ହୋଇପାରି ନଥିଲା ।

କ୍ଷେତ୍ର ବ୍ୟୟ ବାବଦରେ ସ୍ୱଳ୍ପ ଆବଣ୍ଟନ ବିଷୟରେ କହିଥିଲେ ଯେ ଖନନ ଯନ୍ତ୍ରପାତି, ଖନନ ଉପସାଧନ, ଭୂପ୍ରାକୃତିକ/ ସର୍ବେକ୍ଷଣ ଯନ୍ତ୍ରପାତି, ସଫ୍ଟୱ୍ୟାର ଇତ୍ୟାଦି କିଣିବା ବାବଦ ଖର୍ଚ୍ଚ ମଧ ଅନ୍ୱେଷଣ ଖର୍ଚ୍ଚର ଅଂଶ ଅଟେ ।

ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ରାଜ୍ୟ ଯୋଜନା ବାବଦକୁ କରାଯାଇଥିବା ବ୍ୟୟ ବରାଦ ପୂର୍ଣ୍ଣ ବିନିଯୋଗ ହୋଇପାରି ନଥିଲା ଏବଂ ମୁଖ୍ୟ ଅନ୍ୱେଷଣ କାର୍ଯ୍ୟ ପାଇଁ ବ୍ୟୟ ଅତ୍ୟନ୍ତ ସ୍ୱଳ୍ପ ଥିଲା ।

### 6.4.4 ଅନ୍ୱେଷଣ କାର୍ଯ୍ୟକ୍ରମ

ଓଡ଼ିଶା ଖଣିଜ ଅନ୍ୱେଷଣ ନୀତି, 2015 ଅନୁଯାୟୀ, ଅର୍ଥନୈତିକ ଲାଭ ତୁରନ୍ତ ପ୍ରାପ୍ତି ନିମନ୍ତେ ଅଗ୍ରାଧିକାର ଦିଆଯାଇଥିଲା । ସବିଶେଷ ଅଗ୍ରାଧିକାର ବଜାୟ, ସାର୍ବିକ-ଯୋଜନା (ମାଷ୍ଟର ପ୍ଲାନ୍) ରେ ଚୂଡ଼ାନ୍ତ ହୋଇଥିଲା ଏବଂ ୟୁଏନ୍‌ଏଫ୍‌ସି ର ମାନାଦର୍ଶ[3] ଅନୁଯାୟୀ G3 ସ୍ତରର ଅନ୍ୱେଷଣ ଅଞ୍ଚଳଗୁଡ଼ିକୁ G2 ପାହ୍ୟା ସ୍ତରକୁ ବୃଦ୍ଧି ପାଇଁ ଅଗ୍ରାଧିକାର ଦିଆଯାଇଥିଲା । ପୁନଶ୍ଚ, ଖଣିଜ (ଧାତବ ଯୁକ୍ତତା ପ୍ରମାଣ) ନିୟମାବଳୀ, (ଏମ୍‌ଇଏମ୍‌ସି) 2015, ବ୍ୟବସ୍ଥିତ କରେ ଯେ, ଏକ ଅଞ୍ଚଳରେ ଖଣିଜ ପଦାର୍ଥ ବିଦ୍ୟମାନ ବୋଲି ଧରାଯିବ, ଯଦି ସେ ଅଞ୍ଚଳରେ ଖଣିଜ ସମ୍ପଦର ଉପସ୍ଥିତି ଅନ୍ୟୁନ G2 ସ୍ତର ସଂପୂର୍ଣ୍ଣ କରାଯାଇ ସୁଚୀତ କରାଯାଇଛି ଏବଂ ଭୂତାତ୍ତ୍ୱିକ ଅନୁଶୀଳନ ବିବରଣୀ ପ୍ରସ୍ତୁତ ହୋଇଅଛି ।

ପ୍ରତ୍ୟେକ ବର୍ଷ କ୍ଷେତ୍ର କାର୍ଯ୍ୟକାଳ[4] ଶେଷରେ ନିର୍ଦ୍ଦେଶାଳୟ ଏହାଦ୍ୱାରା କରାଯାଇଥିବା ଅନ୍ୱେଷଣ କାର୍ଯ୍ୟର ସମୀକ୍ଷା ନିମନ୍ତେ, ରାଜ୍ୟ ଭୂତାତ୍ତ୍ୱିକ ଯୋଜନା ମଣ୍ଡଳୀ (ଏସ୍‌ଜିପିବି) ର ବୈଠକ ଆବାହନ କରିଥାଏ । ରାଜ୍ୟରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଅନ୍ୱେଷଣ ସଂସ୍ଥା ଯଥା- ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସ୍‌ଆଇ) କେନ୍ଦ୍ରୀୟ ଖଣି ଯୋଜନା ଏବଂ ପରିଯୋଜନା ଅନୁଷ୍ଠାନ (ସିଏମ୍‌ପିଡିଆଇ) ଇତ୍ୟାଦି ଏହି ବୈଠକରେ ଯୋଗ ଦେଇଥାନ୍ତି । ଏହି ବୈଠକରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିରୀକୃତ ହୋଇଥାଏ ଏବଂ ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମ (ଏଏଫ୍‌ପି) ର କାର୍ଯ୍ୟାନ୍ୱୟନ ନିମନ୍ତେ ଅନୁମୋଦନ କରାଯାଇଥାଏ । ଅନ୍ୱେଷଣ କାର୍ଯ୍ୟକ୍ରମର ଶେଷରେ ଭୂତାତ୍ତ୍ୱିକ ଏବଂ ବୈଷୟିକ ବିବରଣୀ ପ୍ରସ୍ତୁତ କରି ଭୂତାତ୍ତ୍ୱିକ ନିର୍ଦ୍ଦେଶାଳୟ, ଓଡ଼ିଶାଙ୍କ ଠାରେ ଉପସ୍ଥାପନ କରାଯାଇଥାଏ ।

2014-15 ରୁ 2016-17 ମଧ୍ୟରେ ଅନ୍ୱେଷଣ ନିମନ୍ତେ ସ୍ଥିରିକୃତ ପରିଯୋଜନା ମାନଙ୍କର ବିଶଦ ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି ।

---

3 ଅନ୍ୱେଷଣ ଚାରିଟି ସ୍ତରରେ ବିଭକ୍ତ, G4: ପ୍ରାଥମିକ ସର୍ବେକ୍ଷଣ, G3: ପ୍ରାରମ୍ଭିକ ଅନ୍ୱେଷଣ, G2: ସାଧାରଣ ଅନ୍ୱେଷଣ ଏବଂ G1: ପୁଙ୍ଖାନୁପୁଙ୍ଖ ଅନ୍ୱେଷଣ । ଏହି ସ୍ତରଗୁଡ଼ିକ ଚାରିଟି ଶ୍ରେଣୀର ସମ୍ବଳ ପାଇଁ ମାର୍ଗ ଦର୍ଶାଏ ଯଥା- ପ୍ରାଥମିକ ଖଣିଜ ସମ୍ବଳ, ଅନୁମିତ ଖଣିଜ ସମ୍ବଳ, ସୂଚିତ ଖଣିଜ ସମ୍ମାନ ଓ ପରିମିତ ଖଣିଜ ସମ୍ବଳ ଯେଉଁଗୁଡ଼ିକ ଭୂତାତ୍ତ୍ୱିକ ନିର୍ଭରତାର ମାତ୍ରାକୁ ପ୍ରତିପାଳିତ କରିଥାଆନ୍ତି ।

4 ଅନୁସନ୍ଧାନ / ଅନ୍ୱେଷଣ ପାଇଁ କ୍ଷେତ୍ର କାର୍ଯ୍ୟକାଳ: ନଭେମ୍ବର ଠାରୁ ଆଗାମୀ ବର୍ଷର ମାର୍ଚ୍ଚ ପର୍ଯ୍ୟନ୍ତ ।

| ବର୍ଷ | ଏସ୍‌ଜିପିବି ଦ୍ୱାରା ଅନୁମୋଦିତ ଅନ୍ୱେଷଣ ପରିଯୋଜନାର ସଂଖ୍ୟା | | | ଅନ୍ୱେଷଣ କରାଯାଇଥିବା ପରିଯୋଜନାର ସଂଖ୍ୟା | | | ପ୍ରଦତ୍ତ ଚୂଡ଼ାନ୍ତ ରିପୋର୍ଟ |
|---|---|---|---|---|---|---|---|
| | ସାଧାରଣ ଅନ୍ୱେଷଣ (G2) | ପ୍ରାରମ୍ଭିକ (G3) | ପ୍ରାଥମିକ ସର୍ବେକ୍ଷଣ (G4) | ସାଧାରଣ ଅନ୍ୱେଷଣ (G2) | ପ୍ରାରମ୍ଭିକ ଅନ୍ୱେଷଣ (G3) | ପ୍ରାଥମିକ ଅନ୍ୱେଷଣ (G4) | |
| 2014-15 | 1 | 5 | 5 | 1 | 5 | 5 | 4 |
| 2015-16 | 2 | 8 | 3 | 2 | 7 | 2 | 3 |
| 2016-17 | 5 | 4 | 2 | 5 | 4 | 2 | 1 |
| ମୋଟ | **8** | **17** | **10** | **8** | **16** | **9** | **8** |

ଉତ୍ସ: ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଡ଼ିଶା ଙ୍କ ଦ୍ୱାରା ପ୍ରଦତ୍ତ ସୂଚନା

ଏହି ଅନ୍ୱେଷଣ ଗୁଡ଼ିକର ବିଶଦ ବିବରଣୀ ସମୀକ୍ଷାରେ ଯାଞ୍ଚ୍ କରାଗଲା ।

### 6.4.4.1 ଅନୁସନ୍ଧାନ/ ଅନ୍ୱେଷଣ ବିବରଣୀର ଚୂଡ଼ାନ୍ତରେ ବିଳମ୍ବ ହେତୁ କ୍ଷେତ୍ର ଋତୁର କ୍ଷତି

**ଅନୁସନ୍ଧାନ/ ଅନ୍ୱେଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇନଥିଲା କିମ୍ବା ବିଳମ୍ବରେ ଦାଖଲ ହୋଇଥିଲା ।**

ପ୍ରଚଳିତ କାର୍ଯ୍ୟ ପ୍ରକ୍ରିୟା ଅନୁଯାୟୀ, ଅନୁସନ୍ଧାନ/ ଅନ୍ୱେଷଣ ପାଇଁ କ୍ଷେତ୍ର କାର୍ଯ୍ୟକାଳ ନଭେମ୍ବରରୁ ଆରମ୍ଭ ହୋଇ ପରବର୍ତ୍ତୀ ବର୍ଷ ମାର୍ଚ୍ଚ ମାସରେ ଶେଷ ହୁଏ । ପ୍ରଦତ୍ତ ଅନ୍ୱେଷଣ କାର୍ଯ୍ୟ ଶେଷ ହେଲା ପରେ, ଅକ୍ଟୋବର ମାସ ସୁଦ୍ଧା ଅର୍ଥାତ୍ ପରବର୍ତ୍ତୀ କ୍ଷେତ୍ର କାର୍ଯ୍ୟକାଳ ଆରମ୍ଭ ହେବା ପୂର୍ବରୁ ଚୂଡ଼ାନ୍ତ ବିବରଣୀ ପ୍ରଦାନ କରିବାକୁ ହୋଇଥାଏ ।

ଏହି ସମ୍ବନ୍ଧରେ ଅଡିଟ୍ ଲକ୍ଷ୍ୟ କଲା ଯେ:

- 2014-15 ରୁ 2016-17 ମଧ୍ୟରେ 33 ଟି ଅନୁସନ୍ଧାନ/ ଅନ୍ୱେଷଣ ସଂକଳ୍ପ ହାତକୁ ନିଆଯାଇଥିଲା । ତନ୍ମଧ୍ୟରୁ 25 ଟି ପ୍ରକଳ୍ପ (76 ପ୍ରତିଶତ) ର ଚୂଡ଼ାନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଦିଆଯାଇନାହିଁ ।
- ଦିଆଯାଇଥିବା ଆଠଟି ଚୂଡ଼ାନ୍ତ ପ୍ରକଳ୍ପ ରିପୋର୍ଟ ମଧ୍ୟରୁ, ସାତଟି ରିପୋର୍ଟ, ଦୁଇ ରୁ 20 ମାସ ବିଳମ୍ବରେ ଦିଆଯାଇଥିଲା ।
- ସେହିପରି 2014-15 ପୂର୍ବରୁ କରାଯାଇଥିବା ଅନୁସନ୍ଧାନ/ ଅନ୍ୱେଷଣ ପ୍ରକଳ୍ପ ମଧ୍ୟରୁ 22 ଟି ଚୂଡ଼ାନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଦିଆଯାଇନାହିଁ । ତନ୍ମଧ୍ୟରୁ ଗୋଟିଏ 1996-97 ମସିହାର ଥିଲା ।

ଯୋଜନା ଅନୁଯାୟୀ ଠିକ୍ ସମୟରେ ରିପୋର୍ଟ ଦାଖଲ ନ କରିବା ହେତୁ, ଅନ୍ୱେଷଣ ପାଇଁ ପୁନଃ ଯୋଜନା ପ୍ରସ୍ତୁତ କରିବା ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା, ଯେଉଁଥିରେ ଉଚ୍ଚସ୍ତରର ଅନ୍ୱେଷଣ ଏବଂ/ କିମ୍ବା ନିଲାମ ପ୍ରକ୍ରିୟା ଅନ୍ତର୍ଭୁକ୍ତ ଥିଲା ।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ ଏହି ମନ୍ତବ୍ୟକୁ ଗୁରୁତ୍ୱର ସହିତ ନିଆଯାଇଛି ଏବଂ ବାକିଥିବା ରିପୋର୍ଟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଦାଖଲ କରିବା ପାଇଁ ପଦକ୍ଷେପ ନିଆଯାଉଅଛି ।

### 6.4.4.2 ସମୟକ୍ରମେ ଖଣିଜ ସମ୍ପଦରେ ବୃଦ୍ଧି ଆଖିଦୃଶିଆ ନଥିଲା

**77.53 କୋଟି ଟଙ୍କା ବ୍ୟୟ କରି ମଧ୍ୟ 2012-16 ମଧ୍ୟରେ ଖଣିଜ ସମ୍ପଦର ବୃଦ୍ଧି 0.82 ରୁ 7.27 ପ୍ରତିଶତ ମଧ୍ୟରେ ଥିଲା ଯାହା ଆଖିଦୃଶିଆ ନଥିଲା ।**

ଭାରତ ସରକାରଙ୍କ ଯୋଜନା କମିଶନ ଦ୍ୱାରା ଗଠିତ (ଫେବୃଆରୀ 2011) ଖଣିଜ ଅନ୍ୱେଷଣ ପାଇଁ କାର୍ଯ୍ୟରତ ଗୋଷ୍ଠୀର ରିପୋର୍ଟ ଅନୁଯାୟୀ, ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର କରି ଅତିରିକ୍ତ ଅନ୍ୱେଷଣ ଏବଂ ହିତସାଧନ ଦ୍ୱାରା ଖଣିଜ ସମ୍ପଦର ଆଖିଦୃଶିଆ ବୃଦ୍ଧି ହୋଇପାରିବ ।

ବିଭାଗଟି 16 ଟି ମୁଖ୍ୟ ଏବଂ ଲଘୁ ଖଣିଜ ଅନ୍ୱେଷଣରେ କାର୍ଯ୍ୟରତ ଥିଲା । ରାଜ୍ୟର ଖଣିଜ ସମ୍ପଦ ବିଗତ ଚାରି ବର୍ଷ (ଅପ୍ରେଲ 2012 ରୁ ମାର୍ଚ୍ଚ 2016[5]) ମଧ୍ୟରେ 77,421 ନିୟୁତ ଟନ୍ ବୃଦ୍ଧି ପାଇଁ 89,208 ନିୟୁତ ଟନରେ ପହଞ୍ଚିଥିଲା ।

[5] 2016-17 ର ଗଚ୍ଛିତ ଖଣିଜର ପରିମାଣ ବିଭାଗ ଦ୍ୱାରା ସଂଗଣନା କରାଯାଇନଥିଲା ।




ଅଡିଟ୍ ଅବଲୋକନ କଲା ଯେ :

- ଉପରୋକ୍ତ ବର୍ଷମାନଙ୍କରେ ଗଚ୍ଛିତ ପରିମାଣର ବୃଦ୍ଧି 0.82 ପ୍ରତିଶତ ରୁ 7.27 ପ୍ରତିଶତ ମଧ୍ୟରେ ଥିଲା । ଏଥିରୁ ଜଣାଗଲା ଯେ ଗତ ଚାରି ବର୍ଷ ମଧ୍ୟରେ ଗଚ୍ଛିତ ସମ୍ପଦର ଆଖି ଦୃଶିଆ ବୃଦ୍ଧି ହୋଇନଥିଲା ।
- ଏହି ଦୃଷ୍ଟିରୁ 2012 ରୁ 2016 ମଧ୍ୟରେ ଅନ୍ୱେଷଣ ପରିଯୋଜନା ବାବଦ ଖର୍ଚ୍ଚରେ ଅନ୍ତର୍ଭୁକ୍ତ ହୋଇଥିବା ଦରମା ଓ ପ୍ରତିଷ୍ଠାନ ଖର୍ଚ୍ଚ 77.53 କୋଟି ଟଙ୍କା ସଂପୂର୍ଣ୍ଣ ଯଥାର୍ଥ ନଥିଲା ।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ, ଉପରୋକ୍ତ ସମୟରେ ଅଧିକାଂଶ ଅନ୍ୱେଷଣ ପରିଯୋଜନା G4 ସ୍ତରରେ କରାଯାଇଥିଲା । ସେ ସମୟରେ ସରକାରଙ୍କ ଅଗ୍ରାଧିକାରକୁ ବିଚାରକୁ ନେଇ, ଅଳ୍ପ କିଛି ସମ୍ଭାବ୍ୟ ଖଣିଜ ବ୍ଲକରେ G3/ G2 ସ୍ତରର ଅନ୍ୱେଷଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ତେଣୁ ରାଜ୍ୟର ସମ୍ପୂର୍ଣ୍ଣ ଖଣିଜ ପରିମାଣରେ ନଗଣ୍ୟ ବୃଦ୍ଧି ହୋଇଥିଲା । ପୁନଶ୍ଚ, ଅଧିକାରୀ ଓ ସହାୟକ କର୍ମଚାରୀ ଏବଂ ଯନ୍ତ୍ରପାତି ଓ ଗାଡ଼ିର ଅଭାବ ହେତୁ ଭଲ ପ୍ରଦର୍ଶନ ହୋଇପାରି ନଥିଲା । ଯାହାହେଲେ ବି, ଏହା ସତ୍ୟ ଯେ ପରିଯୋଜନା ସଂଖ୍ୟାରେ ବୃଦ୍ଧି ହୋଇନଥିଲା ଏବଂ ବଜେଟରେ ବ୍ୟବସ୍ଥା କରାଯାଇଥିବା ଅର୍ଥ ପୂର୍ଣ୍ଣ ବିନିଯୋଗ ହୋଇନଥିଲା ।

### 6.4.4.3 ଅନ୍ୱେଷଣ ପରିଯୋଜନାରେ ଦିଆଯାଇଥିବା ଖନନ ଲକ୍ଷ୍ୟ ଅଣହାସଲ

**ଖନନ ଲକ୍ଷ୍ୟ କମ୍‌ତି ହାରାହାରି 55 ପ୍ରତିଶତ ଥିଲା ।**

ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମ (ଏଏଫ୍‌ପି) ରେ ପ୍ରତ୍ୟେକ ଅନ୍ୱେଷଣର ପରିଯୋଜନା ପାଇଁ ଖନନ ଲକ୍ଷ୍ୟ ନିର୍ଦ୍ଦେଶାଳୟ ଧାର୍ଯ୍ୟ କରିଥିଲେ । ଖଣିଜ (ଧାତବଯୁକ୍ତତା ପ୍ରମାଣ) ନିୟମାବଳୀ, 2015 (ଏମ୍‌ଇଏମ୍‌ସି) ଅନୁଯାୟୀ, ନିଲାମ ଯୋଗ୍ୟ ସ୍ତର ପାଇଁ, G2 ସ୍ତରର ଅନ୍ୱେଷଣ ବାଧ୍ୟତାମୂଳକ । କେନ୍ଦ୍ରୀୟ ଖଣି ଯୋଜନା ଏବଂ ପରିଯୋଜନା ଅନୁଷ୍ଠାନ (ସିଏମ୍‌ପିଡିଆଇଏଲ୍) ଏକ କେନ୍ଦ୍ରୀୟ ସରକାରୀ ସଂସ୍ଥା, ସଂଯୋଜନାରେ କୋଇଲା ପ୍ରକଳ୍ପଗୁଡ଼ିକ ନିଷ୍ପାଦିତ ହୋଇଥିଲା । କୋଇଲା କ୍ଷେତ୍ରରେ ବୈଷୟିକ ପର୍ଯ୍ୟବେକ୍ଷଣ କାର୍ଯ୍ୟ ସହିତ ସମ୍ଭାବ୍ୟ ଅନ୍ୱେଷଣ ପାଇଁ ସିଏମ୍‌ପିଡିଆଇଏଲ୍ ମୁଖ୍ୟ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲା ।


2014-15 ରୁ 2016-17 ମଧ୍ୟରେ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଡ଼ିଶା ଦ୍ୱାରା ହାତକୁ ନିଆଯାଇଥିବା ଅନ୍ୱେଷଣ ପରିଯୋଜନା ଗୁଡ଼ିକରେ ଖନନ ଲକ୍ଷ୍ୟ ଏବଂ ହାସଲର ସବିଶେଷ ତଥ୍ୟ ନିମ୍ନରେ ପ୍ରଦତ୍ତ ହେଲା । .

| ବର୍ଷ | 2014-15 | | 2015-16 | | 2016-17 | | ମୋଟ |
|---|---|---|---|---|---|---|---|
| ଖଣିଜ | କୋଇଲା | ଅଣ କୋଇଲା | କୋଇଲା | ଅଣ କୋଇଲା | କୋଇଲା | ଅଣ କୋଇଲା | |
| ପରିଯୋଜନା ସଂଖ୍ୟା | 1 | 1 | 2 | 4 | 0 | 5 | 13 |
| ଲକ୍ଷ୍ୟ(ମିଟର) | 2,500 | 500 | 5,000 | 9,700 | 0 | 2,300 | 20,000 |
| ହାସଲ(ମିଟର) | 2,514 | 396 | 2,442 | 2,595 | 0 | 1,118 | 9,065 |
| କମ୍‌ତିର ପ୍ରତିଶତ | - | 21 | 51 | 73 | 0 | 51 | 55 |

**ଉତ୍ସ: ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମ (ଏଏଫ୍‌ପି) ଏବଂ ଅନ୍ତରୀଣ ରିପୋର୍ଟ**

ଅଡିଟ୍ ଲକ୍ଷ୍ୟ କଲା ଯେ:

- ଖନନ ଲକ୍ଷ୍ୟ 20,000 ମିଟର ଥିଲା ବେଳେ ମାତ୍ର 9,065 ମିଟର ହାସଲ ହୋଇଥିଲା । ମୋଟ 33 ଟି ପରିଯୋଜନା ମଧ୍ୟରୁ 13 ଟି G2 ଏବଂ G3 ସ୍ତରର ଥିଲା । ଏହା ଫଳରେ, ମୋଟ୍ ଉପରେ କମ୍‌ତି 55 ପ୍ରତିଶତ ଥିଲା ।
- ଅଣ କୋଇଲା ପରିଯୋଜନାରେ 21 ରୁ 73 ପ୍ରତିଶତ କମ୍‌ତି ଥିଲା ।
- ଗୁରୁ ଖଣିଜକୁ ଛାଡ଼ି ଅନ୍ୟାନ୍ୟ ଖଣିଜରେ 19 ରୁ 96 ପ୍ରତିଶତ କମ୍‌ତି ଥିଲା, ଯାହାକି ନିମ୍ନରେ ପ୍ରଦତ୍ତ ହୋଇଛି ।




ଉପରୋକ୍ତ ପରିଯୋଜନା ଗୁଡ଼ିକରେ ଖନନ ଲକ୍ଷ୍ୟ (G2 ଏବଂ G3)ହାସଲ ନ ହେବା ହେତୁ, ନିଲାମ ଯୋଗ୍ୟ ହେବା ପାଇଁ ବାଧ୍ୟତାମୂଳକ G2 ସ୍ତରରେ ପହଞ୍ଚିବାରେ ବିଫଳତା ମିଳିଥିଲା ।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ, ରାଜ୍ୟ ଭୂତାତ୍ତ୍ୱିକ ଯୋଜନା ବୋର୍ଡ (ଏସ୍‌ଜିପିବି) ବୈଠକରେ କୋଇଲା ଅନ୍ୱେଷଣ କାର୍ଯ୍ୟ ଅନୁମୋଦନ ନହେବା, କ୍ଷେତ୍ର କାର୍ଯ୍ୟକାଳ ମଧ୍ୟଭାଗରେ କୋଇଲା ବ୍ଲକ୍ ଖନନ କାର୍ଯ୍ୟ ସ୍ଥଗିତ ରହିବା, ପ୍ରତ୍ୟାଶିତ ଜଙ୍ଗଲ ଅନୁମୋଦନ ନ ମିଳିବା, ନ୍ୟାୟାଳୟରେ ବିବାଦ ଏବଂ ଖନନ ଲକ୍ଷ୍ୟ ହାସଲ ପୂର୍ବରୁ G2 ସ୍ତର ଅନ୍ୱେଷଣ ଶେଷ ହେବା, ଖନନ ଲକ୍ଷ୍ୟ ହାସଲ ନହେବାର କାରଣ ଥିଲା ।

ଉତ୍ତର ସୂଚାଉଥିଲା ଯେ, ରାଜ୍ୟ ଭୂତାତ୍ତ୍ୱିକ ଯୋଜନା ବୋର୍ଡର (ଏସ୍‌ଜିପିବି) କାର୍ଯ୍ୟସୂଚୀ ଏବଂ ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତି କରିବା ପୂର୍ବରୁ ଉପଯୁକ୍ତ ଯୋଜନାର ଅଭାବ ଥିଲା ।

### 6.4.4.4 କାର୍ଯ୍ୟର ଧାର୍ଯ୍ୟ ଲକ୍ଷ୍ୟ ସଂପୂର୍ଣ୍ଣ ନକରି ଅନ୍ୱେଷଣ ପରିଯୋଜନା ଗୁଡ଼ିକର ପରିତ୍ୟାଗ

**ଅନୁମୋଦିତ ଏଏଫ୍‌ପି ଅନୁଯାୟୀ କାର୍ଯ୍ୟର ଧାର୍ଯ୍ୟ ଲକ୍ଷ୍ୟ ସଂପୂର୍ଣ୍ଣ ନକରି ଅନ୍ୱେଷଣ ପରିଯୋଜନା ଗୁଡ଼ିକର ପରିତ୍ୟାଗ କରାଯାଇଥିଲା ।**

ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା କ୍ଷେତ୍ର ଦଳମାନଙ୍କୁ ଦିଆଯାଇଥିବା ମାର୍ଗଦର୍ଶିକା (2013) ଅନୁଯାୟୀ, କ୍ଷେତ୍ର ପ୍ରଭାରୀ ଅଧିକାରୀ (ଓଆଇସି) ମାନେ ଅନ୍ୱେଷଣ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାର ଥିଲା । କ୍ଷେତ୍ରରେ କୌଣସି ଅସୁବିଧା ହେତୁ ଧାର୍ଯ୍ୟ ଲକ୍ଷ୍ୟ ହାସଲରେ କମ୍‌ତି ହେଲେ, କ୍ଷେତ୍ର ପ୍ରଭାରୀ ଅଧିକାରୀ ସଂପୃକ୍ତ ଭୂତତ୍ତ୍ୱଯୁଗ୍ମ ନିର୍ଦ୍ଦେଶକ, ଭୂତତ୍ତ୍ୱ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇବାର ଥିଲା ।   .

ଅଡିଟ୍ ଲକ୍ଷ୍ୟ କଲା ଯେ, ପୂର୍ବ ଉତ୍ସାହଜନକ ଅନୁସନ୍ଧାନ ରିପୋର୍ଟକୁ ଭିତ୍ତିକରି ତିନିଟି ଅନ୍ୱେଷଣ ପରିଯୋଜନା[6] ହାତକୁ ନିଆଯାଇଥିଲା । କିନ୍ତୁ ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମରେ ଅନୁମୋଦିତ କାର୍ଯ୍ୟ ଯଥା-ବଡ଼ଧରଣର ମ୍ୟାପିଙ୍ଗ୍, ଖନନ କାର୍ଯ୍ୟ ଇତ୍ୟାଦି ଏହି ପରିଯୋଜନା ଗୁଡ଼ିକରେ ସ୍ଥାନ ପାଇନଥିଲା । ଏହାସତ୍ତ୍ୱେ, ଏହି ଅଞ୍ଚଳ ଗୁଡିକର ସମ୍ଭାବ୍ୟତା ଆଶାଜନକ ନୁହେଁ ଏବଂ ଏଗୁଡ଼ିକୁ ବନ୍ଦ୍ କରିବାକୁ କ୍ଷେତ୍ର ପ୍ରଭାରୀ ଅଧିକାରୀ ମାନେ ଅନ୍ତରୀଣ /ଚୂଡାନ୍ତ ରିପୋର୍ଟରେ ସୁପାରିଶ କରିଥିଲେ । ଅଡିଟ୍ ଦେଖିଲା ଯେ ଏହି ନିଷ୍ପତ୍ତି ଗୁଡ଼ିକ ସମୟପୂର୍ବ ଥିଲା ଯେହେତୁ ସେଗୁଡ଼ିକ ସ୍ୱଳ୍ପ ଅନ୍ୱେଷଣ ଉପରେ ଆଧାରିତ ଥିଲା । ଏହାଦ୍ୱାରା ପରିଯୋଜନା ଗୁଡିକ ଅସଫଳ ହେବା ସହିତ 7.90 ଲକ୍ଷ ଟଙ୍କାର ବ୍ୟୟ ଫଳପ୍ରଦ ହୋଇନଥିଲା ଏବଂ ରାଜ୍ୟ କୌଣସି ଆର୍ଥିକ ଲାଭ ପାଇନଥିଲା ।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ ଯେହେତୁ ଅନୁସନ୍ଧାନ ଅଞ୍ଚଳଗୁଡିକ ପୁନଃ ଅନ୍ୱେଷଣ ପାଇଁ ଉତ୍ସାହଜନକ ଥିଲା । ତେଣୁ, ମିତବ୍ୟୟିତା ଦୃଷ୍ଟିରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ୟମ କରାଯାଇନଥିଲା । ଉତ୍ତର ସନ୍ତୋଷଜନକ ନଥିଲା ଯେହେତୁ ପ୍ରଦତ୍ତ କାର୍ଯ୍ୟ ଯଥା- ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମରେ ସ୍ୱୀକୃତ ହୋଇଥିବା କାର୍ଯ୍ୟ ଯଥା-ମ୍ୟାପିଙ୍ଗ୍, ଖନନ କାର୍ଯ୍ୟ ହାତକୁ ନ ନେଇ ଏହି ସିଦ୍ଧାନ୍ତ ନିଆଯାଇଥିଲା । ପୁନଶ୍ଚ, ସତ୍ୟତା ଏହା ଯେ, ଏହି ପରିଯୋଜନା ଗୁଡିକ ପୂର୍ବବର୍ତ୍ତୀ ଉତ୍ସାହଜନକ ଅନୁସନ୍ଧାନ ବିବରଣୀ ଉପରେ ଆଧାରିତ ଥିଲା ।

### 6.4.4.5 ସର୍ବେକ୍ଷଣ ଓ ଅନୁସନ୍ଧାନ ପରେ ପରିଯୋଜନାର କାର୍ଯ୍ୟକ୍ରମ ବାଧିତ

**ସର୍ବେକ୍ଷଣ ଏବଂ ଅନୁସନ୍ଧାନ କଲାପରେ ମଧ୍ୟ ପରିଯୋଜନା ଗୁଡ଼ିକରେ ପୁନଃ ଅନ୍ୱେଷଣ ହାତକୁ ନିଆଯାଇନଥିଲା । ଯାହାଫଳରେ ଚାରିଟି ପରିଯୋଜନା ପାଇଁ 14.99 ଲକ୍ଷ ଟଙ୍କାର ବ୍ୟୟ ଫଳପ୍ରଦ ହୋଇନଥିଲା ।**

ରାଜ୍ୟ ଭୂତାତ୍ତ୍ୱିକ ଯୋଜନା ବୋର୍ଡ (ଏସ୍‌ଜିପିବି) ର ନିଷ୍ପତି ଅନୁଯାୟୀ, G3 ସ୍ତରର ଅନ୍ୱେଷଣ ପାଇଁ 2014-15 ବର୍ଷରେ ଚାରିଟି ପରିଯୋଜନାର[7] କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ପୂର୍ବରୁ କରାଯାଇଥିବା ଅନୁସନ୍ଧାନରେ ଉତ୍ତମ ପରିମାଣର ସମ୍ଭାବ୍ୟ  ସମ୍ପଦର ସୂଚନା ପାଇ ଏହି ଅନ୍ୱେଷଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ମ୍ୟାପିଙ୍ଗ୍ ଏବଂ ଖନନ କାର୍ଯ୍ୟରେ କମ୍‌ତି ଥାଇ ମଧ୍ୟ ଏହି ପରିଯୋଜନାଗୁଡ଼ିକ ପାଇଁ ଆନ୍ତରୀଣ ବିବରଣୀରେ ଖଣିଜ ସମ୍ପଦର ସମ୍ଭାବ୍ୟ ପରିମାଣର ସୂଚନା ମିଳିଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ :

- ଏହି ପରିଯୋଜନା ଗୁଡ଼ିକରେ ପରବର୍ତ୍ତୀ ବର୍ଷମାନଙ୍କରେ G2 ସ୍ତର ପର୍ଯ୍ୟନ୍ତ ସମ୍ଭାବ୍ୟ ଖଣିଜ ସମ୍ପଦର ନିର୍ଦ୍ଧାରଣ କରିବା ପାଇଁ ଅନ୍ୱେଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇନଥିଲା ।
- ଏହା ରାଜ୍ୟକୁ ଆର୍ଥିକ ଲାଭ ପାଇବାରୁ ବଞ୍ଚିତ କରିଥିଲା କାରଣ G2 ସ୍ତର ପର୍ଯ୍ୟନ୍ତ ପୁନଃ ଅନ୍ୱେଷଣ କରାଯାଇଥିଲେ ଏଗୁଡ଼ିକ ନିଲାମ ଯୋଗ୍ୟ ସ୍ତରକୁ ଆସିପାରିଥାନ୍ତା ।
- ଅଧିକନ୍ତୁ, 2014-15 ବର୍ଷରେ ଏହି ଚାରିଟି ପରିଯୋଜନାରେ ବ୍ୟୟ ହୋଇଥିବା 14.99 ଲକ୍ଷ ଟଙ୍କା ଫଳପ୍ରସୂ ହୋଇପାରି ନଥିଲା ।   .

---

6 କଟକ ଓ ଢେଙ୍କାନାଳ ଜିଲ୍ଲାର ଦେବଭୂଇଁ-ଭୁସ୍କା-ଡାଲକା ଅଞ୍ଚଳରେ ଗ୍ରାଫାଇଟ୍; 2,25,713 ଟଙ୍କା, ଖୋର୍ଦ୍ଧାର ମହାଳିକ ପଡ଼ାରେ ଥିବା ଶିଳା (ଆୟତନ ଶିଳା); 3,05,916 ଟଙ୍କା, ରାୟଗଡ଼ାର ପେରିଗୁଡ଼ା ଓ ପାଇକରାଣୀ ପିଣ୍ଡ ଅଞ୍ଚଳରେ ମାଙ୍ଗାନିଜ୍- 2,58,166 ଟଙ୍କା ।

7 ସୁନ୍ଦରଗଡ଼ର ଟୁମେଲବୁଡର ଚାରିପଟେ ଚୁନପଥର ଓ ଡୋଲମାଇଟ୍- 6,61,701 ଟଙ୍କା, ମୟୁରଭଞ୍ଜର ପୋଖରିଡିହା ଚାରିପଟେ ଜେମ୍‌ଷ୍ଟୋନ୍, ମୟୁରଭଞ୍ଜ - 3,24,030 ଟଙ୍କା, କନ୍ଧମାଳର କେନ୍ଦୁଗୁଡ଼ା ଓ ସିପିକେରା ଚାରିପଟେ ଗ୍ରାଫାଇଟ୍- 2,86,556 ଟଙ୍କା ଏବଂ କନ୍ଧମାଳର ପୋର୍ଦାପଦର, ପୁଲିଙ୍ଗ ଓ ଜବାଙ୍ଗ ଚାରିପଟେ ବକ୍ସାଇଟ୍ -2,26,327 ଟଙ୍କା ।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ ଅଗ୍ରାଧିକାର ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକ କରାଯାଇଥିଲା କିମ୍ବା ଭବିଷ୍ୟତରେ ହାତକୁ ନିଆଯିବ। ମାତ୍ର ସତ୍ୟତା ଏହା ଯେ, ଦୁଇବର୍ଷ ପରେ ମଧ୍ୟ ପୁନଃ ଅନ୍ୱେଷଣ କରାଯାଇନଥିଲା। .

## 6.4.4.6 ଅନ୍ୱେଷଣରେ ବିଳମ୍ବ/ ପରିଯୋଜନା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ନହେବା

**ଉଚ୍ଚସ୍ତରୀୟ କମିଟିର ନିଷ୍ପତ୍ତିର ଅବମାନନା ସମାପ୍ତିରେ ବିଳମ୍ବ କରାଯାଇ ଥିଲା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇନଥିଲା।**

ଇସ୍ପାତ ଓ ଖଣି ବିଭାଗରେ ହୋଇଥିବା ଏକ ବିଭାଗୀୟ ସମୀକ୍ଷା ବୈଠକରେ (ଅପ୍ରେଲ 2015) ଚାରିଟି ଖଣିଜ ବ୍ଲକ[8]ରେ ଅନ୍ୱେଷଣ କରିବା ପାଇଁ ସମୟସୀମା ନିର୍ଦ୍ଧାରଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅନ୍ୱେଷଣକୁ G2 ସ୍ତରକୁ ପହଞ୍ଚାଇବା ପାଇଁ ଖଣିଜ ନିଲାମ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି (ଏଚ୍‌ଏଲ୍‌ସି) ଜୁଲାଇ 2015 ରେ ଅନୁମୋଦନ କରିଥିଲା।

ଅଡିଟ୍ ଲକ୍ଷ୍ୟ କଲା ଯେ:

- ଉପରୋକ୍ତ ଚାରିଟି ପରିଯୋଜନା ମଧ୍ୟରୁ ଦୁଇଟି ଅନ୍ୱେଷଣ ପାଇଁ 2015-16 ରେ ପ୍ରସ୍ତୁତ ସତନ୍ତ୍ର କ୍ଷେତ୍ର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତନ୍ମଧ୍ୟରୁ ଗୋଟିଏ ପରିଯୋଜନା ଏକ ବର୍ଷ ବିଳମ୍ବରେ, 2016-17 ବର୍ଷରେ G4 ସ୍ତରରେ ଅନ୍ୱେଷଣ କରାଯାଇଥିଲା, ଯଦିଓ G2 ସ୍ତରର ଅନ୍ୱେଷଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।
- ଦ୍ୱିତୀୟ ପରିଯୋଜନାଟିର ଅନ୍ୱେଷଣ କାର୍ଯ୍ୟ ନଭେମ୍ବର 2015 ରେ ଆରମ୍ଭ କରାଯାଇଥିଲା। କିନ୍ତୁ ଅଗ୍ରାଧିକାର ଅନୁଯାୟୀ ଅନ୍ୟ ଏକ ସ୍ଥାନରେ ଅନ୍ୱେଷଣ ପାଇଁ ଏହି ପରିଯୋଜନାଟିକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଫେବୃଆରୀ 2016ରେ ବନ୍ଦ କରି ଦିଆଯାଇଥିଲା। ଉକ୍ତ ସ୍ଥାନରେ ମାଙ୍ଗାନିଜ୍‌ର ଯୁକ୍ତିଯୁକ୍ତ ସମ୍ଭାବନା ଥିଲା ବୋଲି ଆନ୍ତରୀଣ ରିପୋର୍ଟରେ କାଏମ୍ କରାଯାଇଥିଲା।
- ବାକି ଦୁଇଟି ପରିଯୋଜନାର ଅନ୍ୱେଷଣ ପାଇଁ ଏପର୍ଯ୍ୟନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇନଥିଲା।

ଏହାଦ୍ୱାରା ଉକ୍ତ ସ୍ତରୀୟ କମିଟିର (ଏଚ୍‌ଏଲ୍‌ସି) ନିଷ୍ପତ୍ତିର ଅବମାନନା କରାଯାଇ ପରିଯୋଜନା ଗୁଡ଼ିକ ଅସମାପ୍ତ ରହିଥିଲା।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର-2017) ଯେ ଅନ୍ୱେଷଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ହାତକୁ ନିଆଯିବ। ସେ ଯାହାହେଉ, ଦୁଇଟି ପରିଯୋଜନା ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ ନ ହେବାରୁ, ଅନ୍ୱେଷଣ କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା। ଏହା ଯୋଜନା କାର୍ଯ୍ୟକୁ ବ୍ୟର୍ଥ କରିଥିଲା ଏବଂ ଅନ୍ୱେଷଣ କାର୍ଯ୍ୟର ଲାଭ ପାଇବାରୁ ରାଜ୍ୟ ବଞ୍ଚିତ ହୋଇଥିଲା।

## 6.4.5 ନିର୍ଦ୍ଦେଶାଳୟର କାର୍ଯ୍ୟ ସମ୍ପାଦନରେ ବାଧକ ଅନ୍ୟାନ୍ୟ ବିଷୟ

### 6.4.5.1 ମାନବ ସମ୍ବଳର କମ୍ତି

**ମାନବ ସମ୍ବଳରେ କମ୍ତି 26 ରୁ 100 ପ୍ରତିଶତ ଥିଲା ଯେଉଁଥିରେ 19 ଟି ବୈଷୟିକ ପଦବୀରେ 100 ପ୍ରତିଶତ କମ୍ତି ଦେଖାଯାଇଥିଲା ଯାହା ଖଣିଜ ଅନ୍ୱେଷଣ ପାଇଁ ଲକ୍ଷ୍ୟ ହାସଲରେ ବାଧା ସୃଷ୍ଟି କରିଥିଲା।**

ପ୍ରତିଷ୍ଠାନର ବାର୍ଷିକ ସମୀକ୍ଷା ନଥିପତ୍ର ଯାଞ୍ଚ କରି ଅଡିଟ୍ ଜାଣିବାକୁ ପାଇଲା ଯେ-:

- ନିର୍ଦ୍ଦେଶାଳୟରେ ମାର୍ଚ୍ଚ 2017 ରେ ବିଭିନ୍ନ ଶ୍ରେଣୀର ପଦପଦବୀରେ ହାରାହାରି ଶୂନ୍ୟସ୍ଥାନ 26 ରୁ 100 ପ୍ରତିଶତ ଥିଲା ।
- ଯଥା- ଭୂତତ୍ତ୍ୱବିତ୍; ଭୂପଦାର୍ଥ ବିଜ୍ଞାନୀ, ସର୍ବେକ୍ଷଣ ଅଧିକାରୀ, ଭୂତତ୍ତ୍ୱ ସହାୟକ, ବୈଜ୍ଞାନିକ ସହାୟକ ଇତ୍ୟାଦି 28 ପ୍ରକାର ବୈଷୟିକ ପଦବୀରେ 50 ରୁ 100 ପ୍ରତିଶତ ଶୂନ୍ୟସ୍ଥାନ ଥିଲା।

  ଉପରୋକ୍ତ ମଧ୍ୟରୁ ନିମ୍ନପ୍ରଦତ୍ତ 19 ପ୍ରକାର ବୈଷୟିକ ପଦବୀରେ ଶୂନ୍ୟସ୍ଥାନ 100 ପ୍ରତିଶତ ଥିଲା। :

[8] ଓଏମ୍‌ଡିସିର କୋଲ୍ହା-ରୋଇଡ଼ା ଲୁହା ପଥର ଖଣି (1,20,000 ଟଙ୍କା), ଓଏମ୍‌ସିର ରୋଇଡ଼ା-ଡି ମାଙ୍ଗାନିଜ୍ ପଥର ଖଣି (6,74,517 ଟଙ୍କା), ବି.କେ.ମହାନ୍ତିଙ୍କ ଉଲିବୁରୁ ଆର୍‌ଏଫ୍ ଲୁହା ପଥର ଏବଂ ମାଙ୍ଗାନିଜ୍ ଖଣି ଏବଂ ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ର ବନ୍ଧ ବେଡ଼ା ଲୁହା ପଥର ଖଣି।

| କ୍ର.ସଂ. | ପଦବୀ ନାମ | ମଞ୍ଜୁରୀ ଅବସ୍ଥା | କାର୍ଯ୍ୟରତ ଲୋକ | ଶୂନ୍ୟ ପଦବୀ | ଶୂନ୍ୟ ପଦବୀର ପ୍ରତିଶତ |
|---|---|---|---|---|---|
| 1 | ବରିଷ୍ଠ ଭୂପଦାର୍ଥବିତ୍ | 1 | 0 | 1 | 100 |
| 2 | ଭୌଗୋଳିକ ସହାୟକ | 2 | 0 | 2 | 100 |
| 3 | ଭୂତତ୍ତ୍ୱ ସହାୟକ | 1 | 0 | 1 | 100 |
| 4 | ସହାୟକ ଧାତୁ ଡ୍ରେସିଙ୍ଗ୍ ଇଞ୍ଜିନିୟର | 1 | 0 | 1 | 100 |
| 5 | ସର୍ବେକ୍ଷଣ ଅଧିକାରୀ | 6 | 0 | 6 | 100 |
| 6 | ଖନନକାରୀ | 14 | 0 | 14 | 100 |
| 7 | ରିଗ୍‌ମ୍ୟାନ୍ ଏବଂ ପମ୍ପ୍ ଚାଳକ | 22 | 0 | 22 | 100 |
| 8 | ବରିଷ୍ଠ ନକ୍ସାବିତ୍ | 1 | 0 | 1 | 100 |
| 9 | ମୁଖ୍ୟ ନକ୍ସାବିତ୍ | 1 | 0 | 1 | 100 |
| 10 | ପମ୍ପ୍ ମେକାନିକ୍ | 1 | 0 | 1 | 100 |
| 11 | କମ୍ପ୍ରେସର ଚାଳକ | 1 | 0 | 1 | 100 |
| 12 | ଖନନ ସହାୟକ | 2 | 0 | 2 | 100 |
| 13 | ୱେଲ୍‌ଡର | 1 | 0 | 1 | 100 |
| 14 | ଜ୍ୟାକ୍ ହାମର ଡ୍ରିଲର୍ | 1 | 0 | 1 | 100 |
| 15 | ଚାଳକ | 1 | 0 | 1 | 100 |
| 16 | ମେକାନିକାଲ୍ ଫୋରମ୍ୟାନ୍ | 1 | 0 | 1 | 100 |
| 17 | ଫିଟର | 1 | 0 | 1 | 100 |
| 18 | ଖନନ ମେଟ୍ | 1 | 0 | 1 | 100 |
| 19 | ଫଟୋଗ୍ରାଫର | 1 | 0 | 1 | 100 |

**ଉତ୍ସ: ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଦତ୍ତ ସୂଚନା**

ଏହା ପୁନଶ୍ଚ ଦେଖାଗଲା ଯେ ଯଦିବା 2012-13 ବର୍ଷରୁ ଶୂନ୍ୟସ୍ଥାନ ଥିଲା, 2015 ଏବଂ 2016 ରେ ସେଗୁଡ଼ିକ ଭରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା

ଏହିପରି, ପର୍ଯ୍ୟାପ୍ତ ବୈଷୟିକ ମାନବ ସମ୍ବଳର ଅଭାବ, ଖଣିଜ ଅନ୍ୱେଷଣ ଓ ବିକାଶରେ ଲକ୍ଷ୍ୟ ହାସଲରେ ବାଧକ ସାଜିଥିଲା । ଏହା ନିର୍ଦ୍ଦେଶାଳୟ ତାଙ୍କ ଉତ୍ତରରେ ପୁଷ୍ଟି କରିଛନ୍ତି ।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ, ଶୂନ୍ୟସ୍ଥାନ ପୂରଣ କରିବା ଏବଂ ନୂଆ ପଦବୀ ସୃଷ୍ଟି କରିବା ପ୍ରକ୍ରିୟା ଚାଲୁ ରହିଛି । କିନ୍ତୁ ଶୂନ୍ୟସ୍ଥାନ ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ ।

### 6.4.5.2 ସ୍ୱଳ୍ପ ଅନ୍ୱେଷଣ ଯନ୍ତ୍ରପାତି ଏବଂ ସାମଗ୍ରୀ ସଂଗ୍ରହଣରେ ଅହେତୁକ ବିଳମ୍ବ

**ଅନ୍ୱେଷଣ ସମ୍ବନ୍ଧୀୟ ଯନ୍ତ୍ରପାତି ଓ ଉପକରଣ କ୍ରୟରେ ବିଳମ୍ବତା ଅନ୍ୱେଷଣ କାର୍ଯ୍ୟର ଗତି ଓ ଦକ୍ଷତା ଉପରେ ପ୍ରଭାବ ପକାଇଥିଲା ।**

ଅର୍ଥ ବିଭାଗ ଦ୍ୱାରା ଦିଆଯାଇଥିବା ଦ୍ରବ୍ୟାଦି ସଂଗ୍ରହଣ ପାଇଁ ମାର୍ଗଦର୍ଶିକାର ଅନୁଚ୍ଛେଦ 25 (iii) ଅନୁଯାୟୀ କ୍ରୟ ପ୍ରକ୍ରିୟାରେ ବିଳମ୍ବ ରୋକିବା ପାଇଁ ପ୍ରତ୍ୟେକ ବିଭାଗ କ୍ରୟର ପ୍ରତ୍ୟେକ ସୋପାନ ପାଇଁ ସମୟସୀମା ନିର୍ଦ୍ଧାରିତ କରିବା ଉଚିତ୍ ।

ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଡିଶାର ସଂଗ୍ରହଣ ନଥିପତ୍ର ଗୁଡିକ ଅଡିଟ୍ ଯାଞ୍ଚ କରିଥିଲା । ଅଡିଟ୍ ଜାଣିବାକୁ ପାଇଲା ଯେ, ଇସ୍ପାତ ଓ ଖଣି ବିଭାଗ, ଅନ୍ୱେଷଣ ଯନ୍ତ୍ରପାତି କିଣିବା ପାଇଁ 644.05 ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ (ଜୁଲାଇ 2013) । କିନ୍ତୁ, ଉକ୍ତ ଯନ୍ତ୍ରପାତି ଗୁଡିକ ମଞ୍ଜୁରୀର ତିନିବର୍ଷ ପରେ, ଅର୍ଥାତ୍ ଅଗଷ୍ଟ 2016ରେ କିଣାଯାଇ କାର୍ଯ୍ୟରେ ନିୟୋଜନ କରାଯାଇଥିଲା ।

ସେହିପରି, ସର୍ବେକ୍ଷଣ ଏବଂ ଅନୁସନ୍ଧାନ କାର୍ଯ୍ୟ ନିମିତ୍ତ 226.19 ଲକ୍ଷ ଟଙ୍କା ମୂଲ୍ୟର 16 ପ୍ରକାର ସାମଗ୍ରୀ ସଂଗ୍ରହଣ ପାଇଁ ନିର୍ଦ୍ଦେଶାଳୟର, ଭୁ-ବିଜ୍ଞାନ ପ୍ରକୋଷ୍ଠ ଜୁନ-2016ରେ ପ୍ରସ୍ତାବ ଦେଇଥିଲେ । କିନ୍ତୁ ମାତ୍ର ଗୋଟିଏ ଭୂପଦାର୍ଥ ବିଜ୍ଞାନ ଉପକରଣ ଯଥା-ଇନ୍‌ଡ୍ୟୁସଡ୍ ପୋଲାରାଇଜେସନ୍ ୟୁନିଟ୍ ଫେବୃୟାରୀ 2017 ରେ 91.80 ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଥିଲା । ଯୋଜନାରେ ଅଭିବୃଦ୍ଧି, ସଠିକତା, ବିଶ୍ଳେଷଣ ଏବଂ ନୂଆ ଖଣିଜ ଆବିଷ୍କାର ରେ ଗତିବୃଦ୍ଧି କରିବା ଉପରୋକ୍ତ ସାମଗ୍ରୀ ବରାଦ କରିବାର ଉଦ୍ଦେଶ୍ୟ ଥିଲା । ଏଥିରୁ ସ୍ପଷ୍ଟ ଯେ ଠିକ୍ ସମୟରେ

ଏବଂ ପ୍ରଭାବକାରୀ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଉପଲବ୍ଧ କରାଯାଇନଥିଲା । ସେଥିପାଇଁ ପୁରୁଣା ରିଗ୍ ଏବଂ ଅନ୍ୟାନ୍ୟ ଉପକରଣ ଉପରେ ନିର୍ଭର କରିବାକୁ ନିର୍ଦ୍ଦେଶାଳୟ ବାଧ୍ୟ ହୋଇଥିଲା । ଏହା ଅନ୍ୱେଷଣ କାର୍ଯ୍ୟର ଗତି ଏବଂ ଦକ୍ଷତାରେ ବାଧା ସୃଷ୍ଟି କରିଥିଲା ଯାହାକି କ୍ଷେତ୍ର କାର୍ଯକ୍ରମରେ ଖନନ ଲକ୍ଷ୍ୟ ପୁରଣ ନ ହେବାରୁ ସ୍ୱଷ୍ଟ ହୋଇଥିଲା ।

ଏହାର ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ ନିଲାମ ପ୍ରକ୍ରିୟା ପ୍ରତି ନିଲାମ ଡକାଳିମାନଙ୍କର ଉଦାସୀନତା, ବିଳମ୍ବର କାରଣ ଥିଲା । ସହାୟକ ଉପକରଣ ସଂଗ୍ରହଣ ବିଷୟରେ କହିଥିଲେ ଯେ, ପାଣ୍ଠିର ଉପଲବ୍ଧି ଏବଂ ଅଗ୍ରାଧିକାର ଅନୁଯାୟୀ ଉପକରଣ ଗୁଡିକ ଭିନ୍ନ ଭିନ୍ନ ପର୍ଯ୍ୟାୟରେ କିଣାଯାଇଥିଲା । ଯାହାହେଲେ ବି ଯନ୍ତ୍ରପାତି ଓ ଉପକରଣ ସଂଗ୍ରହଣରେ ତିନି ବର୍ଷ ବିଳମ୍ବ ଏବଂ ମନ୍ଥରତା ଥିବା ଯଥାର୍ଥ ନଥିଲା ଯେହେତୁ ପାଣ୍ଠି ସମ୍ପୂର୍ଣ୍ଣ ବ୍ୟୟ ହୋଇନଥିଲା ।

## 6.4.5.3 ପାଣ୍ଠିର ଅନିୟମିତ ରକ୍ଷଣ

**ଅନ୍ୱେଷଣ କାର୍ଯ୍ୟ ପାଇଁ ସରକାରଙ୍କ ନିଷ୍ପତ୍ତିର ଅବମାନନା କରି ଓଏମ୍‌ସି କୁ ପାଣ୍ଠି ଅନିୟମିତ ଭାବେ ପ୍ରଦାନ କରାଯାଇଥିଲା ।**

ଓଡିଶା ଖଣିଜ ଅନ୍ୱେଷଣ ନୀତି (ଓଏମଇପି) 2015 ଅନୁଯାୟୀ ଅବଶ୍ୟକତା ଅନୁସାରେ, ସ୍ୱଚ୍ଛ ପ୍ରତିଯୋଗିତାପୂର୍ଣ୍ଣ ନିଲାମ କରି ଖନନ ଏବଂ ଅନ୍ୱେଷଣ କାର୍ଯ୍ୟ ବୈଷୟିକ ଜ୍ଞାନ କୌଶଳ ଥିବା ସଂସ୍ଥାମାନଙ୍କୁ ବାହ୍ୟକରଣ କରାଯିବ । ପୁନଶ୍ଚ, ଏହି କାର୍ଯ୍ୟ ନିର୍ଦ୍ଦେଶାଳୟର ପର୍ଯ୍ୟବେକ୍ଷଣ ଏବଂ ମାର୍ଗଦର୍ଶନରେ ଶେଷ କରାଯିବ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଭୁତତ୍ତ୍ୱ ନିର୍ଦ୍ଦେଶାଳୟ, ଓଡିଶା ଚାରିଟି[9] ଲୁହା ପଥର ବ୍ଲକର ଅନ୍ୱେଷଣ କାର୍ଯ୍ୟ ହାତକୁ ନେବା ପାଇଁ ଇସ୍ପାତ ଓ ଖଣି ବିଭାଗ ନିଷ୍ପତ୍ତି (ଫେବୃୟାରୀ 2016) ନେଇଥିଲେ । ଏହି କାର୍ଯ୍ୟ ଭାରତୀୟ ଖଣି ବ୍ୟୁରୋଙ୍କ ତାଲିକାଭୁକ୍ତ ଖଣିଜ ଅନ୍ୱେଷଣରେ ସଂପୃକ୍ତ ସଂସ୍ଥାମାନଙ୍କ ଦ୍ୱାରା ନିଲାମ ପ୍ରକ୍ରିୟାରେ ବାହ୍ୟକରଣ କରି ସମାପନ କରାଯିବାର ଥିଲା । ଏହି ସମ୍ବନ୍ଧରେ ଭୁତତ୍ତ୍ୱ ନିର୍ଦ୍ଦେଶାଳୟ ଓଡିଶା ଏହି କାର୍ଯ୍ୟ କରିବା ପାଇଁ 228.19 ଲକ୍ଷ ଟଙ୍କା ଓଡିଶା ଖଣି ନିଗମ (ଓଏମ୍‌ସି) କୁ ପ୍ରଦାନ (ମାର୍ଚ୍ଚ 2016) କରିଥିଲେ । କିନ୍ତୁ, ଓଏମ୍‌ସି ଏହି ଅନ୍ୱେଷଣ କାର୍ଯ୍ୟ ଆରମ୍ଭ କରିନଥିଲା । ତେଣୁ ନିଲାମ ନ କରି ଓଏମ୍‌ସିକୁ ପାଣ୍ଠି ପ୍ରଦାନ ସରକାରଙ୍କ ନିଷ୍ପତ୍ତିକୁ ଉଲଂଘନ କରି କରିଥିଲା ଏବଂ ଏହାଦ୍ୱାରା ଉଦ୍ଦେଶ୍ୟ ସାଧନ ହୋଇନଥିଲା ।

ଉତ୍ତରରେ ସରକାର କହିଥିଲେ (ନଭେମ୍ବର 2017) ଯେ ଚାରିଟି ଲୁହାପଥର ବ୍ଲକର ଖନନ କାର୍ଯ୍ୟ ପାଇଁ ନିଲାମ ହୋଇ ନ ପାରିବାରୁ ଏହି ଅର୍ଥ ବାହ୍ୟକରଣ ଉଦ୍ଦେଶ୍ୟରେ ଓଡିଶା ଖଣି ନିଗମକୁ ପ୍ରଦାନ କରାଯାଇଥିଲା । କିନ୍ତୁ, ଯାହାହେଲେ ବି ପାଣ୍ଠି ପ୍ରଦାନ ସତ୍ତ୍ୱେ ଏପର୍ଯ୍ୟନ୍ତ ଅନ୍ୱେଷଣ କାର୍ଯ୍ୟ ଆରମ୍ଭ ହୋଇନଥିଲା। ।

## 6.4.6 ଉପସଂହାର

ଅନ୍ୱେଷଣର ଅପର୍ଯ୍ୟାପ୍ତ ଏବଂ ମନ୍ଥର ଗତି ଯୋଗୁଁ ଗଚ୍ଛିତ ଖଣିଜ ସମ୍ପଦର ଆଖି ଦୃଶିଆ ବୃଦ୍ଧି ହୋଇନଥିଲା । ଅନୁସନ୍ଧାନ/ ଅନ୍ୱେଷଣ ପାଇଁ ପ୍ରସ୍ତୁତ ହୋଇଥିବା ପରିଯୋଜନାଗୁଡିକ ଠିକ୍ ସମୟରେ କାର୍ଯ୍ୟକାରୀ ହୋଇପାରି ନଥିଲା । ସମ୍ବନ୍ଧିତ ଖଣିଜର ସମ୍ଭାବ୍ୟ ଗଚ୍ଛିତ ଥିବା ସ୍ଥାନ ଗୁଡିକରେ G-2 ସ୍ତର ପର୍ଯ୍ୟନ୍ତ ନ ପହଞ୍ଚି ମଧ୍ୟ ପରିଯୋଜନା ଗୁଡିକର ଅନ୍ୱେଷଣ କାର୍ଯ୍ୟକୁ ଦୁଇରୁ ତିନି ବର୍ଷ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଥିଲା । ପୂର୍ବ ଅନୁସନ୍ଧାନରେ ମିଳିଥିବା ଉତ୍ସାହଜନକ ରିପୋର୍ଟ ଭିତ୍ତିରେ ପରିଯୋଜନା ଗୁଡ଼ିକ ହାତକୁ ନିଆଯାଇଥିବା ସତ୍ତ୍ୱେ ସେ ଗୁଡ଼ିକରେ ଆବଶ୍ୟକୀୟ ମ୍ୟାପିଙ୍ଗ୍ ଏବଂ ଖନନ କାର୍ଯ୍ୟ ନ କରି ପରିତ୍ୟାଗ କରାଯାଇଥଲା । ଅନୁସନ୍ଧାନ /ଅନ୍ୱେଷଣ କାର୍ଯ୍ୟର ଚୁଡାନ୍ତ ରିପୋର୍ଟ ଠିକ୍ ସମୟରେ ଦାଖଲ କରାଯାଇନଥିଲା ଏବଂ ଏହା 1996-97 ମସିହାରୁ ବାକି ରହିଥିଲା । ରିପୋର୍ଟ ନ ଦେବା ହେତୁ ଅନ୍ୱେଷଣ କାର୍ଯ୍ୟଯୋଜନା ବାଧା ପ୍ରାପ୍ତ ହୋଇଥିଲା । ପୁନଶ୍ଚ ଯନ୍ତ୍ରପାତି ଏବଂ ଉପକରଣ ସଂଗ୍ରହଣରେ ବିଳମ୍ବ ଅନୁସନ୍ଧାନ/ଅନ୍ୱେଷଣ କାର୍ଯ୍ୟକୁ ବାଧାପ୍ରାପ୍ତ କରିଥିଲା । ମଞ୍ଜୁରୀ ପ୍ରାପ୍ତ ପଦବୀ, ବିଶେଷତଃ, ଭୁତତ୍ତ୍ୱବିତ୍ ଏବଂ ଅନ୍ୟାନ୍ୟ ବୈଷୟିକ ପଦବୀ ପୁରଣ ନ କରିବା ହେତୁ ଅନୁସନ୍ଧାନ/ଅନ୍ୱେଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ।

---

9 ବାଲିପାହାଡ଼ ଲୁହା ପଥର ବ୍ଲକ, ମାଙ୍କଡ଼ନଚା ଲୁହା ପଥର ବ୍ଲକ, ଠାକୁରାଣୀ-କ ଲୁହା ପଥର ବ୍ଲକ ଓ ମାଲଙ୍ଗଟୋଲି ଲୁହା ପଥର ବ୍ଲକ୍ ।

### 6.4.7 ସୁପାରିଶ

- ରାଜ୍ୟର ଗଚ୍ଛିତ ଖଣି ସମ୍ପଦର ଆଖି ଦୃଶିଆ ବୃଦ୍ଧି କରିବାକୁ ଅନ୍ୱେଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉ ।
- ଚୂଡାନ୍ତ ରିପୋର୍ଟ ଠିକ୍ ସମୟରେ ଦାଖଲ କରିବା ପାଇଁ ପଦକ୍ଷେପ ନିଅଯାଉ ।
- ଅନ୍ତରୀଣ ରିପୋର୍ଟରେ ଖଣିଜ ଅବସ୍ଥିତିର ପ୍ରମାଣ ଥିବା ସ୍ଥାନରେ ଉଚ୍ଚତର ସ୍ତରର ଅନ୍ୱେଷଣ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉ ।
- ଅନ୍ୱେଷଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମରେ ଦିଆଯାଇଥିବା ଧାର୍ଯ୍ୟଲକ୍ଷ୍ୟ ଶେଷ କରିବା ପାଇଁ ପଦକ୍ଷେପ ନିଆଯାଉ ।
- ଅନ୍ୱେଷଣ ର ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଖାଲିଥିବା ପଦବୀ ଗୁଡ଼ିକ ପୁରଣ କରିବାକୁ ପଦକ୍ଷେପ ନିଆଯାଉ ।

## 6.5 ଅନ୍ୟାନ୍ୟ ସମୀକ୍ଷା ମନ୍ତବ୍ୟ

ଅଡିଟ୍ ଖଣି ନିର୍ଦ୍ଦେଶକ, ଓଡିଶା, ଉପଖଣି ନିର୍ଦ୍ଦେଶକ (ଡିଡିଏମ୍) ଏବଂ ଖଣି ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ଅନୁରକ୍ଷିତ ନଥିପତ୍ରର ଯାଞ୍ଚ କରିଥିଲା । ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲିଖିତ କରାଯାଇଥିବା ରାଜଭାଗର ସ୍ୱଳ୍ପାରୋପଣ ମାମଲାଗୁଡ଼ିକ ଅଡିଟ୍ ଦେଖିବାକୁ ପାଇଥିଲା । ଏହି ମାମଲା ଗୁଡ଼ିକ ଦୃଷ୍ଟାନ୍ତସଦୃଶ ଓ ଅଡିଟ୍ ଦ୍ୱାରା କରାଯାଇଥିବା ନମୁନା ଯାଞ୍ଚ ଉପରେ ଆଧାରିତ ।

## 6.6 ଅଧିନିୟମ/ ନିୟମାବଳୀ/ ନୂତନ ମୂଲ୍ୟାୟନ ନୀତିର ବ୍ୟବସ୍ଥା ଗୁଡ଼ିକର ପାଳନ ନ ହେବା

ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ, 1957, ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, 1960, ଖଣିଜ ଦ୍ରବ୍ୟ ସଂରକ୍ଷଣ ଓ ବିକାଶ ନିୟମାବଳୀ, 1988 ସହ ପଠିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ଜାରି ଅଧିସୂଚନା ଓ ଅନୁଦେଶ ଅନୁସାରେ ନିର୍ଦ୍ଧାରିତ ଦରରେ ରାଜଭାଗ ନିର୍ଦ୍ଧାରଣ, ଧାର୍ଯ୍ୟ ଓ ସଂଗ୍ରହ ହୋଇଥାଏ ।

ନିମ୍ନଲିଖିତ ଅନୁଚ୍ଛେଦ ମାନଙ୍କରେ ବେଆଇନ୍ ଖନନ, ରାଜଭାଗ, ଅନିବାର୍ଯ୍ୟ ଅଧିଶେଷ ଏବଂ ଭୂପୃଷ୍ଠ ଅଧିଶେଷର ସ୍ୱଳ୍ପ ନିର୍ଦ୍ଧାରଣ ମାମଲା ଗୁଡ଼ିକର ଆଲୋଚନା କରାଯାଇଛି ।

### 6.6.1 ସାଇଜ୍ ହୋଇଥିବା କୋଇଲା ଉପରେ ରାଜଭାଗ ସ୍ୱଳ୍ପାରୋପଣ

**ରାଜଭାଗ ନିର୍ଦ୍ଧାରଣ ସମୟରେ ଖଣିଜର ଖଣି ମୁହଁ ମୂଲ୍ୟ (ଆରଓଏମ୍) ଉପରେ ସାଇଜିଂ ଦେୟ ଅନ୍ତର୍ଭୁକ୍ତ ନ କରିବା ଫଳରେ 72.24 କୋଟି ଟଙ୍କା ସ୍ୱଳ୍ପାରୋପଣ ହୋଇଥିଲା ।**

ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) (ଏମ୍ଏମ୍ଡିଆର୍) ଅଧିନିୟମ, 1957, ର ଧାରା 9 ଅନୁସାରେ ଜଣେ ଲିଜ୍ଧାରୀ ଲିଜ୍ ଅଞ୍ଚଳରୁ କୌଣସି ଦ୍ରବ୍ୟ ଅପସାରଣ କରୁଥିଲେ କିମ୍ବା ଉପଯୋଗ କରୁଥିଲେ ଅଧିନିୟମର ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହାରରେ ଉକ୍ତ ଖଣିଜ ଦ୍ରବ୍ୟ ବାବଦକୁ ରାଜଭାଗ ପ୍ରଦାନ କରିବେ । କୋଇଲା ମନ୍ତ୍ରଣାଳୟର 10 ମଇ 2012 ର ଅଧିସୂଚନା ଅନୁସାରେ ବହନ ପତ୍ରରେ ଉଲ୍ଲିଖିତ ମୂଲ୍ୟ ଉପରେ କର ଲେଭି ଓ ଅନ୍ୟାନ୍ୟ ଦେୟକୁ ଛାଡ଼ି 14 ପ୍ରତିଶତ ମୂଲ୍ୟଭିତ୍ତିକ ରାଜଭାଗ କୋଇଲା ଉପରେ ବସାଣଯୋଗ୍ୟ । ପୁନଶ୍ଚ, କୋଲ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ର ଡିସେମ୍ବର 2013 ର ଅଧିସୂଚନା ଅନୁସାରେ ଯଦି କୋଇଲାର ସର୍ବୋଚ୍ଚ ସାଇଜ୍ ହସ୍ତଚାଳିତ ପଦ୍ଧତି ବା ଯାନ୍ତ୍ରିକ ଉପାୟରେ 100 ମିମି ପର୍ଯ୍ୟନ୍ତ ସୀମିତ କରାଯାଇଥାଏ, ତେବେ ରନ୍ ଅଫ୍ ମାଇନ୍[10] (ଆର୍ଓଏମ୍) କୋଇଲା ଉପରେ ପ୍ରଯୁଜ୍ୟ ମୂଲ୍ୟ ସହିତ ସାଇଜିଙ୍ଗ୍ ଦେୟ ବାବଦରେ ଟନ୍ ପିଛା 79 ଟଙ୍କା ମିଶାଯିବ । ପୁନଶ୍ଚ, ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, 1960 ନିୟମ 64 B (1) ଅନୁସାରେ ଯଦି ଲିଜ୍ ଅଞ୍ଚଳ ମଧ୍ୟରେ ଆର୍ଓଏମ୍ ଖଣିଜର ପ୍ରକ୍ରିୟାକରଣ ହୋଇଥାଏ, ତେବେ ରାଜଭାଗ ଲିଜ୍ ଅଞ୍ଚଳରୁ ଅପସାରିତ ପ୍ରକ୍ରିୟାକୃତ ଖଣିଜ ଦ୍ରବ୍ୟ ଉପରେ ଧାର୍ଯ୍ୟ ହୁଏ ।

ଅଡିଟ୍ ତିନୋଟି ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ[11]ରେ ଉତ୍ପାଦନ ଓ ପ୍ରେରଣ ସଂପର୍କିତ ମାସିକ ରିଟର୍ଣ୍ଣ ସହିତ ନିର୍ଦ୍ଧାରଣ ନଥିପତ୍ର ଗୁଡ଼ିକର ନମୁନା ଯାଞ୍ଚ (ଅପ୍ରେଲ୍ 2016 ରୁ ଫେବୃଆରୀ 2017 ପର୍ଯ୍ୟନ୍ତ) କରିଥିଲା । ଦେଖାଗଲା ଯେ, ଜଣେ ଖଣି ପଟ୍ଟାଧାରୀ ତାଙ୍କର ନଅଟି ଖଣିରୁ ଅପ୍ରେଲ୍ 2015 ଠାରୁ ମାର୍ଚ୍ଚ 2016 ମଧ୍ୟରେ 653.21 ଲକ୍ଷ ମେଟ୍ରିକ୍ ଟନ୍ 100 ମିମିରୁ କମ୍ ସାଇଜର କୋଇଲା ପ୍ରେରଣ କରିଥିଲେ । କିନ୍ତୁ ଖଣି ପଟ୍ଟାଧାରୀ, ସାଇଜିଙ୍ଗ୍ କୋଇଲା ଉପରେ ସାଇଜିଙ୍ଗ୍ ଦେୟ ମିଶାଇ ରାଜଭାଗ ପ୍ରଦାନ କରିବା ପରିବର୍ତ୍ତେ ଆରଓଏମ୍ କୋଇଲାର ଖଣି ମୁହଁ ମୂଲ୍ୟ ଉପରେ ପ୍ରଯୁଜ୍ୟ ରାଜଭାଗ ପ୍ରଦାନ କରିଥିଲେ । ମୂଲ୍ୟ ନିର୍ଦ୍ଧାରଣ ସମୟରେ ଉକ୍ତ ତିନି ଜଣ ଉପନିର୍ଦ୍ଦେଶକ ପ୍ରକ୍ରିୟାକୃତ କୋଇଲାର ରାଜଭାଗ ସହିତ ସାଇଜିଙ୍ଗ୍ ଦେୟ ଟନ୍ ପ୍ରତି 79 ଟଙ୍କାର 14 ପ୍ରତିଶତ ମଧ୍ୟ ମିଶାଇ ନଥିଲେ । ଫଳରେ, ରାଜଭାଗ ନିର୍ଦ୍ଧାରଣ ସମୟରେ ବିହିତ ନିର୍ଦ୍ଦେଶାବଳୀ ଓ ଅଧିସୂଚନା ଗୁଡ଼ିକର ଅନୁପାଳନ ନ କରିବା ଦ୍ୱାରା 72.24 କୋଟି ଟଙ୍କାର ରାଜଭାଗ ସ୍ୱଳ୍ପାରୋପଣ ହୋଇଥିଲା ।

ଏହାର ଉତ୍ତରରେ ସରକାର କହିଲେ (ସେପ୍ଟେମ୍ବର 2017) ଯେ ଉକ୍ତ ତିନି ଜଣ ଖଣି ଉପନିର୍ଦ୍ଦେଶକ ଖଣି ପଟ୍ଟାଧାରୀ ମାନଙ୍କ ଉପରେ ଦାବି ଉତ୍ଥାପନ କରିଥିଲେ । କିନ୍ତୁ ଉପନିର୍ଦ୍ଦେଶକ, ତାଳଚେରଙ୍କ ଦାବି ଉପରେ କୋଇଲା ମନ୍ତ୍ରାଳୟ ପୁନଃନିରୀକ୍ଷଣ କର୍ତ୍ତୃପକ୍ଷ ଉପସଚିବ ସ୍ଥଗିତାଦେଶ ଜାରି କରିଛନ୍ତି ।

### 6.6.2 ଅନୁମୋଦିତ ଖନନ ଯୋଜନାର ଅବମାନନା କରି ମାତ୍ରାଧିକ କୋଇଲା ଉତ୍ତୋଳନ

**ଅନୁମୋଦିତ ଖନନ ଯୋଜନା ଠାରୁ ମାତ୍ରାଧିକ କୋଇଲା ବେଆଇନ୍ ଉତ୍ତୋଳନ ପାଇଁ ଖଣି ପଟ୍ଟାଧାରୀ ଖଣିଜ ଦ୍ରବ୍ୟର ମୂଲ୍ୟ ବାବଦକୁ 51.90 କୋଟି ଟଙ୍କା ପୈଠ କରିବାକୁ ବାଧିତ ।**

ଖଣିଜ ଦ୍ରବ୍ୟ ସଂରକ୍ଷଣ ଓ ବିକାଶ (ଏମ୍ସିଡି) ନିୟମାବଳୀ, 1988 ର ଧାରା 9 ଅନୁସାରେ ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ 1957 ର ଧାରା 5 ଅନୁଯାୟୀ ଅନୁମୋଦିତ ଖନନ ଯୋଜନାର ବ୍ୟତିକ୍ରମରେ ଖଣିପଟ୍ଟାଧାରୀ ଲିଜ୍ ଅଞ୍ଚଳରେ ଖନନ କାର୍ଯ୍ୟ କରିପାରିବେ ନାହିଁ । ଖଣିଜ ଦ୍ରବ୍ୟ ସଂରକ୍ଷଣ ଓ ବିକାଶ (ଏମ୍ସିଡି) ନିୟମାବଳୀ, 1957 ର ଧାରା 13 ଅନୁସାରେ ଜଣେ ଲିଜ୍ ପଟ୍ଟାଧାରୀ ଅନୁମୋଦିତ ଖଣିଜ ଯୋଜନା ଅନୁସାରେ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବେ । ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ (ଏମ୍ଏମ୍ଡିଆର୍), 1957 ର ଧାରା 21(5) ଅନୁସାରେ ଯଦି କୌଣସି ବ୍ୟକ୍ତି ବିନାନୁମତିରେ ଖଣିଜ ପଦାର୍ଥ ଉତ୍ତୋଳନ କରନ୍ତି. ତାହେଲେ, ସରକାର ସେ ବ୍ୟକ୍ତିଙ୍କଠାରୁ ବିନାନୁମତିରେ ଖଣିଜ ଉତ୍ତୋଳନ ପାଇଁ ଖଣିଜ ପଦାର୍ଥର ମୂଲ୍ୟ ସହିତ ସେ ସମୟର ଉପଯୁକ୍ତ ଅଧିଶେଷ, ରାଜଭାଗ ଓ କର ଆଦାୟ କରିପାରିବେ ।

---

10 ରନ୍ ଅଫ୍ ମାଇନ୍ (ଆରଓଏମ୍) କୋଇଲା ଖଣିରୁ ସିଧା ପ୍ରାକୃତିକ ଓ ଅଣପ୍ରକ୍ରିୟାକୃତ ଅବସ୍ଥାରେ ସଂଗୃହିତ ହୋଇଥାଏ ।

11 ରାଉରକେଲା, ସମ୍ବଲପୁର ଓ ତାଳଚେର ।

ଅଡିଟ୍ ଖଣି ଉପନିର୍ଦ୍ଦେଶକ, ରାଉରକେଲାଙ୍କ ଅଧିନରେ ଥିବା ଜଣେ ପଟ୍ଟାଧାରୀଙ୍କର ବସୁନ୍ଧରା (ପଶ୍ଚିମ) କୋଇଲା ଖଣିର ଅନୁମୋଦିତ ଖନନ ଯୋଜନା ଓ କୋଇଲା ଉତ୍ପାଦନ ସମ୍ପର୍କିତ ନଥିପତ୍ର ଯାଞ୍ଚ୍ କରିଥିଲା । ଜଣାପଡ଼ିଲା (ଫେବୃଆରୀ 2017) ଯେ ଖନନ ଯୋଜନା ନଭେମ୍ବର 2011 ରେ ପାଞ୍ଚ ବର୍ଷ ପାଇଁ ଅନୁମୋଦିତ ହୋଇଥିଲା । ପୁନଶ୍ଚ, ବଳକା ଖଣିଜକୁ ବିଚାରକୁ ନେଇ ଏକ ଯୋଗପତ୍ର ଦ୍ୱାରା ଏହାର ସଂଶୋଧନ କରାଯାଇ 2014-15 ରୁ 2016-17 ପର୍ଯ୍ୟନ୍ତ ଅନୁମୋଦନ ହୋଇଥିଲା । ଉକ୍ତ ଯୋଗପତ୍ର ଅନୁସାରେ ଦ୍ୱିତୀୟ ବର୍ଷ ଯଥା 2015-16 ବର୍ଷ ପାଇଁ 30 ଲକ୍ଷ ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ପାଇଁ ସ୍ବୀକୃତ ହୋଇଥିଲା । କିନ୍ତୁ ସେ ବର୍ଷ ପ୍ରକୃତରେ 37.28 ଲକ୍ଷ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ କରାଯାଇଥିଲା । ଏହାଦ୍ୱାରା ଅଧିକ 7.28 ଲକ୍ଷ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦିତ ହୋଇଥିଲା । ଏହା ନିୟମ ବହିର୍ଭୁତ ଥିଲା ଏବଂ ଏଥିପାଇଁ ଖଣି ପଟ୍ଟାଧାରୀଙ୍କ ଠାରୁ ଖଣିଜ ପଦାର୍ଥର ମୂଲ୍ୟ ବାବଦକୁ 51.90 କୋଟି[12] ଟଙ୍କା ଆଦାୟ କରାଯିବାର ଥିଲା । ଯଦିଓ ଖଣି ପଟ୍ଟାଧାରୀଙ୍କ ଦ୍ୱାରା ପ୍ରଦତ୍ତ ଖଣିଜ ଉତ୍ପାଦନ ସମ୍ପର୍କିତ ତଥ୍ୟ ଡିଡିଏମ୍‌ଙ୍କ ପାଖରେ ଉପଲବ୍ଧ ଓ ଅନୁରକ୍ଷିତ ହୋଇଥିଲା, ତଥାପି ସେ ଖନନ ଯୋଜନାର ଅନୁମୋଦିତ ପରିମାଣ ଠାରୁ ଅଧିକ ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରିଥିଲେ । ସରକାର ମଧ ଉକ୍ତ ଉତ୍ପାଦିତ ଖଣିଜ ଦ୍ରବ୍ୟର ମୂଲ୍ୟ ଆଦାୟ କରିବା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବାରେ ବିଫଳ ହୋଇଥିଲେ ।

ଜବାବରେ ସରକାର କହିଥିଲେ (ସେପ୍ଟେମ୍ବର 2017) ଯେ, ଖଣି ଉପନିର୍ଦ୍ଦେଶକ, ରାଉରକେଲା ଉତ୍ପାଦିତ ଅତିରିକ୍ତ କୋଇଲାର ମୂଲ୍ୟ ବାବଦରେ ଖଣି ପଟ୍ଟାଧାରୀଙ୍କ ଉପରେ 50.96 କୋଟି ଟଙ୍କାର ଦାବି 2015-16 ବର୍ଷରେ ଉତ୍ଥାପନ କରିଥିଲେ ।

## 6.6.3 ଅନିବାର୍ଯ୍ୟ ଅଧିଶେଷ ଓ ଭୂପୃଷ୍ଠ ଅଧିଶେଷ ଅନାଦାୟ

**12.02 ଲକ୍ଷ ଟଙ୍କାର ଅନିର୍ବାଯ୍ୟ ଅଧିଶେଷ ଏବଂ 4.75 ଲକ୍ଷ ଟଙ୍କାର ଭୂପୃଷ୍ଠ ଅଧିଶେଷ ଯଥାକ୍ରମେ ସାତ ଜଣ ଓ ତିନି ଜଣ ଖଣି ପଟ୍ଟାଧାରୀ ବିଭିନ୍ନ ଅବଧି ଜୁଲାଇ 2013 ରୁ ଜୁଲାଇ 2016 ମଧରେ ପୈଠ ନ କରିବା ସତ୍ତ୍ୱେ ଖଣି ଉପନିର୍ଦ୍ଦେଶକ ତାହା ଦାବୀ କରିନଥିଲେ ।**

ଖଣି ଓ ଖଣିଜ ଦ୍ରବ୍ୟ ( ବିକାଶ ଓ ନିୟନ୍ତ୍ରଣ) (ଏମ୍ଏମ୍‌ଡିଆର୍) ଅଧିନିୟମ, 1957 ର ଧାରା 9 A ଅନୁଯାୟୀ ଜଣେ ଖଣି ପଟ୍ଟାଧାରୀ ଜମି ପଟ୍ଟାରେ ଉଲ୍ଲିଖିତ ଅଧିକୃତ ଜମି ଭିତ୍ତିରେ ପ୍ରତିବର୍ଷ ରାଜ୍ୟ ସରକାରଙ୍କୁ ଅଧିନିୟମର ତୃତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହାରରେ ଅନିବାର୍ଯ୍ୟ ଅଧିଶେଷ ପ୍ରଦାନ କରିବେ । କେନ୍ଦ୍ର ସରକାରଙ୍କ 13 ଅଗଷ୍ଟ 2009 ର ଅଧିସୂଚନା ଅନୁସାରେ ମଧମ ମୂଲ୍ୟର ଖଣିଜ ଦ୍ରବ୍ୟ ପାଇଁ ଅନିବାର୍ଯ୍ୟ ଅଧିଶେଷ ହେକ୍ଟର ପ୍ରତି ବାର୍ଷିକ 2,000 ଟଙ୍କା ହିସାବରେ ସ୍ବୀକୃତ ହୋଇଥିଲା ଏବଂ ଏହା 1 ସେପ୍ଟେମ୍ବର 2014 ଠାରୁ ବାର୍ଷିକ ହେକ୍ଟର ପ୍ରତି 4,000 ଟଙ୍କାକୁ ପରିବର୍ଦ୍ଧିତ ହୋଇଥିଲା । ରାଜ୍ୟ ସରକାରଙ୍କ 11 ମଇ 1978 ର ଅଧିସୂଚନା ଅନୁସାରେ ଜାନୁଆରୀ ରୁ ଜୁନ୍ ପର୍ଯ୍ୟନ୍ତ ପ୍ରଥମ ଛଅ ମାସ ପାଇଁ 15 ଜାନୁଆରୀ ଦିନ ବା ତାପୂର୍ବରୁ ଏବଂ ଜୁଲାଇ ଠାରୁ ଡିସେମ୍ବର ପର୍ଯ୍ୟନ୍ତ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ପାଇଁ 15 ଜୁଲାଇ ଦିନ ବା ତା ପୂର୍ବରୁ ଅନିବାର୍ଯ୍ୟ ଅଧିଶେଷ ଦୁଇଟି କିସ୍ତିରେ ସରକାରଙ୍କୁ ପୈଠ କରାଯିବା ଆବଶ୍ୟକ ।

ସେହିପରି, ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, 1960 ର ନିୟମ 27 ଅନୁସାରେ ଲିଜ୍ ପଟ୍ଟାଧାରୀ ତାଙ୍କ ଖନନ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଭୂପୃଷ୍ଠ ଅଞ୍ଚଳ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହାରରେ ଭୂପୃଷ୍ଠ ଅଧିଶେଷ ପୈଠ କରିବେ । ଇସ୍ପାତ ଓ ଖଣି ବିଭାଗର 7 ନଭେମ୍ବର 2013 ର ଅଧିସୂଚନା ଅନୁସାରେ ମଧମ ମୂଲ୍ୟର ଖଣିଜ ଦ୍ରବ୍ୟ ଓ ଲୁହାପଥର ପାଇଁ ବ୍ୟବହୃତ ଜମିର ବଜାର ଦର ଉପରେ ହେକ୍ଟର ପିଛା ବାର୍ଷିକ ଏକ ପ୍ରତିଶତ ହାରରେ କିମ୍ବା ସର୍ବନିମ୍ନ ବାର୍ଷିକ 3,000 ଟଙ୍କା ହାରରେ ଭୂପୃଷ୍ଠ ଅଧିଶେଷ ପୈଠ ହେବା ଆବଶ୍ୟକ ।

ଅଡିଟ୍ ଖଣି ଉପନିର୍ଦ୍ଦେଶକ, କୋଇଡ଼ାଙ୍କ କାର୍ଯ୍ୟାଳୟର ନିର୍ଦ୍ଧାରଣ ନଥିପତ୍ର ସହ ଅକାମୀ ଖଣିଗୁଡ଼ିକର ଅନିବାର୍ଯ୍ୟ ଅଧିଶେଷ ସମ୍ବନ୍ଧୀୟ କାଗଜପତ୍ର ଯାଞ୍ଚ୍ କରିଥିଲା (ଫେବୃଆରୀ 2017) । ଅଡିଟ୍ ଦେଖିଲା ଯେ ସାତ ଜଣ ଖଣି ପଟ୍ଟାଧାରୀ ସେମାନଙ୍କ ଖଣି ନିମିତ୍ତ ଜୁଲାଇ 2013 ଠାରୁ 2016 ମଧରେ ବିଭିନ୍ନ ସମୟ ପାଇଁ 12.02 ଲକ୍ଷ ଟଙ୍କାର ଅନିବାର୍ଯ୍ୟ ଅଧିଶେଷ ପ୍ରଦାନ କରିନଥିଲେ । ସେହିଭଳି, ତିନି ଜଣ ଖଣି ପଟ୍ଟାଧାରୀ 2013 ରୁ 2016 ମଧରେ ଭୂପୃଷ୍ଠ ଅଧିଶେଷ ବାବଦକୁ 4.75 ଲକ୍ଷ ଟଙ୍କା ପ୍ରଦାନ କରିନଥିଲେ । ହେଲେ ମଧ, ଖଣି ଉପନିର୍ଦ୍ଦେଶକ,

[12] 4,001 ରୁ 4,300 ପର୍ଯ୍ୟନ୍ତ ସ୍ଥୁଳ ତାପଜନକ ମୂଲ୍ୟ (ଜିସିଭି) ପାଇଁ ମେଟ୍ରିକ ଟନ୍ ପିଛା 700 ଟଙ୍କା ହିସାବରେ ଏବଂ 4601 ରୁ 4900 ପର୍ଯ୍ୟନ୍ତ ଜିସିଭି ପାଇଁ ମେଟ୍ରିକ୍ ଟନ୍ ପିଛା 970 ଟଙ୍କା ହିସାବରେ ।

କୋଇଡା ଉକ୍ତ ମାମଲାଗୁଡ଼ିକରେ ଅନିବାର୍ଯ୍ୟ ଅଧିଶେଷ ଓ ଭୂପୃଷ୍ଠ ଅଧିଶେଷ ନିର୍ଦ୍ଧାରଣ କରିନଥିଲେ ଓ ତାହାର ଆଦାୟ ପାଇଁ ଦାବି ପତ୍ର ଉତ୍ଥାପନ କରିନଥିଲେ ।

ଜବାବରେ ସରକାର କହିଥିଲେ (ସେପ୍ଟେମ୍ବର 2017) ଯେ 16.77 ଲକ୍ଷ ଟଙ୍କା ମଧ୍ୟରୁ ବିଭିନ୍ନ ଖଣି ପଟ୍ଟାଧାରୀଙ୍କ ଠାରୁ 11.02 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା ଓ ଅବଶିଷ୍ଟ ଚାରି ଜଣଙ୍କ କ୍ଷେତ୍ରରେ ବାକି 5.75 ଲକ୍ଷ ଟଙ୍କା ଆଦାୟ ପାଇଁ ଖଣି ଉପନିର୍ଦ୍ଦେଶକ, କୋଇଡ଼ା ଦାବି ଉତ୍ଥାପନ କରିଥିଲେ ।

# ଅଧ୍ୟାୟ VII

# ବିବିଧ

# ଅଧ୍ୟାୟ VII

# ବିବିଧ

## 7.1 "ଓଡିଶା ଲୋକସେବା ଅଧିକାର ଅଧିନିୟମ ଅଧିନରେ ସେବାଗୁଡିକ ଯୋଗାଣ"ର ସମୀକ୍ଷା

### 7.1.1 ଉପକ୍ରମ

ଓଡିଶା ଲୋକସେବା ଅଧିକାର ଅଧିନିୟମ (ଓଆର୍‌ଟିପିଏସ୍), 2012 ଏବଂ ତଦଧୀନ ବିହିତ ନିୟମାବଳୀର ପ୍ରଣୟନ ଥିଲା ଓଡିଶା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଉତ୍ତମ ଶାସନ ପଦ୍ଧତିର ପଥ ପ୍ରଦର୍ଶକ ଭାବେ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନାଗରିକମାନଙ୍କୁ ସମସ୍ତ ଲୋକସେବା ଯୋଗାଣରେ ସ୍ୱଚ୍ଛତା ଆଣିବା ଅଭିପ୍ରାୟରେ ପ୍ରଣୟନ କରାଯାଇଥିଲା । ଏହି ଆଇନ୍ ନାଗରିକମାନଙ୍କୁ ଲୋକସେବା ଏକ ଅଧିକାର ଭାବରେ ଦାବି କରିବାକୁ ସମର୍ଥ କରିଛି । ଦରଖାସ୍ତକାରୀଙ୍କୁ ସେବା ଯୋଗାଣ ପ୍ରକ୍ରିୟାରେ ଉପୁଜିଥିବା ସମସ୍ୟାର ପ୍ରତିକାର ପାଇଁ ଅପିଲ ପ୍ରାଧିକାରୀ (ଏଏ) ଏବଂ ପୁନଃ ନିରୀକ୍ଷଣ ପ୍ରାଧିକାରୀ (ଆର୍‌ଏ) ମାନଙ୍କୁ ଜଣାଇବାର ବ୍ୟବସ୍ଥା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଯଦି ଅଧସ୍ତନ କର୍ମଚାରୀ (ଏସ୍‌ଏସ୍), ନିଯୁକ୍ତିପ୍ରାପ୍ତ ଅଧିକାରୀ(ଡିଓ) ଏବଂ ଅପିଲ ପ୍ରାଧିକାରୀମାନେ ସେବା ଯୋଗାଇବାରେ ବିଫଳ ହୁଅନ୍ତି ତେବେ ଜୋରିମାନା ନ୍ୟସ୍ତ କରିବାର ବ୍ୟବସ୍ଥା ଏଥିରେ ଅଛି ।

ପ୍ରାରମ୍ଭିକ ଅବସ୍ଥାରେ ଓଡିଶା ସରକାର, ସାତଗୋଟି ବିଭାଗ ଅଧିନସ୍ଥ 34 ଟି ସେବା ଜାନୁଆରୀ 2013 ରେ ଅଧିସୂଚୀତ କରି ଏହି ଅଧିନିୟମର ପରିସରକୁ ଆଣିଥିଲେ । ଏଥିରେ ବାଣିଜ୍ୟ ଏବଂ ପରିବହନ (ପରିବହନ) ସିଏଣ୍ଡଟି (ଟି) ବିଭାଗ ଅଧିନସ୍ଥ 13 ଟି ସେବା, ବିତ୍ତ ବିଭାଗର ବାଣିଜ୍ୟ କର ଅଙ୍ଗ ଅଧିନସ୍ଥ 3 ଟି ସେବା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର୍ ଏଣ୍ଡ୍ ଡିଏମ୍) ବିଭାଗର ପଞ୍ଜୀକରଣ ଅଙ୍ଗ ଅଧିନସ୍ଥ 4 ଟି ସେବା ଅନ୍ତର୍ଭୁକ୍ତ । ପରବର୍ତ୍ତୀ ସମୟରେ 33 ଟି ବିଭାଗର 324 ଟି ସେବା ଅଧିନିୟମର ପରିସରଭୁକ୍ତ କରାଯାଇଥିଲା ଯେଉଁଥିରେ ସିଏଣ୍ଡଟି (ଟି) ଅଧିନସ୍ଥ ଆଉ 19 ଟି ସେବା, ବାଣିଜ୍ୟ କର ଅଧିନସ୍ଥ 5 ଟି ସେବା, ପଞ୍ଜୀକରଣ ଅଙ୍ଗ ଅଧିନସ୍ଥ ଗୋଟିଏ ଏବଂ ଅବକାରୀ ବିଭାଗ ଅଧିନସ୍ଥ ଦୁଇଟି ସେବା ଜୁନ୍ 2015 ରେ ଯୋଡା ଯାଇଥିଲା । ଅଧିନିୟମ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନର ପର୍ଯ୍ୟବେକ୍ଷଣ ନିମନ୍ତେ ସାଧାରଣ ପ୍ରଶାସନ (ପ୍ରଶାସନିକ ସଂସ୍କାର) ଜିଏ (ଏଆର୍) ବିଭାଗକୁ ନୋଡାଲ ବିଭାଗ ଦାୟିତ୍ୱ ଦିଆଯାଇଥିଲା ।

ବ୍ୟବସ୍ଥାଟି ଉତ୍ତମ ଶାସନ, ସ୍ୱଚ୍ଛତା ପ୍ରଦାନରେ ଏବଂ ଜନସାଧାରଣଙ୍କୁ ଦକ୍ଷତାର ସହ ସେବା ପ୍ରଦାନ କରିବାରେ ସଫଳ ହୋଇଛି କି ନାହିଁ ତାହାର ମୂଲ୍ୟାୟନ କରିବା ପାଇଁ ସମୀକ୍ଷା କରାଯାଇଥିଲା । ଏଥିରେ ସ୍ୱଚ୍ଛ ଉପାୟରେ ଅନୁକୂଳତମ ଉପଯୋଗର ସୁବିଧା ବିଦ୍ୟମାନ ଥିବା ଜନସାଧାରଣଙ୍କୁ ଅବଗତ କରାଯାଇଥିଲା କି ନାହିଁ ତାହାର ସମୀକ୍ଷା ମଧ୍ୟ କରାଯାଇଥିଲା ।

ଓଆର୍‌ଟିପିଏସ୍ ଅଧିନିୟମ, 2012, ଓଆର୍‌ଟିପିଏସ୍ ନିୟମାବଳୀ, 2012 ଏବଂ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ସମୟର ନିର୍ଦ୍ଦେଶନାମା ଗୁଡିକୁ ସମୀକ୍ଷାର ମାନଦଣ୍ଡ ଭାବରେ ବ୍ୟବହାର କରାଯାଇଥିଲା ।

ଅପ୍ରେଲ 2013 ଠାରୁ ମାର୍ଚ୍ଚ 2017 ସମୟ ପର୍ଯ୍ୟନ୍ତ ଅବଧି ଉପରେ ଅପ୍ରେଲ 2017 ଏବଂ ଜୁନ୍ 2017 ମଧ୍ୟରେ 4 ଗୋଟି ବିଭାଗ[1]ର ସମୀକ୍ଷା କରାଯାଇଥିଲା । ଅଡିଟ୍ 35 ଟି ମଧ୍ୟରୁ ନଅଟି[2] ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ), 45 ଟି ମଧ୍ୟରୁ 11[3]ଟି ବାଣିଜ୍ୟ କର ସର୍କଲ, 30 ଟି ମଧ୍ୟରୁ ଆଠ[4]ଟି ଜିଲ୍ଲା ଉପନିବନ୍ଧକ (ଡିଏସ୍‌ଆର୍) କାର୍ଯ୍ୟାଳୟ, 151 ଟି ମଧ୍ୟରୁ ତିନୋଟି[5] ଉପ-ନିବନ୍ଧକ କାର୍ଯ୍ୟାଳୟ ଏବଂ 30 ଟି ମଧ୍ୟରୁ ଆଠ[6]ଟି

---

1 ବାଣିଜ୍ୟ ଓ ପରିବହନ (ପରିବହନ), ବିତ୍ତ ବିଭାଗର ବାଣିଜ୍ୟକର ଅଙ୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପଞ୍ଜୀକରଣ ଅଙ୍ଗ ଏବଂ ରାଜ୍ୟ ଅବକାରୀ ବିଭାଗ ।

2 ଭୁବନେଶ୍ୱର, ଚଣ୍ଡିଖୋଲ, କଟକ, ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ, ମୟୁରଭଞ୍ଜ, ନୟାଗଡ଼ ଏବଂ ଫୁଲବାଣୀ ।

3 ବାଲେଶ୍ୱର, ଭଞ୍ଜନଗର, ଭୁବନେଶ୍ୱର-I , ଭୁବନେଶ୍ୱର-II , ବଲାଙ୍ଗୀର, ଦେଓଗଡ଼, ଯାଜପୁର, ଜଟଣୀ, ରାୟଗଡ଼ା, ସମ୍ବଲପୁର-I ଏବଂ ସମ୍ବଲପୁର-II

4 ବଲାଙ୍ଗୀର, କଟକ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ଫୁଲବାଣୀ, ପୁରୀ ଓ ସମ୍ବଲପୁର ।

5 ବ୍ରହ୍ମପୁର-II , ଜଟଣୀ ଓ ଖଣ୍ଡଗିରି ।

ଅବକାରୀ ଅଧିକ୍ଷକ (ଏସ୍‌ଇ) କାର୍ଯ୍ୟାଳୟ ଗୁଡିକର ନମୁନା ଯାଞ୍ଚ କରାଯାଇଥିଲା । ଷ୍ଟ୍ରାଟିଫାଏଡ୍ ରେଣ୍ଡମ୍ ସାମ୍ପଲିଙ୍ଗ୍ ମାଧମରେ ଏଗୁଡ଼ିକର ଚୟନ କରାଯାଇଥିଲା । ପଞ୍ଜୀକୃତ ମୋଟରଯାନ, ପଞ୍ଜୀକୃତ ବ୍ୟବସାୟୀ, ପଞ୍ଜୀକୃତ ଦସ୍ତାବିଜ ଏବଂ ମଦ ଦୋକାନ ଲାଇସେନ୍ସ ପ୍ରଦାନର ସଂଖ୍ୟା ଆଧାରରେ ନମୁନା ଚୟନ କରାଯାଇଥିଲା । ଏହା ସହିତ, ଅବକାରୀ କମିଶନରଙ୍କ କାର୍ଯ୍ୟାଳୟ, ଓଡିଶା ଏବଂ ଅବକାରୀ ବିଭାଗକୁ ମଧ୍ୟ ନମୁନା ଯାଞ୍ଚ ପାଇଁ ଚୟନ କରାଯାଇଥିଲା ।

## 7.1.2 ସାଂଗଠନିକ ବ୍ୟବସ୍ଥା

ଓଆର୍‌ଟିପିଏସ୍ ଅଧିନିୟମର କାର୍ଯ୍ୟାନ୍ୱୟନ ଦାୟିତ୍ୱ ଦିଆଯାଇଥିବା ବିଭାଗୀୟ ଅଧିକାରୀମାନଙ୍କର ନାମ ନିମ୍ନରେ ପ୍ରଦତ୍ତ କରାଗଲା ।

| ବିଭାଗ | ସେବା ଯୋଗାଉଥିବା ପ୍ରାଧିକାରୀ | | |
|---|---|---|---|
| | ନିଯୁକ୍ତିପ୍ରାପ୍ତ ଅଧିକାରୀ | ଅପିଲ ପ୍ରାଧିକାରୀ | ପୁନଃ ନିରୀକ୍ଷଣ ପ୍ରାଧିକାରୀ |
| ବାଣିଜ୍ୟ ଏବଂ ପରିବହନ(ପରିବହନ) | ଆରଟିଓ/ଅତିରିକ୍ତ ଆରଟିଓ/ମୋଟରଯାନ ନିରୀକ୍ଷକ | ଆଞ୍ଚଳିକ ପରିବହନ ଅଧିକାରୀ/ଉପଜିଲ୍ଲାପାଳ | ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆରଟିଏ[7] |
| ବାଣିଜ୍ୟ କର | ବାଣିଜ୍ୟ କର ଉପାୟୁକ୍ତ/ବାଣିଜ୍ୟ କର ସହକାରୀ ଆୟୁକ୍ତ | ରେଞ୍ଜ ଦାୟିତ୍ୱରେ ଥିବା ବାଣିଜ୍ୟ କର ଯୁଗ୍ମ ଆୟୁକ୍ତ | ଅତିରିକ୍ତ ବାଣିଜ୍ୟ କର ଆୟୁକ୍ତ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ପଞ୍ଜୀକରଣ) | ଜିଲ୍ଲା ଉପ-ନିବନ୍ଧକ/ ଉପ ନିବନ୍ଧକ | ଅତିରିକ୍ତ ଜିଲ୍ଲାପାଳ ତଥା ପଞ୍ଜୀକରଣ ଅଧିକାରୀ | ପଞ୍ଜୀକରଣ ମହା ନିରୀକ୍ଷକ |
| ରାଜ୍ୟ ଅବକାରୀ | ଅବକାରୀ ଅଧିକ୍ଷକ/ଜିଲ୍ଲାପାଳ | ଅବକାରୀ କମିଶନର | ପ୍ରମୁଖ ଶାସନ ସଚିବ/ ଶାସନ ସଚିବ |

## ସମୀକ୍ଷା ସିଦ୍ଧାନ୍ତ

ଅଡିଟ୍ ଓଆର୍‌ଟିପିଏସ୍ ଅଧିନିୟମ ଅଧିନରେ ଯୋଗାଇଥିବା ସେବା ସମ୍ବନ୍ଧୀୟ ନଥିପତ୍ରର ନମୁନା ଯାଞ୍ଚ କରିଥିଲା । ଓଆର୍‌ଟିପିଏସ୍ ଅଧିନିୟମ ଓ ନିୟମାବଳୀର ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟାନ୍ୱୟନରେ କେତେଗୁଡ଼ିଏ ଅଭାବ ପରିଲକ୍ଷିତ ହୋଇଥିଲା ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରାଯାଇଛି:

## 7.1.3 ଅଧିନିୟମ ଅଧିନରେ ଥିବା ଅଧିକାର ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଜଣାଇବାରେ ଅଭାବ

**ବିଭାଗଗୁଡ଼ିକ ଲୋକ ସେବା ସମ୍ବନ୍ଧିତ ଆବଶ୍ୟକୀୟ ତଥ୍ୟ ଯୋଗାଇପାରି ନଥିଲେ ।**

ଓଆର୍‌ଟିପିଏସ୍ ନିୟମାବଳୀ, 2012 ଅନୁସାରେ ନିଯୁକ୍ତିପ୍ରାପ୍ତ ଅଧିକାରୀ ସେବା ପ୍ରାପ୍ତିର ଅଧିକାର, ଅଧିସୂଚିତ ସେବା, ସେବା ଯୋଗାଇବାର ସମୟସୀମା, ନିଯୁକ୍ତିପ୍ରାପ୍ତ ଅଧିକାରୀ, ଅପିଲ ପ୍ରାଧିକାରୀ ଏବଂ ଆବଶ୍ୟକୀୟ ସୂଚନା ଗୁଡିକ ବିଷୟରେ ସର୍ବସାଧାରଣଙ୍କର ସୁବିଧା ପାଇଁ କାର୍ଯ୍ୟାଳୟରେ ଥିବା ନୋଟିସ ବୋର୍ଡରେ ଓଡିଆ ଭାଷାରେ ପ୍ରଦର୍ଶନ କରିବେ । ସେହିପରି, ବିଭାଗୀୟ ଶାସନ ସଚିବମାନେ ସର୍ବସାଧାରଣଙ୍କ ଗୋଚରାର୍ଥେ ଅଧିସୂଚିତ ସେବା ଏବଂ ସେବା ଯୋଗାଇବାର ସମୟସୀମା ସଂକ୍ରାନ୍ତିୟ ସୂଚନା ଓଡିଆ ଭାଷାରେ ନିଜ ବିଭାଗର ସରକାରୀ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ କରାଇବେ । ପୁନଶ୍ଚ, ଦରଖାସ୍ତ ଗ୍ରହଣ ସମୟରେ ଯଦି ଦରଖାସ୍ତଟି ସବୁମତେ ସଂପୂର୍ଣ୍ଣ

6 ବଲାଙ୍ଗୀର, ଦେଓଗଡ଼, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, ମୟୁରଭଞ୍ଜ ଓ ପୁରୀ ।

7 ଆଞ୍ଚଳିକ ପରିବହନ ପ୍ରାଧିକରଣ ।

ହୋଇ ଦାଖଲ ହୋଇଥିବ ତେବେ ପ୍ରଦତ୍ତ ସମୟ ସୀମା ଉଲ୍ଲେଖ କରି ବିହିତ ଫର୍ମାଟ୍‌ରେ ପ୍ରାପ୍ତି ସ୍ୱୀକାର ରସିଦ ପ୍ରଦାନ କରାଯିବ । ଯଦି ଆବେଦନ ପତ୍ର ସହିତ କୌଣସି ଆବଶ୍ୟକୀୟ କାଗଜ ପତ୍ର ସଂଲଗ୍ନ କରାଯାଇନଥିବ ତେବେ ପ୍ରାପ୍ତି ସ୍ୱୀକାର ରସିଦରେ ତାହା ପ୍ରାଞ୍ଜଳ ଭାବରେ ଉଲ୍ଲେଖ କରିବା ଆବଶ୍ୟକ । ଯେଉଁ କ୍ଷେତ୍ରରେ ସେବା ପ୍ରତ୍ୟାଖ୍ୟାନ ବା ବିଳମ୍ବ ହୁଏ ତେବେ ନିଯୁକ୍ତିପ୍ରାପ୍ତ ଅଧିକାରୀ ଏସବୁର କାରଣ, କେତେଦିନ ମଧ୍ୟରେ ଏଭଳି ପ୍ରତ୍ୟାଖ୍ୟାନ ବା ବିଳମ୍ବର କାରଣ ବିରୋଧରେ ଅପିଲ କରାଯାଇପାରିବ ଓ ସଂପୃକ୍ତ ପ୍ରାଧିକାରୀଙ୍କ ଯୋଗାଯୋଗ ସଂକ୍ରାନ୍ତିୟ ସମସ୍ତ ତଥ୍ୟ ସଂପୃକ୍ତ ବ୍ୟକ୍ତିଙ୍କୁ ବା ସେବା ଚାହୁଁଥିବା ଆବେଦନକାରୀଙ୍କୁ ଜଣାଇବେ ।

ନମୁନା ଯାଞ୍ଚ୍ ହୋଇଥିବା ଚାରିଗୋଟି ବିଭାଗର ୟୁନିଟ ଗୁଡିକର ନଥିପତ୍ରର ସତ୍ୟାପନରୁ ଅଡିଟ୍ ଦେଖିଲା ଯେ :

- ଚାରୋଟି ବିଭାଗ ମଧ୍ୟରୁ ଅବକାରୀ, ବାଣିଜ୍ୟକର ଏବଂ ବାଣିଜ୍ୟ ଓ ପରିବହନ (ପରିବହନ)ବିଭାଗ ଲୋକସେବା ଗୁଡିକର ସୂଚନା ଓଡିଆ ଭାଷାରେ ସଂପୃକ୍ତ ବିଭାଗର ସରକାରୀ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ କରିନଥିଲେ । ସେବାର ପ୍ରଦତ୍ତ ସମସ୍ତ ସୀମା ମଧ୍ୟ ପ୍ରଦର୍ଶନ କରିନଥିଲେ । ଆର୍‌ଏଣ୍ଡ୍‌ଡିଏମ୍ ବିଭାଗ 2013 ମସିହାରେ ଅଧିସୂଚିତ ଚାରିଟି ସେବାର ପ୍ରଦର୍ଶନ କରିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ, 2015 ମସିହାରେ ମିଶାଯାଇଥିବା ଗୋଟିଏ ସେବା ଅଡିଟ୍ ଉଲ୍ଲେଖ କଲାପରେ ଅଗଷ୍ଟ 2017 ରେ ପ୍ରଦର୍ଶନ କରିଥିଲା ।

- ଲୋକସେବା ଅଧିକାର ସଂକ୍ରାନ୍ତିୟ ସୂଚନା ଓଡିଆ ଭାଷାରେ ନୋଟିସ ବୋର୍ଡରେ ଅବକାରୀ ବିଭାଗ ଏବଂ ସିଏଣ୍ଡ୍‌ଟି(ଟି) ବିଭାଗର ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇନଥିଲ । ସେହିପରି, 32ଟି ଅଧିସୂଚିତ ସେବାଗୁଡିକ ମଧ୍ୟରୁ 13 ଟି ସେବାର ପ୍ରଦର୍ଶନ କଟକ ଆର୍‌ଟିଓଙ୍କ ଦ୍ୱାରା କରାଯାଇଥିଲା ।

- ପ୍ରାପ୍ତି ସ୍ୱୀକାର ରସିଦ ନମୁନା ଯାଞ୍ଚ ହୋଇଥିବା କୌଣସି ୟୁନିଟ୍ ଦ୍ୱାରା ଦରଖାସ୍ତକାରୀଙ୍କୁ ପ୍ରଦାନ କରାଯାଇନଥିଲା ।

- ସେବା ପାଇଁ ଆବେଦନ ପତ୍ରରେ ପରିଲକ୍ଷିତ ତ୍ରୁଟି ଆବେଦନକାରୀଙ୍କୁ ସୂଚାଇ ଦିଆଯାଇନଥିଲା ।

ଏହା ସର୍ବସାଧାରଣଙ୍କୁ ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାର ସୁବିଧା ଉପଭୋଗ କରିବାରୁ ବଞ୍ଚିତ କରିଥିଲା । ପ୍ରାପ୍ତି ସ୍ୱୀକାର ରସିଦ ଜାରି ନକରିବାରୁ ଆବେଦନକାରୀମାନେ ସେବା ପାଇବାର ସମୟସୀମା ସଂକ୍ରାନ୍ତରେ ଅଜଣା ହୋଇ ରହିଯାଇଥିଲେ ।

ଏହାର ଉତ୍ତରରେ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ କହିଥିଲେ ଯେ ଅଧିନିୟମ ଅଧିନସ୍ଥ ଅଧିକାର ସଂକ୍ରାନ୍ତିୟ ଆବଶ୍ୟକୀୟ ସୂଚନା ଏବଂ ପ୍ରାପ୍ତି ସ୍ୱୀକାର ରସିଦ୍, ପ୍ରଦାନ କରିବାକୁ ପଦକ୍ଷେପ ନେବାପାଇଁ ସମସ୍ତ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।

ଆର ଏଣ୍ଡ୍ ଡିଏମ୍ ବିଭାଗ କହିଥିଲେ ଯେ ସମସ୍ତ ପଞ୍ଜିକରଣ ସେବା ସଂକ୍ରାନ୍ତୀୟ ତଥ୍ୟ ବିଭାଗର ୱେବସାଇଟ୍ ରେ ଓଡିଆ ଭାଷାରେ ଅପଲୋଡ କରାଯାଇଛି ଏବଂ ନିଯୁକ୍ତି ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର ରସିଦ ପ୍ରଦାନ କରିବା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ଏବଂ ଆଇଜିଆର୍, ଓଡିଶାଙ୍କୁ ଆଦେଶ ଦିଆଯାଇଛି ।

ଅନ୍ୟ ବିଭାଗମାନେ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

### 7.1.4 ସେବା ଯୋଗାଇବାରେ ବିଳମ୍ବ

**ଓଆର୍‌ଟିପିଏସ୍ ଅଧିନରେ ଥିବା ଲୋକସେବା ପାଇବାର ସମୟ ସୀମା ଜନସାଧାରଙ୍କ ପାଖରେ ପହଞ୍ଚିନଥିଲା ଏବଂ ସେବା ପ୍ରଦାନରେ ବିଳମ୍ବ ହୋଇଥିଲା ।**

ବିଭାଗ ଗୁଡ଼ିକ ଦ୍ୱାରା ସେବା ଯୋଗାଇବାର ସମୟସୀମା ଜାନୁଆରୀ 2013 ଓ ଜୁନ୍ 2015 ରେ ଓଆର୍‌ଟିପିଏସ୍ ଅଧିନିୟମ 2012 ଧାରା 3 ଅନୁଯାୟୀ ସାଧାରଣ ପ୍ରଶାସନ ବିଭାଗ ଅଧିସୂଚିତ କରିଥିଲା । ସେବାଗୁଡ଼ିକ ଯୋଗାଇବାର ସମୟ ସୀମା ତିନି ଦିନରୁ 60 ଦିନ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା । ପୁନଶ୍ଚ, ଓଆର୍‌ଟିପିଏସ୍ ନିୟମାବଳୀ, 2012 ର ନିୟମ 5 ଅନୁଯାୟୀ ଯଦି କୌଣସି ସେବା ପ୍ରତ୍ୟାଖ୍ୟାନ ବା ବିଳମ୍ବିତ ହୋଇଥାଏ, ତେବେ ନିଯୁକ୍ତିପ୍ରାପ୍ତ ଅଧିକାରୀ ଉପଯୁକ୍ତ ବ୍ୟକ୍ତିଙ୍କୁ କିମ୍ବା ସେବା ଚାହୁଁଥିବା ଆବେଦନକାରୀଙ୍କୁ ତାହା ଜଣାଇଦେବେ । ଯଦି ଯଥେଷ୍ଟ ଯୁକ୍ତିଯୁକ୍ତ କାରଣ ନଥାଇ ନିଯୁକ୍ତିପ୍ରାପ୍ତ ଅଧିକାରୀ ସେବା ଯୋଗାଇବାରେ ବିଫଳ ହେବେ, ସେହି

କ୍ଷେତ୍ରରେ ପୁନଃନିରୀକ୍ଷଣ ପ୍ରାଧିକାରୀ (ଆରଏ) ସର୍ବାଧିକ 5,000 ଟଙ୍କା ଜୋରିମାନା ଆରୋପଣ କରିପାରିବେ । ଆଉ ଯଦି ନିଯୁକ୍ତିପ୍ରାପ୍ତ ଅଧିକାରୀ ସେବା ଯୋଗାଇବାରେ ବିଳମ୍ବ କରିବେ ତେବେ ଦିନ ପିଛା ସର୍ବାଧିକ 250 ଟଙ୍କା ହିସାବରେ ଜୋରିମାନା କରିପାରିବେ । ସେହିପରି, ଯେଉଁ କ୍ଷେତ୍ରରେ ଯଥେଷ୍ଟ ଓ ଯୁକ୍ତିଯୁକ୍ତ କାରଣ ନଥାଇ ଦିଆଯାଇଥିବା ସମୟ ମଧ୍ୟରେ ଅପିଲ ପ୍ରାଧିକାରୀ ଆବେଦନର ଫଏସଲା କରିବାରେ ଅସମର୍ଥ ହେବେ ତେବେ ପୁନଃ ନିରୀକ୍ଷଣ ପ୍ରାଧିକାରୀ ସର୍ବାଧିକ 5,000 ଟଙ୍କା ଅପିଲ୍ ପ୍ରାଧିକାରୀଙ୍କ ଉପରେ ଜୋରିମାନା କରିପାରିବେ । ପୁନଶ୍ଚ, ନିଯୁକ୍ତିପ୍ରାପ୍ତ ଅଧିକାରୀ, ଅପିଲ୍ ପ୍ରାଧିକାରୀ ତଥା ସଂପୃକ୍ତ ଅଧସ୍ତନ କର୍ମଚାରୀଙ୍କ ଉପରେ ଏହି ଅଧିନିୟମ ଅନ୍ତର୍ଗତ ଜୋରିମାନା କେଉଁ ଅନୁପାତରେ ଲାଗୁହେବ ତାହା ପୁନଃ ନିରୀକ୍ଷଣ ପ୍ରାଧିକାରୀ ସ୍ଥିର କରିବେ ।

ନମୁନା ୟୁନିଟ ଗୁଡ଼ିକର ନଥିପତ୍ର ଯାଞ୍ଚ୍ ବେଳେ ଏହା ଦେଖାଗଲା ଯେ:

- ପ୍ରଦତ୍ତ ସମୟସୀମା ମଧ୍ୟରେ ସେବାଗୁଡ଼ିକ ପ୍ରଦାନ କରାଯାଇ ନଥିଲା, ଯାହା ଅନୁଚ୍ଛେଦ 7.1.4.1, 7.1.4.2, 7.1.4.3 ଏବଂ 7.1.4.4 ରେ ଉଲ୍ଲେଖ କରାଯାଇଛି ।
- ସେବା ଯୋଗାଇବାରେ ବିଳମ୍ବର କାରଣ, କେତେ ଦିନ ମଧ୍ୟରେ ଏଭଳି ବିଳମ୍ବ ବିରୋଧରେ ଅପିଲ୍ କରାଯାଇପାରିବ, ଇତ୍ୟାଦି ଆବେଦନକାରୀଙ୍କୁ ଜଣାଇ ଦିଆଯାଇ ନଥିଲା ।
- ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ସଂପୃକ୍ତ ଅପିଲ୍ ପ୍ରାଧିକାରୀଙ୍କ ଯୋଗାଯୋଗ ସଂପର୍କିତ ସମସ୍ତ ତଥ୍ୟ ଜଣାଇ ଦିଆଯାଇ ନଥିଲା ।
- ଅବକାରୀ ଓ ପରିବହନ ବିଭାଗ ଦ୍ୱାରା ସମୟ ସୀମା ସମ୍ବନ୍ଧୀୟ ତଥ୍ୟ ନୋଟିସ୍ ବୋର୍ଡରେ ପ୍ରଦର୍ଶନ କରାଯାଇନଥିବାରୁ ସାଧାରଣ ଜନତା କୌଣସି ଅଭିଯୋଗ ଅପିଲ୍ ପ୍ରାଧିକାରୀ ଏବଂ ପୁନଃନିରୀକ୍ଷଣ ପ୍ରାଧିକାରୀଙ୍କ ପାଖରେ ଆବେଦନ କରି ନଥିଲେ ।
- କୌଣସି ବିଭାଗ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସେମାନଙ୍କ ଅଧିକାରକୁ ବିଜ୍ଞାପନ କିମ୍ବା ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇ ନଥିଲା ।
- ସେବା ଯୋଗାଇବାରେ ବିଳମ୍ବ ପାଇଁ ନିୟମାବଳୀରେ ବିହିତ ଅର୍ଥଦଣ୍ଡ କୌଣସି ଅଧସ୍ତନ କର୍ମଚାରୀ/ ଡିଓ/ ଏଏ ଙ୍କ ଉପରେ ଆରୋପଣ କରାଯାଇ ନଥିଲା ।

ଏହାଫଳରେ, ସମୟାନୁସାରେ ଲୋକ ସେବା ଯୋଗାଇବାରେ ନିଶ୍ଚିତତାର ଉଦ୍ଦେଶ୍ୟ ଭଙ୍ଗ ହୋଇଥିଲା । ସାମାନ୍ୟତମ ବିଳମ୍ବ କିମ୍ବା କାର୍ଯ୍ୟାନ୍ୱୟନ ଅଭିଳଷିତ ସ୍ତରରେ କମ୍‌ତି, ନାଗରିକଙ୍କ ଉପରେ ମଧ୍ୟ ପ୍ରବଳ ପ୍ରଭାବ ପକାଇଥାଏ ।

ଅଧିସୂଚିତ ସେବାଗୁଡ଼ିକର ଯୋଗାଣରେ ବିଳମ୍ବ (ବିଭାଗ ୱାରୀ ଏବଂ ସେବା ନିମିତ୍ତ, ଆବେଦନଗୁଡ଼ିକର ଫଏସଲାରେ ବିଳମ୍ବ (ବିଭାଗ ଓ ସେବା ୱାରୀ) ନିମ୍ନ ସାରଣୀରେ ପ୍ରଦତ୍ତ କରାଯାଇଛି:

### 7.1.4.1 ଅବକାରୀ ବିଭାଗ

| ଅଧିସୂଚିତ ସେବା | ଫଏସଲା ହୋଇଥିବା ଆବେଦନ | ବିଳମ୍ବରେ ଫଏସଲା ହୋଇଥିବା ଆବେଦନ | ବିଳମ୍ବରେ ଫଏସଲାର ପ୍ରତିଶତ | ବିଳମ୍ବର ସୀମା (ଦିନ ହିସାବରେ) | | | | |
|---|---|---|---|---|---|---|---|---|
| | | | | 1-6 | 7-15 | 16-30 | 31-60 | 60 ରୁ ଊର୍ଦ୍ଧ୍ୱ |
| ଜିଲ୍ଲା ସ୍ତରରେ ଠିପିଖୋଲା ମଦ ଲାଇସେନ୍ସ ମଞ୍ଜୁରୀ ପାଇଁ ପ୍ରସ୍ତାବ ପ୍ରକ୍ରିୟା | 33 | 25 | 76 | 1 | 3 | 4 | 8 | 9 |
| ଠିପିଖୋଲା ମଦ ଲାଇସେନ୍ସ ମଞ୍ଜୁରୀ ପାଇଁ ଅବକାରୀ କମିଶନରଙ୍କ ସୁପାରିଶ (କମିଶନର ସ୍ତରରେ) | 85 | 30 | 35 | 6 | 4 | 6 | 8 | 6 |
| **ମୋଟ** | **118** | **55** | | **7** | **7** | 10 | 16 | **15** |

**ଉତ୍ସ:ଅବକାରୀ ବିଭାଗର ନଥିପତ୍ର**

ଏହି ପରିପ୍ରେକ୍ଷୀରେ ଅଡିଟ୍ ଦେଖିଲା ଯେ:

- ଆଠଟି ନମୁନା ୟୁନିଟ[8]ରୁ ପାଞ୍ଚଟି ୟୁନିଟ[9]ରେ ସେବା ପ୍ରଦାନ ବିଳମ୍ବ ହୋଇଥିଲା ।
- ଜିଲ୍ଲାସ୍ତରରେ ମଦ ଲାଇସେନ୍ସ ମଞ୍ଜୁରୀ ପ୍ରଦାନରେ ବିଳମ୍ବର ହାର ଅଭାବନୀୟ 76 ପ୍ରତିଶତ ଥିଲା ।
- 30 ଦିନରୁ ଅଧିକ ବିଳମ୍ବର ହାର 68 ପ୍ରତିଶତରୁ ଅଧିକ ମାମଲାରେ ଥିଲା ।

ଅବକାରୀ ବିଭାଗ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନର ଆରମ୍ଭ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

### 7.1.4.2 ଆର୍ ଏଣ୍ଡ ଡି ଏମ୍ ବିଭାଗର ପଞ୍ଜୀକରଣ ଅଙ୍ଗ

| ଅଧିସୂଚିତ ସେବା | ଦରଖାସ୍ତ ଫଏସଲା ହେବା | ଦରଖାସ୍ତ ଫଏସଲାରେ ବିଳମ୍ବ | ନିଷ୍କାସନରେ ଫଏସଲାରେ ପ୍ରତିଶତ | ବିଳମ୍ବର ସୀମା (ଦିନ ହିସାବରେ) | | | | |
|---|---|---|---|---|---|---|---|---|
| | | | | 1-6 | 7-15 | 16-30 | 31-60 | 60 ରୁ ଊର୍ଦ୍ଧ୍ୱ |
| ଦସ୍ତାବିଜର ପଞ୍ଜିକରଣ | 2,35,837 | 2,11,663 | 90 | 1,08,530 | 58,405 | 26,270 | 9,614 | 8,844 |
| ସଂପତ୍ତି ଉପରେ ଆଇନ୍ ଗତ ଦାବି ପ୍ରମାଣପତ୍ର | 2,63,116 | 5,078 | 2 | 2,631 | 1,069 | 524 | 395 | 459 |
| ପ୍ରମାଣିକୃତ ନକଲ ଦେବା | 64,076 | 2,528 | 4 | 480 | 499 | 377 | 721 | 451 |
| **ମୋଟ** | **5,63,029** | **2,19,269** | | **1,11,641** | **59,973** | **27,171** | **10,730** | **9,754** |

**ଉତ୍ସ:ଆରଏଣ୍ଡଏମ୍ ବିଭାଗର ନଥିପତ୍ର**

ଉପରୋକ୍ତ ସାରଣୀରୁ ଅଡିଟ୍ ଦେଖିଲା ଯେ:

- ଦସ୍ତାବିଜ ପଞ୍ଜୀକରଣ ବର୍ଗରେ ସର୍ବାଧିକ ବିଳମ୍ବ ଘଟିଥିଲା ଯାହାକି ମୋଟ ପଞ୍ଜୀକୃତ ଦସ୍ତାବିଜର 90 ପ୍ରତିଶତ ଥିଲା ।
- ଅଧିକାଂଶ ବିଳମ୍ବର ସ୍ତର 1 ରୁ 6 ଦିନ ମଧ୍ୟରେ ଥିଲା, ଯାହାକି ନିବାରଣ କରାଯାଇ ପାରିଥାନ୍ତା ।

ସରକାର, ଆରଏଣ୍ଡଏମ୍ ବିଭାଗ କହିଥିଲେ ଯେ ଅଧିସୂଚିତ ସେବାଗୁଡ଼ିକ ସମୟାନୁସାରେ ପ୍ରଦାନ କରିବା ପାଇଁ ସରକାରୀ ଅଫିସ୍‌ମାନଙ୍କରେ ସ୍ୱୟଂଚାଳିତ ଓ କମ୍ପ୍ୟୁଟରୀକରଣ ଜରିଆରେ ଯଥୋଚିତ ପଦକ୍ଷେପ ନିଆଯାଉଛି । ପୁନଶ୍ଚ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବା ଯୋଗାଇବାର ନିଶ୍ଚିତ କରିବା ପାଇଁ ମାର୍ଗଦର୍ଶିକା ମଧ୍ୟ ଜାରିକରାଯାଇଛି ।

### 7.1.4.3 ବିତ୍ତ ବିଭାଗର ବାଣିଜ୍ୟ କର ଅଙ୍ଗ

| ଅଧିସୂଚିତ ସେବା | ଦରଖାସ୍ତ ଫଏସଲା ହେବା | ବିଳମ୍ବରେ ଫଏସଲା ହୋଇଥିବା ଦରଖାସ୍ତ | ବିଳମ୍ବିତ ଫଏସଲାର ପ୍ରତିଶତ | ବିଳମ୍ବର ସୀମା ( ଦିନ ହିସାବରେ) | | | | |
|---|---|---|---|---|---|---|---|---|
| | | | | 1-6 | 7-15 | 16-30 | 31-60 | 60 ରୁ ଊର୍ଦ୍ଧ୍ୱ |
| ନା ଦାବୀ ପ୍ରମାଣପତ୍ର | 3,308 | 725 | 22 | 256 | 185 | 109 | 85 | 90 |
| ପଞ୍ଜିକରଣ ପ୍ରମାଣପତ୍ର (ଭାଟ୍, କେନ୍ଦ୍ରୀୟ ବିକ୍ରିକର) | 39,436 | 7,311 | 19 | 2,196 | 1,819 | 1,448 | 930 | 918 |
| କର ଅନାଦାୟ ପ୍ରମାଣପତ୍ର | 17,593 | 3,764 | 21 | 1,672 | 1,063 | 489 | 281 | 259 |
| ପଞ୍ଜିକରଣ (ପ୍ରବେଶ କର) | 10,054 | 1,441 | 14 | 456 | 365 | 314 | 169 | 137 |
| ପଞ୍ଜିକରଣ (ପ୍ରବେଶ କର) | 1,08,486 | 4,664 | 4 | 291 | 329 | 589 | 729 | 2,726 |
| **ମୋଟ** | **1,78,877** | **17,905** | | **4,871** | **3,761** | **2,949** | **2,194** | **4,130** |

**ଉତ୍ସ: ବିତ୍ତ ବିଭାଗର ବାଣିଜ୍ୟକର ଅଙ୍ଗର ନଥିପତ୍ର**

8 ବଲାଙ୍ଗୀର, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, ମୟୁରଭଞ୍ଜ ଓ ପୁରୀ ।

9 ବଲାଙ୍ଗୀର, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା ଓ ପୁରୀ ।

ଅଡିଟ୍ ଉକ୍ତ ସାରଣୀରୁ ଜାଣିବାକୁ ପାଇଲା ଯେ :

- ଲୋକସେବା ପ୍ରଦାନରେ ବିଳମ୍ବର ପ୍ରତିଶତ 4 ରୁ22 ମଧ୍ୟରେ ଥିଲା ଯାହା ସେବା ପ୍ରଦାନରେ ବିଳମ୍ବର ଏକ ନିୟମିତ ଢାଞ୍ଚା ଥିବାର ଦର୍ଶାଉଥିଲା ।

- '60 ଦିନରୁ ଊର୍ଦ୍ଧ୍ୱ' ବିଳମ୍ବ ବର୍ଗରେ ଫଏସଲା ହୋଇଥିବା ଆବେଦନର ସଂଖ୍ୟା 4,130 ଥିଲା । ଏହା ସୂଚିତ କରୁଛି ଯେ ନିଯୁକ୍ତିପ୍ରାପ୍ତ ଅଧିକାରୀ ଓ ଉଚ୍ଚ ଅଧିକାରୀମାନଙ୍କର ତତ୍ତ୍ୱାବଧାନ ନିମ୍ନ ମାନର ଥିଲା ।

ବିତ୍ତ ବିଭାଗର ବାଣିଜ୍ୟ କର ଅଙ୍ଗ ଉତ୍ତର ଦେଲେ  ଯେ, ସମସ୍ତ ସେବା କେବଳ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଯାଉଛି । ଉତ୍ତରଟି ଆଦୌ ଗ୍ରହଣୀୟ ନୁହେଁ, ଯେହେତୁ ବିଳମ୍ବରେ ସେବା ପ୍ରଦାନ ନିୟମିତ ଢାଞ୍ଚାରେ ଚାଲି ଆସୁଥିଲା ।

### 7.1.4.4 ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ

| ଅଧିସୂଚିତ ସେବା | ଫଏସଲା ହୋଇଥିବା ଆବେଦନ ପତ୍ର | ବିଳମ୍ବରେ ଫଏସଲା ହୋଇଥିବା ଆବେଦନ ପତ୍ର | ବିଳମ୍ବିତ ଫଏସଲାର ପ୍ରତିଶତ | ବିଳମ୍ବର ସୀମା (ଦିନ ହିସାବରେ) | | | | |
|---|---|---|---|---|---|---|---|---|
| | | | | 1-6 | 7-15 | 16-30 | 31-60 | 60 ରୁ ଊର୍ଦ୍ଧ୍ୱ |
| ଯାନ ପଞ୍ଜୀକରଣ | 8,81,132 | 3,98,338 | 45 | 2,42,949 | 1,08,760 | 29,741 | 10,890 | 5,998 |
| ଡ୍ରାଇଭିଙ୍ଗ୍ ଲାଇସେନ୍ସ ପ୍ରଦାନ (ଶିକ୍ଷାର୍ଥୀ) | 7,11,962 | 56,754 | 8 | 50,069 | 4,313 | 1,214 | 724 | 434 |
| ଡ୍ରାଇଭିଙ୍ଗ୍ ଲାଇସେନ୍ସ ପ୍ରଦାନ | 3,74,915 | 28,853 | 8 | 24,913 | 1,911 | 1,021 | 674 | 334 |
| ଦୋହରା ଡ୍ରାଇଭିଙ୍ଗ୍ ଲାଇସେନ୍ସ ପ୍ରଦାନ | 26,881 | 2,211 | 8 | 1,415 | 411 | 200 | 126 | 59 |
| ମୋଟ | **19,94,890** | **4,86,156** | | **3,19,346** | **1,15,395** | **32,176** | **12,414** | **6,825** |

**ଉତ୍ସ: ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗର ନଥିପତ୍ର**

ଅଡିଟ୍ ବିଭାଗୀୟ ଅନ୍ୟ ଡାଟାବେସ୍ ଯଥା- 'ବାହନ' ଓ 'ସାରଥି'ରେ ଉପଲବ୍ଧ ଥିବା 4ଟି ଲୋକସେବାର ବିଶ୍ଳେଷଣ କଲା । ଅଡିଟ୍ ଜାଣିବାକୁ ପାଇଲା ଯେ ଯାନ ପଞ୍ଜୀକରଣ ସେବାରେ ବିଳମ୍ବ ସର୍ବାଧିକ 45 ପ୍ରତିଶତ ହୋଇଥିଲା । ଏହି ସେବା ଯୋଗାଣ କ୍ଷେତ୍ରରେ ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କର ନିୟନ୍ତ୍ରଣ ନଥିଲା ଓ ଉଚ୍ଚ ଅଧିକାରୀ ମାନଙ୍କ ଦ୍ୱାରା କୌଣସି ପୁନଃନିରୀକ୍ଷଣ କରାଯାଇ ନଥିଲା ।

ବାଣିଜ୍ୟ ଓ ପରିବହନ ବିଭାଗ  ତରଫରୁ  ସରକାର ଉତ୍ତର ଦେଲେ ଯେ, ପ୍ରାପ୍ତି ସ୍ୱୀକାର ପତ୍ର ଦେବା ପାଇଁ ଆଦେଶ ପ୍ରଦାନ କରାଯାଇଅଛି ଏବଂ ପ୍ରତି ଜନସେବାର ସମୟସୀମା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ ବୋର୍ଡରେ ଓ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶିତ କରିବା ପାଇଁ ଆଦେଶ ଦିଆଯାଇଛି ଯଦ୍ୱାରା ସର୍ବସାଧାରଣ ବିଭାଗୀୟ ପ୍ରାଧିକାରୀଙ୍କ ନିକଟରେ ଅପିଲ କରିବା ପାଇଁ ସୁଯୋଗ ପାଇ ପାରିବେ ।

## 7.1.5 ସେବା ସମ୍ବନ୍ଧୀୟ ନଥିପତ୍ର ଓ ଅପିଲ୍ କେସ୍ ରେଜିଷ୍ଟର ଅନୁରକ୍ଷଣ ନହେବା

**ଲୋକସେବା ଯୋଗାଣ ସମ୍ବନ୍ଧୀୟ ନଥିପତ୍ର ଉପଲବ୍ଧ ନଥିବା ।**

ଓଡିଶା ଲୋକସେବା ଅଧିକାର ଅଧିନିୟମ, 2012 ର ନିୟମ 17, ଅନୁସାରେ ପ୍ରତି ନିଯୁକ୍ତିପ୍ରାପ୍ତ ଅଧିକାରୀ ସମସ୍ତ ଲୋକସେବା ପାଇଁ ଆବେଦନ କରାଯାଇଥିବାର ନଥିପତ୍ର ନିର୍ଦ୍ଧାରିତ ଫର୍ମରେ ଅନୁରକ୍ଷଣ କରିବେ । ସେହିପରି, ପ୍ରତି ପୁନଃ ଅପିଲ ପ୍ରାଧିକାରୀ ସମସ୍ତ ଅପିଲ୍ କେସ୍‌ର ପ୍ରାପ୍ତି ଓ ଫଇସଲା ସମ୍ବନ୍ଧୀୟ ନଥିପତ୍ର ନିର୍ଦ୍ଧାରିତ ଫର୍ମରେ ଅନୁରକ୍ଷଣ କରିବେ ।

ଅଡିଟ୍ ଚାରିଟି ବିଭାଗ ର ଫାଇଲ୍ ସୂଚୀ ରେଜିଷ୍ଟର ଯାଞ୍ଚ କରି ଜାଣିବାକୁ ପାଇଲା ଯେ-:

- ଆବେଦନ ଓ ଫଇସଲା ପାଇଁ ବିନିର୍ଦ୍ଦିଷ୍ଟ ନଥିପତ୍ର କୌଣସିଟି ବିଭାଗ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଅନୁରକ୍ଷଣ କରାଯାଇ ନଥିଲା ।

- ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ ଓ ଅବକାରୀ ବିଭାଗ ର ପୁନଃ ନିରୀକ୍ଷଣ ପ୍ରାଧିକାରୀମାନେ ଅପିଲ୍ କେସ୍‌ର ପ୍ରାପ୍ତି ଓ ଫଇସଲା ସମ୍ବନ୍ଧୀତ ନିର୍ଦ୍ଧାରିତ ରେଜିଷ୍ଟରର ଅନୁରକ୍ଷଣ କରିନଥିଲେ ।

- ବାଣିଜ୍ୟ କର ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପଞ୍ଜୀକରଣ ଅଙ୍ଗ ଉକ୍ତ ଅପିଲ କେସ୍ ସମ୍ବନ୍ଧୀୟ ରେଜିଷ୍ଟର ଅନୁରକ୍ଷଣ କରିଥିଲେ ମଧ ତାହା ତଥ୍ୟ ହୀନ ଥିଲା ଯେହେତୁ କୌଣସି ଗୋଟିଏ ବି ଓଡିଶା ଲୋକସେବା ଅଧିକାର ଆଇନ ସମ୍ବନ୍ଧୀୟ ଆବେଦନ ପତ୍ର ସେଥିରେ ଦରଜ ହୋଇନଥିଲା ।

- ଅପିଲ୍ କେସ୍ ଗୁଡ଼ିକର ସଂଖ୍ୟା ଓ ବର୍ତ୍ତମାନର ଅବସ୍ଥା ଆକଳନ କରାଯାଇ ପାରିନଥିଲା, ଯେହେତୁ ତାହା କେନ୍ଦ୍ରୀୟ ପର୍ଯ୍ୟାଲୋଚନା ପଦ୍ଧତି (ସିଏମ୍ଏସ୍) ଜରିଆରେ ପ୍ରାପ୍ତ ହୋଇନଥିଲା କିମ୍ବା ଅପିଲ୍ ରେଜିଷ୍ଟର ଗୁଡ଼ିକର ଅନୁରକ୍ଷଣ କରାଯାଇନଥିଲା ।

ଏହିପରି, ନଥିପତ୍ରର ଅନୁରକ୍ଷଣ ନ କରିବା ଦ୍ୱାରା ଗୃହୀତ ଓ ପ୍ରତ୍ୟାକ୍ଷାତ ହୋଇଥିବା ଆବେଦନ ପତ୍ରଗୁଡିକର ସତ୍ୟାପନ ଯାଞ୍ଚ କରାଯାଇପାରିନଥିଲା । ପୁନଃ ନିରୀକ୍ଷଣ ପ୍ରାଧିକାରୀ ମାନଙ୍କ ଆଦେଶ ପତ୍ର ଗୁଡିକର ତାରିଖ ଓ ସବିଶେଷ ତଥ୍ୟ ଗୁଡ଼ିକ ମଧ ସତ୍ୟାପନ ସାପେକ୍ଷ ନଥିଲା ।

ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ସରକାର ଉତ୍ତର ଦେଲେ ଯେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କୁ ସମସ୍ତ ଲୋକସେବାର ତଥ୍ୟ ଫର୍ମ-3 ଓ ଅପିଲ କେସ୍ ସମ୍ବନ୍ଧୀୟ ତଥ୍ୟ ଫର୍ମ-4 ରେଜିଷ୍ଟରରେ ଅନୁରକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ସରକାର ଉତ୍ତର ଦେଲେ ଯେ ନିର୍ଦ୍ଧାରିତ ଫର୍ମରେ ରେଜିଷ୍ଟର ଅନୁରକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଅଛି ଓ ତାହା ସେମାନେ କିପରି ଅନୁପାଳନ କଲେ ତାହାର ବିବରଣୀ ଉପସ୍ଥାପନ କରିବା ପାଇଁ କୁହାଯାଇଛି ।

ଅନ୍ୟ ବିଭାଗ ମାନେ ନିର୍ଦ୍ଧାରିତ ରେଜିଷ୍ଟର ଅନୁରକ୍ଷଣ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କଲେ ।

## 7.1.6 ଅବ୍ୟବହୃତ କେନ୍ଦ୍ରୀୟ ପର୍ଯ୍ୟାଲୋଚନା ପଦ୍ଧତି

**ବିଭାଗ ଗୁଡ଼ିକ ଦ୍ୱାରା ସିଏମ୍ଏସ୍ ୱେବ୍ ପୋର୍ଟାଲ୍ ବ୍ୟବହୃତ ହୋଇନଥିଲା ।**

ଓଆରଟିପିଏସ୍ ଅଧିନିୟମର କାର୍ଯ୍ୟାନ୍ୱୟନ ଓ ପର୍ଯ୍ୟାଲୋଚନା ପାଇଁ ସାଧାରଣ ପ୍ରଶାସନ (ଏଆର୍) ବିଭାଗ କେନ୍ଦ୍ରୀୟ ପର୍ଯ୍ୟାଲୋଚନା ପଦ୍ଧତି (ସିଏମ୍ଏସ୍) ପ୍ରବର୍ତ୍ତନ (ଡିସେମ୍ବର 2013) କରିଥିଲା । ବସ୍ତୁତ୍ୱ ଏହା ସେବା ପାଇଁ ଆବେଦନର ପ୍ରାପ୍ତି ଓ ଫଏସଲାର ଏକ ଡାଟାବେସ୍ ଥିଲା ।

ଏଥିରେ ନିମ୍ନ ବ୍ୟବସ୍ଥାଗୁଡ଼ିକ ବିଦ୍ୟମାନ -:

- ମ୍ୟାନେଜମେଣ୍ଟ ସୂଚନା ପଦ୍ଧତି(ଏମ୍ଆଇଏସ୍) ରିପୋର୍ଟ,
- ପ୍ରାପ୍ତ ଆବେଦନପତ୍ର ଗୁଡିକର ଅବସ୍ଥା ଅନୁସରଣ,
- ଲଘୁ ସମ୍ବାଦ ସେବା (ଏସ୍ଏମ୍ଏସ୍) ପ୍ରେରଣ ଇତ୍ୟାଦି ।

ପ୍ରତ୍ୟେକ ନିଯୁକ୍ତି ପ୍ରାପ୍ତ ଅଧିକାରୀଙ୍କୁ ପ୍ରୟୋଗଟିକୁ ଲଗ୍ ଇନ୍ କରିବା ପାଇଁ ୟୁଜର ଆଇଡି ଓ ପାସୱାର୍ଡ ଜାରି କରାଯାଇଥିଲା । ଆବେଦନକାରୀଙ୍କ ଠାରୁ ଆବେଦନର ପ୍ରାପ୍ତି ପରେ, ଏ ପଦ୍ଧତି ଏକ ଅଦ୍ୱିତୀୟ /ପ୍ରାପ୍ତି ସ୍ୱୀକାର ନମ୍ବର ଉତ୍ପନ୍ନ କରେ । ଆବେଦନ ସହ ସଂଲଗ୍ନ ନଥିବା ଆବଶ୍ୟକୀୟ ଦସ୍ତାବିଜ ଏବଂ ଯେଉଁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ସେବା ପ୍ରଦାନ କରାଯିବ, ଏହାର ବିବରଣୀ ଉକ୍ତ ପ୍ରାପ୍ତି ସ୍ୱୀକାରରେ ଅନ୍ତର୍ଭୁକ୍ତ ଥାଏ । ନିଯୁକ୍ତି ପ୍ରାପ୍ତ ଅଧିକାରୀ, ଅପିଲ୍ ପ୍ରାଧିକାରୀ ଏବଂ ପୁନରୀକ୍ଷଣ ପ୍ରାଧିକାରୀମାନଙ୍କ ପାଇଁ ସିଏମ୍ଏସ୍ ଡାଟାବେସ ଓଡିଶା ଲୋକସେବା ଅଧିକାରୀ ନିୟମାବଳୀ, 2012 ଅନୁଯାୟୀ ନିର୍ଦ୍ଧାରିତ ଫର୍ମାଟରେ ଏକ କମ୍ପ୍ୟୁଟରକୃତ ରେଜିଷ୍ଟର ଭଳି କାମ କରେ । ସିଏମ୍ଏସ୍ ସହିତ ପ୍ରୟୋଗ ଗୁଡିକର ଏକୀକରଣକୁ ନିଶ୍ଚିତ କରିବା ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ଅନୁରୋଧ କରିଥିଲା ।

ଓଆରଟିପିଏସ୍ ଅଧିନିୟମ ଓ ନିୟମାବଳୀ ସଂପର୍କିତ ରିପୋର୍ଟ ଓ ରିଟର୍ଣ୍ଣ ଅଡିଟ୍ ଯାଞ୍ଚ କରିଥିଲା । ଅଡିଟ୍ ଅବଲୋକନ କଲା ଯେ :

- ଆବେଦନ ପତ୍ର ଗ୍ରହଣ ପାଇଁ ଓ୍ୱେବ୍ ପୋର୍ଟାଲ ବ୍ୟବହୃତ ହୋଇ ନଥିଲା ।
- ଏହା ତଥ୍ୟାବଳୀର ଦରଜ ଓ ପ୍ରାପ୍ତି ସ୍ୱୀକାର ରସିଦ ପାଇଁ ମଧ ବ୍ୟବହୃତ ହୋଇନଥିଲା ।
- ଡିଏସଆର୍ ସମ୍ବଲପୁର ଓ କଟକ ଯଥାକ୍ରମେ ଜାନୁୟାରୀ 2016 ଏବଂ ମେ 2017 ରୁ ଓ୍ୱେବ୍ ପୋର୍ଟାଲଟିର ବ୍ୟବହାର କରିଥିଲେ ।
- ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ ରେ ପ୍ରାପ୍ତି ହୋଇଥିବା ଆବେଦନପତ୍ର ଗୁଡିକୁ ବାସ୍ତବ ସମୟ ଭିତ୍ତିରେ ସିଏମ୍ଏସ୍ ରେ ଦରଜ ନ କରି ସେବା ପ୍ରଦାନର ପରେ ଦରଜ କରାଯାଇଥିଲା । ଏହା ଦ୍ୱାରା ସିଏମ୍ଏସ୍ ର ବିଶେଷ ଉଦ୍ଦେଶ୍ୟ ପ୍ରତିହତ ହୋଇଥିଲା ।
- ପ୍ରାପ୍ତି ସ୍ୱୀକାର ରସିଦ ଗୁଡିକ ମଧ୍ୟ ଆବେଦନକାରୀ ମାନଙ୍କୁ ସେମାନଙ୍କର ଆବେଦନଗୁଡିକର ସ୍ଥିତି ଜାଣିବା ପାଇଁ ଜାରି କରାଯାଇନଥିଲା ।
- ସୂଚନାର ଅଭାବ ହେତୁ ସେବା ଗୁଡିକ ଆବେଦନକାରୀ ମାନଙ୍କୁ ସ୍ଥିରିକୃତ ସମୟ ସୀମା ମଧ୍ୟରେ ପ୍ରଦାନ କରାଯାଇଛିକି ନାହିଁ, ଏ ବିଷୟରେ ବିଭାଗ ଅଜ୍ଞ ଥିଲା ।
- ଉପରିସ୍ଥ ପ୍ରାଧିକାରୀ ସିଏମ୍ଏସ୍ ର କାର୍ଯ୍ୟାନ୍ୱୟନ ଉପରେ କୌଣସି ରିଭ୍ୟୁ ରିପୋର୍ଟ କୌଣସି ନିଯୁକ୍ତି ପ୍ରାପ୍ତ ଅଧିକାରୀଙ୍କୁ ଜାରି କରାଯାଇନଥିଲା । ମାସିକ ଅଗ୍ରଗତି ରିପୋର୍ଟ ହସ୍ତଲିଖିତ ଫର୍ମାଟରେ ପ୍ରଦାନ କରାହେଉଥିଲା ଯାହାକି ସମୟ ସାପେକ୍ଷ ଥିଲା ଏବଂ ଏକ ପ୍ରଭାବଶାଳୀ ପର୍ଯ୍ୟାଲୋଚନା ପାଇଁ ସାହାଯ୍ୟକାରୀ ନ ଥିଲା ।
- ସଂପୃକ୍ତ ବିଭାଗ ଗୁଡିକ ଦ୍ୱାରା ବିକଶିତ ଓ ବ୍ୟବହୃତ ପ୍ରୟୋଗ ଗୁଡିକର ମଧ୍ୟ ସିଏମ୍ଏସ୍ ସହିତ ଏକୀକରଣ ହୋଇନଥିଲା । ଏହା ମାନବ ସମ୍ବଳ ଓ ଭିତ୍ତି ସଂରଚନା ସମ୍ବନ୍ଧୀୟ ଖର୍ଚ୍ଚକୁ କମ୍ କରିବା ସହିତ ତଥ୍ୟାବଳୀର ଅଖଣ୍ଡତାକୁ ନିଶ୍ଚିତ କରି ପାରିଥାନ୍ତା ।

  ଏହିପରି, ସିଏମ୍ଏସ୍ର ଅବସ୍ଥାପନ କରିବାର ଉଦ୍ଦେଶ୍ୟ ସଂପୂର୍ଣ୍ଣ ଭାବରେ ପରାହତ ହୋଇଥିଲା ଯାହା ଓଆର୍ଟିପିଏସ୍ ଅଧିନିୟମର 2012 ର କାର୍ଯ୍ୟାନ୍ୱୟନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ।

ଉତ୍ତରରେ ସରକାର କହିଥିଲେ (ବାଣିଜ୍ୟ ଓ ପରିବହନ ବିଭାଗ) ଯେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ସାଧାରଣ ସେବା କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆହୋଇଛି ।

ଆର୍ଏଣ୍ଡ୍ ଡିଏମ୍ ବିଭାଗ ତରଫରୁ ସରକାର କହିଥିଲେ ଯେ ସାଧାରଣ ସେବା ବିଭାଗ ସିଏମ୍ଜିଆଇ ମାଧ୍ୟମରେ ଓଡିଶା ସାଧାରଣ ଆବେଦନ ପୋର୍ଟାଲ (ଓକାପ୍) ର ବିକାଶ କରିଛି, ଯେଉଁଥିରେ ଅନ୍ଲାଇନ ଆବେଦନ କରାଯାଇପାରିବ ଏବଂ ପ୍ରାପ୍ତି ସ୍ୱୀକାର ସ୍ୱୟଂକ୍ରିୟ ଭାବେ ଉତ୍ପନ୍ନ କରାଯାଇପାରିବ । ଆର୍ଏଣ୍ଡଡିଏମ୍ ବିଭାଗ ର ଅନଲାଇନ୍ ସେବାଗୁଡିକ ସହିତ ଓକାପ୍ ର ଏକୀକରଣ ପାଇଁ ପଦକ୍ଷେପ ନିଆହେଉଅଛି ।

ବିତ୍ତ ବିଭାଗର ବାଣିଜ୍ୟ କର ଅଙ୍ଗ କହିଥିଲେ ଯେ 'ଭାଟିସ୍' ପଦ୍ଧତି ମାଧ୍ୟମରେ ସବୁକିଛି ଅନଲାଇନ୍ କରାଯାଇଅଛି । ଅବକାରୀ ବିଭାଗ କହିଥିଲେ ଯେ ଉପଲବ୍ଧ ଥିବା ମାନବ ସମ୍ବଳ ସାହାଯ୍ୟରେ ସିଏମ୍ଏସ୍ ବ୍ୟବହାର କରାଯିବା ସମ୍ଭବ ପର ନୁହେଁ ।

## 7.1.7 ଉପସଂହାର

ବିଭାଗ ଗୁଡିକ ଓଡିଆ ଭାଷାରେ ଲୋକସେବା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଗୁଡିକର ସୂଚନା ସାଧାରଣ ଜନତାଙ୍କୁ ଯୋଗାଇ ପାରି ନଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବା ଗୁଡିକ ପ୍ରଦାନ କରାଯାଇପାରିଲା ନାହିଁ । ଆବେଦନକାରୀ ମାନଙ୍କୁ ସେବା ପ୍ରଦାନରେ ବିଳମ୍ବର କାରଣ ଓ ଅପିଲ ଆବେଦନ କରିବା ପାଇଁ ସମୟାବଧି ସୂଚନା ଜଣାଇ ଦିଆଯାଇପାରିଲା ନ ଥିଲା । ଅଧିନିୟମ ଓ ନିୟମାବଳୀ ଅଧିସୂଚିତ ହେବାର ଚାରିବର୍ଷ ପରେ

ମଧ୍ୟ କେନ୍ଦ୍ରୀୟ ପର୍ଯ୍ୟାଲୋଚନା ପଦ୍ଧତିଟିକୁ ଉପଯୋଗ କରାଯାଇପାରିଲା ନାହିଁ । ତିନୋଟି ବିଭାଗ ର ବିଦ୍ୟମାନ ପ୍ରୟୋଗ/ ଡାଟାବେସ୍ ଯଥା-'ବାହନ', 'ସାରଥି', 'ଭାଟିସ' ଓ 'ଓଇଏସ୍ଏଲ୍' ର ଏକୀକରଣ ସିଏମ୍ଏସ୍ ସହିତ ହୋଇ ନଥିଲା । ଏହିପରି, ସ୍ଥିରୀକୃତ ସମୟ ମଧ୍ୟରେ ଲୋକସେବା ପ୍ରଦାନରେ ଉତ୍ତମ ଶାସନ ଓ ସ୍ୱଚ୍ଛତା ଆଣିବାର ଲକ୍ଷ୍ୟ ପ୍ରତିହତ ହେଇଥିଲା । ସାମାନ୍ୟତମ ବିଳମ୍ବ କିମ୍ବା କାର୍ଯ୍ୟାନ୍ୱୟନର ଅଭିଳକ୍ଷିତ ସ୍ତରରେ କମ୍ତି ନାଗରିକଙ୍କ ଉପରେ ପ୍ରବଳ ପ୍ରଭାବ ପକାଇ ପାରେ ।

## 7.2 "ଇସ୍ପାତ୍ ଓ ଖଣି, ଅବକାରୀ ଏବଂ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗମାନଙ୍କର ବକେୟା ରାଜସ୍ୱ ଅସୁଲି" ର ସମୀକ୍ଷା

### 7.2.1 ଉପକ୍ରମ

ଖଣି, ଅବକାରୀ ଏବଂ ପରିବହନ ବିଭାଗ ଗୁଡ଼ିକ ଦ୍ୱାରା ଆଦାୟ ହେଉଥିବା କର, ଶୁଳ୍କ ଏବଂ ଅନ୍ୟାନ୍ୟ ଦେୟ ରାଜ୍ୟ ରାଜସ୍ୱର ମୁଖ୍ୟ ଉତ୍ସ ଅଟନ୍ତି । ଏହି ବିଭାଗମାନେ 2013 ରୁ 2016 ପର୍ଯ୍ୟନ୍ତ ରାଜ୍ୟର ସମୁଦାୟ ରାଜସ୍ୱର ହାରାହାରି 30 ପ୍ରତିଶତ ଅଂଶଦାନ କରିଥିଲେ । ବିଭାଗମାନଙ୍କ ପାଇଁ ପ୍ରଯୁଜ୍ୟ ଅଧିନିୟମ ଓ ନିୟମାବଳୀ ସହ ପଠିତ ଓଡ଼ିଶା ସାର୍ବଜନିକ ଦାବି ଅସୁଲ (ଓପିଡିଆର୍) ଅଧିନିୟମ, 1962 ଆଧାରରେ ବକେୟା ରାଜସ୍ୱ ଆଦାୟ ହୋଇଥିଲା । ଏହି ଅଧିନିୟମଗୁଡ଼ିକ[10] ଅନୁସାରେ ନିର୍ଦ୍ଧାରଣ କରାଯାଇଥିବା ଶୁଳ୍କ ଓ ଅନ୍ୟାନ୍ୟ ଦେୟ କରଦାତାଙ୍କୁ ସେଥିରେ ଥିବା ନିୟମ ଅନୁସାରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ କରିବାକୁ ଥିଲା । ଯଦି ଦାବି ନୋଟିସରେ ସୂଚିତ ଥିବା ନିର୍ଦ୍ଧାରିତ ସମୟ ମଧ୍ୟରେ କରଦାତା ଦାବି ପରିମାଣ ପ୍ରଦାନରେ ବିଫଳ ହୁଅନ୍ତି, ତେବେ ଦେଇନଥିବା ପରିମାଣକୁ ଭୂରାଜସ୍ୱ ବକେୟା ଭାବେ ଅସୁଲି କରାଯିବାର ଥିଲା । କୌଣସି ଖିଲାପକାରୀ ଯଦି ଦାବି କରାଯାଇଥିବା ପରିମାଣରେ ସନ୍ତୁଷ୍ଟ ନଥାନ୍ତି, ତେବେ ସେ ଅପିଲ୍ ପ୍ରାଧିକାରୀ କିମ୍ବା ଅଦାଲତରେ ଅପିଲ୍ କରିଥାନ୍ତି । 31 ମାର୍ଚ୍ଚ 2016 ସୁଦ୍ଧା ଏହି ବିଭାଗ ଗୁଡ଼ିକରେ ଆଦାୟ ପାଇଁ ପଡ଼ି ରହିଥିବା ମୋଟ କର[11] ଏବଂ ଅଣକର[12] ରାଜସ୍ୱର ପରିମାଣ 2,096.53 କୋଟି[13] ଟଙ୍କା ଥିଲା ।

2013-14 ରୁ 2015-16 ଅବଧିକୁ ନେଇ ଅଡିଟ୍ ଅପ୍ରେଲ୍ 2017 ଠାରୁ ମଇ 2017 ମଧ୍ୟରେ ପରିଚାଳିତ କରାଯାଇଥିଲା । ଇସ୍ପାତ୍ ଓ ଖଣି, ଅବକାରୀ ଏବଂ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗର କାର୍ଯ୍ୟାଳୟମାନଙ୍କୁ ଅଡିଟ୍ ପରିସରଭୁକ୍ତ କରାଯାଇଥିଲା । ଅଡିଟ୍ ମଧ୍ୟ ଖଣି ନିର୍ଦ୍ଦେଶାଳୟ, ଅବକାରୀ ଆୟୋଗ ଏବଂ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟମାନଙ୍କୁ ଅଡିଟ୍ ପରିସରଭୁକ୍ତ କରିଥିଲା । ଇସ୍ପାତ୍ ଓ ଖଣି ବିଭାଗର 12 ରୁ ଚାରିଟି, ଅବକାରୀ ବିଭାଗର 30 ରୁ 7 ଟି ଏବଂ ପରିବହନ ବିଭାଗର 35 ରୁ ଆଠଟି ୟୁନିଟ୍ ଷ୍ଟ୍ରାଟିଫାଏଡ୍ ର୍ୟାଣ୍ଡମ୍ ସାମ୍ପଲିଙ୍ଗ୍ ସଂଗ୍ରହ ପଦ୍ଧତିରେ ବଛାଯାଇଥିବା ନଥିପତ୍ର ଗୁଡ଼ିକୁ ଯାଞ୍ଚ୍ କରାଯାଇଥିଲା ।

ଉକ୍ତ ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନୋକ୍ତ ବିଷୟ ଉପରେ ପର୍ଯ୍ୟବେକ୍ଷଣ କରିଥିଲା:

- ବକେୟା ରାଜସ୍ୱର ଏକତ୍ରୀକୃତ ପରିମାଣ ଏବଂ ତାହାର କାରଣ;
- ବିଭାଗମାନଙ୍କ ଦ୍ୱାରା ଅଧିନିୟମ ଓ ନିୟମାବଳୀରେ ବିହିତ ହୋଇଥିବା ନିୟମାନୁସାରେ ସମୟୋପଯୋଗୀ କାର୍ଯ୍ୟପନ୍ଥା; ଏବଂ
- ବକେୟା ରାଜସ୍ୱ ଆଦାୟ କରିବାର ଦକ୍ଷତା ଓ କାର୍ଯ୍ୟକାରିତା ପଦ୍ଧତି ଓ ବକେୟା ରାଜସ୍ୱ ଆଦାୟ କରିବାର ଆଭ୍ୟନ୍ତରୀଣ ପର୍ଯ୍ୟାଲୋଚନାର ପର୍ଯ୍ୟାପ୍ତତାର ସ୍ଥିତି ।

### 7.2.2 ସାଙ୍ଗଠନିକ ବ୍ୟବସ୍ଥା

ସରକାରୀ ସ୍ତରରେ ପ୍ରଧାନ ସଚିବ/ଆୟୁକ୍ତ-ତଥା-ସଚିବମାନେ ନିଜ ନିଜ ବିଭାଗର ମୁଖ୍ୟ ଥିଲେ । ରାଜ୍ୟରେ ସେମାନଙ୍କର ନିଜ ନିଜର କର ଆଇନର ପ୍ରଶାସନିକ ଭାର ସେମାନଙ୍କ ଉପରେ ନ୍ୟସ୍ତ ଥିଲା । ବିଭାଗୀୟ ସ୍ତରରେ ମୋଟାମୋଟି ଭାବରେ ଏହି କର, ଶୁଳ୍କ ଏବଂ ଅନ୍ୟାନ୍ୟ ଦେୟର ସଂଗ୍ରହ ଉପର ନିୟନ୍ତ୍ରଣ ଏବଂ ପର୍ଯ୍ୟବେକ୍ଷଣ ଭାର ଖଣି ନିର୍ଦ୍ଦେଶକ, ଅବକାରୀ ଆୟୁକ୍ତ ଏବଂ ପରିବହନ ଆୟୁକ୍ତ ଉପରେ ନ୍ୟସ୍ତ ଥିଲା ।

---

[10] ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ ଅଧିନିୟମ, 1957, ବିହାର ଓ ଓଡ଼ିଶା ଅବକାରୀ ଅଧିନିୟମ, 1915, ଓଡ଼ିଶା ମୋଟର ଯାନ କରଧାର୍ଯ୍ୟ ଅଧିନିୟମ, 1915 ।

[11] ଅବକାରୀ ଏବଂ ପରିବହନ ବିଭାଗରୁ ଆଦାୟ ରାଜସ୍ୱ ।

[12] ଖଣି ବିଭାଗରୁ ଆଦାୟ ରାଜସ୍ୱ ।

[13] **ଖଣି**: 1,894.42 କୋଟି ଟଙ୍କା, ଅବକାରୀ: 58.84 କୋଟି ଟଙ୍କା, ପରିବହନ: 143.27 କୋଟି ଟଙ୍କା ।

- ଇସ୍ପାତ ଏବଂ ଖଣି ବିଭାଗରେ ଖଣି ନିର୍ଦ୍ଦେଶକ, ଉପଖଣି ନିର୍ଦ୍ଦେଶକ/ କ୍ଷେତ୍ର ଖଣି ଅଧିକାରୀଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ ହୋଇଥାନ୍ତି ।

- ଅବକାରୀ ଆୟୁକ୍ତ ପ୍ରତି ଜିଲ୍ଲାର ଅବକାରୀ ଉପାୟୁକ୍ତ ଏବଂ ଅବକାରୀ ଅଧୀକ୍ଷକଙ୍କ ଦ୍ୱାରା ସାହାଯ୍ୟ ପ୍ରାପ୍ତ ହୋଇଥାନ୍ତି ।

- ପରିବହନ ଆୟୁକ୍ତ ତଥା ଚେୟାରମ୍ୟାନ୍, ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ), ଜଣେ ଯୁଗ୍ମ ଆୟୁକ୍ତ (କରଧାର୍ଯ୍ୟ), କ୍ଷେତ୍ରୀୟ ପରିବହନ ଅଧିକାରୀ ଏବଂ ସହାୟକ କ୍ଷେତ୍ରୀୟ ପରିବହନ ଅଧିକାରୀ ମାନଙ୍କ ଦ୍ୱାରା ସାହାଯ୍ୟ ପ୍ରାପ୍ତ ଅଟନ୍ତି ।

## 7.2.3 ଅଡିଟ୍ ଅନୁସନ୍ଧାନର ସିଦ୍ଧାନ୍ତ:

ଅଡିଟ୍ ଖଣି, ଅବକାରୀ ଏବଂ ପରିବହନ ବିଭାଗମାନଙ୍କରେ ବକେୟା କରର ଆଦାୟ ଜନିତ ନଥିପତ୍ରର ନମୁନା ଯାଞ୍ଚ୍ କରିଥିଲା । ଅଡିଟ୍ ନିମ୍ନୋକ୍ତ ଅଭାବ ଅବଲୋକନ କରିଥିଲା, ଯାହାକି ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ବର୍ଣ୍ଣିତ ହୋଇଛି:

## 7.2.4 ବକେୟା ଖଣିଜ ପ୍ରାପ୍ତି

ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଅଧିନିୟମ 1957 ଅଧିନରେ ଖଣି ପଟ୍ଟା, ପୂର୍ବେକ୍ଷଣ ଲାଇସେନ୍ସ ଏବଂ ପ୍ରାଥମିକ ସର୍ବେକ୍ଷଣ ରୁ ମିଳୁଥିବା ଭଡ଼ା, ରାଜଭାଗ, ଶୁଳ୍କ, ଫିସ୍ ଏବଂ ଅନ୍ୟ ଧନରାଶି ସରକାରଙ୍କ ଖଣିଜ ପ୍ରାପ୍ତି ଅନ୍ତର୍ଭୁକ୍ତ ଅଟେ ।

ଓପିଡିଆର୍ ଅଧିନିୟମ, 1962 ଅଧିନରେ ଯେତେବେଳେ କୌଣସି ସରକାରୀ ଦାବି ଜିଲ୍ଲାପାଳଙ୍କୁ ଛାଡ଼ି ଅନ୍ୟ କୌଣସି ବ୍ୟକ୍ତି ଉପରେ ପ୍ରାପ୍ୟ ଥିବ, ସେହି ବ୍ୟକ୍ତି ବିହିତ ଫର୍ମରେ ଲିଖିତ ଆକାରରେ ସାର୍ଟିଫିକେଟ୍ ମାମଲା ଦାୟର କରିବା ପାଇଁ ସାର୍ଟିଫିକେଟ୍ ଅଧିକାରୀ[14] ଙ୍କୁ ବରାଦ କରିପାରିବେ ।

31 ମାର୍ଚ୍ଚ 2016 ରେ ବକେୟା ଥିବା ଖଣିଜ ପ୍ରାପ୍ତିର ବିଶଦ ବିବରଣୀ ତଳେ ଦିଆଗଲା

(ଟଙ୍କା କୋଟି ଆକାରରେ)

| ବର୍ଷ | ପ୍ରାରମ୍ଭିକ ଅବଶେଷ | ବର୍ଷ ମଧ୍ୟରେ ମିଶ୍ରଣ | ମୋଟ | ବର୍ଷ ମଧରେ ଅସୁଲ | ଅନ୍ତିମ ଅବଶେଷ | ଅସୁଲର ପ୍ରତିଶତ | ଅନ୍ତିମ ଅବଶେଷରେ ବିଶ୍ଳେଷଣ ତା 31.3.2016 ରିଖ ପ୍ରକାର/ ପରିମାଣ |
|---|---|---|---|---|---|---|---|
| 2013-14 | 1,818.32 | 442.34 | 2,260.66 | 415.45 | 1,845.21 | 18.38 | ଅଦାଲତ ସ୍ତରରେ 1,850.79<br>ଆଦାୟ ଯୋଗ୍ୟ ମାମଲା: 39.74<br>ଖାରଜ ପାଇଁ ପ୍ରସ୍ତାବିତ: 2.35<br>ସାର୍ଟିଫିକେଟ୍ ମାମଲା: 1.54 |
| 2014-15 | 1,845.21 | 468.82 | 2,314.03 | 429.22 | 1,884.81 | 18.55 | |
| 2015-16 | 1,884.81 | 95.58 | 1,980.39 | 85.97 | 1,894.42 | 4.34 | |

**ଉତ୍ସ: ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା**

ଅଡିଟ୍ ଅବଲୋକନ କଲା ଯେ:

- ମୋଟ ବକେୟା ରାଶି 1,894.42 କୋଟି ଟଙ୍କାରୁ 1,818.32 କୋଟି ଟଙ୍କା ତିନି ବର୍ଷରୁ ଅଧିକ ସମୟ ବିଚାରାଧିନ ଭାବେ ପଡ଼ିରହିଥିଲା ଯାହା 95.99 ପ୍ରତିଶତ ଥିଲ ।

- 2013-14 ଏବଂ 2015-16 ମଧରେ ବକେୟା ଆଦାୟ 4.34 ରୁ 18.55 ପ୍ରତିଶତ ରହିଥିଲା ।

- 1,850.79 କୋଟି ଟଙ୍କାର ବକେୟା ରାଶି ଯାହା ମୋଟ ବକେୟା ରାଶିର 97.69 ପ୍ରତିଶତ ଥିଲା, ତାହା ବିଚାରାଳୟରେ ବନ୍ଦ ହୋଇପଡ଼ିଥିଲା ।

[14] ଜିଲ୍ଲାପାଳ/ ଉପଜିଲ୍ଲାପାଳ ।

ବକେୟା ରାଶି ସଂଗ୍ରହ କରିବାରେ ବିଳମ୍ବର କାରଣ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଗଲା ।

### 7.2.4.1 ସାର୍ଟିଫିକେଟ ମାମଲା ଦାୟର ହୋଇନଥିଲା

**7.16 କୋଟି ଟଙ୍କାର ବକେୟା ଆଦାୟ ପାଇଁ ସାର୍ଟିଫିକେଟ୍ ମାମଲା ଦାୟର ନହେବା ।**

ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଅଧିନିୟମ (ଏମ୍ଏମ୍‌ଡିଆର୍) 1957ର ଧାରା 25 ଅନୁଯାୟୀ ଏହି ଅଧିନିୟମ ଏବଂ ତଦଧିନ ପ୍ରଣିତ ନିୟମାବଳୀ ଅଧିନରେ ଆସୁଥିବା କୌଣସି କର,ରାଜଭାଗ,ଶୁଳ୍କ, ଫି ଏବଂ ଅନ୍ୟ ଧନରାଶି ଯାହା ସରକାରଙ୍କ ପ୍ରାପ୍ୟ ତାହା ରାଜ୍ୟ ସରକାରଙ୍କ ତରଫରୁ ନିୟୋଜିତ ଅଧିକାରୀଙ୍କ ସାର୍ଟିଫିକେଟ ଦ୍ୱାରା ବକେୟା ଭୂରାଜସ୍ୱ ପ୍ରାପ୍ତି ଅସୁଲ ହେଉଥିବା ଉପାୟରେ ଆଦାୟ କରାଯାଇପାରିବ । ଓଡିଶା ସାର୍ବଜନୀକ ଦାବି ଅସୁଲି ଡିମାଣ୍ଡସ୍ ରିକଭରୀ (ଓପିଡିଆର୍) ଅଧିନିୟମ 1962 ର ଧାରା 4(1) ଅନୁଯାୟୀ ଯେତେବେଳେ କୌଣସି ସରକାରୀ ଦାବି ଜିଲ୍ଲାପାଳଙ୍କୁ ଛାଡି କୌଣସି ବ୍ୟକ୍ତିଙ୍କୁ ପରିଶୋଧ କରିବାର ଥିବ ସେହି ବ୍ୟକ୍ତି ବିହିତ ଫର୍ମରେ ସାର୍ଟିଫିକେଟ ଅଧିକାରୀଙ୍କୁ ଲିଖିତ ଆକାରରେ ସାର୍ଟିଫିକେଟ୍ ମାମଲା ଦାୟର କରିବା ପାଇଁ ବରାଦ କରିପାରିବ । ଓପିଡିଆର୍ ଅଧିନିୟମ 1962 ଧାରା 15 ଅନୁଯାୟୀ, ବିହିତ ସର୍ତ୍ତ ଏବଂ ସୀମା ମଧ୍ୟରେ ଜଣେ ସାର୍ଟିଫିକେଟ୍ ଅଧିକାରୀ, ସାର୍ଟିଫିକେଟ୍ ମାମଲା ବଳରେ ସମ୍ପତ୍ତିର କୋରଖ କରି ବିକ୍ରି କରିପାରିବେ ଏବଂ ଯଦି ଦରକାର ପଡେ ପୂର୍ବ କୋରଖ ବିନା କୌଣସି ସମ୍ପତ୍ତି କିମ୍ବା ସ୍ଥାବର ସମ୍ପତ୍ତିକୁ ବିକ୍ରି କରିପାରିବେ କିମ୍ବା ସାର୍ଟିଫିକେଟ୍ ଖିଲାପକାରୀଙ୍କୁ ଗିରଫ କରିପାରିବେ ଏବଂ ସରକାରୀ ବନ୍ଦୀଶାଳାରେ ଅଟକାଇ ରଖିପାରିବେ କିମ୍ବା ଉପର ବର୍ଣ୍ଣିତ ଉଭୟ ଉପାୟ ଅବଲମ୍ବନ କରିପାରିବେ ।

ଅଡିଟ୍ ଚରିଟା ୟୁନିଟ୍[15]ରେ ନଥିପତ୍ରର ଯାଞ୍ଚ କରିଥିଲା । ଅଡିଟ୍ ଅବଲୋକନ କଲା ଯେ 32 ଟି ଖିଲାପ ମାମଲାରେ ଆଦାୟ ଯୋଗ୍ୟ 7.16 କୋଟି ଟଙ୍କା[16] ର ବକେୟା 2009-10 ରୁ 2015-16 ମଧ୍ୟରେ ଅନାଦାୟ ହୋଇ ପଡ଼ିଥିଲା । ଏହିସବୁ ମାମଲା ଅନିବାର୍ଯ୍ୟ କର, ଭୂପୃଷ୍ଠ ଅଧିଶେଷ ଏବଂ ରାଜଭାଗ ସମ୍ପର୍କିତ ଥିଲା । କିନ୍ତୁ ଖିଲାପକାରୀ ପଟ୍ଟାଦାରୀଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ ବକେୟା ପ୍ରାପ୍ତି ଆଦାୟ ପାଇଁ ସାର୍ଟିଫିକେଟ୍ ମାମଲା ଦାୟର ହୋଇନଥିଲା । ଅଡିଟ୍ ମଧ ଦେଖିଲା ଯେ, ବକେୟା ପ୍ରାପ୍ତି ପାଇଁ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିଲା ।

ଉତ୍ତରରେ, ସରକାର କହିଥିଲେ (ନଭେମ୍ବର 2017) ଯେ ସଂପୃକ୍ତ ମଣ୍ଡଳ ଖଣି ଅଧିକାରୀମାନଙ୍କୁ ସାର୍ଟିଫିକେଟ୍ ମାମଲା ଦାୟର କରିବାକୁ ସତ୍ତ୍ୱର ପଦକ୍ଷେପ ନେବା ପାଇଁ ଅନୁଦେଶ କରାଯାଇଛି । କଳାହାଣ୍ଡି ଖଣି ଅଧିକାରୀ 2.69 ଲକ୍ଷ ଟଙ୍କା ଗୋଟିଏ ମାମଲାରେ ଆଦାୟ କରିଥିଲେ ।

### 7.2.4.2 ମାମଲା ଗୁଡିକର ପର୍ଯ୍ୟାଲୋଚନା ଅଭାବରୁ ପୁନରୀକ୍ଷଣ କର୍ତ୍ତୃପକ୍ଷ (ଆରଏ)ଙ୍କ ପାଖରେ ମାମଲା ପଡ଼ିରହିବା

**ପୁନରୀକ୍ଷଣ ମାମଲାର ଆବଶ୍ୟକୀୟ ସୂଚନା ବିଳମ୍ବରେ ପ୍ରଦାନ କରିବା ଫଳରେ ଡିଡିଏମ୍, କୋରାପୁଟ ଅଧିନରେ 112.02 କୋଟି ଟଙ୍କା ଏବଂ ଡିଡିଏମ୍, ଯୋଡ଼ା ଅଧିନରେ 5103.43 କୋଟି ଟଙ୍କା ବକେୟା ଦାବି ବନ୍ଦ ହୋଇପଡ଼ିଛି ।**

ଖଣି ମନ୍ତ୍ରଣାଳୟଙ୍କ ମାର୍ଗଦର୍ଶିକା (16 ଡିସେମ୍ବର 2009) ଅନୁସାରେ ଭାରତ ସରକାର ନିର୍ଦ୍ଧାରଣ କରିଥିଲେ ଯେ, ପୁନରୀକ୍ଷଣ କର୍ତ୍ତୃପକ୍ଷ (ଆରଏ)[17] ଙ୍କ ସଂସୂଚନା ପାଇବାର ତିନିମାସ ମଧରେ ବିଭାଗ ତାର ଟିପ୍ପଣୀ ପ୍ରଦାନ କରିବ । ଭାରତ ସରକାର ଅପ୍ରେଲ 2014 ରେ ଏହି ଅନୁଦେଶକୁ ଆଉଥରେ ଦୋହରାଇଥିଲେ ।

ଡିଡିଏମ୍, କୋରାପୁଟର ନଥିପତ୍ର ଅଡିଟ୍ ଯାଞ୍ଚ କରିଥିଲା । ଅଡିଟ୍ ଦେଖିଲା ଯେ, ଜଣେ ପଟ୍ଟାଧାରୀଙ୍କୁ ଚାରିଟି ମାମଲାରେ 94.77 କୋଟି ଟଙ୍କା ଭେଦାତ୍ମକ ରାଜଭାଗ ବାବଦରେ ଆଦାୟ ପାଇଁ ଦାବି ହୋଇଥିଲା । ଏକାପରି ଆଉ ଜଣେ ପଟ୍ଟାଧାରୀଙ୍କୁ ଦୁଇଟି ମାମଲାରେ 17.25 କୋଟି ଟଙ୍କା ବର୍ଷ 2015 ମଧରେ ଦାବି କରାଯାଇଥିଲା । ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟରେ ଅର୍ଥନୈତିକ ପରାମର୍ଶଦାତା ଏବଂ ପୁନରୀକ୍ଷଣ କର୍ତ୍ତୃପକ୍ଷଙ୍କ ବିଚାରାଳୟରେ ଏହି ଆକ୍ଷେପିତ ଦାବି ବିରୁଦ୍ଧରେ ପଟ୍ଟାଧାରୀଙ୍କ ଦ୍ୱାରା 2014 ରୁ 2015 ମଧରେ ପୁନରୀକ୍ଷଣ ଦରଖାସ୍ତ ଦାଖଲ ହୋଇଥିଲା । ତେବେ, 10 ଫେବୃଆରୀ 2015 ରେ ହୋଇଥିବା ପ୍ରଥମ ଶୁଣାଣି ସୁଦ୍ଧା ବିଭାଗ ଅନୁଚ୍ଛେଦ ଅନୁଯାୟୀ ଟିପ୍ପଣୀ ଦାଖଲ କରିପାରନଥିଲା । ଆରଏ ସ୍ଥଗିତାଦେଶ ମଞ୍ଜୁର କରି ନିର୍ଦ୍ଦେଶ ଦେଇଥିଲେ

[15] ଡିଡିଏମ୍, ଯୋଡ଼ା, କୋରାପୁଟ, ସମ୍ବଲପୁର ଓ ଏମ୍ଓ, କଳାହାଣ୍ଡି ।

[16] ଯୋଡ଼ା : 692.90 ଲକ୍ଷ ଟଙ୍କା, କଳାହାଣ୍ଡି: 3.79 ଲକ୍ଷ ଟଙ୍କା, କୋରାପୁଟ:7.72 ଲକ୍ଷ ଟଙ୍କା ଓ ସମ୍ବଲପୁର:11.44 ଲକ୍ଷ ଟଙ୍କା ।

[17] ରାଜ୍ୟ ସରକାରଙ୍କ ଆଦେଶ ବିରୁଦ୍ଧରେ ଥିବା ଅପିଲର ନ୍ୟାୟିକ ନିର୍ଣ୍ଣୟ ପାଇଁ ଖଣି ମନ୍ତ୍ରଣାଳୟ ଦ୍ୱାରା ନାମିତ ହୋଇଥିଲେ ।

ଯେ ଆପେକ୍ଷିତ ଦାବି ଉପରେ ବାଧତାମୂଳକ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍ ନୁହେଁ । ବିଭାଗ ଦ୍ୱାରା କୌଣସି ପ୍ରତିନିଧି ଏବଂ ଟିପ୍ପଣୀ ଦାଖଲ ନ କରିବାରୁ ଏହି ଆଦେଶ ମଞ୍ଜୁର ହୋଇଥିଲା ।

9 ଡିସେମ୍ବର 2015 ର ପରବର୍ତ୍ତୀ ସାଧାରଣ ଶୁଣାଣୀରେ ସରକାରୀ ଆଡଭୋକେଟ ସରକାରଙ୍କ ତରଫରୁ କୌଣସି ସୂଚନା ଏବଂ ଅନୁଦେଶ ନଥିବା ଦର୍ଶାଇ ବିଚାରର ସ୍ଥଗିତାଦେଶ ମାଗିଥିଲେ । 10 ଫେବୃୟାରୀ 2016 ରେ ଅନ୍ତିମ ଶୁଣାଣି ହୋଇଥିଲା । ଓଡ଼ିଶା ଖଣିଜ ଦ୍ରବ୍ୟ (ଚୋରି, ଚୋରା ଚାଲାଣ ଓ ବେଆଇନ୍ ଖଣି କାରବାର ନିବାରଣ ଓ ଦାଖଲ ନିୟନ୍ତ୍ରଣ, ଗଚ୍ଛିତ, ବ୍ୟାପାର ଓ ପରିବହନ) ନିୟମାବଳୀ, 2007 ର ପ୍ରାବଧାନକୁ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଜାରିକରି ମାମଲା ଗୁଡ଼ିକୁ ରାଜ୍ୟ ସରକାରଙ୍କୁ ଫେରାଇ ଦେଇଥିଲେ । ସର୍ବେକ୍ଷଣ ଦ୍ୱାରା ରାଜ୍ୟରେ ବକ୍ସାଇଟ୍‌ର ଗୁଣବତ୍ତା ନିର୍ଦ୍ଧାରଣ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ମାମଲାଗୁଡ଼ିକର ଏପର୍ଯ୍ୟନ୍ତ ଫଏସଲା ହୋଇନାହିଁ । ବକ୍ସାଇଟ୍‌ର ଗୁଣବତ୍ତା ନିର୍ଦ୍ଧାରଣ କରିବାକୁ ବର୍ଷେ ଆଗରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଳନ କରାଯାଇନାହିଁ । ଏହା ଫଳରେ, 112.02 କୋଟି ଟଙ୍କାର ବକେୟା ଦାବି ଏପର୍ଯ୍ୟନ୍ତ ପଡ଼ିରହିଛି ।

ସେହିଭଳି ଯୋଡ଼ା ଖଣି ମଣ୍ଡଳରେ ସେପ୍ଟେମ୍ବର 2012 ରୁ ମଇ 2014 ମଧରେ ପାଞ୍ଚଟି ମାମଲାରେ 5103.43 କୋଟି ଟଙ୍କାର ଦାବି ଉପସ୍ଥାପନ ହୋଇଥିଲା । ଏହି ଦାବି 2001 ରୁ 2010 ମଧ୍ୟରେ ଥିବା ଭେଦାତ୍ମକ ରାଜଭାଗ ପ୍ରଦାନ କରିବାକୁ କରାଯାଇଥିଲା । ଖଣି ମାଲିକମାନଙ୍କ ଦ୍ୱାରା 2013 ରୁ 2014 ମଧ୍ୟରେ ପୁନରୀକ୍ଷଣ ଦରଖାସ୍ତ ଦାଖଲ ହୋଇଥିଲା । ତେବେ, ଆର୍‌ଏଙ୍କୁ ବର୍ଷେରୁ ତିନି ବର୍ଷ ବିଳମ୍ବରେ (ଅପ୍ରେଲ୍ 2015 ରୁ ମାର୍ଚ୍ଚ 2017) ବିଭାଗ ତାର ଟିପ୍ପଣୀ ପ୍ରଦାନ କରିଥିଲା । ଚିଠି ପାଇବାର ତିନିମାସ ମଧରେ ଟିପ୍ପଣୀ ପ୍ରଦାନ କରିବାର ଥିଲା । ଏହି ମାମଲାଗୁଡ଼ିକ ନିର୍ଣ୍ଣୟ ଏପର୍ଯ୍ୟନ୍ତ ଆର୍‌ଏ ସ୍ତରରେ ପଡ଼ି ରହଛି ।

ଏହିପରି, ବିଭାଗ ଦ୍ୱାରା ସମୟୋଚିତ ପ୍ରତିକ୍ରିୟା ନମିଳିବାରୁ ଏହି ମାମଲା ଗୁଡ଼ିକ ଆର୍‌ଏଙ୍କ ପାଖରେ ଫଏସଲା ନ ହୋଇ ପଡ଼ି ରହିଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ ଯେ, ରାଜ୍ୟ ସରକାର ଏହି ଛଅ ଗୋଟି ମାମଲାର ଫେବୃଆରୀ 2016 ଦିଆଯାଇଥିବା ସାଧାରଣ ନିର୍ଦ୍ଦେଶ ବିରୁଦ୍ଧରେ ରିଟ୍ ଦାଖଲ କରିବାକୁ ସ୍ଥିର କରିଥିଲା । ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଭୁକ୍ତ ପାଞ୍ଚଟି ମାମଲାରେ ଥିବା 5,103.43 କୋଟି ଟଙ୍କା ଦାବିରୁ ଆର୍‌ଏ ତିନିଟି ମାମଲାର ନିର୍ଣ୍ଣୟ (ଅଗଷ୍ଟ 2017) କରି ସଂଶୋଧିତ ଦାବି କରିଥିଲେ । ଅନ୍ୟ ଦୁଇଟି ମାମଲାରେ ପିଡବ୍ଲୁସି ଦାଖଲ କରାଯାଇଛି / କରାଯାଉଛି ।

### 7.2.4.3 ବକେୟା ରାଶିକୁ କମ୍‌ତି କରି ଦର୍ଶାଇବା ,ଦାବି କରାଯାଇଥିବା ପରିମାଣକୁ, ଦାବି ରେଜିଷ୍ଟର/ ରିପୋର୍ଟ ରେ ଅନ୍ତର୍ଭୁକ୍ତ ନକରିବା

**65,426.03 କୋଟି ଟଙ୍କାର ବକେୟା ରାଶିକୁ ଡିସିବିକୁ ନିଆଯାଇ ନଥିଲା ଯଦ୍ୱାରା ପ୍ରକୃତ ବକେୟା ତୁଳନାରେ ବକେୟା ରାଶି କମ୍ ଦର୍ଶାଯାଇଥିଲା**

ଖଣି ଏବଂ ଭୂତତ୍ତ୍ୱ ବିଭାଗର 1974 ଅଧିସୂଚନାରେ ବିହିତ ଥିଲା ଯେ, ଏକ ଦାବି, ସଂଗ୍ରହ ଏବଂ ଅବଶେଷ (ଡିସିବି) ରେଜିଷ୍ଟର, ଫର୍ମ ସଂଖ୍ୟା 26-ଖଣିରେ ଅନୁରକ୍ଷଣ ହେବ । ଦାବି ନୋଟିସ୍ ଜାରିକରାଗଲା ପରେ ଏହି ଦାବିର ପରିମାଣ ଡିସିବି ରେଜିଷ୍ଟରରେ ଦରଜ କରିବାର ଥିଲା । କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡିକ ଏକ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟର ମୋଟ ପ୍ରାପ୍ତିର ସଂକଳନ ପାଇଁ ନିର୍ଦ୍ଦେଶାଳୟକୁ ପଠେଇବାର ଥିଲା ।

ଖଣି ନିର୍ଦ୍ଦେଶାଳୟର ଅଫିସ୍ ନଥିପତ୍ରର ନମୁନା ଯାଞ୍ଚରୁ ଅଡିଟ୍ ଦେଖିଲା ଯେ 65,426.03 କୋଟି ଟଙ୍କା ଅକ୍ଟୋବର 2012 ରୁ ଅଗଷ୍ଟ 2016 ମଧ୍ୟରେ ଦାବି କରାଯାଇଥିଲା । ବର୍ଷ 2000-01 ରୁ 2009-10 ମଧ୍ୟରେ ନିୟମ ବହିର୍ଭୂତ ଖନନ ପାଇଁ 12 ଗୋଟି ଖଣି ମଣ୍ଡଳ ଅନ୍ତର୍ଭୁକ୍ତ 211 ପଟ୍ଟାଧାରୀଙ୍କ ବିରୁଦ୍ଧରେ ଦାବି କରାଯାଇଥିଲା । ବୈଧାନିକ ନିକାସ ଠାରୁ ଅଧିକ ଉତ୍ପାଦନ କରିଥିବା ତାଙ୍କର ଅପରାଧ ଥିଲା । ଅଡିଟ୍ ଚୟନିତ ଚାରିଟି ୟୁନିଟର ନଥିପତ୍ରକୁ ପୁନଃ ଯାଞ୍ଚ କରିଥିଲା । ଅଡିଟ୍ ଅବଲୋକନ କଲା ଯେ ନିୟମ ବହିର୍ଭୁତ ଖନନ ପାଇଁ 44,324.76 କୋଟି ଟଙ୍କାର ଦାବି ନଭେମ୍ବର 2012 ରୁ ଫେବୃଆରୀ 2014 ମଧ୍ୟରେ କରାଯାଇଥିଲା । ଏହା 200-01 ରୁ 2009-10 ମଧ୍ୟରେ ବୈଧାନିକ ନିକାସ ଠାରୁ ଅଧିକ ଉତ୍ପାଦନ କରିଥିବା 86 ଜଣ ପଟ୍ଟାଧାରୀଙ୍କ ବିରୁଦ୍ଧରେ ହୋଇଥିଲା । ତେବେ ଦାବି କରାଯାଇଥିବା ରାଶି ଡିସିବି କୁ ନିଆଯାଇନଥିଲା ଏବଂ ଖଣି ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିବା ଡିସିବି ବିବରଣରେ ପ୍ରତିବେଦିତ ହୋଇନଥିଲା ।

ଏହିପରି, ଡିସିବିରେ ଯେଉଁ ସଂଖ୍ୟା ପ୍ରତିବେଦିତ ହୋଇଥିଲା ତାହା ପ୍ରକୃତ ବକେୟା ଠାରୁ 65,426.03 କୋଟି ଟଙ୍କା କମ୍ ଦର୍ଶାଯାଇଥିଲା । ସୂଚନା ଅଭାବରୁ ଏହି ପ୍ରାପ୍ୟକୁ ହିସାବ ଅନ୍ତର୍ଭୁକ୍ତ ନ କରିବାରୁ ଭବିଷ୍ୟତରେ ଏହାର ଉପଯୁକ୍ତ ଆଦାୟ ପାଇଁ ପଦକ୍ଷେପ ନିଆଯାଇ ପାରି ନଥିଲା । ଏହା ସୂଚାଉଥିଲା ଯେ, ବକେୟା ପାଉଣା ଅସୁଲ ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରକ୍ରିୟାର ଅଭାବ ଥିଲା ।

ଉତ୍ତରରେ ସରକାର ଦର୍ଶାଇଥିଲେ ଯେ ଭିନ୍ନ ଭିନ୍ନ ପଟ୍ଟାଧାରୀଙ୍କ ଦ୍ୱାରା ଅତ୍ୟଧିକ ଉତ୍ପାଦନ କାରଣରୁ 65,426.03 କୋଟି ଟଙ୍କାର ଦାବି ହୋଇଥିଲା । ମାମଲା ବିଚାରାଧିନ ଥିବାରୁ ଉପରୋକ୍ତ ଦାବି ଡିସିବି ରେଜିଷ୍ଟରରେ ଅନ୍ତର୍ଭୁକ୍ତ ହୋଇନଥିଲା । ତେବେ, 2 ଅଗଷ୍ଟ 2017 ରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଏହି ମାମଲାର ଆଇନଗତ ଅଂଶ ସବୁ ବିଚାର କରି ଏହାର ସମାଧାନ କରିଥିଲେ ଏବଂ ସେହି ନିଷ୍ପତ୍ତି ଅନୁଯାୟୀ ଡିଡିଏମ୍/ ଏମ୍ଓ ମାନେ ଦାବି ଉଠାଇଥିଲେ । ତେବେ, ସତ୍ୟତା ଏହା ଥିଲା ଯେ, ଦାବି ଉଠାଇଲା ପରେ ବି ଏହି ଦାବି ରାଶିକୁ ଡିସିବକୁ ନିଆଯାଇନଥିଲା । ଏହି ରାଶି ତିନିରୁ ପାଞ୍ଚ ବର୍ଷ ହେବ ସରକାରଙ୍କ ହିସାବ ବାହାରେ ରହିଅଛି ।

## 7.2.5 ଅବକାରୀ ବକେୟା ରାଜସ୍ୱ

ରାଜ୍ୟ ଅବକାରୀ ରାଜସ୍ୱ ରେ ନିମ୍ନଲିଖିତ ଉପାଦାନ ଅନ୍ତର୍ଭୁକ୍ତ:

- କୌଣସି ଶୁଳ୍କ, ଫି ଏବଂ ଅନ୍ୟାନ୍ୟ ଦେୟ (ଅପରାଧିକ ନ୍ୟାୟାଳୟ ଦ୍ୱାରା ଆରୋପିତ ଜୋରିମାନା ବ୍ୟତୀତ) ରୁ ଉତ୍ପନ୍ନ କିମ୍ବା ଉତ୍ପନ୍ନଯୋଗ୍ୟ ରାଜସ୍ୱ ।
- ଏହି ଅଧିନିୟମ କିମ୍ବା ପ୍ରଚଳିତ ଅନ୍ୟ କୌଣସି ଆଇନ ଅନୁସାରେ । ନିଶାଯୁକ୍ତ ପାନୀୟ କିମ୍ବା ମାଦକ ଦ୍ରବ୍ୟ ସମ୍ପର୍କିତ ଆଦେଶପ୍ରାପ୍ତ ବାଜ୍ୟାପ୍ତି ।
- ବିହାର ଏବଂ ଓଡ଼ିଶା ଅବକାରୀ (ବିଆଣ୍ଡଓଇ) ଅଧିନିୟମ, 1915 ଅଧିନରେ ନିରୂପିତ ବିଶେଷାଧିକାର ମଞ୍ଜୁରୀ ପାଇଁ ଦେୟ କିମ୍ବା ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ଉଠାଣ ପାଇଁ ଦେୟ ଫି ।

ଯଦି କୌଣସି ଦେୟ ପରିମାଣ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାବି ସତ୍ତ୍ୱେ ପୈଠ କରାଯାଇ ନଥାଏ, ଏହା ବିଭାଗ ଦ୍ୱାରା ଅବକାରୀ ରାଜସ୍ୱର ବକେୟା ଶ୍ରେଣୀଭୁକ୍ତ ହୋଇଥାଏ ।

31 ମାର୍ଚ୍ଚ 2016 ସୁଦ୍ଧା ବକେୟା ଅବକାରୀ ରାଜସ୍ୱର ସବିଶେଷ ବିବରଣୀ ନିମ୍ନମତେ ଥିଲା :

(ଟଙ୍କା କୋଟି ଆକାରରେ)

| ବର୍ଷ | 31 ମାର୍ଚ୍ଚ ସୁଦ୍ଧା ପ୍ରାରମ୍ଭିକ ଅବଶେଷ | ବର୍ଷ ମଧ୍ୟରେ ମିଶ୍ରଣ | ମୋଟ | ବର୍ଷ ମଧ୍ୟରେ ଅସୁଲ | ଅନ୍ତିମ ଅବଶେଷ | ଅସୁଲର ପ୍ରତିଶତ | 31.3.2016 ରିଖ ସୁଦ୍ଧା ଥିବାଅନ୍ତିମ ଅବଶେଷରେ ବିଶ୍ଳେଷଣ ପ୍ରକାର/ ପରିମାଣ |
|---|---|---|---|---|---|---|---|
| 2013-14 | 45.51 | 7.21 | 52.71 | 1.36 | 51.35 | 2.58 | ସାର୍ଟିଫିକେଟ୍ ମାମଲାଧୀନ: 14.46 |
| 2014-15 | 51.35 | 7.29 | 58.64 | 0.89 | 57.75 | 1.51 | ଅଦାଲତରେ ମାମଲାଧୀନ: 37.53 |
| 2015-16 | 57.75 | 2.28 | 60.03 | 1.19 | 58.84 | 1.98 | ଅନ୍ୟ ସ୍ତରରେ: 6.85 |

**ଉତ୍ସ: ଅବକାରୀ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ**

ଅଡିଟ୍ ଅବଲୋକନ କଲା ଯେ:

- 2013-14 ପ୍ରାରମ୍ଭରେ ବକେୟା ରାଜସ୍ୱ 45.51କୋଟି ଟଙ୍କା ଥିବା ସ୍ଥଳେ 2015-16 ରେ 58.84 କୋଟି ଟଙ୍କା ହୋଇଥିଲା ।
- ଏଥି ମଧ୍ୟରୁ 45.51 କୋଟି ଟଙ୍କା ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବକେୟା ରହିଥିଲା ।

- ଉପରୋକ୍ତ ବର୍ଷମାନଙ୍କ ମଧ୍ୟରେ ଆଦାୟ ହୋଇଥିବା ବକେୟା 1.51 ରୁ 2.58 ପ୍ରତିଶତ ମଧ୍ୟରେ ଥିଲା ।

ଅବକାରୀ ରାଜସ୍ୱର ଏପରି ସ୍ୱଳ୍ପ ଆଦାୟର କାରଣଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 7.2.5.1 ଦାବି, ଆଦାୟ ଏବଂ ଅବଶେଷ ରେଜିଷ୍ଟର ବହି ଅନୁରକ୍ଷଣ ହୋଇ ନଥିଲା ଏବଂ ବକେୟା ଦାବି ରେଜିଷ୍ଟରରେ ଅନ୍ତର୍ଭୁକ୍ତ ହୋଇ ନ ଥିଲା

ଓଡିଶା ଅବକାରୀ ନିୟମ ପୁସ୍ତିକା ଅନୁସାରେ, ପ୍ରତ୍ୟେକ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ GL 17 ଫର୍ମରେ ଦାବି, ଆଦାୟ ଏବଂ ଅବଶେଷର ସ୍ମାରକ ରେଜିଷ୍ଟର ଅନୁରକ୍ଷଣ କରିବେ । ଏହା ରାଜସ୍ୱ ଆଦାୟର ପ୍ରଗତିକୁ ନଜରର ରଖିବା ପାଇଁ ବିହିତ ଥିଲା ।

ଚୟନ କରାଯାଇଥିବା ଆଠଟି ୟୁନିଟ୍‌ର ନଥିପତ୍ରର ନମୁନା ଯାଞ୍ଚରୁ ଅଡିଟ୍ ଅବଲୋକନ କଲା ଯେ :

- ଦାବି, ଆଦାୟ ଏବଂ ଅବଶେଷ (ଡିସିବି) ରେଜିଷ୍ଟର କୌଣସି ୟୁନିଟ୍ ଦ୍ୱାରା ଅନୁରକ୍ଷଣ ହୋଇ ନ ଥିଲା ।

- ଅବକାରୀ କମିଶନର (ଇସି)ଙ୍କ ପାଖରେ ଉପସ୍ଥାପିତ ହୋଇଥିବା ଡିସିବି ରିପୋର୍ଟରେ 2009-10 ରୁ 2015-16 ପାଇଁ ମାମଲାରେ 5ଟି ୟୁନିଟ୍[18] 30ଟି ମାମଲାରେ 5.06 କୋଟି ଟଙ୍କାର ଦାବିକୁ ଅନ୍ତର୍ଭୁକ୍ତ କରିନ ଥିଲେ । ଏହା ଡିସିବି ରେଜିଷ୍ଟରରେ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ଏହି ପରିମାଣ ପରିକଳ୍ପିତ ବକେୟା ଅବଶେଷର ବାହାରେ ରଖାଯାଇଥିଲା ।

- କେବଳ ଦାବି ବିଜ୍ଞପ୍ତି ନିର୍ଗମ କରିବା ବ୍ୟତୀତ, ଏହି ପରିମାଣ ଆଦାୟ କରିବା ପାଇଁ କୌଣସି ଅସୁଲି କାର୍ଯ୍ୟ ପ୍ରକ୍ରିୟା ଯଥା ଜବତ ପରୱାନା, ସାର୍ଟିଫିକେଟ ମାମଲାର ଆରମ୍ଭ କରାଯାଇନଥିଲା ।

- ପୁନଶ୍ଚ, 2009-10 ରୁ 2012-13 ବର୍ଷ ସଂପର୍କିତ 7ଟି ମାମଲା ରେ 5.18 କୋଟି ଟଙ୍କା ର ଦାବି ଚାରି ରୁ ସାତ ବର୍ଷ ପରେ 2016-17 ରେ ଉପସ୍ଥାପନ କରାଯାଇଥିଲା, ତାହା ମଧ୍ୟ ଅସୁଲି କରାଯାଇ ନଥିଲା । ଏହି ମାମଲା ଗୁଡିକରେ ବିଳମ୍ବ, ବକେୟା ରାଜସ୍ୱ ଅସୁଲିକୁ ଆହୁରି ଜଟିଳ ଏବଂ କିଛି କ୍ଷେତ୍ରରେ କାଳବାରିତ ହୋଇଯାଇପାରେ ।

ବକେୟା ପରିମାଣରୁ 10.24 କୋଟି ଟଙ୍କା ବାଦ୍ ଦେବା ସୁଚିତ କରିଥିଲା ଯେ, ନିୟନ୍ତ୍ରଣ ଅଧିକାରୀଙ୍କୁ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ କରାଯାଉଥିଲା ଫଳରେ, ଅସୁଲି ହେବାକୁ ଥିବା ପରିମାଣ ଉପରୁ ନିୟନ୍ତ୍ରଣ ନଥିଲା ।

ଅଡିଟ୍ ଏହି ଘଟଣାଟି ସରକାରଙ୍କୁ ଅବଗତ କରାଇଥିଲା (ଅଗଷ୍ଟ 2017) । ସେମାନଙ୍କର ଉତ୍ତର ପ୍ରତୀକ୍ଷାରେ ଅଛି ।

### 7.2.5.2 ଅସୁଲ ଯୋଗ୍ୟ ପ୍ରାପ୍ୟ ଆଦାୟରେ ଅନୁରକ୍ଷଣ କାର୍ଯ୍ୟ ପନ୍ଥାର ଅଭାବ

**ସାର୍ଟିଫିକେଟ୍ ମାମାଲାର କାର୍ଯ୍ୟବିଧି ଆରମ୍ଭ କରି ବକେୟା ରାଜସ୍ୱ ଅସୁଲ କରିବା ପାଇଁ ବିଭାଗ ପ୍ରଭାବୀ ଢଙ୍ଗରେ ଅନୁସରଣ କରିନଥିଲା ।**

ବିହାର ଏବଂ ଓଡିଶା ଅବକାରୀ ଅଧିନିୟମ, 1915 ର ଧାରା 93 ଅନୁସାରେ, ସମସ୍ତ ଅବକାରୀ ରାଜସ୍ୱ ,ଅବକାରୀ ରାଜସ୍ୱ ସମ୍ବନ୍ଧୀୟ ଚୁକ୍ତି ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ଦ୍ୱାରା ରାଜ୍ୟ ସରକାରଙ୍କୁ ସମସ୍ତ ଦେୟ ପରିମାଣ, ଯେଉଁ ବ୍ୟକ୍ତି ମୂଖ୍ୟତଃ ଏହା ଦେବା ପାଇଁ ଦାୟୀ କିମ୍ବା ତାଙ୍କର ଜାମିନଦାର ଯଦି ଥାଏ, ତାଙ୍କ ଠାରୁ ଜବତ ୱାରେଣ୍ଟ ଜାରି କରି ଏବଂ ତାଙ୍କର ଚଳନ୍ତି ସମ୍ପତ୍ତି ବିକ୍ରି କରି, କିମ୍ବା ଭୂ-ରାଜସ୍ୱ ବକେୟା ଆଦାୟ ପାଇଁ ବିହିତ ପ୍ରକ୍ରିୟା ଦ୍ୱାରା ଆଦାୟ କରାଯାଇପାରେ । ପୁନଶ୍ଚ, ମାମାଲା ରୁଜୁ କରିବାକୁ ଅନୁରୋଧ କଲାବେଳେ, ଖିଲାପକାରୀଙ୍କ ସମ୍ପତ୍ତି ବିବରଣୀ ଏବଂ ଖିଲାପକାରୀଙ୍କ ସ୍ଥାୟୀ/ ବର୍ତ୍ତମାନ ଠିକଣା ସାର୍ଟିଫିକେଟ୍ ଅଧିକାରୀଙ୍କୁ ଉପଲବ୍ଧ କରାଯିବା ଉଚିତ୍ ।

ଅଡିଟ୍ ଚୟନ କରାଯାଇଥିବା ୟୁନିଟ୍ ଗୁଡିକରେ ଆଦାୟ ଯୋଗ୍ୟ ଦେୟ ଉପରେ ନଥିପତ୍ର ଯାଞ୍ଚ କରି ନିମ୍ନଲିଖିତ ଘଟଣା ପ୍ରକଟ କଲା ।

[18] ଭଦ୍ରକ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା ଓ ନୟାଗଡ଼ ।

ବର୍ଷ 1991-92 ରୁ 2010-11 ମଧ୍ୟରେ 5 ଟି[19] ୟୁନିଟ୍‌ରେ 26 ଟି ମାମଲାରେ 3.27 କୋଟି ଟଙ୍କା ଆଦାୟ ପାଇଁ ଦାବୀପତ୍ର ଉପସ୍ଥାପନ କରାଯାଇଥିଲା । ଏହା ସ୍ଥିରିକୃତ ସର୍ବନିମ୍ନ ପ୍ରତ୍ୟାହୃତ ପରିମାଣର ସ୍ୱଳ୍ପ ଉଠାଣ ସମ୍ବନ୍ଧୀୟ ଅବକାରୀ ଶୁଳ୍କ ଏବଂ ଲାଇସେନସ୍ ଫି ଥିଲା ।

ଲାଇସେନସ୍‌ଧାରୀମାନେ ଏହି ପରିମାଣକୁ ପଇଠ କରିନଥିଲେ । ତନ୍ମଧ୍ୟରୁ, 13ଟି ମାମଲାରେ 2.49 କୋଟି ଟଙ୍କା ପାଇଁ ଜିଲ୍ଲାପାଳ/ ଅବକାରୀ ଅଧିକ୍ଷକମାନେ ଖିଲାପକାରୀଙ୍କ ବିରୁଦ୍ଧରେ ସାର୍ଟିଫିକେଟ୍ ମାମଲା ରୁଜୁ କରିବା ପାଇଁ ସମ୍ବନ୍ଧୀତ ସାର୍ଟିଫିକେଟ୍ ଅଧିକାରୀଙ୍କୁ ଅନୁରୋଧ (ମଇ 1999 ରୁ ଅଗଷ୍ଟ 2010) କରିଥିଲେ । ସାର୍ଟିଫିକେଟ୍ ମାମଲାଗୁଡିକ ଏପର୍ଯ୍ୟନ୍ତ ରୁଜୁ କରିବାକୁ ବାକି ଅଛି । ଅବଶିଷ୍ଟ 13ଟି ମାମଲାରେ 0.78 କୋଟି ଟଙ୍କା ପାଇଁ ଖିଲାପକାରୀଙ୍କ ଉପଯୁକ୍ତ ଠିକଣା ଅଭାବ ଯୋଗୁଁ ସାର୍ଟିଫିକେଟ୍ ଅଧିକାରୀ ଏବଂ ଅବକାରୀ ଅଧିକ୍ଷକଙ୍କ ଦ୍ୱାରା ଖିଲାପକାରୀଙ୍କୁ ଦାବିପତ୍ର ଦିଆଯାଇପାରି ନଥିଲା । ଏଥି ମଧ୍ୟରୁ 4ଟି ମାମଲାରେ, ଖିଲାପକାରୀଙ୍କ ସମ୍ପତ୍ତି ଠାବ କରାଯାଇପାରି ନଥିଲା । ଯେହେତୁ ସେମାନେ ଓଡିଶା ବାହାରର ଥିଲେ । ଏହି ତଥ୍ୟ ସାର୍ଟିଫିକେଟ ଅଧିକାରୀମାନେ ଯଥାଯଥ ଅବକାରୀ ଅଧିକାରୀମାନଙ୍କୁ 2002-03 ରୁ 2012-13 ମଧ୍ୟରେ ଅବଗତ କରାଇଥିଲେ । କିନ୍ତୁ, ଉପଯୁକ୍ତ ଠିକଣା, ସମ୍ପତ୍ତି ବିବରଣୀ ପାଇବା ପାଇଁ ଏବଂ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ପାଇଁ ସାର୍ଟିଫିଟେଟ ଅଧିକାରୀମାନଙ୍କୁ ଜଣାଇବା ପାଇଁ ଅବକାରୀ ଅଧିକ୍ଷକଙ୍କ ଦ୍ୱାରା କୌଣସି ଫଳପ୍ରଦ କାର୍ଯ୍ୟପନ୍ଥା ନିଆଯାଇନଥିଲା ।

ଅନ୍ୟ ଏକ ମାମଲାରେ, ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ଅଧିନରେ 2008-09 ରୁ 2013-14 ମଧ୍ୟରେ ଅନାଦାୟ ଲାଇସେନସ୍ ଫି, ଆମଦାନି ପାଉଣା ଓ ଶୁଳ୍କ ବାବଦରେ 8.69 କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଥିଲା । ସମୁଦାୟ ଦାବୀ 8.69 କୋଟି ଟଙ୍କା ମଧ୍ୟରୁ, କମ୍ପାନୀ ଦ୍ୱାରା 2008 ମସିହାରେ ଉଚ୍ଚ ନ୍ୟାୟାଳୟରେ ଆଗତ ରିଟ୍ ପିଟିସନ୍ ରେ 3.10 କୋଟି ଟଙ୍କା ସ୍ଥଗିତ ହୋଇଥିଲା । କିନ୍ତୁ, ନ୍ୟାୟାଳୟରେ ସ୍ଥଗିତ ହୋଇନଥିବା ଅବଶିଷ୍ଟ 5.59 କୋଟି ଟଙ୍କା ଅସୁଲ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇନଥିଲା ।

ଅଡିଟ୍ ଏହି ଘଟଣା ସରକାରଙ୍କୁ ଜଣାଇଥିଲା (ଅଗଷ୍ଟ 2017) । ସେମାନଙ୍କର ଉତ୍ତର ପ୍ରତୀକ୍ଷାରେ ଅଛି ।

### 7.2.5.3 ନିର୍ଗମନ ମାମଲାଗୁଡିକରେ ସ୍ଥଗିତାଦେଶ/ ଫଇସଲାର ସମାପ୍ତି ପାଇଁ ଅନୁକରଣ କାର୍ଯ୍ୟପନ୍ଥାର ଅଭାବ

**ମାମଲାଗୁଡ଼ିକରେ ସ୍ଥଗିତାଦେଶ ଖାରଜ କରିବା ପାଇଁ କୌଣସି ଅନୁସରଣାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ ନକରିବାରୁ 9.39 କୋଟି ଟଙ୍କାର ବକେୟା ରାଜସ୍ୱ ଅନାଦାୟ ରହିଥିଲା । 1997-98 ରେ ରୁଜୁ ହୋଇଥିବା 1.11 କୋଟି ଟଙ୍କାର ସାର୍ଟିଫିକେଟ ମାମଲା ଅନୁସରଣାତ୍ମକ କାର୍ଯ୍ୟପନ୍ଥାର ଅଭାବରୁ ଫଏସଲା ହୋଇପାରି ନଥିଲା ।**

ପ୍ରତିଷ୍ଠିତ ପ୍ରକ୍ରିୟା ଅନୁସାରେ ଅଦାଲତରେ ବିଚାରଧୀନ ମାମଲାଗୁଡିକ ପାଇଁ ସର୍ବୋଚ୍ଚ ସ୍ତରରେ ସମୟୋଚିତ ପଦକ୍ଷେପ ଏବଂ ପର୍ଯ୍ୟାଲୋଚନା ଅପରିହାର୍ଯ୍ୟ ଥିଲା ।

ଅଡିଟ୍ ଚୟନ ହୋଇଥିବା କ୍ଷେତ୍ରୀୟ କାର୍ଯ୍ୟାଳୟ ମାନଙ୍କର ଅଦାଲତରେ ପଡିଥିବା ବକେୟା ଦାବି ରାଶିର ନଥିପତ୍ର ଯାଞ୍ଚ କରିଥିଲା । ଅଡିଟ୍ ଦେଖିଲା ଯେ-:

- ତିନୋଟି[20] କ୍ଷେତ୍ରୀୟ କାର୍ଯ୍ୟାଳୟରେ 37ଟି ମାମଲାରେ ଅବକାରୀ ଶୁଳ୍କ, ଜୋରିମାନା ଏବଂ ଲାଇସେନସ୍ ଫି ପ୍ରାପ୍ୟ ବାବଦରେ ମୋଟ 4.02 କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଥିଲା ସେହି ଦାବିଗୁଡିକ 1997-98 ରୁ 2014-15 ସଂପର୍କିତ ଥିଲା । ଏଥିରୁ 6ଟି ମାମଲାରେ, 0.74 କୋଟି ଟଙ୍କାର ମାମଲା ଅଦାଲତ ଦ୍ୱାରା ସ୍ଥଗିତ ରଖାଯାଇଥିଲା । କିନ୍ତୁ, ଅଦାଲତରେ ପ୍ରତି ସତ୍ୟ ପାଠ ଦାଖଲ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା । 31ଟି ମାମଲାରେ ପ୍ରତିସତ୍ୟପାଠ /ଟିପ୍ପଣୀ ଦାଖଲରେ 10 ବର୍ଷ ପର୍ଯ୍ୟନ୍ତ ବିଳମ୍ବ କରାଯାଇଥିଲା । ନ୍ୟାୟ ନିର୍ଣ୍ଣୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପରବର୍ତ୍ତୀ କାର୍ଯ୍ୟ ପନ୍ଥା ନିଆଯାଇ ନ ଥିଲା ।

- ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ଅଧିନରେ ଏକ କମ୍ପାନୀ ବିରୁଦ୍ଧରେ ଅନାଦାୟ ଲାଇସେନସ୍ ଫି ଦେୟ, ଆମଦାନୀ ଫି ଏବଂ ଶୁଳ୍କ ବାବଦରେ 5.37 କୋଟି ଟଙ୍କା ର ଦାବି ଉତ୍ଥାପନ (ମାର୍ଚ୍ଚ 2006) କରାଯାଇଥିଲା । କମ୍ପାନୀ ଏହା ବିରୁଦ୍ଧରେ ଏକ ଆଜ୍ଞାଦେଶ ଅର୍ଜି ଉଚ୍ଚ ନ୍ୟାୟାଳୟରେ ଦାଖଲ (2007)

[19] କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, ନବରଙ୍ଗପୁର ଓ ନୟାଗଡ଼ ।

[20] ଯାଜପୁର, କନ୍ଧମାଳ ଏବଂ କେନ୍ଦୁଝର ।

କରିଥିଲା ଏବଂ ଏହା ଉପରେ ସ୍ଥଗିତାଦେଶ ପାଇଥିଲା । କିନ୍ତୁ, ଏହି ସ୍ଥଗିତାଦେଶ ଖାରଜ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇନଥିଲା ।

- ସେହିପରି, ଛଅଟି[1] କ୍ଷେତ୍ରୀୟ କାର୍ଯ୍ୟାଳୟରେ 25ଟି ମାମଲାରେ 1.11 କୋଟି ଟଙ୍କାର ସାର୍ଟିଫିକେଟ୍ ମାମଲା 1997-98 ରୁ 2003-04 ମଧ୍ୟରେ ରୁଜୁ କରାଯାଇଥିଲା । କିନ୍ତୁ, ପରବର୍ତ୍ତୀ ଅନୁସରଣାତ୍ମକ କାର୍ଯ୍ୟାନୁଷ୍ଠାନ ଅଭାବରୁ ମାମଲାଗୁଡିକର ଫଇସଲା ଏପର୍ଯ୍ୟନ୍ତ ହୋଇପାରି ନଥିଲା ।

ଏଣୁ, ଏହା କୁହାଯାଇପାରେ ଯେ ସଂପୃକ୍ତ ବିଭାଗ ସରକାରଙ୍କର ବକେୟା ରାଜସ୍ୱର ଅସୁଲ ପାଇଁ ମାମଲାଗୁଡ଼ିକର ସ୍ଥଗିତାଦେଶ ବାତିଲ୍ କରିବାକୁ ଯଥୋଚିତ ଅନୁସରଣ ପ୍ରଚେଷ୍ଟା କରିନଥିଲା ।

ଅଡିଟ୍ ଏହି ଘଟଣା ସରକାରଙ୍କୁ ଅବଗତ (ଅଗଷ୍ଟ 2017) କରାଇଥିଲା । ସେମାନଙ୍କର ଉତ୍ତର ପ୍ରତୀକ୍ଷାରେ ଅଛି ।

## 7.2.6 ମୋଟର ଯାନ ରାଜସ୍ୱ ବକେୟା

ଓଡିଶା ମୋଟରଯାନ କର ଧାର୍ଯ୍ୟ (ଓଏମ୍‌ଭିଟି) ଅଧିନିୟମ 1975ର ଧାରା 14 ଅନୁସାରେ ଅଧିନିୟମର ବ୍ୟବସ୍ଥା କରାଯାଇଥିବା ଅପରିଶୋଧ ଦେୟ କର ଏବଂ ଶାସ୍ତି ସ୍ୱରୂପ ଅସୁଲି ପାଇଁ ନିର୍ଦ୍ଦେଶିତ ହୋଇଥିବା ଯେ କୌଣସି ରାଶି ଏହି ଅଧିନିୟମରେ ବ୍ୟବସ୍ଥିତ ଅନୁସୂଚୀ-II ଅନୁଯାୟୀ ସାର୍ବଜନୀକ ଦାବୀ ଭାବେ ଅସୁଲ କରାଯିବ ।

ବକେୟା ରାଜସ୍ୱର ବିବରଣୀ ନିମ୍ନମତେ ପ୍ରଦତ୍ତ ହେଲା :

**(ଟଙ୍କା କୋଟି ଆକାରରେ)**

| ବର୍ଷ | ବର୍ଷ ଆରମ୍ଭରେ ଥିବା ବକେୟା | ବର୍ଷ ମଧ୍ୟରେ ମିଶ୍ରିତ ବକେୟା | ମୋଟ ବକେୟା | ବର୍ଷ ମଧ୍ୟରେ ଆଦାୟ ହୋଇଥିବା ବକେୟା | ବର୍ଷ ଶେଷରେ ବକେୟାର ପରିମାଣ | ବକେୟା ଆଦାୟର ପ୍ରତିଶତ | 31.3.2016 ରେ ଅନ୍ତିମ ଅବଶେଷର ବିଶ୍ଳେଷଣ |
|---|---|---|---|---|---|---|---|
| | | | | | | | ପ୍ରକାର/ପରିମାଣ |
| 2013-14 | 137.75 | 35.11 | 172.86 | 32.53 | 140.33 | 18.82 | ପ୍ରମାଣପତ୍ର ମାମଲା: 114.81 |
| 2014-15 | 140.33 | 67.29 | 207.62 | 54.39 | 153.23 | 26.20 | ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥଗିତ ହୋଇଥିବା: 5.90 |
| 2015-16 | 153.23 | 68.43 | 221.66 | 78.39 | 143.27 | 35.36 | ଅନ୍ୟାନ୍ୟ ସ୍ତରରେ: 22.56 |

**ଉତ୍ସ : ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା**

ଅଡିଟ ଅବଲୋକନ କଲା ଯେ:

31 ମାର୍ଚ୍ଚ 2016 ସୁଦ୍ଧା 143.27 କୋଟି ଟଙ୍କା ବକେୟା ରାଜସ୍ୱ ମଧ୍ୟରୁ 137.75 କୋଟି ଟଙ୍କା ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନାଦାୟ ରହିଥିଲା ।

- 2013-16 ବର୍ଷ ଗୁଡିକ ମଧ୍ୟରେ ଅବଶେଷ ବକେୟା ରାଜସ୍ୱ ଅଙ୍କ ବହୁତେ ସ୍ଥିର ରହିଥିଲା ।

- ଗତ ତିନି ବର୍ଷରେ ବକେୟା ଆଦାୟ ର ପରିମାଣ 18.82 ରୁ 35.36 ପ୍ରତିଶତ ମଧ୍ୟରେ ରହିଥିଲା ।

ବକେୟାର ପ୍ରାରମ୍ଭିକ ଅବଶେଷ ଅଙ୍କ ବହୁତେ ସ୍ଥିର ରହୁଥିବା ସୂଚିତ କରେ ଯେ ଖିଲାପ ବକେୟା ଆଦାୟ ପାଇଁ ଜୋରଦାର ପ୍ରଚେଷ୍ଟା କରାଯାଇନଥିଲା ।

ବକେୟା ରାଜସ୍ୱ ସଂଗ୍ରହରେ ପରିଚାଳନା ଓ ପର୍ଯ୍ୟାଲୋଚନା ଜନିତ ଚ୍ୟୁତି ବିଚ୍ୟୁତି ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଯାଇଛି ।

[1] ଭଦ୍ରକ, ଯାଜପୁର, କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, ନବରଙ୍ଗପୁର ଓ ନୟାଗଡ ।

### 7.2.6.1 ବକେୟା ରାଜସ୍ୱ ସଂଗ୍ରହରେ ଲକ୍ଷ୍ୟ ହାସଲ ହୋଇନଥିଲା

**ରାଜସ୍ୱ ଆଦାୟରେ ଆନ୍ତରିକ ଉଦ୍ୟମର ଅଭାବ ଯୋଗୁଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ନଥିଲା ।**

2015-16 ବର୍ଷ ପାଇଁ ବକେୟା ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଧାର୍ଯ୍ୟ ଦ୍ୱାରା ହୋଇଥିଲା । ଏପରି କୌଣସି ଲକ୍ଷ୍ୟ 2013-14 ଏବଂ 2014-15 ବର୍ଷମାନଙ୍କର ଧାର୍ଯ୍ୟ କରାଯାଇନଥିଲା । ଧାର୍ଯ୍ୟ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ ରେ ସଫଳତା ନିମ୍ନଲିଖିତ ସାରଣୀରେ ଦିଆଯାଇଛି ।

**(ଲକ୍ଷ ଟଙ୍କା ଆକାରରେ)**

| କ୍ର.ସଂ | ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନାମ | 2015-16 | | |
|---|---|---|---|---|
| | | ଧାର୍ଯ୍ୟ ଲକ୍ଷ୍ୟ | ହାସଲ | କମ୍ତି |
| 1 | କଟକ | 324.48 | 119.14 | 208.34 |
| 2 | ସମ୍ବଲପୁର | 1,239.42 | 132.69 | 1,106.73 |
| 3 | ଝାରସୁଗୁଡ଼ା | 643.08 | 285.07 | 358.01 |
| 4 | ଅନୁଗୁଳ | 1,173.72 | 299.40 | 874.32 |
| 5 | ଗଞ୍ଜାମ | 3,090.00 | 1,235.01 | 1,854.99 |
| 6 | ରାୟଗଡ଼ା | 129.89 | 57.98 | 71.91 |
| 7 | ଗଜପତି | 28.46 | 27.15 | 1.31 |
| 8 | ବାଲେଶ୍ୱର | 1,393.69 | 548.08 | 845.61 |
| | ମୋଟ | **8,025.74** | **2,704.51** | **5,321.23** |

**ଉତ୍ସ : ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ସୂଚନା**

ଅଡିଟ୍ ଅବଲୋକନ କଲା ଯେ :

- 2015-16 ରେ ଆଠଟି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଙ୍କର ଲକ୍ଷ୍ୟ ହାସଲରେ କମ୍ତି 1.31 ଲକ୍ଷ ଟଙ୍କାରୁ 1,854.99 ଲକ୍ଷ ଟଙ୍କା ମଧ୍ୟରେ ଥିଲା ।
- ବକେୟା ରାଜସ୍ୱ ଅସୁଲ ଲକ୍ଷ୍ୟ ସ୍ଥିରୀକରଣ କରିବାର ଆଧାର ମଧ୍ୟ ନଥିପତ୍ରରେ ଉପଲବ୍ଧ ନଥିଲା
- ଲକ୍ଷ୍ୟ ଧାର୍ଯ୍ୟ ଏବଂ ବାସ୍ତବ ସଫଳତା ମଧ୍ୟରେ ବ୍ୟାପକ ଭିନ୍ନତା ଥିବା ଦର୍ଶାଉଥିଲା ଯେ ହୁଏତ ଧାର୍ଯ୍ୟ ଲକ୍ଷ୍ୟ ବାସ୍ତବ ନଥିଲା ଅଥବା ରାଜସ୍ୱ ଆଦାୟ ପାଇଁ ଯଥୋଚିତ ପ୍ରଚେଷ୍ଟା କରାଯାଇ ନଥିଲା ।

ଉତ୍ତରରେ ସରକାର ଜଣାଇଲେ ଯେ ସମସ୍ତ ଆରଟିଓ କାର୍ଯ୍ୟାଳୟମାନଙ୍କରେ ମାନବ ସମ୍ବଳର ଏବଂ କୌଣସି ସମର୍ଥନର ଅଭାବ ଯୋଗୁଁ ମୋଟର ଯାନ ବକେୟା ରାଜସ୍ୱ ଅସୁଲରେ ଶତ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରିନଥିଲା ।

### 7.2.6.2 ଅସତ୍ୟାପିତ ବକେୟା ରାଶି

**ଏସ୍‌ଟିଏଙ୍କ ଦ୍ୱାରା ପ୍ରତିବେଦିତ ବକେୟାର ପରିମାଣ ଓ ବାହନରୁ ପ୍ରାପ୍ତ ପରିମାଣ ମଧ୍ୟରେ ଅସମାଞ୍ଜସ୍ୟତା ।**

ଆର୍‌ଟିଓ ମାନଙ୍କର ବକେୟା ମୋଟର ଯାନ ରାଜସ୍ୱ ତଥ୍ୟର ଉତ୍ସ ବିଭାଗୀୟ କମ୍ପ୍ୟୁଟରୀକୃତ ବାହନ ଡାଟାବେସ୍ ଥିଲା । ଆରଟିଏ ମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ମାସିକ ପ୍ରଗତି ରିପୋର୍ଟରୁ ବକେୟା ମୋଟର ଯାନ ରାଜସ୍ୱର ସଂକଳନ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିଲା ।

ଅଡିଟ୍ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଆଠଟି ନମୁନା ୟୁନିଟର ବର୍ଷ ଶେଷ ପରିମାଣ ସଂପର୍କିତ ସୂଚନାର ବିଶ୍ଳେଷଣ କରିଥିଲା । ଅଡିଟ୍ ବାହନ ତଥ୍ୟାବଳୀରୁ ଦୁଇ ପ୍ରକାର[2] ଯାନର ବକେୟାର ପରତାଳ କରିଥିଲା । ଅଡିଟ୍ ଅବଲୋକନ କଲା ଯେ ଗତ ପୁନରୀକ୍ଷଣ ପର ଠାରୁ ଯଥା-1 ଜାନୁଆରୀ 2002 ରୁ 31 ମାର୍ଚ୍ଚ 2016 ମଧରେ ବକେୟା ପରିମାଣ 588.10 କୋଟି ଟଙ୍କା ଥିଲା । କିନ୍ତୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ଶ୍ରେଣୀ ଯାନ ପାଇଁ ପ୍ରତିବେଦିତ ବକେୟା ରାଜସ୍ୱ 31 ମାର୍ଚ୍ଚ 2016 ସୁଦ୍ଧା 143.27 କୋଟି ଟଙ୍କା ଥିଲା ।

2 ଚୁକ୍ତିଭିତ୍ତିକ ଯାନ ଓ ମାଲବାହୀ ଯାନ ।

ଏହାଫଳରେ ପ୍ରତିବେଦିତ ବକେୟା ରାଜସ୍ୱର ପରିମାଣ ଭରସାଯୋଗ୍ୟ ନଥିଲା ଏବଂ ବକେୟା ଅସୁଲି ପାଇଁ ଯୋଜନାରେ ପ୍ରତିବନ୍ଧକ ସୃଷ୍ଟିକରୁଥିଲା ।

ଜବାବରେ ସରକାର ଜଣାଇଲେ ଯେ ବକେୟା ମୋଟର ଯାନ କର ଖିଲାପକାରୀମାନଙ୍କ ସଂପର୍କିତ ସୂଚନା ପାଇଁ କ୍ରାଉଡ୍ ସୋର୍ସିଙ୍ଗ ପ୍ରଣାଳୀରେ ଏକ ବକେୟା ସୂଚନା ପରିଚାଳନା ପଦ୍ଧତି (ଏଆଇଏମ୍ଏସ୍) ବିକାଶର ସୂତ୍ରପାତ କରାଯାଇଛି । କର ଖିଲାପକାରୀଙ୍କ ଦ୍ୱାରା ଦିଆଯାଇଥିବା ଇନ୍‌ପୁଟ୍ ଆଧାରରେ ଏକ ପ୍ରଭାବୀ ପରିଚାଳନାଗତ ସୂଚନା ପଦ୍ଧତି (ଏମ୍ଆଇଏସ୍) ମଡ୍ୟୁଲ୍ ଏଆଇଏମ୍ଏସ୍ ସହିତ ଏକୀଭୂତ କରାଯିବ । ନିକଟ ଭବିଷ୍ୟତରେ ଆର୍‌ଟିଓ କାର୍ଯ୍ୟାଳୟମାନଙ୍କରେ ବାହନ-4 ର ପ୍ରୟୋଗ କରାଗଲେ ଅସାମଞ୍ଜସ୍ୟତା ଦୂର ହୋଇଯିବ ।

### 7.2.6.3 ଦାବି, ଅସୁଲ ଏବଂ ଅବଶେଷ ରେଜିଷ୍ଟରର ଅନନୁରକ୍ଷଣ

**ଡିସିବି ରେଜିଷ୍ଟର ଅନୁରକ୍ଷଣ ନ କରିବା ଯୋଗୁ ବକେୟାର ତ୍ରୁଟିପୂର୍ଣ୍ଣ ସୂଚନା ।**

ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ମାର୍ଚ୍ଚ 1989 ମସିହାରେ ସମସ୍ତ କର ଧାର୍ଯ୍ୟ ଅଧିକାରୀମାନଙ୍କୁ ଏକ ଦାବି, ଅସୁଲ ଏବଂ ଅବଶେଷ (ଡିସିବି) ରେଜିଷ୍ଟର ଅନୁରକ୍ଷଣ କରିବାକୁ ଅନୁଦେଶ ଜାରି କରିଥିଲେ । ଏହି ରେଜିଷ୍ଟରର ଏକ ସ୍ତମ୍ଭ ବକେୟା କରର ବିବରଣୀ ଦର୍ଶାଇବ ।

ଅଡିଟ୍ ଅବଲୋକନ କଲା ଯେ, କୌଣସି ନମୁନା ଯାଞ୍ଚ୍ କରାଯାଇଥିବା ୟୁନିଟ୍ ଏପରି ହସ୍ତଲିଖିତ ରେଜିଷ୍ଟରର ଅନୁରକ୍ଷଣ କରିନଥିଲେ । ବାହନ ଡାଟାବେସ୍ ଯାହା ପଞ୍ଜୀକୃତ ଯାନଗୁଡ଼ିକର କମ୍ପ୍ୟୁଟରୀକୃତ ତଥ୍ୟ ରଖିଥାଏ, ସେଥିରେ ମଧ୍ୟ ଡିସିବି ରେଜିଷ୍ଟର ମଡ୍ୟୁଲ ନଥିଲା । ଡିସିବି ରେଜିଷ୍ଟର ଅନୁରକ୍ଷଣ ବନ୍ଦ କରିବା ପାଇଁ କୌଣସି ଆଦେଶ ନଥିଲା । ଫଳରେ ଆଦାୟ ହେବାକୁ ଥିବା ବକେୟା କରର ସତ୍ୟାପନ କରିବାକୁ କୌଣସି ନଥିପତ୍ର ଲଭ୍ୟ ନଥିଲା ।

ଜବାବରେ ସରକାର ଜଣାଇଲେ ଯେ, ଡିସିବି ରେଜିଷ୍ଟର ଅନୁରକ୍ଷଣ କରିବା ପାଇଁ ପ୍ରବର୍ତ୍ତା ଯାଇଛି । ବାହନ ପ୍ରୟୋଗରେ ଡିସିବି ରେଜିଷ୍ଟର ରିପୋର୍ଟ ଅନ୍ତର୍ଭୁକ୍ତକରଣ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରକୁ ସୂଚନା ସହିତ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### 7.2.6.4 ବକେୟା ସମ୍ପର୍କିତ ବାହନ ଏମ୍ଆଇଏସ୍ ମଡ୍ୟୁଲ ଫଳପ୍ରଦ ନଥିଲା

**ବାହନ ତଥ୍ୟାବଳୀରେ ଥିବା ତ୍ରୁଟିଗୁଡ଼ିକ ଯୋଗୁ ବକେୟା ରାଜସ୍ୱ ପରିଚାଳନା ଉପରେ ନଜର ରଖିବା ବିଫଳ ହୋଇଥିଲା ।**

ବାହନ ଏମ୍ଆଇଏସ୍ ଏହାର ସୂଚନା ତଥ୍ୟାବଳୀ ଉତ୍ସ ଡାଟାବେସ୍ ବାହନରୁ ସଂଗ୍ରହ କରେ । ଏହାର ପରିକଳ୍ପନା କର ଖିଲାପକାରୀ ଯାନ ଏବଂ ପ୍ରତ୍ୟାଶିତ ବକେୟା ସମ୍ପର୍କିତ ସୂଚନା ପାଇଁ ବ୍ୟବସ୍ଥା କରାଯାଇଥିଲା । 2006-07 ପୂର୍ବର ତଥ୍ୟ ଗୁଡ଼ିକ ପିଛିଲା ଭାବେ ତଥ୍ୟାବଳୀରେ ପ୍ରବେଶ କରାଇବାର ପ୍ରକ୍ରିୟା ସଂପୂର୍ଣ୍ଣ ହୋଇନଥିଲା ।

ଅଡିଟ୍ ଅବଲୋକନ କଲା ଯେ:

- ତଥ୍ୟାବଳୀଟି ଠିକ୍ ପରିମାଣର ଖିଲାପ କରର ସଂଗଣନା ଏବଂ ରିପୋର୍ଟ କରିବାରେ ଅସମର୍ଥ ଥିଲା ।
- 2006-07 ପୂର୍ବର ଅଧିପ୍ରମାଣିତ ତଥ୍ୟାବଳୀର ଅନୁପସ୍ଥିତି ଯୋଗୁଁ ଡାଟାବେସରେ ଥିବା ତଥ୍ୟର ଅଖଣ୍ଡତା ଭରସାଯୋଗ୍ୟ ନଥିଲା ।
- ଏହି ପଦ୍ଧତିଟି କେବଳ ଖିଲାପିମାନଙ୍କର ତାଲିକା ପ୍ରସ୍ତୁତ ପାଇଁ ଭରସାଯୋଗ୍ୟ ଥିଲା । ଆର୍‌ଟିଓମାନଙ୍କ ଦ୍ୱାରା ବାହନ ଏମ୍ଆଇଏସ୍‌ରେ ନୋଟିସ୍ ପ୍ରସ୍ତୁତ କରାଯାଉଥିଲା । କିନ୍ତୁ ଛଅ ଜଣ ଆର୍‌ଟିଓଙ୍କ ଦ୍ୱାରା ବକେୟା କରର ହିସାବ ହସ୍ତଚାଳିତ ଉପାୟରେ ପ୍ରସ୍ତୁତ କରାଯାଇ ନୋଟିସ୍ ଗୁଡ଼ିକରେ ଉଲ୍ଲେଖ କରାଯାଉଥିଲା ।
- ଦୁଇଟି[3] ଆରଟିଓରେ ବାହନ ଏମ୍ଆଇଏସ୍ ଦ୍ୱାରା ଏକ ମାନକ ଫର୍ମାଟରେ ନୋଟିସ୍ ପ୍ରସ୍ତୁତ କରାଯାଉଥିଲା ଏବଂ ବକେୟା କରର ପରିମାଣ ଉଲ୍ଲେଖ ନକରି ଜାରି କରାଯାଉଥିଲା ।

[3] ବାଲେଶ୍ୱର ଓ ସମ୍ବଲପୁର ।

- ଏହା ଦ୍ୱାରା ଜଣେ ଖିଲାପକାରୀ ଯାହାଙ୍କୁ ମେସିନ୍ ପ୍ରସ୍ତୁତ ନୋଟିସ୍ ଜାରି କରାଯାଇଛି ତାଙ୍କୁ ପଇଠ ପାଇଁ ଥିବା କରର ଠିକ୍ ପରିମାଣ ସଂପର୍କରେ ଜାଣିବା ପାଇଁ ଅବକାଶ ନଥିଲା । ଜାରି କରାଯାଇଥିବା ନୋଟିସ୍, ଜାରି କରାଯାଇ ଫେରସ୍ତ ଆସିଥିବା ନୋଟିସ୍, କର ଖିଲାପକାରୀଙ୍କର ବିଶଦ ବିବରଣୀ ଏବଂ ଦାବି ହୋଇଥିବା କର ପରିମାଣ ସମ୍ବନ୍ଧୀୟ ତଥ୍ୟ ଗୁଡ଼ିକ ଉପରେ ନଜର ରଖିବା ପାଇଁ କୌଣସି ନଥିପତ୍ର ନଥିଲା ।

- ଆର୍‌ଟିଓ, ଗଞ୍ଜାମଙ୍କ କାର୍ଯ୍ୟାଳୟରେ ପାଞ୍ଚଟି ମାମଲାରେ ଏହା ମଧ ଦେଖିବାକୁ ମିଳିଥିଲା ଯେ ବିଚାରାଧିନ ସଂପୂର୍ଣ୍ଣ ବକେୟା କର ଆଦାୟ ନ କରି ଯାନ ଗୁଡ଼ିକୁ ଫିଟ୍‌ନେସ୍ ପ୍ରମାଣ ପତ୍ର ଜାରି କରାଯାଇଥିଲା ।

ଏହିପରି ଭାବେ, ସଫ୍ଟୱେୟାର ପ୍ରୟୋଗରେ ଥିବା ଅଭାବ ଗୁଡ଼ିକ ପାଇଁ ବକେୟା ରାଜସ୍ୱ ପରିଚାଳନାରେ ପ୍ରଭାବି ଯାଞ୍ଚ୍ ପାଇଁ ପଦ୍ଧତିଟି ବିଫଳ ହୋଇଥିଲା ।

ଜବାବରେ ସରକାର ଜଣାଇଥିଲେ ଯେ ଆରଟିଓମାନେ ବିଭିନ୍ନ ପ୍ରକାରର ବାହନ ପ୍ରୟୋଗ ବ୍ୟବହାର କରୁଥିବାରୁ ସଠିକ୍ ବକେୟା ହିସାବ ପାଇଁ ଡାଟାବେସ୍‌ରେ ଏକ ସତନ୍ତ୍ର ମଡ୍ୟୁଲ୍ ଉପଲବ୍ଧ ହୋଇ ନଥିବାରୁ ଏହି ସମସ୍ୟା ଉପୁଜିଥିଲା । ନୂଆ ବାହାନ-4 ପ୍ରୟୋଗର କାର୍ଯ୍ୟାନ୍ୱୟନ ହେଲେ ଏହି ସମସ୍ୟାର ସମାଧାନ ହୋଇପାରିବ ।

### 7.2.6.5 ଦାଏର ହୋଇଥିବା କର ଅସୁଲି ମାମଲା

**ଯାନ ମାଲିକମାନଙ୍କର ଠିକଣା ଅଦ୍ୟତନ ହୋଇ ନଥିବାରୁ ବାହନ ତଥ୍ୟାବଳୀର ପ୍ରମାଣିକତା ଓ ନିର୍ଭୁଲତା ସୁନିଶ୍ଚିତ କରାଯାଇ ନଥିଲା ।**

ଓଏମ୍‌ଭିଟି ଅଧିନିୟମର ଧାରା 8 ଅନୁସାରେ ଯଦି କୌଣସି ଖିଲାପକାରୀ ନୋଟିସରେ ଉଲ୍ଲିଖିତ ରାଶି ଉଲ୍ଲିଖିତ ସମୟ ଅଥବା କର ଅସୁଲ ଅଧିକାରୀ (ଟିଆର୍‌ଓ) ଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଅତିରିକ୍ତ ସମୟ ମଧରେ ପୈଠ ନ କରନ୍ତି, ତେବେ ଟିଆର୍‌ଓ, କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଖିଲାପ ରାଶି ଆଦାୟ ପାଇଁ ଅସୁଲ ମାମଲା ଦାଏର କରି ଖିଲାପ୍‌କାରୀଙ୍କର ସ୍ଥାବର/ ଅସ୍ଥାବର ସମ୍ପତ୍ତିର କୋରଖ ଏବଂ ବିକ୍ରି ବା ଖିଲାପ୍‌କାରୀଙ୍କୁ ଗିରଫ କରି କିମ୍ବା ହାଜତରେ ଅଟକ ରଖିପାରିବେ । ଅସୁଲି ପାଇଁ ପ୍ରଯୁଜ୍ୟ ଦଣ୍ଡ ପ୍ରକ୍ରିୟା ସଂହିତା, 1973 ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ନୋଟିସ୍ ଗୁଡ଼ିକ ଏକ ପ୍ରୋସେସ୍ ସର୍ଭର ବା ପିଅନ ଦ୍ୱାରା ଖିଲାପ୍‌କାରୀଙ୍କୁ ଜାରି କରାଯିବା କଥା । ଓଡ଼ିଶା ସାର୍ବଜନୀକ ଦାବି ଅସୁଲି (ଓପିଡିଆର୍) ଅଧିନିୟମ ଅନୁସାରେ ଟିଆରଓ ନିଜ ସ୍ୱାକ୍ଷରିତ ପ୍ରମାଣପତ୍ରର ଏକ ନକଲ ଫର୍ମ-2 ସହିତ ସଂଲଗ୍ନ କରି ଖିଲାପକାରୀଙ୍କୁ ଏକ ନୋଟିସ୍ ଜାରି କରି ସେଥିରେ ଜାରି ହେବାର ତିରିଶ ଦିନ ମଧରେ ରାଶି ପୈଠ କରିବା ପାଇଁ ନିର୍ଦ୍ଦେଶ ଦେବେ ।

ଅଡିଟ୍ ଅବଲୋକନ କଲା ଯେ:

- ଛଅଟି ଆରଟିଓରେ ପୂର୍ବରୁ ଦାଏର କରାଯାଇଥିବା କର ଅସୁଲି ମାମଲାର ଫଏସଲା ନକରି 14,217 ଟି ଆବଶ୍ୟକୀୟ ମାମଲା ସେହି ଏକା ଯାନଗୁଡ଼ିକ ବିରୁଦ୍ଧରେ କର ଅସୁଲି ମାମଲା ବାରମ୍ବାର ଦାଏର କରାଯାଇଥିଲା ।

- 2015-16 ମଧରେ ଦୁଇଟି ଆରଟିଓ[4] ରେ 483 ଟି ଦୃଷ୍ଟାନ୍ତରେ ସେହି ଯାନ ଗୁଡ଼ିକ ବିରୋଧରେ କର ଅସୁଲି ମାମଲା ଦାଏର କରାଯାଇଥିଲା ଯେଉଁଗୁଡ଼ିକୁ 1988-89 ରୁ 2015-16 ମଧରେ ଅନ୍ୟ ରାଜ୍ୟ/ ଅଞ୍ଚଳକୁ ଚଳନ ପାଇଁ ଏନ୍‌ଓଏସ୍ ଜାରି କରାଯାଇଥିଲା ।

- ମାସିକ ପ୍ରଗତି ରିପୋର୍ଟ ଅନୁଯାୟୀ, 17,843 ଟି ନୋଟିସ୍ ଡାକ ଦ୍ୱାରା ପ୍ରେରଣ କରାଯାଇଥିଲା । ଅଡିଟ୍ ଅବଲୋକନ କଲା ଯେ କେତେକ ନୋଟିସ୍ ଭୁଲ ବା ଅସମ୍ପୂର୍ଣ୍ଣ ଠିକଣା ପାଇଁ ଜାରି ନ ହୋଇପାରି ଫେରି ଆସିଥିଲା । ଏପରି ଜାରି ହୋଇପାରି ନଥିବା ନୋଟିସ୍ ଗୁଡ଼ିକର ବିବରଣୀ ଅଭିଲିଖିତ ନଥିଲା ।

ଏଥିରୁ ସଂକେତ ମିଳୁଥିଲା ଯେ ବିଭାଗ ତଥ୍ୟାବଳୀରେ ତଥ୍ୟର ପ୍ରାମାଣିକତା ଏବଂ ନିର୍ଭୁଲତା ସୁନିଶ୍ଚିତ କରିବା ପାଇଁ ଯାନ ମାଲିକ ମାନଙ୍କର ସଠିକ୍ ଠିକଣା ହାସଲ ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

---

4 ବାଲେଶ୍ୱର ଏବଂ ଗଞ୍ଜାମ ।

ଜବାବରେ ସରକାର କହିଥିଲେ ଯେ, କର ଅସୁଲି ମାମଲା ଦାଏର ପାଇଁ ସମସ୍ତ ଆରଟିଓ ମାନଙ୍କୁ ଅନୁଦେଶ ଜାରି କରାଯାଇଛି । ଏହାର ଗୁରୁତ୍ୱପୂର୍ଣ୍ଣତାକୁ ଦୃଷ୍ଟିରେ ରଖି କର ଅସୁଲି ମାମଲା ଦାଏର ସମ୍ବନ୍ଧୀୟ ତଥ୍ୟର ପ୍ରାମାଣିକତା ଓ ନିର୍ଭୁଲତା ସୁନିଶ୍ଚିତ କରିବା ପାଇଁ ବାହନ-4 ରେ ବ୍ୟବସ୍ଥା କରାଯାଇଛି ।

### 7.2.6.6 ୱାରେଣ୍ଟ୍ ଜାରି

**ବିହିତ ବ୍ୟବସ୍ଥାନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ ୱାରେଣ୍ଟ୍ ଜାରି କରାଯାଇ ନଥିଲା ।**

ମୋଟର ଯାନ କର ଅଧିନିୟମର ଅନୁସୂଚୀ II ର ଖଣ୍ଡ 8 ରେ ବ୍ୟବସ୍ଥା ଅଛି ଯେ ଯଦି ନୋଟିସ୍‌ରେ ଉଲ୍ଲେଖ ଥିବା ରାଶି ନିର୍ଦ୍ଧାରିତ ସମୟସୀମା ମଧରେ ବା ଟିଆରଓଙ୍କ ଦ୍ୱାରା ନିର୍ଦ୍ଧାରିତ ଅତିରିକ୍ତ ସମୟସୀମା ମଧରେ ଦୈଠ ନ ହୁଏ ତେବେ ଟିଆରଓ ସେହି ରାଶିର ଆଦାୟ ପାଇଁ ଖିଲାପକାରୀଙ୍କର ସ୍ଥାବର/ ଅସ୍ଥାବର ସମ୍ପତ୍ତିର କୋରଖି ବା ବିକ୍ରି ଅଥବା ଶେଷ ପନ୍ଥା ହିସାବରେ ଖିଲାପକାରୀଙ୍କୁ ଅଟକ ରଖିପାରିବେ । ଅସୁଲି ପ୍ରକ୍ରିୟା ଖିଲାପକାରୀଙ୍କୁ ୱାରେଣ୍ଟ (ଫର୍ମ-3) ରେ ଜାରି କରିବା ସମୟରୁ ଆରମ୍ଭ ହୋଇଥାଏ । ଅସୁଲ ପାଇଁ ପ୍ରଯୁଜ୍ୟ ଦଣ୍ଡ ପ୍ରକ୍ରିୟା ସଂହିତାରେ ବ୍ୟବସ୍ଥା ଅଛି ଯେ ଏପରି ନୋଟିସ୍‌ମାନ ଖିଲାପକାରୀ ମାନଙ୍କୁ ଏକ ପ୍ରୋସେସ୍ ସର୍ଭର ବା ପିଅନ ଦ୍ୱାରା ଜାରି କରାଯିବ ।

ଅଡିଟ୍ ବିଭାଗ ଦ୍ୱାରା କର ଅସୁଲି ମାମଲା ଗୁଡ଼ିକରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଗୁଡ଼ିକୁ ପରୀକ୍ଷା କରିଥିଲା ।

ଅଡିଟ୍ ଅବଲୋକନ କଲା ଯେ:

- 2013-16 ମଧରେ 26.54 କୋଟି ଟଙ୍କା ଜଡିତ ଥିବା 9,550 ଟି ମାମଲାରେ ପାଞ୍ଚଟି[5] ଆର୍‌ଟିଓ ଙ୍କ ଦ୍ୱାରା ଓ୍ୱାରେଣ୍ଟ୍ ଜାରି କରାଯାଇଥିଲା ।

- ଆର୍‌ଟିଓ, ଗଞ୍ଜାମଙ୍କ ବ୍ୟତୀତ ଯିଏକି 1,046 ୱାରେଣ୍ଟ୍ ଜାରି କରିଥିଲେ ଅନ୍ୟ ସାତଟି ଆର୍‌ଟିଓରେ ବିଶେଷ ବାର୍ତ୍ତାବହକଙ୍କ ଜରିଆରେ ୱାରେଣ୍ଟ୍ ଜାରି କରାଯାଇ ନଥିଲା । ଏହି ପରିପ୍ରେକ୍ଷୀରେ ଖିଲାପ୍‌କାରୀଙ୍କ ଦ୍ୱାରା ୱାରେଣ୍ଟ୍ ପ୍ରାପ୍ତିର ସ୍ୱୀକାର ଆର୍‌ଟିଓ, ଗଞ୍ଜାମଙ୍କ ଦ୍ୱାରା ସତ୍ୟାପନ ପାଇଁ ଉପଲବ୍ଧ କରାଯାଇ ପାରିନଥିଲା ।

ସେହିପରି, ବିହିତ ବ୍ୟବସ୍ଥା ଅନୁସାରେ ୱାରେଣ୍ଟ୍ ଗୁଡ଼ିକ ଜାରି କରାଯାଇ ନଥିଲା ଯାହା ବକେୟା ରାଜସ୍ୱ ଅନାଦାୟର ଏକ କାରଣ ଥିଲା ।

ଜବାବରେ ସରକାର ଜଣାଇଲେ ଯେ ଆର୍‌ଟିଓ ମାନଙ୍କୁ ୱାରେଣ୍ଟ ଗୁଡ଼ିକର ନିଷ୍ପାଦନ ପାଇଁ ପ୍ରବର୍ତ୍ତନ ଅଧିକାରୀ/ ଦାୟୀତ୍ୱରେ ଥିବା ନିରୀକ୍ଷକ(ଆଇଆଇସି)ଙ୍କ ମାଧମରେ ସ୍ଥାବର/ ଅସ୍ଥାବର ସମ୍ପତ୍ତିର କୋରଖି ପାଇଁ ଅନୁଦେଶ ଜାରି କରାଯାଇଛି ।

### 7.2.6.7 ବିଭାଗ ଦ୍ୱାରା ଅସମୁଚିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅଣ ଅସୁଲି

**ସମୁଚିତ କାର୍ଯ୍ୟାନୁଷ୍ଠାନ ଅଭାବରୁ କର ଅସୁଲି ମାମଲାଗୁଡ଼ିକରେ ବକେୟା ରାଜସ୍ୱର ଅସୁଲି ହୋଇପାରି ନଥିଲା ।**

ଓଏମ୍‌ଭିଟି ଅଧିନିୟମ, 1975 ର ଧାରା 14 ରେ ବ୍ୟବସ୍ଥା ଅଛି ଯେ କୌଣସି ଯାନ ବିରୁଦ୍ଧରେ ବକେୟା କର ବା ଶାସ୍ତିର ଦେୟ ସେହି ଯାନ ବିରୁଦ୍ଧରେ ପ୍ରଥମ ଦେୟ ବୋଲି ବିବେଚନା କରାଯିବ । ଯେତେବେଳେ କୌଣସି ଯାନ ବିରୁଦ୍ଧରେ କୌଣସି କାରଣରୁ ଅଶୁଝା ବକେୟା କର ବା ଶାସ୍ତି ଅସୁଲି ପାଇଁ କୋରଖି କରାଯାଇ ପାରିବ ନାହିଁ, ସେହି ମାଲିକଙ୍କ ନାମରେ ପଞ୍ଜୀକୃତ ଅନ୍ୟ ଯାନକୁ କୋରଖି କରିବା ପାଇଁ ପଦକ୍ଷେପ ନିଆଯିବ । ଅଭିଗୃହୀତ ସମ୍ପତ୍ତିର କ୍ଷିପ୍ର ଏବଂ ପ୍ରାକୃତିକ କ୍ଷୟ ରୋକିବା ପାଇଁ ଟିଆରଓ ସେହି ସମ୍ପତ୍ତିର ବିକ୍ରି ପାଇଁ ତୁରନ୍ତ ପଦକ୍ଷେପ ନେବେ । ପୁନଶ୍ଚ, ଅଧିନିୟମର ଅନୁସୂଚୀ-II ର ଖଣ୍ଡ 8 ର ବ୍ୟବସ୍ଥା ଅନୁଯାୟୀ ଯଦି ଖିଲାପକାରୀ ବକେୟା ଶୁଝିବା ପାଇଁ ଆସି ନ ପହଞ୍ଚନ୍ତି ତେବେ ବକେୟା ଆଦାୟ ପାଇଁ ସ୍ଥାବର / ଅସ୍ଥାବର ସମ୍ପତ୍ତିର କୋରଖି ଏବଂ ବିକ୍ରି କରାଯିବ କିମ୍ବା ଅନ୍ତିମ ପଦକ୍ଷେପ ସ୍ୱରୁପ ଖିଲାପକାରୀଙ୍କୁ ଅଟକ ରଖାଯିବ ।

ଅଡିଟ୍ ଚୟନ କରାଯାଇଥିବା ଆର୍‌ଟିଓରେ ନଥିପତ୍ରର ସମ୍ୟକ ପରୀକ୍ଷା କରିଥିଲା । ଅଡିଟ୍ ଅବଲୋକନ କଲା ଯେ:

---

[5] ତିନୋଟି ୟୁନିଟ୍‌ରେ 4,755 ଟି ମାମଲା ଏବଂ ଗୋଟିଏ ୟୁନିଟ୍‌ରେ 4,795 ଟି ମାମଲା ।

- ଆର୍‌ଟିଓ, ଗଞ୍ଜାମଙ୍କ ବ୍ୟତୀତ ଅନ୍ୟ ସାତଟି ନମୁନା ଯାଞ୍ଚ୍ ହୋଇଥିବା ଆର୍‌ଟିଓରେ ଅସ୍ଥାବର ସମ୍ପତ୍ତିର କୋରଖ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଆର୍‌ଟିଓ, ଗଞ୍ଜାମ ଖିଲାପ୍‌କାରୀ ମାନଙ୍କ ଅସ୍ଥାବର ସମ୍ପତ୍ତିର ଚିହ୍ନଟ ପାଇଁ ସଂପୃକ୍ତ ତହସିଲଦାର ମାନଙ୍କୁ 1,295 ଟି ମାମଲା ପଠାଇଥିଲେ । ସେଥି ମଧ୍ୟରୁ କେବଳ 25 ଜଣ ଖିଲାପ୍‌କାରୀଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ତହସିଲଦାର ତାହା ଅବଗତ କରାଇଥିଲେ । ଅଡିଟ୍ ତାରିଖ ପର୍ଯ୍ୟନ୍ତ ଅସୁଲ ପାଇଁ କୌଣସି ଅତିରିକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

- ଆର୍‌ଟିଓମାନେ 162.10 କୋଟି ଟଙ୍କା ଜଡ଼ିତ ଥିବା 25,678 ଟି କର ଅସୁଲି ମାମଲା ଦାଏର କରିଥିଲେ । 55.52 କୋଟି ଟଙ୍କା ଜଡ଼ିତ ଥିବା 8,713 ଟି କର ଅସୁଲି ମାମଲାରେ ଅଧିନିୟମରେ ବ୍ୟବସ୍ଥା ଅନୁଯାୟୀ ଚାରିଟି[6] ଆର୍‌ଟିଓରେ କୌଣସି ଅତିରିକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ନଥିଲା ।

- ଚାରିଟି[7] ଆରଟିଓରେ ନିଲାମ ନଥିପତ୍ର ଯାଞ୍ଚରୁ ଜଣାପଡ଼ିଲା ଯେ ଅଭିଗ୍ରହଣ କରାଯାଇଥିବା 218 ଟି ଯାନ ମଧ୍ୟରୁ 91 ଟି ଯାନ 1.04 କୋଟି ଟଙ୍କାରେ ବିକ୍ରି କରାଯାଇଥିଲା ।

ଏହା ସୂଚାଉଥିଲା ଯେ କର ଏବଂ ଶାସ୍ତିର ଅସୁଲ ପାଇଁ ଆବଶ୍ୟକ ଓ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ଜବାବରେ ସରକାର କହିଥିଲେ ଯେ ମାନବ ସମ୍ବଳର ଅଭାବ, ଯାନ ମାଲିକମାନଙ୍କ ଅବିଦ୍ୟମାନତା କାରଣରୁ ବକେୟା ରାଶିର ଅସୁଲ ପାଇଁ ଅସ୍ଥାବର ସମ୍ପତ୍ତିର କୋରଖ ହୋଇପାରିନଥିଲା । ପୁନଶ୍ଚ, ସେମାନେ କହିଥିଲେ ଯେ ଖିଲାପକାରୀ ମାନଙ୍କର ଠିକଣା ରେଜିଷ୍ଟରରେ ଦର୍ଶାଯାଇନଥିଲା, ବାହନରେ କର ଅସୁଲି ମାମଲାର ମଡ୍ୟୁଲ ଉପଲବ୍ଧ ନଥିଲା । ଜବାବ ଗ୍ରହଣୀୟ ନୁହେଁ ଯେହେତୁ ଦର୍ଶାଯାଇଥିବା କାରଣ ଭଲ ଭାବରେ ବିଭାଗର ନିୟନ୍ତ୍ରଣାଧିନ ଥିଲା ।

### 7.2.6.8 ସୁଧ ଏବଂ ଅନ୍ୟାନ୍ୟ ଦେୟ ଆରୋପଣ ହୋଇନଥିଲା

**ନିର୍ଦ୍ଧାରିତ ଦରରେ ସୁଧ ହିସାବ ହୋଇ ନଥିବାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ କମ୍ ଆରୋପଣ ହେଲା ।**

ସାର୍ବଜନୀନ ଦାବି ଅସୁଲ ଅଧିନିୟମ 1962 ଅନୁସାରେ ସାର୍ଟିଫିକେଟରେ ଥିବା ସାର୍ବଜନିକ ଦାବି ଉପରେ ବାର୍ଷିକ 12.5 ପ୍ରତିଶତ ହାରରେ ପ୍ରମାଣ ପତ୍ରର ସାକ୍ଷର ଦିନ ଠାରୁ ଅସୁଲ ଦିନ ପର୍ଯ୍ୟନ୍ତ ସୁଧ ଆରୋପଣ କରାଯିବ ।

ଅଡ଼ିଟ୍ ବକେୟା ଅସୁଲି ସାର୍ଟିଫିକେଟ ମାମଲା ସମ୍ପର୍କିତ ନଥିପତ୍ର ଯାଞ୍ଚ୍ କରିଥିଲା । ଅଡିଟ୍ ଅବଲୋକନ କଲା ଯେ କୌଣସିଟି ମାମଲାରେ ନିର୍ଦ୍ଧାରିତ ଦରରେ ହିସାବ କରି ପ୍ରଦେୟ ସୁଧ ଆରୋପଣ କରାଯାଇନଥିଲା । ଚୟନିତ ସମସ୍ତ ଆର୍‌ଟିଓ ଖିଲାପକାରୀମାନଙ୍କ ଠାରୁ ଏକମୁସ୍ତ ହିସାବରେ ରାଶି ଆଦାୟ କରିଥିଲେ । 2013-16 ମଧ୍ୟରେ 33.82 କୋଟି ଟଙ୍କାର ଆଦାୟ ଉପରେ ସୁଧ ଏବଂ ଅନ୍ୟାନ୍ୟ ବାବଦ 3.93 କୋଟି[8] ଟଙ୍କା ଦେୟ ଆଦାୟ ହେବାର ଥିଲା, ଯେଉଁଥିରୁ ମାତ୍ର 0.29 କୋଟି ଟଙ୍କା ଆଦାୟ 2013-16 କରାଯାଇଥିଲା । ଏହାଫଳରେ 3.64 କୋଟି ଟଙ୍କା ସ୍ୱଳ୍ପାଦାୟ ହୋଇଥିଲା । ଏଣୁ, ପ୍ରଯୁଜ୍ୟ ବ୍ୟବସ୍ଥାର ଅନୁପାଳନ ନ ହେବା ଫଳରେ ରାଜସ୍ୱ ହାନି ହୋଇଥିଲା ।

ଜବାବରେ ସରକାର ଜଣାଇଲେ ଯେ, ଟିଆର୍‌ଓ ମାନଙ୍କ ଦ୍ୱାରା କର ଅସୁଲି ମାମଲା ଗୁଡ଼ିକର ନ୍ୟାୟିକ ନିର୍ଣ୍ଣୟ ପାଇଁ ମୋଟର ଯାନ କର ଖିଲାପ୍‌କାରୀମାନଙ୍କ ଉପରେ ଲାଗୁ ହେବାକୁ ଥିବା ସୁଧର ହାର ସ୍ଥିରୀକରଣ ପାଇଁ ବାଣିଜ୍ୟ ଏବଂ ପରିବହନ (ପରିବହନ) ବିଭାଗକୁ ଅନୁରୋଧ କରାଯାଇଛି ।

---


6 ବାଲେଶ୍ୱର, ଗଜପତି, ଝାରସୁଗୁଡ଼ା ଏବଂ ରାୟଗଡ଼ା ।

7 ଅନୁଗୁଳ, କଟକ, ଗଞ୍ଜାମ ଏବଂ ସମ୍ବଲପୁର ।

8 ସୁଧର ପରିମାଣର ହିସାବ ରକ୍ଷଣଶୀଳ ଭାବେ ମାତ୍ର ଏକ ବର୍ଷ ପାଇଁ କରାଯାଇଛି ।

## 7.2.7 ଉପସଂହାର

ଅଧିକାଂଶ ମାମଲାରେ ବକେୟା କର ଅସୁଲି ନିମିତ୍ତ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣ କରାଯାଇ ନଥିଲା । ମୋଟ ବକେୟା ରାଶି 2,096.53 କୋଟି ଟଙ୍କା ମଧ୍ୟରୁ 2,001.58 କୋଟି ଟଙ୍କା ତିନିରୁ ଉର୍ଦ୍ଧ୍ୱ ବର୍ଷ ଧରି ପଡ଼ିରହିଥିଲା, ଯାହାକି ମୋଟ ଅନାଦାୟ କରର 95 ପ୍ରତିଶତ ଥିଲା । 2013-14 ଠାରୁ 2015-16 ମଧ୍ୟରେ ବକେୟା କରର ସଂଗୃହୀତ ରାଶି ଏତେ ଆଖିଦୃଶିଆ ନଥିଲା । ଯଦିଓ ବକେୟା କର ଅସୁଲଯୋଗ୍ୟ ଦର୍ଶାଯାଇଥିଲା, ତଥାପି ସାର୍ଟିଫିକେଟ୍ ପ୍ରକ୍ରିୟା ଆରମ୍ଭ ହୋଇନଥିଲା । କେତେକ ଦୃଷ୍ଟାନ୍ତ ମାମଲାରେ ସାର୍ଟିଫିକେଟ୍ ପ୍ରକ୍ରିୟା ବିଳମ୍ବରେ ଆରମ୍ଭ କରାଯାଇଥିଲା ଏବଂ କେତେକ ଖିଲାପକାରୀଙ୍କ ଠିକଣା ଠାବ କରାଯାଇପାରି ନଥିଲା ଯଦ୍ୱାରା ବକେୟା ଅସୁଲିରେ ବାଧା ସୃଷ୍ଟି କରିଥିଲା । ସାର୍ଟିଫିକେଟ୍ ପ୍ରକ୍ରିୟା ପାଇଁ ସାର୍ଟିଫିକେଟ୍ ଅଧିକାରୀଙ୍କୁ ପଠାଯାଇଥିବା ମାମଲାଗୁଡ଼ିକର ଅନୁସରଣାତ୍ମକ୍ କାର୍ଯ୍ୟକ୍ରମର ଅଭାବ ଦେଖାଯାଇଥିଲା । ଦାବି କରାଯାଇଥିବା ବକେୟା ଡିସିବି ରେଜିଷ୍ଟରରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା ଯଦ୍ୱାରା ସଠିକ୍ ବକେୟାର ପରିମାଣକୁ କମ୍ କରି ଦର୍ଶାଯାଇଥିଲା । ଅଦାଲତ ଗୁଡ଼ିକରେ ଏବଂ ପୁନଃ ନିରୀକ୍ଷଣ ପ୍ରାଧିକାରୀଙ୍କ ପାଖରେ ପଡ଼ିରହିଥିବା ମାମଲା ଗୁଡ଼ିକୁ ତତ୍ପରତାର ସହିତ ପରିଚର୍ଯ୍ୟା କରାଯାଇନଥିଲା ଯଦ୍ୱାରା ରାଜସ୍ୱ ଅସୁଲି ସ୍ଥଗିତ ହୋଇ ରହିଥିଲା ।



**ଭୁବନେଶ୍ୱର**
**ତାରିଖ- 9 February 2018**

**(ଯଶୋଧାରା ରାୟ ଚୌଧୁରୀ)**
**ପ୍ରଧାନ ମହାଲେଖାକାର**
**(ଆର୍ଥିକ ଏବଂ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା), ଓଡିଶା**

**ପ୍ରତିସ୍ୱାକ୍ଷରିତ**



**ନୂଆଦିଲ୍ଲୀ**
**ତାରିଖ- 13 February 2018**

**(ରାଜୀବ ମେହେର୍ଷି)**
**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଭାଷା

# ସଂକ୍ଷେପଣ ଗୁଡ଼ିକର ପରିଭାଷା

### ଏ

| | |
|---|---|
| ଏଏ | ନିର୍ଦ୍ଧାରଣ କର୍ତ୍ତୃପକ୍ଷ |
| ଏସିସିଟି | ସହକାରୀ ବାଣିଜ୍ୟକର ଆୟୁକ୍ତ |
| ଏସିଏସ୍ଆଇଏଲ୍ | ଆସ୍କା ସମବାୟ ଚିନି ଶିଳ୍ପ ଲିଃ |
| ଏଇପି | ବାର୍ଷିକ ଅବକାରୀ ନୀତି |
| ଏଏଫ୍ପି | ବାର୍ଷିକ କ୍ଷେତ୍ର କାର୍ଯ୍ୟକ୍ରମ |
| ଏଭିଆର୍ | ସମୀକ୍ଷା ପରିଦର୍ଶନ ବିବରଣୀ |

### ବି

| | |
|---|---|
| ବି ଆଣ୍ଡ ଓଇ | ବିହାର ଏବଂ ଓଡ଼ିଶା ଅବକାରୀ ଅଧିନିୟମ |
| ବିଇଆର୍ | ଅବକାରୀ ବୋର୍ଡର ନିୟମାବଳୀ |
| ବିଏଫ୍ | ବଟଲିଙ୍ଗ୍ ଶୁଳ୍କ |
| ବିଏଲ୍ | ସ୍ଥୁଳ ଲିଟର |
| ବିଏମ୍ଭି | ବେଞ୍ଚ ମାର୍କ ଭାଲ୍ୟୁ |
| ବିଓଆର୍ | ରାଜସ୍ୱ ବୋର୍ଡ |

### ସି

| | |
|---|---|
| ସିଏଏ | ବାର୍ଷିକ ସମୀକ୍ଷିତ ହିସାବର ରିପୋର୍ଟ |
| ସିସିଟି | ବାଣିଜ୍ୟ କର ଆୟୁକ୍ତ |
| ସିଏମ୍ପିଡିଆଇ | କେନ୍ଦ୍ରୀୟ ଖଣି ଯୋଜନା ଓ ଡିଜାଇନ୍ ସଂସ୍ଥାନ |
| ସିଏମ୍ଏସ୍ | କେନ୍ଦ୍ରୀୟ ମନିଟରିଂ ସିଷ୍ଟମ୍ |
| ସିଆଣ୍ଡଟି(ଟି) | ବାଣିଜ୍ୟ ଓ ପରିବହନ (ପରିବହନ) |
| ସିଓ | ସାର୍ଟିଫିକେଟ୍ ଅଧିକାରୀ |
| ସିଆର୍ ପିସି | ଅପରାଧ ପ୍ରକ୍ରିୟା କୋଡ |

### ଡ଼ି

| | |
|---|---|
| ଡ଼ିସିବି | ଦାବି, ସଂଗ୍ରହ ଏବଂ ଅବଶେଷ |
| ଡ଼ିସିସିଟି | ଉପ ବାଣିଜ୍ୟ କର ଆୟୁକ୍ତ |
| ଡ଼ିଡ଼ିସି | ଉପ ଭୂବିଜ୍ଞାନ ନିର୍ଦ୍ଦେଶକ |
| ଡ଼ିଡ଼ିଜି | ଉପ ଖଣି ନିର୍ଦ୍ଦେଶକ |
| ଡ଼ିଡ଼ିଏମ୍ | ଜିଲ୍ଲା ଅବକାରୀ କାର୍ଯ୍ୟାଳୟ |
| ଡ଼ିଇଓ | ଭୂବିଜ୍ଞାନ ନିର୍ଦ୍ଦେଶାଳୟ, ଓଡ଼ିଶା |
| ଡ଼ିଜିଓ | ଉପ ମହାନିରୀକ୍ଷକ |
| ଡ଼ିଆଇଜି | ଡ଼େପୁଟି ଇନସ୍ପେକ୍ଟର ଜେନେରାଲ |
| ଡିଓ | ନିଯୁକ୍ତିପ୍ରାପ୍ତ ଅଧିକାରୀ |
| ଡ଼ିଆର୍ | ଡେଡ୍ ରେଣ୍ଟ୍ |
| ଡ଼ିଏସ୍ଆର୍ | ଜିଲ୍ଲା ଉପନିବନ୍ଧକ |

### ଇ

| | |
|---|---|
| ଇଏଲ୍ | ଅବକାରୀ ଚାପା ଲେବୁଲ୍ |
| ଇସି | ଅବକାରୀ ଆୟୁକ୍ତ |
| ଇଡି | ଅବକାରୀ ଶୁଳ୍କ |
| ଇଡିସି | ଅବକାରୀ ଉପ-କମିଶନର |
| ଇଡିସି | ଏକ୍ସାଇଜ୍ ଡିଭିଜନାଲ୍ କମିଶନର |
| ଇଆଇଆଣ୍ଡଇବି | ଅବକାରୀ ଗୁପ୍ତସୂଚନା ଓ ପ୍ରବର୍ତ୍ତନ ବ୍ୟୁରୋ |

**ଜି**

| | |
|---|---|
| ଜିଏ (ଏଆର୍) | ସାଧାରଣ ପ୍ରଶାସନ (ପ୍ରଶାସନିକ ସୁଧାର) |
| ଜିଆର୍ଆର୍ | ସାଧାରଣ ରେଜିଷ୍ଟ୍ରେସନ ରେଜିଷ୍ଟାର |
| ଜିଏସ୍ଆଇ | ଭୂବିଜ୍ଞାନ ସର୍ବେକ୍ଷଣ ଭାରତ |
| ଜିଟିଓ | ମୋଟ କାରବାର |

**ଏଚ୍**

| | |
|---|---|
| ଏଚ୍ଏଲ୍ସି | ଉଚ୍ଚ ସ୍ତରୀୟ କମିଟି |

**ଆଇ**

| | |
|---|---|
| ଆଇଏଡ଼ବ୍ଲ୍ୟୁ | ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ |
| ଆଇଏଫ୍ | ଆମଦାନୀ ଶୁଳ୍କ |
| ଆଇଜିଆର | ନିବନ୍ଧନ ମହା ନିରୀକ୍ଷକ |
| ଆଇଏମ୍ଏଫ୍ଏଲ୍ | ଭାରତ ପ୍ରସ୍ତୁତ ବିଦେଶୀ ମଦ |
| ଆଇଏସ୍ | ଭାରତୀୟ ଷ୍ଟାମ୍ପ |
| ଆଇଟିସି | ନିବେଶ କର ଜମା |

**ଜି**

| | |
|---|---|
| ଜେଡିଜି | ଭୂତତ୍ତ୍ୱ ଯୁଗ୍ମ ନିର୍ଦ୍ଦେଶକ |
| ଜେଆଇଜି | ଭୂତତ୍ତ୍ୱ ଯୁଗ୍ମ ମହାନିରୀକ୍ଷକ |

**ଏଲ୍**

| | |
|---|---|
| ଏଲ୍ପିଏଲ୍ | ଲଣ୍ଡନ ପ୍ରୁଫ୍ ଲିଟର୍ |

**ଏମ୍**

| | |
|---|---|
| ଏମ୍ସିଡି | ଖଣିଜ ଦ୍ରବ୍ୟ ସଂରକ୍ଷଣ ଓ ବିକାଶ |
| ଏମ୍ସିଏଲ୍ | ମହାନଦୀ କୋଲ୍ ଫିଲ୍ଡ୍ |
| ଏମ୍ଡିଏସ୍ | ବହୁ ଅନୁଶାସନିକ ଦଳ |
| ଏମ୍ଆଇଏସ୍ | ପରିଚାଳନା ସୂଚନା ପ୍ରଣାଳୀ |
| ଏମ୍ଏମ୍ଡ଼ିଆର୍ | ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ |
| ଏମ୍ଓ | ଖଣି ଅଧିକାରୀ |
| ଏମ୍ଭି | ମୋଟର ଯାନ କର |
| ଏମ୍ଭିଆଇ | ମୋଟର ଯାନ ନିରୀକ୍ଷକ |

**ଏନ୍**

| | |
|---|---|
| ଏନ୍ସିବି | ନିଶା ନିୟନ୍ତ୍ରଣ ବ୍ୟୁରୋ |
| ଏନ୍ଡିପିଏସ୍ | ମାଦକ ଔଷଧ ଏବଂ ମନୋଚିକିତ୍ସା ପଦାର୍ଥ |
| ଏନ୍ଓସି | ଅନାପତ୍ତି ପ୍ରମାଣ ପତ୍ର |

**ଓ**

| | |
|---|---|
| ଓଇଟି | ଓଡ଼ିଶା ପ୍ରବେଶ କର |
| ଓଆଇସି | ଭାରାପ୍ରାପ୍ତ ଅଧିକାରୀ |
| ଓଏମ୍ସି | ଓଡ଼ିଶା ଖଣି ନିଗମ |
| ଓପିଡିଆର୍ | ଓଡ଼ିଶା ପବ୍ଲିକ୍ ଡିମାଣ୍ଡ ରିକଭରୀ |
| ଓଆର୍ଆର୍ | ଚଳାଚଳ ରହିତ ରେଜିଷ୍ଟର |
| ଓଆର୍ଟିପିଏସ୍ | ଓଡିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସେସ୍ |
| ଓଏସ୍ବିସି | ଓଡିଶା ରାଜ୍ୟ ପାନୀୟ ନିଗମ |
| ଓଭିଏଟି | ଓଡ଼ିଶା ମୂଲ୍ୟଯୁକ୍ତ କର |

**ପି**

| | |
|---|---|
| ପିଏସି | ପବ୍ଲିକ୍ ଆକାଉଣ୍ଟସ୍ କମିଟି |
| ପିଏଜି | ପ୍ରମୁଖ ମହା ଲେଖାକାର |
| ପିଏସ୍ଭି | ଘରୋଇ ସେବା ଯାନ |

**ଆର୍**

| | |
|---|---|
| ଆର୍ ଆଣ୍ଡ୍ ଡିଏମ୍ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା |
| ଆର୍ଏ | ନିବନ୍ଧନ କର୍ତ୍ତୃପକ୍ଷ |
| ଆର୍ଏ | ପୁନରୀକ୍ଷଣ ଅଧିକାରୀ |
| ଆର୍ଏଫ୍ | ନିବନ୍ଧନ ଫି |
| ଆରଟିଏ | ଆଞ୍ଚଳିକ ପରିବହନ ପ୍ରାଧିକାରୀ |
| ଆରଟିଓ | ଆଞ୍ଚଳିକ ପରବହନ ଅଧିକାରୀ |

**ଏସ୍**

| | |
|---|---|
| ଏସ୍ଆଣ୍ଡଏମ୍ | ଇସ୍ପାତ୍ ଓ ଖଣି |
| ଏସ୍ଆର୍ଏଫ୍ଏଇଏସ୍ଆଇ | ସିକ୍ୟୁରାଇଟେଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସ୍ନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ |
| ଏସ୍ଡ଼ି | ଷ୍ଟାମ୍ପ ଶୁଳ୍କ |
| ଏସ୍ଇ | ଅବକାରୀ ଅଧୀକ୍ଷକ |
| ଏସ୍ଇଡ଼ି | ରାଜ୍ୟ ଅବକାରୀ ଶୁଳ୍କ |
| ଏସ୍ଜିପିବି | ରାଜ୍ୟ ଭୂତତ୍ତ୍ୱ କାର୍ଯ୍ୟକାରୀ ବୋର୍ଡ |
| ଏସ୍ଏମ୍ଏସ୍ | ସର୍ଟ ମ୍ୟାସେଜ୍ ସର୍ଭିସ୍ |
| ଏସ୍ଆର | ସର୍ଫେସ୍ ରେଣ୍ଟ୍ |
| ଏସ୍ଆର | ଉପନିବନ୍ଧକ |

**ଟି**

| | |
|---|---|
| ଟିସି | ପରିବହନ କମିଶନର |
| ଟିଏଫ୍ | ପରିବହନ ଫି |
| ଟିଟିଓ | କର ଯୋଗ୍ୟ କାରବାର |

**ୟୁ**

| | |
|---|---|
| ୟୁଏଫ୍ | ଉପଯୋଗ ଶୁଳ୍କ |
| ୟୁଏନ୍ଏଫ୍ସି | ୟୁନାଇଟେଡ୍ ନେସନ୍ସ ଫ୍ରେମ୍ୱାର୍କ କ୍ଲାସିଫିକେସନ୍ |

**ଭି**

| | |
|---|---|
| ଭିଏଟିଆଇଏସ୍ | ମୂଲ୍ୟଯୁକ୍ତ କର ସୂଚନା ପଦ୍ଧତି |

© ଭାରତର ମହାଲେଖା ନିୟନ୍ତ୍ରକ ତଥା  ମହାସମୀକ୍ଷକ
www.cag.gov.in

**www.agodi.cag.gov.in**
**www.agodisha.gov.in**